# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୭/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, June 27/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଖୁସିରେ ଉର୍ବଶୀ**

'ଦ ଲିଜେଣ୍ଡ' ଫିଲ୍ମ ଜରିଆରେ ପାନ୍-ଇଣ୍ଡିଆ ଚଳଚ୍ଚିତ୍ରରେ ଡେବ୍ୟୁ କରିବାକୁ ଯାଉଛନ୍ତି ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୈତେଲା। **୧୧**

**୧୨** **ସର୍ଫରାଜ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ**

ରଣଜୀ ସିଜନରେ ସର୍ବାଧିକ ୯୮୨ ରନ୍ କରିଥିବା ମୁମ୍ବାଇ ବ୍ୟାଟର ସର୍ଫରାଜ ଖାନ୍ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି।



# ଦଖଲ ଆସନ ହାତଛଡ଼ା

**୩ ଲୋକ ସଭା ଆସନରେ ହୋଇଥିବା ଉପନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ଏହି ଆସନଗୁଡ଼ିକୁ ପୂର୍ବରୁ ଦଖଲ କରିଥିବା ଦଳଗୁଡ଼ିକ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ସେହିପରି ୭ ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନରେ ୪ଟି ଆସନକୁ ଦଳଗୁଡ଼ିକ ପୂର୍ବଭଳି ନିଜ ଦଖଲରେ ରଖିବାକୁ ସକ୍ଷମ ହୋଇଛନ୍ତି। କହିବାକୁ ଗଲେ ମୋଟ ୧୦ ଆସନ ମଧ୍ୟରୁ ୬ଟିକୁ ହାତଛଡ଼ା କରିଛନ୍ତି ଏସ୍‌ପି, ଏଏପି, ଜେଭିଏମ୍, ସିପିଏମ୍ ଏବଂ ଭାଜପା। ଭାଜପା ୨ ଏବଂ ଶିରୋମଣି ଅକାଳୀ ଦଳ(ଏ) ଗୋଟିଏ ଲୋକ ସଭା ଆସନ ଦଖଲ କରିଛନ୍ତି। ୭ ବିଧାନସଭା ଆସନ ମଧ୍ୟରୁ ଭାଜପା ୩, କଂଗ୍ରେସ ୨ ଏବଂ ଏଏପି, ୱାଇଏସ୍ଆର୍‌ସି ଗୋଟିଏ ଲେଖାଏ ଆସନ ଆସନ ଅକ୍ତିଆର କରିଛନ୍ତି।**

ନୂଆଦିଲ୍ଲୀ,୨୬।୬

ଜୁନ୍ ୨୩ରେ ୩ ଲୋକ ସଭା ଓ ୭ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ଗଡ଼ କୁହାଯାଉଥିବା ସଙ୍ଗୁର ଲୋକ ସଭା ଆସନରେ ଶାସକ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀଙ୍କ ପରାଜୟ ଫଳରେ ଦଳକୁ ଶକ୍ତ ଧକ୍କା ଲାଗିଛି। ଉକ୍ତ ଆସନରେ ଏସ୍ଏଡି(ଅମୃତସର)ର ନେତା ସିମ୍ରନ୍‌ଜିତ ସିଂ ମାନ୍ ଏଏପିର ଗୁରମୈଲ ସିଂଙ୍କଠାରୁ ୫,୮୨୨ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସିମ୍ରନ୍‌ଜିତଙ୍କୁ ୨,୫୩,୧୫୪ ଭୋଟ ମିଳିଥିବାବେଳେ ଏଏପି ପ୍ରାର୍ଥୀ ସିଂ ୨,୪୭,୩୩୨ ଭୋଟ ପାଇଛନ୍ତି। ଭଗୱନ୍ତ ମାନ୍

**ଉପନିର୍ବାଚନ ଫଳାଫଳ**

- ଭଗୱନ୍ତ ମାନ୍‌ଙ୍କ ଆସନରେ ଏସ୍ଏଡି(ଏ) ବିଜୟୀ
- ୟୁପିରେ ଏସ୍‌ପି ହାତରୁ ୨ ଲୋକ ସଭା ଆସନ ଛଡ଼ାଇନେଲା ଭାଜପା
- ୭ ବିଧାନସଭା ଆସନରୁ ଭାଜପାକୁ ୩, କଂଗ୍ରେସକୁ ୨

ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବା ପରେ ସଙ୍ଗୁର ଲୋକ ସଭା ଆସନରୁ ଇସ୍ତଫା ଦେଇଥିଲେ। ଫଳରେ ସେଠାରେ ଉପନିର୍ବାଚନ କରିବାକୁ ପଡ଼ିଥିଲା।

ସେହିପରି ୟୁପିରେ ଅଖିଳେଶ ଯାଦବଙ୍କ ସମାଜବାଦୀ ☞ପୃଷ୍ଠା-୪

# ସୁପ୍ରିମକୋର୍ଟ ଗଲେ ସିନ୍ଦେ

ମୁମ୍ବାଇ/ନୂଆଦିଲ୍ଲୀ,୨୬।୬

ଶିବସେନାର ଅସଲ ନେତା କିଏ ତାକୁ ନେଇ ଦଳର ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଓ ବିଦ୍ରୋହୀ ସେନାପତି ଏକନାଥ ସିନ୍ଦେଙ୍କ ମଧ୍ୟରେ ଟଣାଓଟରା ଜାରି ରହିଛି। ସିନ୍ଦେ ଶିବିରରେ ଜଣେ ପରେ ଜଣେ ମନ୍ତ୍ରୀ-ବିଧାୟକ ଯୋଗଦେବା ପରେ ବିଦ୍ରୋହୀଙ୍କ ଶକ୍ତି ବଢ଼ିବାରେ ଲାଗିଛି। ଫଳରେ ଶିବସେନା, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ କଂଗ୍ରେସକୁ ନେଇ ଗଠିତ ଅଢ଼େଇ ବର୍ଷିଆ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପତନୋନ୍ମୁଖୀ ହୋଇଛି। ଇତିମଧ୍ୟରେ ବିଧାନସଭା ଉପବାଚସ୍ପତି ନରହରି ଜିର୍‌ୱାଲ ବିଦ୍ରୋହୀ ବିଧାୟକମାନଙ୍କ ସଦସ୍ୟତା ରଦ୍ଦ ପାଇଁ ପଠାଇଥିବା ନୋଟିସକୁ ରବିବାର ସିନ୍ଦେ ଗୋଷ୍ଠୀ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ଶିବସେନା ବିଧାୟକ ଦଳ ନେତା ରୂପେ ଅଜୟ ଚୌଧରୀଙ୍କ ନିଯୁକ୍ତି ଏବଂ ଉପବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଖାରଜ ନିଷ୍ପତ୍ତିକୁ ମଧ୍ୟ ସିନ୍ଦେ ଶିବିର ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଛି। ଏହା ଉପରେ ୨ ବିଚାରପତିଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ସୋମବାର ଶୁଣାଣି କରିବେ। ଶିବସେନା ଏମ୍‌ପି ଅରବିନ୍ଦ ସାୱନ୍ତ କହିଛନ୍ତି, ଅନେକ ☞ପୃଷ୍ଠା-୪

**ମହାରାଷ୍ଟ୍ର ସଙ୍କଟ**



ଏକନାଥ ସିନ୍ଦେ



ଉଦ୍ଧବ ଠାକ୍‌ରେ

- **ଉପବାଚସ୍ପତିଙ୍କ ନୋଟିସକୁ ଚ୍ୟାଲେଞ୍ଜ କଲେ ବିଦ୍ରୋହୀ, ଶୁଣାଣି ଆଜି**
- **୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଜାରି କରାଯାଇଛି ନୋଟିସ**
- **ବାଲ୍ ଠାକ୍‌ରେଙ୍କ ନାମ ନ ନେଇ ନିଜ ବାପାଙ୍କ ନାଁରେ ଭୋଟ ମାଗ: ଉଦ୍ଧବ**

## ୧୫ ବିଦ୍ରୋହୀ ବିଧାୟକଙ୍କୁ କେନ୍ଦ୍ରର ସୁରକ୍ଷା

ନୂଆଦିଲ୍ଲୀ,୨୬।୬

ମହାରାଷ୍ଟ୍ରରେ ବିଦ୍ରୋହୀ ଶିବସେନା ନେତା ଏକନାଥ ସିନ୍ଦେଙ୍କ କ୍ୟାମ୍ପର କେତେଜଣ ବିଧାୟକଙ୍କ କାର୍ଯ୍ୟାଳୟ ଓ ସମ୍ପତ୍ତି ଭଙ୍ଗାରୁଜା ରିପୋର୍ଟ ମିଳିବା ପରେ କେନ୍ଦ୍ର ସରକାର ୧୫ ବିଦ୍ରୋହୀ ବିଧାୟକଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦେଇଛନ୍ତି। ତେବେ ଏହି ତାଲିକାରେ ସେମାନଙ୍କ ନେତା ସିନ୍ଦେଙ୍କ ନାଁ ନ ଥିବା ଜଣାପଡ଼ିଛି। ୱାଇ ସୁରକ୍ଷା ବ୍ୟବସ୍ଥାରେ ଜଣେ କିମ୍ବା ଦୁଇଜଣ କମାଣ୍ଡୋଙ୍କ ସମେତ ସିଆର୍‌ପିଏଫ୍ ଯବାନ ସମ୍ପୃକ୍ତ ବିଧାୟକମାନଙ୍କ ଘର ବାହାରେ ଜଗି ରହିବେ। ଇତିମଧ୍ୟରେ ଠାଣେ, ଡୋମ୍ବିଭଲି, କଲ୍ୟାଣ ଏବଂ ଉଲାସନଗରରେ ଥିବା ସିନ୍ଦେ କ୍ୟାମ୍ପର ସମସ୍ତ ଅଫିସକୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଉଦ୍ଧବ ଠାକ୍‌ରେ ଡାକିଥିବା ଦଳୀୟ ବୈଠକରେ ଯୋଗ ଦେଇ ନ ଥିବା ସିନ୍ଦେଙ୍କ ସମେତ ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଶନିବାର ନୋଟିସ ଜାରି କରାଯାଇଥିଲା। ସେମାନେ ନୋଟିସ୍‌ର ଉତ୍ତର ଦେବାକୁ ୭ ଦିନ ସମୟ ମାଗିଛନ୍ତି।

**ଦ୍ରୌପଦୀ ମୁର୍ମୁଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ** ❷

**ଆଜିର ସମ୍ପାଦକୀୟ**

**ଗର୍ଭପାତ ଅବୈଧ**

**ଆଜିର ମନ୍ତବ୍ୟ**

"୧୯୭୫ର ଜରୁରିକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ରର ଇତିହାସ ପାଇଁ ଏକ କଳଙ୍କ। ୪୭ ବର୍ଷ ପୂର୍ବେ ଗଣତନ୍ତ୍ରକୁ ଦଳି ଦିଆଯାଇଥିଲା, ଯାହାର ଜବାବ ଭାରତୀୟମାନେ ଦେଉଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







!!! ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୨ !!!

(୨୬.୦୬.୨୦୨୨ - ୦୨.୦୭.୨୦୨୨)

DSPL-84

ଦୁର୍ବଳ ତାର ଠାରୁ ଦୂରେଇ ରୁହନ୍ତୁ ! ବିଦ୍ୟୁତ ଆଘାତ ଏଡ଼ାଇ ଦିଅନ୍ତୁ !!

- କୌଣସି ବିଦ୍ୟୁତ୍ ଖୁଣ୍ଟକୁ ଲୁଗା ଶୁଖେଇବା କିମ୍ବା ଗୃହପାଳିତ ପଶୁକୁ ବାନ୍ଧିବା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।



- ରାସ୍ତା ରେ ଯାତାୟତ କଲାବେଳେ ନିଜ ଚାରିପାଖରେ ଥିବା ବିଦ୍ୟୁତ୍ ତାର ଠାରୁ ଦୂରେଇ ରୁହନ୍ତୁ।



- ରାସ୍ତା କଡ଼, ଜମି, ପଡ଼ିଆ କିମ୍ବା ଅନ୍ୟ କୌଣସି ଜାଗାରେ ବିଦ୍ୟୁତ ତାର ଛିଣ୍ଡି ଥିଲେ କିମ୍ବା ଓହଳିଥିଲେ ପାଖକୁ ଯାଆନ୍ତୁ ନାହିଁ ଏବଂ ତୁରନ୍ତ ବିଦ୍ୟୁତ୍ ବିଭାଗକୁ ଖବର ଦିଅନ୍ତୁ।



- ବୈଦ୍ୟୁତିକ ମରାମତି କାର୍ଯ୍ୟ କେବଳ କୁଶଳୀ କାରିଗର ଦ୍ୱାରା ହିଁ କରାନ୍ତୁ ଏବଂ ବର୍ଷକରେ ଥରେ ସବୁ ବିଦ୍ୟୁତ୍ ସରଞ୍ଜାମକୁ ଯାଞ୍ଚ କରାଇ ନିଅନ୍ତୁ।



- ଗଛ ଚଢ଼ିବା କିମ୍ବା ଡ଼ାଳ କାଟିବା ବେଳେ ପାଖରେ ଥିବା ବିଦ୍ୟୁତ୍ ତାର ପ୍ରତି ଧ୍ୟାନ ଦିଅନ୍ତୁ, ନଚେତ୍ ଆପଣଙ୍କୁ ବିଦ୍ୟୁତ୍ ଆଘାତ ଲାଗିପାରେ।



- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ କୌଣସି ଗଛ ବା ଲତା ଲଗାନ୍ତୁ ନାହିଁ ବା ଅନ୍ୟ କିଛି ନିର୍ମାଣ କାର୍ଯ୍ୟ ମଧ୍ୟ କରନ୍ତୁ ନାହିଁ।



- ଚଡ଼କ/ବିଜୁଳି ଓ ଘଡ଼ଘଡ଼ି ମାରୁଥିବା ସମୟରେ ଘରୁ ବାହାରନ୍ତୁ ନାହିଁ କିମ୍ବା ଗଛତଳେ ରୁହନ୍ତୁ ନାହିଁ, ଯଦି ଅନ୍ୟ ଉପାୟ ନଥାଏ, ଦୁଇ ପାଦର ଗୋଇଠି ଯୋଡ଼ି ଓ ଉଠାଇ ଏବଂ ପାଦଆଙ୍ଗୁଠିରେ ଭାରଦେଇ ଜାକିଜୁକି ହୋଇ ବସିପଡ଼ନ୍ତୁ।



- ବିଦ୍ୟୁତ ତାର ଠାରୁ ଉଚିତ୍ ଦୂରରେ ଘର ତିଆରି କରନ୍ତୁ।



ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) - ତଥା - ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ,
ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-04066/13/0001/2223

# ଦ୍ରୌପଦୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

■ 'ଓଡ଼ିଶାରୁ ସବୁ ଭୋଟ୍ ମିଳିବା ଦିଗରେ କାମ କରିବୁ'

■ ମାଟି ନୁହେଁ, ଏହା ପାର୍ଟିର ଲଢ଼େଇ: କଂଗ୍ରେସ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଓଡ଼ିଶାର ଝିଅ ତଥା ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାରେ ଟେଲିଫୋନ ଯୋଗେ କଥା ହୋଇଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପୁଣି ଥରେ ଶୁଭେଚ୍ଛା ଜଣାଇଛନ୍ତି। ମୁର୍ମୁଙ୍କ ପ୍ରାର୍ଥିତ୍ୱ ରାଜ୍ୟବାସୀଙ୍କ ପାଇଁ ଏକ ଗର୍ବର ବିଷୟ ବୋଲି ନବୀନ କହିଛନ୍ତି। ଦ୍ରୌପଦୀଙ୍କ ସମର୍ଥନରେ ଓଡ଼ିଶାରୁ ପ୍ରତ୍ୟେକ ଭୋଟ୍ ମିଳିବା ଦିଗରେ ଆମେ କାମ କରିବୁ ବୋଲି ସେ ତାଙ୍କୁ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ଦ୍ରୌପଦୀ ମୁର୍ମୁ ଗତ ୨୪ ତାରିଖରେ ଏନ୍‌ଡିଏ ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କୁ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ ଭାବେ ଘୋଷଣା କରାଯିବା ପରଠାରୁ ମୁଖ୍ୟମନ୍ତ୍ରୀ ତାଙ୍କ ସମର୍ଥନରେ ଠିଆ ହୋଇଛନ୍ତି। ବିଦେଶ ଗସ୍ତରେ ଥାଇ ନବୀନ ଟୁଇଟ୍ କରି ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇବା ସହ ଏ ବିଷୟରେ ପ୍ରଧାନମନ୍ତ୍ରୀ ପୂର୍ବରୁ ତାଙ୍କୁ ସୂଚନା ଦେଇଥିବା ଉଲ୍ଲେଖ କରିଥିଲେ। ସେହିପରି ଦଳମତ ନିର୍ବିଶେଷରେ ଓଡ଼ିଶାର ଝିଅଙ୍କୁ ସମର୍ଥନ କରିବା ପାଇଁ ରାଜ୍ୟର ସମସ୍ତ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ନିବେଦନ ମଧ୍ୟ କରିଥିଲେ। କେବଳ ଏତିକି ନୁହେଁ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବିଜେଡିର ଦୁଇ କ୍ୟାବିନେଟ୍



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ।

ମନ୍ତ୍ରୀ ଜଗନ୍ନାଥ ସାରକା ଓ ଟୁକୁନି ସାହୁ ତାଙ୍କ ନାମାଙ୍କନପତ୍ର ଦାଖଲ ସମୟରେ ସେଠାରେ ଉପସ୍ଥିତ ରହିବା ସହ ପ୍ରସ୍ତାବକ ଭାବେ ମଧ୍ୟ ଦସ୍ତଖତ କରିଥିଲ। ନାମାଙ୍କନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। ସଂଖ୍ୟା ଦୃଷ୍ଟିରୁ ଦ୍ରୌପଦୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଦ୍ରୌପଦୀଙ୍କୁ ନେଇ ରାଜ୍ୟ କଂଗ୍ରେସରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା। ପରେ ଦଳ ତରଫରୁ ସ୍ପଷ୍ଟ କରାଯାଇଛି ଯେ ଦ୍ରୌପଦୀଙ୍କୁ ରାଜ୍ୟ କଂଗ୍ରେସ ସମର୍ଥନ ଦେବନାହିଁ। ଓଡ଼ିଶା ବିଧାନସଭାରେ କଂଗ୍ରେସର ୯ ଜଣ ବିଧାୟକ ରହିଥିବାବେଳେ ଜଣେ ଏମ୍‌ପି ଅଛନ୍ତି। ତେବେ ଜଣେ ଆଦିବାସୀ ଓଡ଼ିଆ ଝିଅଙ୍କୁ କଂଗ୍ରେସ ସମର୍ଥନ ନ ଦେବା ନେଇ ଘୋଷଣା କରିବାରୁ ଭାଜପା କଟାକ୍ଷ କରିଥିଲା। ଜଟଣୀର କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ପ୍ରଥମେ ଦ୍ରୌପଦୀଙ୍କ ସମର୍ଥନରେ ବାହାରିଥିଲେ। ଏନେଇ ସେ ହାଇକମାଣ୍ଡଙ୍କୁ ଚିଠି ଲେଖିବେ ବୋଲି ମଧ୍ୟ ଖୋଲାଖୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ। କିନ୍ତୁ ପିସିସି ସଭାପତି ଶରତ ପଟ୍ଟନାୟକ କହିଥିଲେ ଯେ, ଭାଜପା ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ ଦେବାର ପ୍ରଶ୍ନ ଉଠୁନାହିଁ। ଏହାପରେ ରାଉତରାୟ ମତ ପରିବର୍ତ୍ତନ କରିଛନ୍ତି। ହାଇକମାଣ୍ଡଙ୍କ ନିଷ୍ପତ୍ତି ଅନୁସାରେ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସେ ଭୋଟ୍ ଦେବେ ବୋଲି କହିଛନ୍ତି। ପିସିସି ସଭାପତି ସ୍ପଷ୍ଟ କରି କହିଛନ୍ତି ଯେ, ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ଜନ୍ମ ହୋଇଥିବାରୁ ଗର୍ବ କରୁଛୁ। ହେଲେ ଏହା ମାଟିର ଲଢ଼େଇ ନୁହେଁ, ପାର୍ଟିର ଲଢ଼େଇ। ମାଟି ପାଇଁ ଲଢ଼େଇ ହେଲେ ଜୀବନ ଦେଇଦେବୁ। କିନ୍ତୁ ହାଇକମାଣ୍ଡ ଯାହାକୁ କହିବେ ତାଙ୍କୁ ଭୋଟ୍ ଦେବୁ। ବିହାର ମାଟିର ଯଶୱନ୍ତ ସିହ୍ନାଙ୍କୁ ସେଠାକାର ଭାଜପା ନେତାମାନେ ଭୋଟ୍ ଦେବେ କି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି।



ମୁମ୍ବାଇର ସାନ୍ତାକ୍ରୁଜ୍‌ଠାରେ ରବିବାର ଶିବସେନା ନେତା ଆଦିତ୍ୟ ଠାକ୍‌ରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ବସ୍ ଧର୍ମଘଟ ସ୍ଥଗିତ, ଆଜି ଘୋଷଣା

**ରଥଯାତ୍ରା ନ ସରିବା ଯାଏ ଆନ୍ଦୋଳନ ବନ୍ଦ କରିବାକୁ ଅନୁରୋଧ କଲେ ମନ୍ତ୍ରୀ**

ଭୁବନେଶ୍ୱର,୨୬।୬(ବ୍ୟୁରୋ)

୧୦ ଦଫା ଦାବି ନେଇ ଆସନ୍ତା ୧ରୁ ଘରୋଇ ବସ୍ ମାଲିକ ସଂଘ ଧର୍ମଘଟ ଡାକରା ଦେଇଛନ୍ତି। ତେବେ ସେହିଦିନ ରଥଯାତ୍ରା ଥିବାରୁ ଧର୍ମଘଟ ହେଲେ ପରିସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ତେଣୁ ଘରୋଇ ବସ୍ ମାଲିକ ସଂଘ ସହ ରବିବାର ରାଜ୍ୟ ପରିବହନ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ ଆଲୋଚନା କରିଛନ୍ତି। ଧର୍ମଘଟ ଡାକରା ସ୍ଥଗିତ ରଖିବାକୁ ମନ୍ତ୍ରୀ ବସ୍ ମାଲିକ ସଂଘକୁ ଅନୁରୋଧ କରିଥିଲେ। ମନ୍ତ୍ରୀଙ୍କ ଅନୁରୋଧ ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ବନ୍ଦ କରାଯାଇଥିବା ନିଷ୍ପତ୍ତି ନିଆଯାଇଥିବା ବେଳେ ସୋମବାର କାର୍ଯ୍ୟକାରିଣୀ ବୈଠକରେ ଏନେଇ ଘୋଷଣା କରାଯିବ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ବସ୍ ଧର୍ମଘଟ ନେଇ ପରିବହନ ମନ୍ତ୍ରୀଙ୍କୁ ଭେଟି ୧୦ ଦଫା ଦାବି ସମ୍ପର୍କରେ ସଂଘ ଆଲୋଚନା କରିଛି। ଧର୍ମଘଟ ନ କରିବା ପାଇଁ ମନ୍ତ୍ରୀ ସେମାନଙ୍କୁ ଅନୁରୋଧ କରିଛନ୍ତି। ଆଗକୁ ରଥଯାତ୍ରା ଥିବାରୁ ବସ୍ ଧର୍ମଘଟ ହେଲେ ଯାତ୍ରୀ ହଇରାଣ ହେବେ। ତେଣୁ ବାହୁଡ଼ା ପର୍ଯ୍ୟନ୍ତ ସମୟ ମଗାଯାଇଛି। ତା'ପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯିବ। ସୋମବାର ସନ୍ଧ୍ୟା ୫ଟାରେ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଧର୍ମଘଟ ନେଇ ନିଷ୍ପତ୍ତି ନିଆଯିବ।

ମନ୍ତ୍ରୀଙ୍କ ନିବାସରେ ଆୟୋଜିତ ବୈଠକରେ ପରିବହନ ବିଭାଗର ଅତିରିକ୍ତ କମିଶନର (ପ୍ରଶାସନ) ଶ୍ରୀନିବାସ ବେହେରା ଓ ଅତିରିକ୍ତ କମିଶନର (ଏନ୍‌ଫୋର୍ସମେଣ୍ଟ) ଲାଲମୋହନ ସେଠୀ ଉପସ୍ଥିତ ଥିଲେ। ସେହିପରି ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସଭାପତି ଲୋକନାଥ ପାଣି, ମୁଖପାତ୍ର ଦେବାଶିଷ ନାୟକ, ଜୋନ୍ ସେକ୍ରେଟାରୀ କର୍ଣ୍ଣଟ କିଶୋର ଦାସ ଓ ସଂଘର ଅନ୍ୟ ସଦସ୍ୟମାନେ ରହିଥିଲେ। ଏହି ଅବସରରେ ବସ୍‌ର ପରମିଟ୍ ଗୁଡ଼ିକୁ ୩ୟ ପକ୍ଷଙ୍କୁ ହସ୍ତାନ୍ତର କରିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବା, ବସ୍‌ଗୁଡ଼ିକୁ ସ୍ଥାୟୀ ପରମିଟ୍ ନ ମିଳିବା, ମଙ୍ଗୁଳିଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ -୫୫ର ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଯାତ୍ରୀବାହୀ ବସ୍‌ଗୁଡ଼ିକ ଜାତୀୟ ରାଜପଥ ଉପରେ ଯାତ୍ରୀ ଓହ୍ଲାଇବା ଏବଂ ଚଢ଼ାଇବା ପାଇଁ ସରକାର କୌଣସି ସ୍ଥାନ ନ ଦେବା, କୋଭିଡ୍ ସମୟରେ ବସ୍‌ଗୁଡ଼ିକୁ ଲକ୍ଷେ ଟଙ୍କାର ଋଣ ଯୋଗାଇ ଦେବା ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କରିବା ଏବଂ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ନିଷ୍ପତ୍ତି ପ୍ରତ୍ୟାହାର କରିବା ଭଳି ଦାବି ସମୂହକୁ ନେଇ ସରକାରଙ୍କୁ ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଥିଲା।

# ମୌସୁମୀ ଅଧିବେଶନ ପୂର୍ବରୁ ନୂଆ ବିରୋଧୀ ଦଳ ନେତା

■ ଜୟନାରାୟଣ, ମୋହନଙ୍କ ନାଁକୁ ନେଇ ଚର୍ଚ୍ଚା

■ ପିଏସି ବୈଠକ ନ ବସିବା ବଡ଼ ସମସ୍ୟା

■ ନଡ୍ଡାଙ୍କ ସହ ହୋଇଛି ଦୀର୍ଘ ଆଲୋଚନା

■ ଶାସକ ଦଳକୁ ଘେରିବାରେ ସମସ୍ୟା ହେଉଛି କହିଲେ ବିଧାୟକ

ଭୁବନେଶ୍ୱର,(ବ୍ୟୁରୋ), କେନ୍ଦୁଝର(ସ୍ୱ.ପ୍ର), ୨୬।୬

ବିରୋଧୀ ଦଳ ନେତା ବଦଳିବାର ସମ୍ଭାବନା ବଢ଼ିଛି। ଆସନ୍ତା ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏନେଇ ଘୋଷଣା କରିପାରନ୍ତି। ନିକଟରେ ଏନ୍‌ଡିଏ ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ନାମାଙ୍କନ ଦାଖଲ ସମୟରେ ଭାଜପାର ୧୨ ଜଣ ବିଧାୟକ ଦିଲ୍ଲୀ ଗସ୍ତ କରିଥିଲେ। ଏହି ଅବସରରେ ସେମାନେ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କ ସମେତ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ମଧ୍ୟ ଭେଟିଥିଲେ। ଏହି ସମୟରେ ସମସ୍ତ ବିଧାୟକ ଏକତ୍ରିତ ଭାବେ ବିରୋଧୀ ଦଳ ନେତା ପରିବର୍ତ୍ତନ ଲାଗି ଅନୁରୋଧ କରିଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ କୋଭିଡ୍-୧୯ ସଂକ୍ରମଣ ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା। ଏହାପରେ କୋଭିଡ୍ ପରବର୍ତ୍ତୀ ଜଟିଳତାରୁ ସେ ଅଧିକ ଅସୁସ୍ଥ ହୋଇ ଦିଲ୍ଲୀରେ ଚିକିତ୍ସିତ ହେବା ଲାଗି ଯାଇଛନ୍ତି। ଫଳରେ ପାଖାପାଖି ୨ ବର୍ଷ ହୋଇଗଲା ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତି ଭାଜପା ନେତାଙ୍କୁ ଅନେକ ସମସ୍ୟାରେ ପକାଉଥିବା ବିଧାୟକମାନେ କହିଛନ୍ତି। ଆସନ୍ତା ୨ ତାରିଖରେ ବଜେଟ ଅଧିବେଶନ ବସିବାକୁ ଯାଉଛି। ଏହା ପୂର୍ବରୁ ନୂଆ ବିରୋଧୀ ଦଳ ନେତା ଚୟନ ହୋଇପାରନ୍ତି।

ତେବେ ଏନେଇ ବିଧାୟିକା କୁସୁମ ଟେଟେ କହିଛନ୍ତି, ଯେତେଶୀଘ୍ର ହୋଇପାରିବ ବିଧାୟକମାନଙ୍କ ମଧ୍ୟରୁ କାହାକୁ ହେଲେ ମଧ୍ୟ ବିରୋଧୀ ଦଳ ନେତା କରିବା ଲାଗି ଦଳୀୟ ନେତୃବୃନ୍ଦଙ୍କୁ କହିଛୁ। ଆଗକୁ ବଜେଟ ଅଧିବେଶନ ଅଛି। ଏହା ଲମ୍ବା ସମୟ ଲାଗି ଚାଲିବ। ଏହା ଭିତରେ ନୂଆ ବିରୋଧୀ ଦଳ ନେତା ନ ହେଲେ ସେମାନଙ୍କୁ ଅସୁବିଧା ହେବ। ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତି ଯୋଗୁ ଆମକୁ ଅସୁବିଧା ହେଉଛି। କଂଗ୍ରେସ ଏହାର ଫାଇଦା ଉଠାଉଛି।

ଭାଜପାର ଆଉ ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ମୁଖ୍ୟତଃ ବିଧାନସଭା ପବ୍ଲିକ ଆକାଉଣ୍ଟ୍ସ କମିଟି(ପିଏସି) ଅଧ୍ୟକ୍ଷ ହେଉଛନ୍ତି ବିରୋଧୀ ଦଳ ନେତା। ବିରୋଧୀ ଦଳ ନେତା ଅସୁସ୍ଥ ହେବା ଦିନଠାରୁ ପିଏସି ବୈଠକ ବସୁନାହିଁ। ତେଣୁ ପିଏସି ବୈଠକ ନ ହେବା ଯୋଗୁ କେଉଁ ବିଭାଗରେ କେତେ ଦୁର୍ନୀତି ହେଉଛି, କ'ଣ ଘଟୁଛି କି ନାହିଁ ସେକଥା ଜଣାପଡୁନି। ଫଳରେ ଶାସକ ଦଳକୁ ଘେରିବା ଲାଗି ବିରୋଧୀ ସକ୍ଷମ ହୋଇପାରୁ ନାହାନ୍ତି। ଏପରି ଘଟିଲେ ବିଧାନସଭାରେ ଭାଜପାର କିଛି ସ୍ଥିତି ରହିବ ନାହିଁ। ଏହାଦ୍ୱାରା ଦଳର କ୍ଷତି ହେଉଛି ବୋଲି ସେ କହିଛନ୍ତି। ଯେଉଁଥିଲାଗି ବିରୋଧୀ ଦଳ ନେତା ବଦଳିବା ଜରୁରୀ ବୋଲି କେନ୍ଦ୍ରୀୟ ନେତୃତ୍ୱଙ୍କ ନିକଟରେ ଦାବି ରଖିଛୁ। ପୂର୍ବରୁ ବହୁଥର କହିବା ସତ୍ତ୍ୱେ ଏ ଦିଗରେ କିଛି ନିଷ୍ପତ୍ତି ହୋଇ ନ ଥିଲା, ହେଲେ ବଜେଟ ଅଧିବେଶନ ପୂର୍ବରୁ ନିଶ୍ଚୟ ନୂଆ ନେତା ଚୟନ ହେବାକୁ ଯାଉଥିବା ବିଧାୟକ ଜଣଙ୍କ ସୂଚନା ଦେଇଛନ୍ତି।

ଅନ୍ୟପଟେ ମିଳିଥିବା ସୂଚନା ମୁତାବକ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ବିରୋଧୀ ଦଳ ନେତା ଭାବେ ଚୟନ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ମୁଖ୍ୟ ବିରୋଧୀ ଦଳ ସ୍ଥାନ ଗ୍ରହଣ କରିବା ପରେ ଜୟନାରାୟଣ ମିଶ୍ର ଏବଂ ପ୍ରଦୀପ୍ତ କୁମାର ନାଏକଙ୍କ ନାଁକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ଦଳ ପ୍ରଦୀପ୍ତ ନାଏକଙ୍କୁ ଏହି ପଦରେ ବସାଇଥିଲା। ତେଣୁ ଏବେ ଯଦି ନୂଆ ବିରୋଧୀ ଦଳ ନେତା ଦାୟିତ୍ୱ କାହାକୁ ମିଳେ ସେହି ଦୌଡ଼ରେ ଜୟନାରାୟଣଙ୍କ ନାଁରେ ମୋହର ବାଜିପାରେ ବୋଲି କୁହାଯାଉଛି। ହେଲେ ଦଳର କିଛି ନେତାଙ୍କ କହିବା କଥା ସ୍ୱାସ୍ଥ୍ୟଗତ କାରଣରୁ ଜୟନାରାୟଣଙ୍କୁ ଏହି ପଦ ନ ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କୁ ମଧ୍ୟ ଦଳ ଏହି ଆସନରେ ବସାଇପାରେ। ୨୦୦୦, ୨୦୦୪ ଏବଂ ୨୦୧୯ରେ ମୋହନ ମାଝି ୩ ଥର ବିଧାନସଭାକୁ ଯାଇଥିବା ବେଳେ ତାଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ଆଗରେ ରହିଛି। ତେବେ ଏହି ଦୁଇ ଜଣଙ୍କ ମଧ୍ୟରୁ କୌଣସି ଜଣଙ୍କୁ ବିରୋଧୀ ଦଳ ଆସନ ମିଳିବା ସମ୍ଭାବନା ଅଧିକ ବୋଲି କୁହାଯାଉଛି।

# ଯୋଜନାବଦ୍ଧ ଭାବେ ସୈନ୍ୟବାହିନୀକୁ ଦୁର୍ବଳ କରୁଛନ୍ତି ମୋଦି ସରକାର: ସାୱନ୍ତ

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଦେଶର ସୈନ୍ୟବାହିନୀକୁ ଯୋଜନାବଦ୍ଧ ଭାବେ ଦୁର୍ବଳ କରିବାକୁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାକୁ କେବେହେଲେ ବରଦାସ୍ତ କରାଯିବ ନାହିଁ। ଦେଶର ସେନା ଓ ଯୁବବର୍ଗଙ୍କ ଭବିଷ୍ୟତକୁ ଅଗ୍ନିପଥ ଯୋଜନା ମାଧ୍ୟମରେ ଅନ୍ଧକାର ଭିତରକୁ ଠେଲି ଦେବାକୁ କେନ୍ଦ୍ର ସରକାର ଯେଉଁ ଅପଚେଷ୍ଟା ଚଳାଇଛନ୍ତି କଂଗ୍ରେସ ତାହା ସଫଳ ହେବାକୁ ଦେବନାହିଁ। ଅଗ୍ନିପଥ ଯୋଜନା ଦେଶର ଯୁବବର୍ଗଙ୍କ ଭବିଷ୍ୟତ ପ୍ରତି ଧୋକା ଏବଂ ବିଶ୍ୱାସଘାତକ ସଦୃଶ ବୋଲି ଭାରତୀୟ ଜାତୀୟ କଂଗ୍ରେସ ରାଷ୍ଟ୍ରୀୟ ମୁଖପାତ୍ର ସଚିନ ସାୱନ୍ତ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସାୱନ୍ତ କହିଛନ୍ତି, ଭାରତ ଭଳି ଦେଶ ବର୍ତ୍ତମାନ ୫୦ ବର୍ଷର ରେକର୍ଡ ହାରରେ ଉତ୍କଟ ବେକାରି ସମସ୍ୟା ଦେଇ ଗତି କରୁଛି। ସୈନ୍ୟବାହିନୀରେ ନିଯୁକ୍ତି ଅପେକ୍ଷାରେ ଥିବା ଏ ଦେଶର ଏକ କୋଟିରୁ ଊର୍ଦ୍ଧ୍ୱ ଯୁବକ ଏବେ ମୋଦି ସରକାରଙ୍କ ଅଗ୍ନିପଥ ଯୋଜନା ଯୋଗୁ ପ୍ରତାରିତ ଏବଂ ହତାଶ ହୋଇଛନ୍ତି। କେନ୍ଦ୍ରରେ ତୋଗଲକି ଢାଞ୍ଚାରେ ଚାଲିଥିବା ସରକାର ବିଭିନ୍ନ କଥାରେ ମନଇଚ୍ଛା ନିଷ୍ପତ୍ତି ନେଉଛନ୍ତି। କାହା ସହିତ ଆଲୋଚନା ନ କରି ଅଗ୍ନିପଥ ପରି ଏକ ଦିଶାହୀନ ଯୋଜନାକୁ ଲାଗୁ କରାଯାଉଛି। ଯୁବସମାଜର ହିତ ଦୃଷ୍ଟିରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ଲାଗି ସେ ଦାବି କରିଛନ୍ତି। ପୂର୍ବରୁ ସୈନ୍ୟବାହିନୀରେ ପ୍ରତ୍ୟେକ ବର୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାୟୀ ଚାକିରି ପାଇଁ ନିଯୁକ୍ତି ଦିଆଯାଉଥିବା ବେଳେ ମୋଦି ସରକାରଙ୍କ ସମୟରେ ତାହା କମି କମି ୨୦୧୮ ସୁଦ୍ଧା ୫୦ ହଜାରକୁ ଖସିଆସିଲା। ଏ ବର୍ଷ ଅତିକମ୍‌ରେ ୧.୫ ଲକ୍ଷ ଚାକିରି ପାଇଁ ପ୍ରକ୍ରିୟା ଆରମ୍ଭ କରିବା ପରିବର୍ତ୍ତେ ମାତ୍ର ୪୬ ହଜାର ନିଯୁକ୍ତି, ସେ ପୁଣି ଦେଶର ସୈନ୍ୟବାହିନୀରେ ଠିକାରେ ମାତ୍ର ୪ ବର୍ଷ ପାଇଁ କାର୍ଯ୍ୟ କରିବାର ପ୍ରକ୍ରିୟା। ଉକ୍ତ ପ୍ରକ୍ରିୟାକୁ ସମଗ୍ର ଯୁବ ସମାଜର ବିରୋଧକୁ କଂଗ୍ରେସ ନୈତିକ ଭାବେ ସମର୍ଥନ କରୁଛି। ସେନାରେ ଜଣେ ସ୍ଥାୟୀ କର୍ମଚାରୀ ଜୀବନଯାକ ମେଡିକାଲ, କ୍ୟାଣ୍ଟିନ, ପେନ୍‌ସନ୍ ଭଳି ସୁବିଧା ପାଉଥିବା ବେଳେ ୪ ବର୍ଷିଆ ଅଗ୍ନିବୀର ଏ ସୁଯୋଗରୁ ବଞ୍ଚିତ ହୋଇଛନ୍ତି। କଂଗ୍ରେସ ପାଇଁ ଦେଶର ସୈନ୍ୟବାହିନୀରେ କାର୍ଯ୍ୟ କରୁଥିବା ସୈନିକଙ୍କ ଦରମା ଓ ପେନସନ ଆଦୌ ଦେଶର ରାଜକୋଷ ଉପରେ ବୋଝ ନୁହେଁ। ମୋଦି ସରକାରଙ୍କ ସୈନ୍ୟବାହିନୀରେ ଖର୍ଚ୍ଚକାଟ କରିବାକୁ ଯାଇ ସ୍ଥାୟୀ ନିଯୁକ୍ତିକୁ ବନ୍ଦ କରିବାର ପ୍ରକ୍ରିୟାକୁ କଂଗ୍ରେସ ବିରୋଧ କରୁଛି ବୋଲି ସାୱନ୍ତ କହିଛନ୍ତି। ଏହି ଅବସରରେ ପିସିସି ସଭାପତି ଶରତ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହିବା ସହ କେନ୍ଦ୍ର ବିରୋଧରେ ବର୍ଷିଛନ୍ତି।



କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ମୁଖପାତ୍ର ସଚିନ ସାୱନ୍ତ ଓ ପିସିସି ସଭାପତି ଶରତ ପଟ୍ଟନାୟକ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୮୮,୪୧,୮୫୫ | ୬୩,୫୦,୬୩୪ | ୫୨,୩୭,୪୦,୫୪୬ |
| ଭାରତ | ୪,୩୩,୯୧,୩୩୧ | ୫,୨୪,୯୯୯ | ୪,୨୭,୭୨,୩୯୮ |
| ଓଡ଼ିଶା | ୧୨,୮୯,୨୫୯ | ୯୧୨୬(+୫୩) | ୧୨,୭୯,୬୯୩ |

ରବିବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର







ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରୁ ରାମମନ୍ଦିର ଛକ ଯାଏ ଆୟୋଜିତ ସପ୍ତରଙ୍ଗୀ ସ୍ୱାଭିମାନ ପଦଯାତ୍ରାରେ 'ଏଲ୍‌ଜିବିଟିକ୍ୟୁଏ+' କମ୍ୟୁନିଟି ସଦସ୍ୟ, ସମର୍ଥକ ଓ ସ୍ୱେଚ୍ଛାସେବୀମାନେ।




# 'ଆମେ ଯେମିତି, ସେମିତି ଗ୍ରହଣ କରାଯାଉ'

## ସ୍ୱାଭିମାନର ବାର୍ତ୍ତା ବାଣ୍ଟିଲା ସପ୍ତରଙ୍ଗୀ ପଦଯାତ୍ରା

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ସମାଜରେ ସବୁ ମଣିଷଙ୍କ ପରି ଆମେ ମଧ୍ୟ ସମାନ। ଆମେ ଯେମିତି, ଆମକୁ ସେମିତି ଗ୍ରହଣ କରାଯାଉ। ସବୁ ଦୃଷ୍ଟିରୁ ସମାନତା ଓ ସମ୍ମାନ ମିଳୁ। କାହାକୁ ଭଲ ପାଇବାର ଇଚ୍ଛା ବ୍ୟକ୍ତିଗତ। ଆମର ଜନ୍ମ ଏକ ରୋଗ ନୁହେଁ, ଏହା ଏକ ସାଧାରଣ କଥା। ଆମେ ସମାଜରେ ଭିନ୍ନ ନୋହୁଁ। ଏଭଳି କିଛି କଥା ଶୁଣିବାକୁ ମିଳିଥିଲା ଭୁବନେଶ୍ୱରରେ ରବିବାର ଆୟୋଜିତ ସପ୍ତରଙ୍ଗୀ ସ୍ୱାଭିମାନ ପଦଯାତ୍ରାରେ। ଭିନ୍ନତା ଭିଡ଼ରୁ ବାହାରି ନିଜକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ଏକ ଅହେତୁକ ଖୁସି, ଇଚ୍ଛା, ଅଧିକାରକୁ ନେଇ 'ଏଲ୍‌ଜିବିଟିକ୍ୟୁଏ+' କମ୍ୟୁନିଟି ଉପରୋକ୍ତ ସଚେତନତା ଓ ସ୍ୱାଭିମାନର ବାର୍ତ୍ତା ଦେଇଛି। ଏହି କମ୍ୟୁନିଟିର ପ୍ରାୟ ୩୦୦ ଜଣ ରବିବାର ମାଷ୍ଟରକ୍ୟାଣ୍ଟିନଠାରୁ ରାମମନ୍ଦିର ଛକ ଯାଏ ପଦଯାତ୍ରାରେ ସାମିଲ ହୋଇଥିଲେ। ଖୁସି ଓ ଉତ୍ସାହ ମନରେ ବାଜା, ଢୋଲ ସହ ପାଦକୁ ପାଦ ମିଳାଇ ସେମାନେ ନାଚି ଉଠିଥିଲେ। ସମାଜରେ ବଢ଼ୁଥିବା ଲିଙ୍ଗଗତ ଭେଦଭାବକୁ ବିରୋଧ ଏବଂ ଏଲ୍‌ଜିବିଟିକ୍ୟୁଏ+ମାନଙ୍କର ସାମାଜିକ, ଅର୍ଥନୈତିକ ଉନ୍ନତି ସାଙ୍ଗକୁ ଯଥାର୍ଥ ଭାଗୀଦାରି, ସୁରକ୍ଷା, ସମାନତା ଓ ସମ୍ମାନ ମିଳିବା ହେଉଛି ଏହି ପଦଯାତ୍ରାର ଉଦ୍ଦେଶ୍ୟ। ପରିଚୟ କଲେକ୍ଟିଭ, ରେନବୋ କଲେକ୍ଟିଭ, ସଖା, ଥାର୍ଡ ଜେଣ୍ଡର ୱେଲଫେୟାର ଟ୍ରଷ୍ଟ, ମା' ମାଝି ଗୌରୀ, ଚେତନା ତୃତୀୟ ଲିଙ୍ଗୀ ସାମାଜିକ ସଙ୍ଗଠନ, ତରିତ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏହି ପଦଯାତ୍ରା ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ମୀରା ପରିଡ଼ା, ମେଘନା ସାହୁ, ଐଶର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ, ସାଧନା ମିଶ୍ର, ସମୀକ୍ଷା ମିଶ୍ର, ଆଇଶା ବେହେରା, ଦିବ୍ୟ, ସୋମେଶ କୁମାର, ଅଭିନାଶ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଭିନେତ୍ରୀ ଅନୁ ଚୌଧୁରୀ, ଫେଶନ ଡିଜାଇନର ରାମକୃଷ୍ଣ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ଥାର୍ଡଜେଣ୍ଡର ୱେଲଫେୟାର ଟ୍ରଷ୍ଟର ଅଧ୍ୟକ୍ଷା ମେଘନା ସାହୁ କହିଛନ୍ତି, ସମାଜରେ ସମ୍ମାନର ସହ ପରିଚୟ ପାଇ ଜୀବନ ବଞ୍ଚିବା ଏହି ପଦଯାତ୍ରାର ପ୍ରମୁଖ ଲକ୍ଷ୍ୟ। ସମସ୍ତଙ୍କ ଭଳି ଆମେ ସମାନ ଓ ଆମକୁ ସେହିଭଳି ଦୃଷ୍ଟିରେ ଗ୍ରହଣ କରାଯାଉ। ବିନା କୌଣସି ବର୍ଗ, ଜାତିରେ ଏହା ପ୍ରେମ ଓ ସ୍ନେହକୁ ସମର୍ଥନ ଜଣାଉଛି।

# ଏନ୍‌ଇପିରେ ଧନ୍ଦାମୂଳକ ଶିକ୍ଷା, କୋଡିଂକୁ ଗୁରୁତ୍ୱ

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

**ଓଡ଼ିଶା ଗସ୍ତରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ**

- ଏନ୍‌ସିଇଆର୍‌ଟି ବହି ବ୍ୟବହାର ନ ହେବା ପ୍ରସଙ୍ଗରେ ଉଦ୍‌ବେଗ
- ଘରୋଇ ସ୍କୁଲ ଉପରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନିଅନ୍ତୁ

ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୨ ନୂତନ ଜ୍ଞାନ କୌଶଳ ଓ ଭାରତୀୟ ସଂସ୍କୃତିକୁ ଆଧାର କରି ପ୍ରସ୍ତୁତ ହୋଇଛି। ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରରେ ଯେପରି ଭାରତ ଅନ୍ୟ ଦେଶ ସହ ସମକକ୍ଷ ହୋଇପାରିବ ସେ ନେଇ ଏଥିରେ ବ୍ୟବସ୍ଥା ହୋଇଛି। ଏହାସହ ଧନ୍ଦାମୂଳକ ଶିକ୍ଷା, କୋଡିଂକୁ ଗୁରୁତ୍ୱ ଦିଆଯାଇଛି ବୋଲି ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସକଲାନି କହିଛନ୍ତି। ଦିନେଶ ପ୍ରସାଦ ରବିବାର ଭୁବନେଶ୍ୱର ଗସ୍ତରେ ଆସିଥିବାବେଳେ ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଖୁବ୍‌ଶୀଘ୍ର ଦେଶରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ ହେବ। ଏଥିପାଇଁ ପର୍ଯ୍ୟାୟକ୍ରମେ କାର୍ଯ୍ୟ ଚାଲିଛି। ସ୍କୁଲ୍‌ଗୁଡ଼ିକରେ ସ୍ୱତନ୍ତ୍ର ତାଲିମ ସହ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବାକୁ ଯୋଜନା ହୋଇଛି। ଏନ୍‌ଇପିରେ ମାତୃଭାଷା ସହ ବହୁ ଭାଷା ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ପିଲାମାନେ ନିଜ ମାତୃଭାଷା ଜାଣିବା ସହିତ ଅନ୍ୟାନ୍ୟ ଭାଷା ଜାଣିଲେ ତା'ର ଉନ୍ନତି ହେବ। ପିଲାମାନଙ୍କୁ କେବଳ ପୁସ୍ତକ ପଢ଼ିବା ପାଇଁ ନୁହେଁ, ବରଂ ସବୁକିଛି ବୁଝିପାରୁଥିବା ଭଳି ମଣିଷଟିଏ ଗଢ଼ିବାକୁ ହେବ। ପିଲାଙ୍କୁ ଭଲ ମଣିଷ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଉଚିତ ଶିକ୍ଷା ସହିତ ଭଲ ମଣିଷ ହେଲେ ପିଲାଟି ଯେଉଁ କ୍ଷେତ୍ରକୁ ଯିବ ଭଲ ପ୍ରଦର୍ଶନ କରିବ। ସେହିଭଳି ଘରୋଇ ସ୍କୁଲର ମନମାନିକୁ ରୋକିବାକୁ ଆମକୁ ପ୍ରୟାସ କରିବାକୁ ହେବ। ରାଜ୍ୟର ଏନ୍‌ସିଇଆର୍‌ଟି ସହ ସମନ୍ୱୟ ରଖି ବହି ପ୍ରସ୍ତୁତିରେ କାମ କରାଯାଉଛି ବୋଲି ସେ କହିଛନ୍ତି।

ସେପଟେ ଘରୋଇ ସ୍କୁଲରେ ଏନ୍‌ସିଇଆର୍‌ଟି ବହି ବ୍ୟବହାର ନ କରି ଘରୋଇ ପ୍ରକାଶନ ପୁସ୍ତକ ବ୍ୟବହାର କରାଯିବା ଘଟଣାକୁ ନେଇ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହାକୁ ରୋକିବାକୁ ହେଲେ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ। ଏଥିପ୍ରତି ରାଜ୍ୟ ସରକାରଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଛାତ୍ରୀଛାତ୍ରଙ୍କ ପାଖରେ ଯେଭଳି ନକଲି ବହି ପହଞ୍ଚିବନି, ସେ ଦିଗରେ ଧ୍ୟାନ ଦେବାକୁ ହେବ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ବହୁ ଘରୋଇ ସ୍କୁଲ ପିଲାମାନଙ୍କୁ ଏନ୍‌ସିଇଆର୍‌ଟି ପୁସ୍ତକ ବଦଳରେ ଘରୋଇ ପ୍ରକାଶନ ପୁସ୍ତକ ନେବା ପାଇଁ ବାଧ୍ୟ କରୁଛନ୍ତି। ଏପରିକି ବହୁ ସ୍କୁଲରେ ଘରୋଇ ପ୍ରକାଶନ ପୁସ୍ତକ ହିଁ ପଢ଼ାଯାଉଛି। ଆଉ କିଛି ସ୍କୁଲରେ ଉଭୟ ଏନ୍‌ସିଇଆର୍‌ଟି ଏବଂ ଅନ୍ୟ ପ୍ରକାଶନ ପୁସ୍ତକ ପିଲାଙ୍କୁ ପଢ଼ାଯାଉଛି। ଏ ନେଇ ବହୁ ଅଭିଭାବକ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନ ଥିବାରୁ କିଛିଦିନ ହେବ ଏହାକୁ ନେଇ ବିବାଦ ଲାଗି ରହିଛି।




# ୮ରୁ ୟୁଜିସି ଏନ୍‌ଇଟି ପରୀକ୍ଷା

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୟୁଜିସି ଏନ୍‌ଇଟି ପରୀକ୍ଷା ସଂକ୍ରାନ୍ତରେ ରବିବାର ଘୋଷଣା କରାଯାଇଛି। ଡିସେମ୍ବର ୨୦୨୧ରେ ହେବାକୁ ଥିବା ୟୁଜିସି ଏନ୍‌ଇଟି ପରୀକ୍ଷା ଜୁଲାଇ ୮, ୯, ୧୧ ଓ ୧୨ରେ ଅନୁଷ୍ଠିତ ହେବ। ସେହିଭଳି ଜୁନ୍ ୨୦୨୨ ପରୀକ୍ଷା ଅଗଷ୍ଟ ୧୨, ୧୩ ଓ ୧୪ରେ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ସମ୍ପର୍କିତ ପ୍ରତିଟି ଅପଡେଟ୍ ଜାଣିବା ପାଇଁ ପରୀକ୍ଷାର୍ଥୀମାନେ ନିୟମିତ ଏନ୍‌ଟିଏ ୱେବସାଇଟ୍ www.nta.ac.in କିମ୍ବା ugcnet.nta.nicକୁ ଯାଇ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ପରୀକ୍ଷାକୁ ନେଇ କୌଣସି ପ୍ରକାରର ଦ୍ୱନ୍ଦ୍ୱ ଥିଲେ ଛାତ୍ରୀଛାତ୍ରମାନେ ହେଲ୍ପଡେସ୍କ ନଂ.୦୧୧ ୪୦୭୫୯୦୦୦କୁ ଯୋଗାଯୋଗ କରିପାରିବେ। ଏହା ବ୍ୟତୀତ ugcnet@nta.ac.inକୁ ମେଲ୍ ମାଧ୍ୟମରେ ନିଜ ଦ୍ୱନ୍ଦ୍ୱ ବିଷୟରେ ପଚାରି ବୁଝିପାରିବେ। ୟୁଜିସି ଅଧ୍ୟକ୍ଷ ପ୍ରଫେସର ଏମ୍ ଜଗଦୀଶ କୁମାର ଟୁଇଟ୍ କରି ଏହି ସୂଚନା ଦେବା ସହ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

ବର୍ଷକୁ କେବଳ ଦୁଇଥର ହିଁ ୟୁଜିସି ଏନ୍‌ଇଟି ପରୀକ୍ଷା କରାଯାଏ। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଗତ ଡିସେମ୍ବର ୨୦୨୧ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ସେହିଭଳି ୟୁଜିସି ଏନ୍‌ଇଟି ୨୦୨୨ ପାଇଁ ଆବେଦନ ସମୟ ସୀମା ମେ' ୨୦ ତାରିଖ ରହିଥିଲା। ୟୁଜିସି ଏନ୍‌ଇଟି ଡିସେମ୍ବର ୨୦୨୧ ପାଇଁ ଜୁନ୍ ୨୦୨୨ ପରୀକ୍ଷାରେ ମଧ୍ୟ ବିଳମ୍ବ ହୋଇଛି। ପରୀକ୍ଷା ସୁରୁଖୁରୁରେ କରିବା ଉଦ୍ଦେଶ୍ୟରେ ଉଭୟ ପରୀକ୍ଷାକୁ ଏକ ସମୟରେ କରିବା ପାଇଁ ଏନ୍‌ଟିଏ ପୂର୍ବରୁ ନିଷ୍ପତ୍ତି ନେଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରହସ୍ୟମୟ ହେଉଛି ରାଇମୋହନଙ୍କ ଆତ୍ମହତ୍ୟା

■ ଅଚାନକ ଖବରଦାତା ସମ୍ମିଳନୀକୁ ନେଇ ଚର୍ଚ୍ଚା
■ ପୋଲିସକୁ କିଛି ତଥ୍ୟ ମିଳିଥିବା ସୂଚନା
■ ସିଡିଆର୍, ବ୍ୟବଚ୍ଛେଦ ରିପୋର୍ଟ ଉପରେ ନଜର

ଭୁବନେଶ୍ୱର,୨୬।୬(ବ୍ୟୁରୋ)

ଓଲିଉଡ୍‌ର ଚର୍ଚ୍ଚିତ ଖଳନାୟକ ତଥା ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ାଙ୍କ ଆତ୍ମହତ୍ୟା ଘଟଣାକୁ ୩ଦିନ ବିତିଗଲାଣି। ପ୍ରାଥମିକ ତଦନ୍ତ ଆଧାରରେ ସେ ଆତ୍ମହତ୍ୟା କରିଥିବା ପୋଲିସ କହୁଥିଲେ ମଧ୍ୟ ଏହାର କାରଣ ନେଇ ଏଯାଏ ସ୍ପଷ୍ଟ ହୋଇପାରୁନି। ଏବେ ପୋଲିସ ରାଇମୋହନଙ୍କ ଫୋନ୍ କଲ୍ ଉପରେ ଫୋକସ୍ କରିଛି। କଲ୍ ଡିଟେଲ୍ସ ଯାଞ୍ଚ ଚାଲିଥିବା ବେଳେ ଏଥିରୁ କିଛି ନୂଆ ସୁରାକ ମିଳିଯିବା ନେଇ ଆଶା ରଖିଛି। ଏପଟେ ଆତ୍ମହତ୍ୟାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପ୍ରଶଂସକ ଓ ତାଙ୍କୁ ଅତି ନିକଟରୁ ଜାଣିଥିବା କଳାକାରମାନେ। ତାଙ୍କୁ ହତ୍ୟା କରାଯାଇଥିବା ଏବେବି ଅନେକେ ଅଭିଯୋଗ ଆଣୁଛନ୍ତି। ଆଉକେତେଜଣ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମଧ୍ୟ ଦାବି କରୁଛନ୍ତି। ଏଭଳିସ୍ଥିତିରେ ଶନିବାର ମହିଳା ପୋଲିସ ଟିମ୍ ରାଇମୋହନଙ୍କ ଘରେ ପହଞ୍ଚି ତଦନ୍ତ କରିଥିବାବେଳେ ରବିବାର ହଠାତ କମିଶନରେଟ ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ ଡକାଯିବା ଏହି ଘଟଣାକୁ ଆହୁରି ରହସ୍ୟାବୃତ୍ତ କରିପକାଇଛି। ଜୋନ-୫ ଏସିପି ଦାୟିତ୍ୱରେ ଥିବା ହିମାଂଶୁ ଭୂଷଣ ସ୍ୱାଇଁ ଖବରଦାତା ସମ୍ମିଳନୀରେ କହିଛନ୍ତି, ପ୍ରାଥମିକ ତଦନ୍ତରୁ ରାଇମୋହନ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ହେଲେ କେଉଁ କାରଣ ପାଇଁ ଏହା ଘଟିଛି ତାହା ଜଣାପଡିନାହିଁ। ପୋଲିସ କୌଣସି ନିଷ୍କର୍ଷରେ ପହଞ୍ଚି ନ ଥିବାରୁ ତଦନ୍ତ ବିଷୟରେ ଅଧିକ କହିହେବ ନାହିଁ। ପରିବାର ଲୋକଙ୍କ ମତ ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଓ



କଲ୍ ଡିଟେଲ୍ସ ରିପୋର୍ଟ(ସିଡିଆର୍)କୁ ମଧ୍ୟ ଅପେକ୍ଷା କରାଯାଇଛି। ତଦନ୍ତ ଆଗେଇଛି। ଏନେଇ ତଥ୍ୟଭିତ୍ତିକ ପ୍ରମାଣ ମିଳିଲା ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏସିପି ସ୍ୱାଇଁ କହିଛନ୍ତି।

ଶନିବାର ୪ ଜଣିଆ ମହିଳା ଅଧିକାରୀଙ୍କୁ ନେଇ ମଞ୍ଚେଶ୍ୱର ଥାନାର ଏକ ପୋଲିସ ଟିମ୍ ସନ୍ଧ୍ୟାରେ ରାଇମୋହନଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲା। ସ୍ତ୍ରୀ ରଞ୍ଜିତା ପରିଡା, ୨ ଝିଅ, ସ୍ୱାଇଁ, ୨ ଡ୍ରାଇଭରଙ୍କୁ ପଚରାଉଚରା କରି ପୋଲିସ ଟିମ୍ ଫେରିଥିଲା। ତେବେ ତଦନ୍ତ ସମୟରେ ପୋଲିସକୁ କିଛି ଭିନ୍ନ ତଥ୍ୟ ମିଳିଥିବା ସୂଚନା ମିଳିଛି। ତେବେ ଏହାଏକ ସମ୍ବେଦନଶୀଳ ତଥା ପାରିବାରିକ ଘଟଣା ହୋଇଥିବାରୁ ପୋଲିସ ମାପିଚୁପି ଗଣମାଧ୍ୟମକୁ ବୟାନ ଦେଉଛି। ଖବରଦାତା ସମ୍ମିଳନୀରେ ମଧ୍ୟ ପୋଲିସ ପୂର୍ବରୁ ଯାହା କହିଥିଲା, ତାହାକୁ ଦୋହରାଇଛି। ପାରିବାରିକ ଅଶାନ୍ତି କଥା ଉଠୁଥିବାରୁ ତାହାକୁ ନେଇ ମଧ୍ୟ ଆଲୋଚନା ଚାଲିଛି। କିନ୍ତୁ ତଦନ୍ତ ସମୟରେ ସେପରି କିଛି ପାରିବାରିକ ସମସ୍ୟା ନ ଥିବା ପୋଲିସ କହୁଥିବାରୁ ପ୍ରଶଂସକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ମୃତ୍ୟୁ ପଛର କାରଣ ଶୀଘ୍ର ଉନ୍ମୋଚନ କରୁ ବୋଲି ସେମାନେ ଦାବି କରିଛନ୍ତି।

# ମୁଣ୍ଡାମସ୍କା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ

ଭବାନୀପାଟଣା,୨୬।୬(ସ୍ୱ.ପ୍ର.)

କଳାହାଣ୍ଡି-କନ୍ଧମାଳ ଜିଲା ସୀମାନ୍ତରେ ଗତ ଗୁରୁବାର ପୋଲିସ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଘଟଣାର ୩ ଦିନ ପରେ କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ମୁଣ୍ଡାମସ୍କା ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। କୋମ୍ବିଂ ଅପରେଶନ ବେଳେ ସେଠାରୁ ମାଓବାଦୀ ପୁସ୍ତକ, ପୋଷ୍ଟର, ଆଇଇଡି, ବିପୁଳ ପରିମାଣର ଔଷଧ, ଗର୍ଭ ନିରୋଧ୍ କିଟ୍ସ, ମାଓବାଦୀ ପୋଷାକ ସହ ଅନେକ ସାମଗ୍ରୀ ଜବତ ହୋଇଛି ବୋଲି ରବିବାର ଭବାନୀପାଟଣା ରିଜର୍ଭ ପୋଲିସ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଡିଭିଜନାଲ କମିଟିର ମାଓବାଦୀ କମାଣ୍ଡର ନିଖିଲ, ଦଶରୁ, ଅନିଲ ଓ ମମତା କ୍ୟାମ୍ପରେ ଥିବା ଖବର ପାଇ ଏସ୍‌ଓଜି,

### ଛତ୍ରଭଙ୍ଗ ଦେଲେ କମାଣ୍ଡର ନିଖିଲ, ଦଶରୁ, ଅନିଲ ଓ ମମତା

ଡିଭିଏଫ୍ ଓ ସିଆର୍‌ପିଏଫ୍ ପକ୍ଷରୁ ମୁଣ୍ଡାମସ୍କା ସଂରକ୍ଷିତ ଜଙ୍ଗଲରେ ମିଳିତ କୋମ୍ବିଂ ଅପରେଶନ ହୋଇଥିଲା। ଏହି ସମୟରେ ପ୍ରାୟ ୨୫ରୁ ୩୦ଜଣ ମାଓବାଦୀଙ୍କ ସହ ନିଖିଲ, ଦଶରୁ, ଅନିଲ ଓ ମମତା ଛତ୍ରଭଙ୍ଗ ଦେଇଥିବା ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପିଙ୍କ ସମେତ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ବିପ୍ଲବ ସରକାର, ସିଆର୍‌ପିଏଫ୍ ଅପରେଶନ ହେଡ ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯେ, ନୂଆପଡ଼ା ଜିଲା ବୋଡେନ ଥାନା ପାଟଦରହା ସଂରକ୍ଷିତ ଜଙ୍ଗଲରେ ଗତ ମଙ୍ଗଳବାର ମାଓବାଦୀଙ୍କ ଗୁଳିରେ ୩ ଯବାନ ଶହୀଦ ହେବା ପରେ ସୀମାନ୍ତରେ ହାଇଆଲର୍ଟ ଜାରି ସହ କୋମ୍ବିଂ ଅପରେଶନ ଜୋରଦାର କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଟୁ ଆଇଁଷ
ବେଣ୍ଟ ନିରାମିଷ।**

ଆମିଷ ରାନ୍ଧିବା ବେଳେ ବା ପରଷିବା ବେଳେ ଚଟୁ ଆଇଁଷ ଓ ହାତରେ ଥିବା ବେଣ୍ଟ ନିରାମିଷ ହେବା କାନକୁ ବିଶ୍ୱାସ ହୋଇ ନ ଥାଏ। ପରସ୍ପର ବିରୋଧାଭାସ। ବସ୍ତୁର ଏକ ଅଂଶ ଦୋଷମୁକ୍ତ ସ୍ଥଳେ ଅନ୍ୟ ଅଂଶ ଦୋଷଯୁକ୍ତ ହେବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେଇଁ ଶୋଇଥିବ ଯିଏ
ତାକୁ ଉଠେଇବ କିଏ ?**

ଜାଣିଶୁଣି ଛଟା ଗାଳି ପଡିବା। କଥାଟି କ'ଣ ହେଉଛି ଦେଖାଯାଉ, ଚୁପ୍ ଚାପ୍ ନିଧଡ଼କ ରହିଗଲେ ଗଲା ବୋଲି ବିଚାର କରିବା। ଯେଉଁ ଲୋକ ଶୋଇଛି ବୋଲି ବାହାନା କରିଥାଏ ତାକୁ ଯେତେ ଡାକିଲେ କି ହଲାହଲି କଲେ ବି ସେ ଉଠି ନ ଥାଏ। ନିଜକୁ ଅନ୍ଧ ବୋଲି ଛଳନା କରୁଥିବା ବ୍ୟକ୍ତିଙ୍କୁ ବାଟକୁ ଆଣିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# ରଥଯାତ୍ରାରେ କରୋନା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୬(ବ୍ୟୁରୋ)

ଓଡ଼ିଶା ସମୟରେ ବିଭିନ୍ନ ରାଜ୍ୟରେ ଏବେ ପୁଣି କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହା ଭିତରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବାବେଳେ ପ୍ରବଳ ଭିଡ଼ ହେବାର ଆଶଙ୍କା ରହିଛି। ଏପରିସ୍ଥିତିରେ ରଥଯାତ୍ରାରେ ସଂକ୍ରମଣ ଏଡ଼ାଇବା ଲାଗି ରାଜ୍ୟ ସରକାର ପୁରୀ ଜିଲା ପ୍ରଶାସନକୁ କୋଭିଡ୍ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରଥଯାତ୍ରା ସମୟରେ କୋଭିଡ ସଂକ୍ରମିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ସମୟରେ କୋଭିଡ କେୟାର ସେଣ୍ଟର, ଅକ୍ସିଜେନ ସୁବିଧାଯୁକ୍ତ ବେଡ୍, ଆଇସିୟୁ ଓ ଏଚ୍‌ଡିୟୁ ପ୍ରସ୍ତୁତ ରଖିବାକୁ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ କହିଛନ୍ତି। ଯେଉଁ ବ୍ୟକ୍ତିଙ୍କଠାରେ କୋଭିଡ ଲକ୍ଷଣ ଦେଖାଯାଉଛି, ରଥଯାତ୍ରା ସମୟରେ ପୁରୀକୁ ନ ଆସନ୍ତୁ ବୋଲି ସେ ନିବେଦନ କରିଛନ୍ତି। ସ୍ୱତନ୍ତ୍ର ଶିବିର ମାଧ୍ୟମରେ ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଓ ପ୍ରିକସନ ଡୋଜ ଟିକା ଦେବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିଭଳି ନମୁନା ସଂଗ୍ରହ ଓ ପରୀକ୍ଷାକୁ ଗୁରୁତ୍ୱ ଦିଆଯିବା ପାଇଁ କୁହାଯାଇଛି।

# ଗଛ ଡାଳରେ ଦୁଇ ଝୁଲନ୍ତା ମୃତଦେହ

### ପ୍ରେମ ବ୍ୟାପାରକୁ ନେଇ ଆତ୍ମହତ୍ୟା ସନ୍ଦେହ

ମୋରଡ଼ା,୨୬।୬ (ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ମାକୁନ୍ଦ-ଛାତନା ସଂରକ୍ଷିତ ଜଙ୍ଗଲରେ ଏକ ନିମ୍ବ ଗଛରେ ଜଣେ ନାବାଳିକା ଏବଂ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ଅପରାହ୍ଣରେ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ଛାତନା ଅଞ୍ଚଳର ରାଜେଶ ମହାନ୍ତ ଓ ନାବାଳିକା ଜଣଙ୍କ ବେତନଟୀ ଥାନା ଅଞ୍ଚଳର। ସୂଚନା ଅନୁଯାୟୀ, ରବିବାର ଅପରାହ୍ଣରେ ସ୍ଥାନୀୟ ଲୋକେ ଉକ୍ତ ଗଛରେ ଦୁଇ ଝୁଲନ୍ତା ମୃତଦେହ ଦେଖି ଭୟଭୀତ ହୋଇଯାଇଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ମୋରଡା ଓ ରାସଗୋବିନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରିଥିଲା। ପ୍ରେମ ବ୍ୟାପାରକୁ ନେଇ ଦୁଇଜଣ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି ବୋଲି ମୋରଡ଼ା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ କହିଛନ୍ତି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

# ଆତ୍ମନ ପଣ୍ଡାଙ୍କ ପ୍ରଥମ ମ୍ୟୁଜିକ୍ ଭିଡିଓ 'ଫ୍ରିୱିକ୍‌ଥ୍ରୀଡି'

ଭୁବନେଶ୍ୱର, ୨୬।୬(ବ୍ୟୁରୋ) - ୱିକେଡ୍ ନାମରେ ଲୋକପ୍ରିୟ ଭାରତର ପ୍ରଥମ ଡ୍ରିମ୍-ପପ୍ ତାରକା ଆତ୍ମନ ପଣ୍ଡାଙ୍କ ପ୍ରଥମ ଟ୍ରାକ୍ ତଥା ମ୍ୟୁଜିକ ଭିଡିଓ 'ଫ୍ରିୱିକ୍‌ଥ୍ରୀଡି' ଉନ୍ମୋଚିତ ହୋଇଛି। ଏଥିରେ ଆତ୍ମନ ନିଜେ ଲେଖକ, ନିର୍ମାତା ଦାୟିତ୍ୱ ତୁଲାଇଥିବାବେଳେ ତାହାକୁ ମଧ୍ୟ ପ୍ରସ୍ତୁତ କରିଛନ୍ତି। ୧୮ ବର୍ଷୀୟ ଆତ୍ମନ ହେଉଛନ୍ତି ବିଶିଷ୍ଟ ସିନେମା ନିର୍ମାତା ନୀଳମାଧବ ପଣ୍ଡାଙ୍କ ପୁଅ। ସେ ଏକଧାରାରେ ଜଣେ ଗାୟକ, ଗୀତିକାର ଓ ମ୍ୟୁଜିକ ପ୍ରଡ୍ୟୁସର। ଏବେ ସେ ନୂଆଦିଲ୍ଲୀରେ ରହୁଛନ୍ତି। ଫ୍ରିୱିକ୍‌ଥ୍ରୀଡି ଟ୍ରାକ୍ ଷ୍ଟ୍ରିମିଂ ହେବା ପରଠାରୁ ସେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଲୋକମାନେ ଏହାକୁ ବାରମ୍ବାର ଦେଖିବାରେ ଲାଗିଛନ୍ତି। ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ଉକ୍ତ ମ୍ୟୁଜିକ୍ ଭିଡିଓ ରେକର୍ଡ ଭିଉ ହାସଲ କରିଛି। ନିଓ ସିସେଡେଲିଆ ଟୋନ୍ ଷ୍ଟାଇଲ୍‌ରେ 'ସିକ୍ସଥ ଡାଇମେନ୍‌ଶନ୍' ମ୍ୟୁଜିକ୍ ଏହି ଭିଡିଓକୁ ପ୍ରସ୍ତୁତ କରିଛି। ସଙ୍ଗୀତରୁ ଆରମ୍ଭ କରି ଅନ୍ୟାନ୍ୟ ଭିଡିଓ ପର୍ଯ୍ୟନ୍ତ ଆତ୍ମନଙ୍କର ସବୁ କଳାକୃତିରେ ନିଜର ପରିକଳ୍ପନାକୁ ପରିପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି। କାଇନି ୱେଷ୍ଟ, ଟ୍ରାଭିସ୍ ସ୍କଟ୍ ଓ ଡ୍ରେକ୍, ଡାନିଏଲ୍ ସିଜରଙ୍କ ଭଳି ବିଶ୍ୱସ୍ତରୀୟ କଳାକାର ତାଙ୍କର ପ୍ରେରଣାର ଉତ୍ସ ବୋଲି ଆତ୍ମନ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସୁପ୍ରିମକୋର୍ଟ ଗଲେ ....

ବିଦ୍ରୋହୀ ବିଧାୟକ ଆସାମ ଚାଲିଯାଇଥିବାରୁ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ଆମେ ସେମାନଙ୍କ ନିକଟକୁ ଆଇନଗତ ନୋଟିସ ପଠାଇଛୁ। ବର୍ତ୍ତମାନ ସୁଦ୍ଧା ୧୬ ବିଧାୟକଙ୍କୁ ନୋଟିସ ଦିଆଯାଇଛି। ସେପଟେ ବିଦ୍ରୋହୀ ବିଧାୟକମାନେ ନିଜ ପରିବାର ପ୍ରତି ବିପଦ ଆଶଙ୍କା କରିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସେମାନଙ୍କ ଘରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଯବାନମାନଙ୍କୁ ମୁତୟନ କରାଯାଇଛି। ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମଧ୍ୟ ବିଦ୍ରୋହୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବା ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଶନିବାର ମଧ୍ୟରାତ୍ରିରେ ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ସାକ୍ଷାତ୍ କରିଥିଲେ। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସିନ୍ଦେ ଓ ଅନ୍ୟ ବିଦ୍ରୋହୀମାନଙ୍କୁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ନାମ ନ ନେଇ ନିଜ ବାପାଙ୍କ ନାମରେ ଏକ ଦଳ ଗଢ଼ି ନିର୍ବାଚନ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି। ଉଦ୍ଧବ କହିଛନ୍ତି, ତୁମର ସାହସ ଥିଲେ ନିଜ ନିଜ ବାପାମାନଙ୍କ ନାମରେ ଭୋଟ ମାଗ। ବାଲାସାହେବଙ୍କ ନାମକୁ ଅନ୍ୟ କେହି ବ୍ୟବହାର କରିପାରିବେ ନାହିଁ। ଶିବସେନା ହେଉଛି ଏକ ନିଆଁ, ଯହିଁରେ ପାଦ ଥାପିଲେ ଜଳିଯିବ। ସିନ୍ଦେ 'ଶିବସେନା ବାଲାସାହେବ ଠାକ୍‌ରେ' ନାମରେ ଏକ ନୂଆ ଗୋଷ୍ଠୀ ଗଠନ ନେଇ ବିଚାର କରୁଥିବାବେଳେ ଉଦ୍ଧବ ଏଭଳି ଚ୍ୟାଲେଞ୍ଜ କରିଛନ୍ତି। ସେହିପରି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ୪୦ ବିଦ୍ରୋହୀ ବିଧାୟକ ଗୁଆହାଟୀରେ ମୁର୍ଦ୍ଦାର ଭଳି ରହୁଛନ୍ତି। ମୁମ୍ବାଇ ଫେରିଲେ ସେମାନଙ୍କ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ସିଧା ବିଧାନସଭାକୁ ପଠାଇ ଦିଆଯିବ। ବିଦ୍ରୋହୀ ଲଗାଇଥିବା ନିଆଁ ଯୋଗୁ କ'ଣ ଘଟିପାରେ ତାହା ସେମାନଙ୍କୁ ଭଲ ଭାବେ ଜଣା। ଉଦ୍ଧବଙ୍କ ପୁଅ ତଥା କ୍ୟାବିନେଟ ମନ୍ତ୍ରୀ ଆଦିତ୍ୟ ଠାକ୍‌ରେ ସାନ୍ତାକ୍ରୁଜ୍‌ରେ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ବିଦ୍ରୋହୀ ବିଧାୟକମାନଙ୍କୁ ବିଶ୍ୱାସଘାତକ ଭାବେ ଅଭିହିତ କରିଛନ୍ତି। ଶିବସେନାର ଦ୍ୱାର ଦଳୀୟ ନେତା ଓ କର୍ମୀଙ୍କ ପାଇଁ ସବୁବେଳେ ଖୋଲା ଅଛି। କିନ୍ତୁ ବିଶ୍ୱାସଘାତକଙ୍କ ପାଇଁ ସବୁଦିନ ଲାଗି ବନ୍ଦ ହୋଇଯାଇଛି ବୋଲି ଆଦିତ୍ୟ କହିଛନ୍ତି। ରାଜ୍ୟର ଉଚ୍ଚ ଶିକ୍ଷା ମନ୍ତ୍ରୀ ଉଦୟ ସାମନ୍ତ ରବିବାର ସୁରଟରୁ ଗୁଆହାଟୀ ଯାଇ ସିନ୍ଦେ ଶିବିରରେ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ୨୦୧୯ରେ ଏମ୍‌ଭିଏ ସରକାର ଗଠନ ବେଳେ କଂଗ୍ରେସ ବିଧାୟକ ନାନା ପାଟୋଲେଙ୍କୁ ମେଣ୍ଟ ପକ୍ଷରୁ ବାଚସ୍ପତି ନିଯୁକ୍ତ କରାଯାଇଥିଲା। ୨୦୨୧ ଫେବୃୟାରୀରେ ପାଟୋଲେଙ୍କୁ ମହାରାଷ୍ଟ୍ର କଂଗ୍ରେସ ସଭାପତି ନିଯୁକ୍ତ କରାଯିବା ପରେ ସେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ସେବେଠୁ ବାଚସ୍ପତି ପଦ ଖାଲି ପଡ଼ିଥିବାବେଳେ ଏନ୍‌ସିପି ବିଧାୟକ ତଥା ଉପବାଚସ୍ପତି ନରହରି ଜିରୱାଲ ସେହି ଦାୟିତ୍ୱ ତୁଲାଇ ଆସୁଛନ୍ତି। ପରବର୍ତ୍ତୀ ସମୟରେ ମେଣ୍ଟ ପକ୍ଷରୁ ନୂଆ ବାଚସ୍ପତି ନିଯୁକ୍ତ କରାଯାଇ ନ ଥିଲା। ତେଣୁ ବିଦ୍ରୋହୀ ଗୋଷ୍ଠୀ ବର୍ତ୍ତମାନ ଉପବାଚସ୍ପତିଙ୍କ କ୍ଷମତାକୁ ଚ୍ୟାଲେଞ୍ଜ କରିବା ସୁଯୋଗ ପାଇଛନ୍ତି ବୋଲି କୁହାଯାଉଛି।

### ଦଖଲ ଆସନ ...

ପାର୍ଟି (ଏସ୍‌ପି)କୁ ଶକ୍ତ ଧକ୍କା ଲାଗିଛି। ୟୁପିର ରାମପୁର ଏବଂ ଆଜମଗଡ଼ ଲୋକ ସଭା ଆସନକୁ ଏସ୍‌ପି ହାତରୁ ଭାଜପା ଛଡ଼ାଇ ନେଇଛି। ଦଳ ଅଧ୍ୟକ୍ଷ ଅଖିଳେଶ ଗତ ବିଧାନସଭା ନିର୍ବାଚନରେ ଜିତିବା ପରେ ଆଜମଗଡ଼ ଲୋକ ସଭା ଆସନ ଛାଡ଼ିଥିଲେ। ସେଠାରେ ଭାଜପା ପ୍ରାର୍ଥୀ ଦିନେଶ ଲାଲ୍ ଯାଦବ ବିଜୟୀ ହୋଇଛନ୍ତି। ଉକ୍ତ ଆସନରେ ଏସ୍‌ପି ଧର୍ମେନ୍ଦ୍ର ଯାଦବଙ୍କୁ ପ୍ରାର୍ଥୀ କରିଥିଲା। ସେହିପରି ଏସ୍‌ପିର ଅନ୍ୟତମ ଗଡ଼ କୁହାଯାଉଥିବା ରାମପୁର ଆସନରେ ଭାଜପା ପ୍ରାର୍ଥୀ ଘନଶ୍ୟାମ ସିଂ ଲୋଧି ବିଜୟୀ ହୋଇଛନ୍ତି। ସେ ଏସ୍‌ପି ପ୍ରାର୍ଥୀ ମହମ୍ମଦ ଅସିମ ରାଜାଙ୍କୁ ୪୨,୦୦୦ରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଏସ୍‌ପି ନେତା ଆଜମ ଖାନ୍ ୟୁପି ବିଧାନସଭାକୁ ନିର୍ବାଚିତ ହେବା ପରେ ରାମପୁର ଆସନରୁ ଇସ୍ତଫା ଦେଇଥିଲେ।

ଏହା ବ୍ୟତୀତ ୪ ରାଜ୍ୟର ୭ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଭାଜପାକୁ ୩ ଆସନ ମିଳିଥିବାବେଳେ କଂଗ୍ରେସକୁ ୨, ୱାଇଏସ୍‌ଆର୍ କଂଗ୍ରେସକୁ ଗୋଟିଏ ଏବଂ ଏଏପିକୁ ଗୋଟିଏ ଆସନ ମିଳିଛି। ତ୍ରିପୁରାର ୪ ଆସନରୁ ଭାଜପା ୩ଟିରେ ବିଜୟୀ ହୋଇଥିବାବେଳେ ଗୋଟିଏ ଆସନ କଂଗ୍ରେସକୁ ଯାଇଛି। ମୁଖ୍ୟମନ୍ତ୍ରୀ ମାନିକ ଶାହା ଟାଉନ୍ ବର୍ଦୋୱାଲି ଆସନରୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଆଶିଷ କୁମାର ଶାହାଙ୍କଠାରୁ ୬,୧୦୪ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ସିପିଏମ୍‌ର ସମର୍ଥନ ଯୋଗୁ କଂଗ୍ରେସ ପ୍ରାର୍ଥୀ ସୁଦୀପ ରାୟ ବର୍ମନ ଅଗରତାଲା ଆସନରେ ବିଜୟୀ ହୋଇଥିବା କୁହାଯାଉଛି। ଏହା ବ୍ୟତୀତ ଯୁବରାଜନଗର ଆସନରେ ଭାଜପା ପ୍ରାର୍ଥୀ ମାନିଲା ଦେବନାଥ ଏବଂ ସୁରନା ଆସନରେ ଭାଜପାର ସ୍ୱପ୍ନ ଦାସ ପାଲ୍ ବିଜୟୀ ହୋଇଛନ୍ତି।

ଆନ୍ଧ୍ରପ୍ରଦେଶର ଆତ୍ମାକୁର ଆସନରେ ହୋଇଥିବା ଉପନିର୍ବାଚନରେ ୱାଇଏସ୍‌ଆର୍ କଂଗ୍ରେସ ପ୍ରାର୍ଥୀ ମେକାପତି ବିକ୍ରମ ରେଡ୍ଡୀ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ଦିଲ୍ଲୀର ରାଜିନ୍ଦର ନଗର ଆସନରୁ ଏଏପି ପ୍ରାର୍ଥୀ ଦୁର୍ଗେଶ ପାଠକ, ଝାଡ଼ଖଣ୍ଡର ମନ୍ଦର ଆସନରୁ କଂଗ୍ରେସର ଶିଳ୍ପୀ ନେହା ତିର୍କି ବିଜୟୀ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ ବିଭିନ୍ନ ଅଶାନ୍ତ ବାତାବରଣ ହେତୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଅବଶ୍ୟ କୃତ୍ତିକା ନକ୍ଷତ୍ର ଅଟକି ରହିଥିବା କାମଗୁଡ଼ିକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଜମିଜମା, କଳ କାରଖାନା, ଜଳ, ତୈଳ କିମ୍ବା ବିଦ୍ୟୁତ୍ ବ୍ୟବସାୟରୁ ଲାଭବାନ ହେବେ। ଫେରିବା ବାଟରେ ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ପାଇ ଖୁସି ହେବେ।

**ବୃଷ** - ସମ୍ପର୍କୀୟଙ୍କ ଅସହଯୋଗରୁ କେତେକ ନୂତନ ସମସ୍ୟା ସୃଷ୍ଟି ହେବ। ଆଦୌ ଭଲ ସମ୍ପର୍କ ନ ଥିବା ଲୋକମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ମୃଗଶିରା ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ବିଶେଷ ଭ୍ରମଣ କାରଣରୁ ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**ମିଥୁନ** - ସାହାଯ୍ୟ ଓ ସହାନୁଭୂତି ମାଧ୍ୟମରେ ଅନ୍ୟମାନଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ସତର୍କରେ ଚଳନ୍ତୁ, ନଚେତ୍ ଝମେଲା ଅଧିକ ବଢ଼ିଯାଇପାରେ। ଆରଦ୍ରା ନକ୍ଷତ୍ର କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଜମିଜମା ବାବଦରେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।

**କର୍କଟ** - ଆଜି ମନ କଥା ମନରେ ରଖି ଉପରେ ହସି ହସି କାମ ହାସଲ କରିବେ। ଅର୍ଥନୈତିକ ଅଭିବୃଦ୍ଧି ଓ ବୈଷୟିକ ସୁଖ, ସମୃଦ୍ଧି ମନକୁ ଖୁସି କରିବାରେ ସାହାଯ୍ୟ କରିବ। ଅଶ୍ଳେଷା ନକ୍ଷତ୍ର ପାଇଁ କେହି ଜଣେ ବିନା କାରଣରେ କିଛି ଅଭିଯୋଗ ଆଣିପାରନ୍ତି। ପରିବହନ, ବ୍ୟବସାୟ ଓ ସଂଗଠନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** - ପୂର୍ବାଫାଲଗୁନୀ ନକ୍ଷତ୍ରର ପାରିବାରିକ ଖର୍ଚ୍ଚ ବୃଦ୍ଧି ପାଇବା ହେତୁ ଚିନ୍ତିତ ରହିବେ। କର୍ମକ୍ଷେତ୍ର ଭଲ ରହିଲେ ମଧ୍ୟ ପିଲାଙ୍କ ସକାଶେ ମନ ଅସ୍ଥିର ରହିବ। ପରିସ୍ଥିତିବଶତଃ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ଅଶାନ୍ତ ମନ ବନ୍ଧୁଙ୍କ ସହ ଆଳାପ ଆଲୋଚନା ପରେ ଶାନ୍ତ ହେବ ଓ ମାନସିକ ସ୍ଥିତି ଠିକ୍ ରହିବ।

**କନ୍ୟା** - ସମସ୍ୟା ଆସିଲେ ମଧ୍ୟ ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଚିତ୍ରା ନକ୍ଷତ୍ର ସକାଶେ କୌଣସି ଅପରିଚିତ ଲୋକଟି ମିତ୍ରତା ଛଳରେ ପାଖେଇ ଆସିପାରେ। ଉପରିସ୍ଥ ବ୍ୟକ୍ତିଙ୍କ ଆଲୋଚନା ବିଷୟରେ ତାହାଠାରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଅର୍ଥନୈତିକ, ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ତୁଳା** - ଥଣ୍ଡା ମିଜାଜରେ କାମଗୁଡ଼ିକୁ ସମ୍ପନ୍ନ କରିବାରେ ସୁବିଧା ସୁଯୋଗ ଅବଶ୍ୟ ପାଇବେ। ବିଶାଖା ନକ୍ଷତ୍ରର ଅବହେଳାଜନିତ ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ମାତ୍ରାଧିକ ଭ୍ରମଣ ଯୋଗୁ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା** - ଯେତେ ସତର୍କରେ ଚଳିଲେ ମଧ୍ୟ କିଛିନା କିଛି ସମସ୍ୟା ମନକୁ ଅସ୍ଥିରତା ଭିତରକୁ ଠେଲିଦେବ। ସ୍ତ୍ରୀଙ୍କ ସହ ମତାନ୍ତର କିମ୍ବା ବନ୍ଧୁଙ୍କ ସହ ବିତର୍କ ଘଟିବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଙ୍ଗୀତ ଓ ରାଜନୀତି କ୍ଷେତ୍ରରେ ଆଦୃତ ହେବେ। ଜ୍ୟେଷ୍ଠା ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ, ସଭା ସମିତିରେ ପ୍ରଶଂସିତ ହୋଇପାରନ୍ତି।

**ଧନୁ** - ନିଜ ଲୋକଙ୍କ ଉପରେ ଲଘୁ କ୍ରୋଧ ଓ ଅଭିମାନ କରି ପରିବେଶକୁ ସରଗରମ କରିପାରନ୍ତି। କୌଣସି ଅଭାବ ନ ଥିଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ପୂର୍ବାଷାଢ଼ା ନକ୍ଷତ୍ରର ଭଙ୍ଗା ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** - ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଅପୂରଣୀୟ କାମକୁ କାର୍ଯ୍ୟକ୍ଷମ କରାଇବାରେ ସାହାଯ୍ୟ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଶ୍ରବଣା ନକ୍ଷତ୍ର ଜମିଜମା କିମ୍ବା ଘରସୀମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ଶାରୀରିକ ପରିଶ୍ରମଜନିତ ପୀଡ଼ା ଅନୁଭବ କରିବେ।

**କୁମ୍ଭ** - ଆଜି ଯାହା କରନ୍ତୁ କିମ୍ବା ଯୁଆଡ଼େ ଯାଆନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ। ଧନିଷ୍ଠା ନକ୍ଷତ୍ର ସାୟାହ୍ନେ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମୀନ** - ମାନସିକ ଅସ୍ଥିରତାବଶତଃ ଅପରାହ୍ଣରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଗତକାଲି ରାତିରେ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠାକ୍ ହୋଇଯିବ। ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବଦଳି ଯାଇପାରେ।


## classifieds Everyday
0674-2580101, 2549302







**SALE**

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377. D-73270

Flat for sale at Jharpada and Hanspal NH side, Contact: 7978209277. D-825

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742. D-73267

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481. D-73260

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73830

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73925

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856. D-698




Mesmerizing, energetic body, mind qualitative relaxing massage experienced therapists. 9668374480. D-73610

Newly open SPA positively health benefit with expert. Contact: 7749976301. D-73829

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73828

Relax, refresh your body, mind at Saikrupa Spa with best therapies. 8984068077. D-805

Newly open SPA offer @799/-, positively health benefits, Kalpana. 7846814019. D-73619

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ସଂକ୍ଷେପରେ

### ସମୁଦ୍ରରେ ବୁଡ଼ିଲା ବୋଟ, ବର୍ତ୍ତିଲେ ୭ ମତ୍ସ୍ୟଜୀବୀ

ପାରାଦୀପ,୨୬।୬(ସ୍ୱ.ପ୍ର.): ପାରାଦୀପ ମାଛଧରା ବନ୍ଦରରୁ ସମୁଦ୍ରକୁ ଯାଇଥିବା ବଟମହାପୁରୁଷ ନାମକ ଏକ ମାଛଧରା ବୋଟ୍ ଶନିବାର ରାତିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଡି ଯାଇଛି। ସେଥିରେ ଥିବା ୭ ଜଣ ମତ୍ସ୍ୟଜୀବୀଙ୍କୁ ରବିବାର ସକାଳେ ଉଦ୍ଧାର କରାଯାଇଛି। ସେମାନେ ହେଲେ ଭୈରବ ମଲ୍ଲିକ, ସୁକୁମାର ମଲ୍ଲିକ, ଛୋଟା ମଲ୍ଲିକ, ବାଜନ ସାହୁ, ସାଧୁ ବେହେରା, ବିପିନ ଦାସ ଓ ମାନସ ସାମଲ। ସମସ୍ତଙ୍କ ଘର କେନ୍ଦ୍ରାପଡ଼ା ଜିଲାରେ ବୋଲି ଜଣାପଡ଼ିଛି। ଉଦ୍ଧାର ମତ୍ସ୍ୟଜୀବୀମାନଙ୍କ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଘରକୁ ପଠାଇ ଦିଆଯାଇଛି। ବୋଟ ମାଲିକ ପ୍ରତିମା ଦାସଙ୍କ ସ୍ୱାମୀ ଗଗନ ବିହାରୀ ଦାସଙ୍କ ସୂଚନା ଅନୁସାରେ, ୭ ଜଣ ମତ୍ସ୍ୟଜୀବୀ ଶନିବାର ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲେ। କୂଳଠାରୁ ପ୍ରାୟ ୧୭ ମାଇଲ (୨୭.୦୨ କିମି)ଦୂରରେ ଥିବା ବେଳେ ବୋଟ୍‌ର ତଳଭାଗ କାଠ ଫାଟି ଯାଇଥିଲା। ସେଥିରେ ପାଣି ପଶି ବୁଡ଼ି ଯାଇଥିଲା। ମତ୍ସ୍ୟଜୀବୀମାନେ ପାଣିରେ ପହଁରୁଥିବା ବେଳେ ପାର୍ବତୀ ନାମକ ଅନ୍ୟ ଏକ ବୋଟ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା ବୋଲି ଭୈରବ ସୂଚନା ଦେଇଛନ୍ତି।

### ୨୮ରୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୨୬।୬(ବ୍ୟୁରୋ): ରାଜ୍ୟରେ ମୌସୁମୀ ପ୍ରବେଶ କରିବା ପରେ ଏବେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ତେବେ ମଙ୍ଗଳବାରଠାରୁ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ମଙ୍ଗଳବାର ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, କୋରାପୁଟ, ଦେବଗଡ଼, ମାଲକାନଗିରିରେ ପ୍ରବଳ ବର୍ଷା ହେବ। ବୁଧବାର ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, ଗୁରୁବାର ଦିନ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ମାଲକାନଗିରି, ରାୟଗଡ଼ା, ଗଜପତି, କୋରାପୁଟ, ନୂଆପଡ଼ା, ବଲାଙ୍ଗୀର, ସୋନପୁର ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେଣୁ ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ସୋମବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ରାୟଗଡ଼ା, ମାଲାକାନଗିରି, କୋରାପୁଟ, ଗଞ୍ଜାମ, କେନ୍ଦୁଝର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ‘ମୂଳ ପୀଠକୁ ଅଗ୍ରାଧିକାର ଦିଆଯାଉ’



- ରଥ ଉଚ୍ଚତା ପାଇଁ ପ୍ରତିଯୋଗିତା ଶୋଭନୀୟ ନୁହେଁ
- ଗଜପତିଙ୍କୁ ସମର୍ଥନ ଜଣାଇଲେ ସେବାୟତ

ପୁରୀ ଅଫିସ,୨୬।୬

ସମ୍ପ୍ରତି ରଥର ଉଚ୍ଚତାକୁ ନେଇ ପ୍ରତିଯୋଗିତା ଚାଲିଛି। ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ କେନ୍ଦୁଝରର ରଥକୁ ସର୍ବୋଚ୍ଚ ମାନ୍ୟତା ମିଳିଛି। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରା ପାଇଁ ନିର୍ମାଣ ହେଉଥିବା ରଥଠାରୁ ଉଚ୍ଚ ରଥ ନିର୍ମାଣ କରାଯିବା ଉଚିତ ନୁହେଁ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିବା ପରେ ବିବାଦ ମୁଣ୍ଡ ଟେକିଛି। ଗଜପତି ମହାରାଜା କହିଛନ୍ତି, ପୁରୁଷୋତ୍ତମ କ୍ଷେତ୍ରକୁ ସର୍ବାଧିକ ମାନ୍ୟତା ଦିଆଯାଇ ଥାଏ। ଏଠାରେ ନିର୍ମାଣ ହେଉଥିବା ରଥଠାରୁ ଉଚ୍ଚ ରଥ ନିର୍ମାଣ କରାଯିବା ଅନୁଚିତ। ଶ୍ରୀଜଗନ୍ନାଥ ଗବେଷକମାନେ ମଧ୍ୟ ସମାନ କଥା କହିବେ। ଶ୍ରୀକ୍ଷେତ୍ରର ରଥକୁ ସମ୍ମାନ ଦେଇ ଗଡ଼ଜାତ ରାଜ୍ୟର ଶାସକମାନେ ପୁରୀ ରଥଠାରୁ ଛୋଟ ରଥ ନିର୍ମାଣ କରୁଥିଲେ। ସେହିଭଳି ପୁରୀରେ ରଥଯାତ୍ରା ସରିବା ପରେ ଅନ୍ୟ ସ୍ଥାନରେ ରଥ ନିର୍ମାଣ ହେଉଥିଲା। ମାତ୍ର ଏହି ପରମ୍ପରାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମୂଳ ପୀଠର ଅନୁସରଣ ପୂର୍ବକ ପରମ୍ପରା ରକ୍ଷା କରାଯାଉ। ଏହା ବିରୋଧରେ କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ। ଗଜପତିଙ୍କ ଏଭଳି ପ୍ରତିକ୍ରିୟା ପରେ ପୁରୀ ସହରର ବୁଦ୍ଧିଜୀବୀ, ଜଗନ୍ନାଥ ସଂସ୍କୃତିପ୍ରେମୀ ଓ ସେବାୟତମାନେ ତାଙ୍କୁ ସମର୍ଥନ ଜଣାଇବା ସହ ମନମୁଖି କାର୍ଯ୍ୟକୁ ବିରୋଧ କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ଆରାଧ୍ୟ ଦେବତା। ଏଣୁ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ପରମ୍ପରାକୁ ଅଗ୍ରାଧିକାର ମିଳିବା ଦରକାର। ମହାପ୍ରଭୁଙ୍କର ଏହା ମୂଳପୀଠ। ମୂଳପୀଠର ପରମ୍ପରା ସମ୍ପ୍ରସାରିତ ହେଉ, ମାତ୍ର ଏହାକୁ ଅତିକ୍ରମ କରିବାକୁ ଚେଷ୍ଟା କରା ନ ଯାଉ ବୋଲି ବରିଷ୍ଠ ସେବାୟତମାନେ ମତ ରଖିଛନ୍ତି। ଏହି ପ୍ରସଙ୍ଗରେ ବରିଷ୍ଠ ଦଇତାପତି ବିନାୟକ ଦାସମହାପାତ୍ର କହିଛନ୍ତି, ଗଜପତିଙ୍କ ପ୍ରତିକ୍ରିୟା ସହ ସେବାୟତମାନେ ଏକମତ। ଯେକେହି ମହାପ୍ରଭୁଙ୍କ ରଥଠାରୁ ଉଚ୍ଚ ରଥ ନିର୍ମାଣ କରିପାରିବେ ନାହିଁ। ଏଭଳି ମନମୁଖି କାର୍ଯ୍ୟକଳାପକୁ ବିରୋଧ କରାଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୀଠ ଆଧାରରେ କାର୍ଯ୍ୟ ହେବା ଉଚିତ। ୭୨ଫୁଟ୍ ଉଚ୍ଚର ରଥ ନିର୍ମାଣ କରି କେହି ମହାପ୍ରଭୁଙ୍କ ପୁରୁଷୋତ୍ତମ କ୍ଷେତ୍ର ସହ ପ୍ରତିଯୋଗିତା କରିବା ଅଶୋଭନୀୟ କାର୍ଯ୍ୟ ସଦୃଶ। ଏହାପରେ ଅନ୍ୟ କୌଣସି ଅନୁଷ୍ଠାନ ଆସି ଶହେ ଫୁଟ୍‌ର ରଥ ନିର୍ମାଣ କରିବେ। ଏହିଭଳି ଭାବେ ପ୍ରତିଯୋଗିତା ଚାଲିବ। ସମସ୍ତେ ବୁଝିବା ଦରକାର ଯେ, ଏହା ପ୍ରତିଯୋଗିତାର କ୍ଷେତ୍ର ନୁହେଁ। ମହାପ୍ରଭୁ ସବୁଠାରୁ ଊର୍ଦ୍ଧ୍ୱରେ। ଏଣୁ ରଥ ନିର୍ମାଣ କରିଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଆଗାମୀ ଦିନରେ ସେବାୟତମାନେ ଏକଜୁଟ୍ ହୋଇ ଏହି କାର୍ଯ୍ୟକୁ ବିରୋଧ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର କହିଛନ୍ତି, ଶ୍ରୀକ୍ଷେତ୍ର ହେଉଛି ମହାପ୍ରଭୁଙ୍କର ମୂଳପୀଠ। ତେଣୁ ମୂଳପୀଠର ପରମ୍ପରାକୁ ସମ୍ମାନ ଦେଇ କାର୍ଯ୍ୟ କରାଯିବା ଉଚିତ। ସେହିପରି ନନ୍ଦିଘୋଷ ରଥର ଭୋଇ ସେବକ କାର୍ତ୍ତିକ ଭୋଇ କହିଛନ୍ତି, ରଥ ନିର୍ମାଣ ନେଇ ପ୍ରତିଯୋଗିତା ହେବା ଠିକ୍ କଥା ନୁହେଁ। ମହାପ୍ରଭୁଙ୍କ ରଥଠାରୁ ଉଚ୍ଚ ରଥ ନିର୍ମାଣ କରାଯିବା ମଧ୍ୟ ଅନୁଚିତ। ଉଲ୍ଲେଖଯୋଗ୍ୟ, ଗତ ୨ତାରିଖରେ କେନ୍ଦ୍ରାପଡ଼ାସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିରର କେତେଜଣ ସେବାୟତ ପୁରୀ ଆସି ଶ୍ରୀମନ୍ଦିର ପ୍ରଶାସନ ଓ ବରିଷ୍ଠ ସେବାୟତମାନଙ୍କୁ ଉଚ୍ଚ ରଥ ନିର୍ମାଣ ସମ୍ପର୍କରେ ଅବଗତ କରାଇଥିଲେ। ମାତ୍ର ଏହାକୁ ସେତେବେଳେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଏବେ ଗଜପତି ମହାରାଜାଙ୍କ ପ୍ରତିକ୍ରିୟା ପରେ ସେବାୟତମାନେ ଏ ନେଇ ସ୍ୱର ଉଠାଇଛନ୍ତି।

## ‘ସତ୍ୟାସତ୍ୟ ବୁଝି ମତ ରଖାଯାଉ’

### ଶ୍ରୀ ବଳଦେବଜୀଉଙ୍କ ରଥ ଉଚ୍ଚତାକୁ ନେଇ ବିବାଦ ତେଜୁଛି

କେନ୍ଦୁଝର, ୨୬।୬ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରର ଆରାଧ୍ୟ ଦେବତା ବଳଦେବଜୀଉଙ୍କ ରଥର ଉଚ୍ଚତାକୁ ନେଇ ବିବାଦ ଦେଖାଦେଇଛି। ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ପ୍ରତିକ୍ରିୟା ପରେ ବିବାଦ ତେଜିଛି। ତାଙ୍କ ମନ୍ତବ୍ୟକୁ ବିଭିନ୍ନ ସ୍ତରରେ ନିନ୍ଦା କରାଯାଇଛି। ଏନେଇ କେନ୍ଦୁଝର ମହାରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ କହିଛନ୍ତି, ଆମ ରାଷ୍ଟ୍ର ଦେବତା ହେଉଛନ୍ତି ଶ୍ରୀ ବଳଦେବଜୀଉ। ବହୁ ଆଗରୁ ପରମ୍ପରାଗତ ଭାବେ ଏଠାରେ ରଥଯାତ୍ରା ପାଳିତ ହୋଇଆସୁଛି। ଏଣୁ କିଛି ନ ବୁଝି କେହି ମତାମତ ଦେବା ଉଚିତ ନୁହେଁ। ଏହାର ସତ୍ୟାସତ୍ୟ ଗବେଷକ, ଐତିହାସିକ, ବଡ଼ପଣ୍ଡା ତଥା ପୁରୁଣା ସେବକ ଓ ସେବାୟତମାନେ ଜାଣିଛନ୍ତି। ଆମେ କାହାରିକୁ ଅବମାନନା କରିବାକୁ ଚାହୁଁ ନାହୁଁ। ତେବେ ସତ୍ୟାସତ୍ୟକୁ ବୁଝି ମତ ରଖନ୍ତୁ। ଅଯଥା ବିଭ୍ରାଟ ସୃଷ୍ଟି କରା ନ ଯାଉ। ଆଉ କିଛିଦିନ ରହିଲା ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା। ଏଣୁ ଏହାକୁ ଭଲ ଭାବେ କିପରି ପାଳନ କରାଯିବ ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ ବୋଲି ସେ କହିଛନ୍ତି।

ପୁରୀ ଜଗନ୍ନାଥଙ୍କ ରଥ ସବୁଠୁ ବଡ଼ ବୋଲି ଗଜପତି କହିଛନ୍ତି। ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ କେନ୍ଦୁଝରର ଶ୍ରୀଜୀଉଙ୍କ ରଥ ସର୍ବୋଚ୍ଚ ରଥର ମାନ୍ୟତା ପାଇବା ପରେ ଏହି ବିବାଦ ଉଠିଛି। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ମୂଳପୀଠ ପୁରୀର ରଥ ସବୁଠୁ ଉଚ୍ଚ ହେବା କଥା। କିନ୍ତୁ କେନ୍ଦୁଝର ରଥର ଉଚ୍ଚତା ପୁରୀଠାରୁ ଅଧିକ କରାଯାଉଥିବାରୁ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପ୍ରତି କୁଠାରାଘାତ। ଏଣୁ କେନ୍ଦୁଝରର ମନ୍ଦିର ଟ୍ରଷ୍ଟ ଓ ପ୍ରଶାସନ ଏଥିପ୍ରତି ଯତ୍ନବାନ ହେବା ଜରୁରୀ ବୋଲି ସେ କହିଛନ୍ତି। ପୁରୀରେ ନନ୍ଦିଘୋଷ ରଥର ଉଚ୍ଚତା ୪୪ ଫୁଟ୍ ହୋଇଥିବା ବେଳେ କେନ୍ଦୁଝର ରଥର ଉଚ୍ଚତା ୭୨ ଫୁଟ୍। ଏଠାକାର ରଥ ୧୬ ଚକବିଶିଷ୍ଟ। ରଥଯାତ୍ରା ସମୟରେ ପୁରୀରେ ତିନିରଥରେ ଜୀଉମାନେ ଯାତ୍ରା କରୁଥିବା ବେଳେ କେନ୍ଦୁଝରରେ ଗୋଟିଏ ରଥରେ ତିନି ଜୀଉ ଯାତ୍ରା କରିଥାନ୍ତି। ପୁରୀ ସମେତ ଅନ୍ୟ ଅଞ୍ଚଳରେ ଦେବୀ ସୁଭଦ୍ରାଙ୍କ ବର୍ଣ୍ଣ ହଳଦିଆ ଥିବା ବେଳେ ଏଠାରେ ଦେବୀ ରକ୍ତବର୍ଣ୍ଣା।

ଏନେଇ ବଳଦେବଜୀଉ ମନ୍ଦିରର ପହଣ୍ଡିଆ ସେବକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ସତ୍ୟାସତ୍ୟ ନ ଜାଣି କିମ୍ବା ଅନୁସନ୍ଧାନ ନ କରି ଏଭଳି ବିଭ୍ରାନ୍ତିକର ମତ ଦେବା ଉଚିତ ନୁହେଁ। ମାଦଳା ପାଞ୍ଜିରେ ଏନେଇ ଉଲ୍ଲେଖ ରହିଛି। ଏହା ଶାସ୍ତ୍ର ଓ ଯନ୍ତ୍ର ସିଦ୍ଧ। ଏଣୁ ଏଭଳି ମତ କେହିବି ଦେବା ସ୍ୱୟଂ ନାରାୟଣଙ୍କ ବିରୋଧୀ। ରଥର ଉଚ୍ଚତା କେହି ବଢ଼ାଇ ବା କମାଇ ପାରିବେ ନାହିଁ। ୧୬୭୧ ମସିହାର ପ୍ରତିଷ୍ଠିତ ଶ୍ରୀଜୀଉଙ୍କ ରଥଯାତ୍ରା ହୋଇ ଆସୁଥିବା ବେଳେ ପରମ୍ପରାକୁ ବଜାୟୀ ରଖି ଆୟୋଜନ ହୋଇଆସୁଛି।

କେନ୍ଦୁଝର ପୁରୁଣା ସହର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ତଥା ସେବାୟତ ନବ କିଶୋର ସାହୁ କହିଛନ୍ତି, କେନ୍ଦୁଝର ରଥ ବହୁ ପୁରୁଣା। ଏଠାରେ ରଥ ଭଙ୍ଗାଯାଏ ନାହିଁ। ରଥଯାତ୍ରା ସମୟରେ ଭଙ୍ଗା କାଠକୁ ବଦଳାଇ ନୂଆକାଠ ଲଗାଯାଏ। ଏଣୁ ରଥର ଉଚ୍ଚତା କମ୍ ବେଶି କରିବାର ପ୍ରଶ୍ନ ଉଠୁନି। ଏ ସମ୍ପର୍କରେ କେନ୍ଦୁଝର ମହାରାଜାଙ୍କ ସହ ଆଲୋଚନା କରାଯିବ। ସେ ହେଉଛନ୍ତି ପ୍ରକୃତ ମାଲିକ। ଦେବୋତ୍ତର ବିଭାଗ ଏହାର ପରିଚାଳନା ଦାୟିତ୍ୱ ନେଇଛି। ତତ୍କାଳୀନ ମହାରାଜା ଗୋବିନ୍ଦ ଭଞ୍ଜ ପୁରୀରୁ ଫେରିବା ପରେ କେନ୍ଦୁଝରରେ ରଥଯାତ୍ରା ଆରମ୍ଭ ହୋଇଥିଲା।

ଏ ସମ୍ପର୍କରେ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ପୁରୁଣା ପରମ୍ପରାକୁ ବଜାୟ ରଖି ରଥ ନିର୍ମାଣ ଓ ଯାତ୍ରା ଅନୁଷ୍ଠିତ ହେଉଛି। ସେହିପରି ସାର୍ବଜନୀନ ନିଷ୍ପତ୍ତି ନିଆଯାଇ ରଥ ନିର୍ମାଣ ଓ ରଥଯାତ୍ରା ପାଳନ ହୋଇଆସୁଛି ବୋଲି ସେ କହିଛନ୍ତି।

## ଗୋଟିଏ ଆଙ୍ଗୁଠିରେ ଛତା ରଖି ଗିନିଜ୍ ରେକର୍ଡ




ଅଫିସିଆଲ ସାକ୍ଷୀଙ୍କ ସମ୍ମୁଖରେ କାହ୍ନୁ ଛତା ସନ୍ତୁଳନ କରୁଛନ୍ତି।

### ଗିନିଜ୍ ବିଶ୍ୱ ରେକର୍ଡ ଭାଙ୍ଗିଲେ ଟିଟିଲାଗଡ଼ର କାହ୍ନୁ ଭୋଇ

ଟିଟିଲାଗଡ଼, ୨୬।୬ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ କଣ୍ଡରା ଗ୍ରାମର କାହ୍ନୁ ଭୋଇ ରବିବାର ଗୋଟିଏ ଆଙ୍ଗୁଠିରେ ଛତା ସନ୍ତୁଳନରେ ରଖି ରେକର୍ଡ କରିଛନ୍ତି। ମଧ୍ୟାହ୍ନ ୧୨.୦୩ରୁ କାହ୍ନୁ ଛିଡ଼ାହୋଇ ୮୭ ସିଏମ୍ ଦୈର୍ଘ୍ୟ ବିଶିଷ୍ଟ ୩୪୫ ଗ୍ରାମ ଓଜନର ଏହି ଛତାକୁ ନିଜ ଆଙ୍ଗୁଠିରେ ଦୀର୍ଘ ୬ ଘଣ୍ଟା ୬ ମିନିଟ ୧୫ ସେକେଣ୍ଡ ପର୍ଯ୍ୟନ୍ତ ସନ୍ତୁଳନରେ ରଖି ପାରିଥିଲେ। ପୂର୍ବରୁ ସ୍ପେନର ଖ୍ରୀଷ୍ଟିଆନ୍ ରୋବୋଟୋ ଲୋପେଜ ରୋରିମେଜ ୨୦୧୯ ଡିସେମ୍ବର ୨୯ରେ ୩ ଘଣ୍ଟା ୩୧ ମିନିଟ ୪୩ ସେକେଣ୍ଡ ଛତା ସନ୍ତୁଳନ କରି ଗିନିଜ୍ ବୁକ୍ ଅଫ ବିଶ୍ୱ ରେକର୍ଡରେ ସ୍ଥାନ ପାଇଥିଲେ। ରବିବାର ଟିଟିଲାଗଡ଼ କରାଟେ ସଂଘ ପକ୍ଷରୁ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗିନିଜ୍ ବିଶ୍ୱ ରେକର୍ଡ ଗାଇଡଲାଇନ ଅନୁଯାୟୀ ଭିଡିଓ ରେକର୍ଡିଂ କରାଯାଇଛି। କାର୍ଯ୍ୟକ୍ରମରେ କ୍ୟାମେରା ଫ୍ରେମ ମଧ୍ୟରେ ଅଫିସିଆଲ ଟାଇମକିପର ଭାବେ ରାଜେଶ ସ୍ୱାଇଁ, ଅଜୁ ମାଝି, ଅଫିସିଆଲ ସାକ୍ଷୀ ଦେବେନ୍ଦ୍ର ଜୈନ ଏବଂ ରୋଶନ ସୌରା ନିରନ୍ତର ଭାବେ ଏହି ରେକର୍ଡର ତଦାରଖ କରିଥିଲେ। ଅଫିସିଆଲ ସାକ୍ଷୀ ଦିଲୀପ ତ୍ରିପାଠୀ, ବୈଷ୍ଣବ କବାଟ ଏଥିରେ ସହାୟତା କରିଥିଲେ। ପ୍ରତିଭା ଅନ୍ୱେଷଣ ସଂସ୍ଥା କଳିଙ୍ଗ ଡେୟାର୍ସ ଡେଭିଲ୍ସର ଅଧ୍ୟକ୍ଷ ତଥା ତିନୋଟି ଇଭେଣ୍ଟରେ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ ଡ. ସତ୍ୟପୀର ପଧାନ, ସଚିନ ବେହେରା, ରାଜଗୋପାଳ ଭୋଇ, ଅନିଲ ସରାଫ, ଅଭିଜିତ ଦାଶ, ଟିଟିଲାଗଡ଼ କରାଟେ ସଂଘ ସଭାପତି ଅମରଜିତ ବାଗ, ସମ୍ପାଦକ କେଦାର କବାଟ, କୋଷାଧ୍ୟକ୍ଷ ପ୍ରମୋଦ ପାଲ, ଜିତୁ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ଭିଡିଓ, ଫଟୋ ତଥା ନଥିପତ୍ର ଗିନିଜ ୱାର୍ଲ୍ଡର ସ୍ୱୀକୃତି ପାଇଁ ପଠାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀ ପ୍ରସନ୍ନ ଭୋଇ ଏବଂ ସ୍ୱର୍ଗତା ପ୍ରମିଳା ଭୋଇଙ୍କ ୫ ସନ୍ତାନଙ୍କ ମଧ୍ୟରୁ ଚତୁର୍ଥ କାହ୍ନୁ ଯୁକ୍ତତିନି ଶିକ୍ଷା ଶେଷ କରିଛନ୍ତି। ଟିଟିଲାଗଡ଼ କରାଟେ ସଂଘରେ ସେ ପ୍ରଶିକ୍ଷଣ ଲାଭ କରିଛନ୍ତି। ଆଥ୍‌ଲେଟିକରେ ରାଜ୍ୟ ତଥା ରାଜ୍ୟ ବାହାରେ ସେ ନିଜ କୌଶଳ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ପ୍ରାୟ ୬ ମାସ ଧରି ସେ ଛତା ସନ୍ତୁଳନ ରଖିବା ପାଇଁ ଅଭ୍ୟାସ କରୁଥିଲେ। ପୂର୍ବରୁ କରାଟେ ସଂଘ ଦ୍ୱାରା ଆୟୋଜିତ ଅଭ୍ୟାସ କାର୍ଯ୍ୟକ୍ରମରେ କାହ୍ନୁ ୫ ଘଣ୍ଟା ୩ ମିନିଟ ୧ ସେକେଣ୍ଡ ଧରି ଛତା ସନ୍ତୁଳନ କରିଥିଲେ। ଏନେଇ ଗିନିଜ୍ ବିଶ୍ୱ ରେକର୍ଡ ସଂସ୍ଥା ସହ ଯୋଗାଯୋଗ ପରେ ଗାଇଡ୍‌ଲାଇନ ଅନୁଯାୟୀ ସର୍ବସମ୍ମୁଖରେ ସେ ରେକର୍ଡ ସୃଷ୍ଟି କରିଛନ୍ତି। ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ବଲାଙ୍ଗୀର ଏମ୍‌ପି ପ୍ରତିନିଧି ମୁକେଶ ଜୈନ, ନବୀନ ଜୈନ, ନରସିଂହ ସିଂହ, ନିମାଇଁ ବେହେରା ପ୍ରମୁଖ ଉପସ୍ଥିତ ରହି କାହ୍ନୁଙ୍କୁ ଉତ୍ସାହିତ କରିଥିଲେ।

## ଦିଲ୍ଲୀରେ ୟୁକ୍ରେନ ଫେରନ୍ତା ମେଡିକାଲ ଛାତ୍ରୀଛାତ୍ରଙ୍କ ଧାରଣା

ଭୁବନେଶ୍ୱର,୨୬।୬(ବ୍ୟୁରୋ)




ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ରବିବାର ଧାରଣାରେ ବସିଥିବା ୟୁକ୍ରେନ୍ ଫେରନ୍ତା ଛାତ୍ରୀଛାତ୍ର।

ୟୁକ୍ରେନ ଫେରନ୍ତା ଭାରତୀୟ ମେଡିକାଲ ଛାତ୍ରୀଛାତ୍ରମାନେ ରବିବାର ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ଗଣଧାରଣା ଦେଇଥିଲେ। ଦାବି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଛାତ୍ରୀଛାତ୍ରମାନେ ଏହି ଆନ୍ଦୋଳନକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ୩୦୦ ଛାତ୍ରୀଛାତ୍ରଙ୍କୁ ବିକ୍ଷୋଭ ପାଇଁ ଅନୁମତି ଦେଇଥିଲା। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ସେଠାରେ ମେଡିକାଲ ପଢୁଥିବା ଛାତ୍ରୀଛାତ୍ର ଭାରତକୁ ଫେରିଆସିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ପ୍ରାୟ ୫୭୦ ପିଲା ଥିବାବେଳେ ଦିଲ୍ଲୀରୁ ୧୫୦, ହରିୟାଣା ୧,୪୦୦, ହିମାଚଳପ୍ରଦେଶ ୪୮୨, କେରଳ ୩,୬୯୭, ମହାରାଷ୍ଟ୍ର ୧,୨୦୦, କର୍ଣ୍ଣାଟକ ୭୬୦, ଉତ୍ତରପ୍ରଦେଶ ୨,୪୦୦, ଉତ୍ତରାଖଣ୍ଡ ୨୮୦, ବିହାର ୧,୦୫୦, ଗୁଜରାଟ ୧,୩୦୦, ପଞ୍ଜାବ ୫୪୯, ଝାଡ଼ଖଣ୍ଡ ୧୮୪ ଏବଂ ପଶ୍ଚିମବଙ୍ଗରୁ ୩୯୨ଜଣ ଛାତ୍ରୀଛାତ୍ର ରହିଛନ୍ତି। ଗତ ତିନିମାସ ହେଲା ସେମାନେ ଭାରତ ଫେରିଥିବାବେଳେ ନିଜ ଦେଶରେ ମେଡିକାଲ ପାଠପଢ଼ିବାର ସୁଯୋଗ ଦିଆଯାଉ ବୋଲି ଦାବି କରୁଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ସେମାନଙ୍କ ପାଠପଢ଼ାକୁ ନେଇ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ତେଣୁ ପିଲାମାନେ ବାଧ୍ୟହୋଇ ଧାରଣା ଦେଇଛନ୍ତି। ଏହାକୁ ନେଇ ୟୁକ୍ରେନ ମେଡିକାଲ ଛାତ୍ରୀଛାତ୍ରଙ୍କ ଅଭିଭାବକ ମହାସଂଘ (ପିଏୟୁଏମ୍ଏସ୍) ଉଦ୍‌ବେଗ ପ୍ରକାଶ କରିଛି। ଯଦି ସରକାର ଆମ ପିଲାଙ୍କ ପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଅଭିଭାବକମାନେ ଆତ୍ମହତ୍ୟା କରିବେ ବୋଲି ମହାସଂଘ ଚେତାବନୀ ଦେଇଛି।

## ୪ ରାଜ୍ୟ ମଧ୍ୟରେ ଓଡ଼ିଆ ଛାତ୍ର ଟପ୍ପର

### ସାଧାରଣ ଆଇନ ପ୍ରବେଶିକା ପରୀକ୍ଷା
### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ବିଞ୍ଝାରପୁର,୨୬।୬(ଡି.ଏନ୍.ଏ.)

ସାଧାରଣ ଆଇନ ପ୍ରବେଶିକା ପରୀକ୍ଷା (ସିଏଲ୍ଏଟି) ୨୦୨୨ରେ ଓଡ଼ିଆ ଛାତ୍ର ଅନମୋଲ ସାଇ ଓଡ଼ିଶାର ଟେକ ରଖିଛନ୍ତି। ସେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ବିହାର ଆଦି ୪ ରାଜ୍ୟରେ ଟପ୍ପର ହୋଇଥିବାବେଳେ ଜାତୀୟ ସ୍ତରରେ ୩୯ ର୍‍ୟାଙ୍କରେ ରହିଛନ୍ତି। ସେ ହେଉଛନ୍ତି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ବରହମପୁର ଗ୍ରାମର ରାଜୀବ ମହାନ୍ତି ଓ ମମତା ସାମଲଙ୍କ ପୁଅ। ଭବିଷ୍ୟତରେ ଜଣେ କର୍ପୋରେଟ୍ ଆଡ୍‌ଭୋକେଟ ହେବାକୁ ଲକ୍ଷ୍ୟ ରଖିଥିବା ଅନମୋଲ ତାଙ୍କ ସଫଳତା ପାଇଁ ମା’ବାପା ଏବଂ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ କରି ଅନମୋଲଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି ସ୍ଥାନୀୟ ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବରୁଣେଶ୍ୱର ଉନ୍ନୟନ କମିଟି ସଭାପତି ହେମେନ୍ଦ୍ର ସାମଲ, ପୂର୍ବତନ ସମିତି ସଭ୍ୟ ସମୀର କୁମାର ଜେନା, ଯୁବନେତା ଗୋବିନ୍ଦ ଯେନା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଅନମୋଲ ସାଇ

## ଦ୍ୱାରଶୁଣି ଘାଟିରେ ବୁଲିଲା ଦନ୍ତା

ବିଶୋଇ/ବାଙ୍ଗିରିପୋଷି,୨୬।୬(ଡି.ଏନ.ଏ)

### ୨ ବସ୍ ଉପରେ ଆକ୍ରମଣ କଲା



ଘାଟି ରାସ୍ତାରେ ବୁଲୁଥିବା ହାତୀ।

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଦ୍ୱାରଶୁଣି ଘାଟିସ୍ଥିତ ୪୯ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଏକ ଦନ୍ତା ହାତୀ ଆତଙ୍କ ଖେଳାଇଛି। ଦନ୍ତାଟି ଘାଟିରେ ବୁଲିବା ସହ ଦୁଇଟି ବସ୍ ଉପରେ ଆକ୍ରମଣ କରିଛି। ବାରିପଦାଠାରୁ ବିଶୋଇ ଅଭିମୁଖେ ଆସୁଥିବା ୨ଟି ଘରୋଇ ବସ୍ ‘ଦୁଲହାନ’ ଓ ‘ଝୁନା’ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଛି। ତେବେ ଏଥିରେ କୌଣସି ବସ୍ ଯାତ୍ରୀଙ୍କର କ୍ଷୟକ୍ଷତି ଘଟିନାହିଁ। ହାତୀଟି ବସ୍ ସହ ଘାଟି ରାସ୍ତା ଦେଇ ଯାଉଥିବା ଅନେକ ମାଲବାହୀ ଟ୍ରକ୍ ଓ ଚାରିଚକିଆ ଯାନକୁ ଯିବାକୁ ଦେଇ ନ ଥିଲା। ଫଳରେ ଘାଟି ରାସ୍ତାରେ କିଛି ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ନିଶ୍ଚିନ୍ତା ଓ ରାଜାବସା ସେକ୍ସନର ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଉକ୍ତ ଦନ୍ତା ପଣ୍ଡାଶୋଳ ଗ୍ରାମ ସନ୍ନିକଟ ଜଙ୍ଗଲରେ ଥିବା ଅନ୍ୟ ହାତୀପଲ ସହ ମିଶି ଯାଇଛି। ଦନ୍ତାଟି ପଳାଇଯାଇଥିଲେ ସୁଦ୍ଧା ଘାଟି ମଧ୍ୟରେ ଆହୁରି ହାତୀ ଥିବା ସନ୍ଦେହ କରାଯାଉଛି। ଏଣୁ ଏହି ରାସ୍ତା ଦେଇ ଯାଉଥିବା ଗାଡ଼ି ଚାଳକଙ୍କୁ ସତର୍କତା ଅବଲମ୍ବନ କରିବାକୁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଥାଉକି, ଗତ କିଛିଦିନ ପୂର୍ବରୁ ସାରସକଣା ବ୍ଲକ ଅଞ୍ଚଳକୁ ଝାଡ଼ଖଣ୍ଡୀ ହାତୀପଲ ଆସି ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଗ୍ରାମରେ ଉପଦ୍ରବ ଚଳାଇଥିଲେ। ଏଥିରେ ବହୁ ଧନଜୀବନ କ୍ଷତି ଘଟିଛି। ତେବେ ବନ ବିଭାଗ ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ହାତୀପଲଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଛି। ଏଥିରୁ କେତୋଟି ହାତୀ ଦ୍ୱାରଶୁଣି ଘାଟି ପାଦଦେଶରେ ଥିବା ବାଙ୍ଗିରିପୋଷି ସନ୍ନିକଟ ଅଞ୍ଚଳକୁ ପଳାଇ ଆସିଥିଲେ। ଦୁଇଦିନ ଧରି ବାଙ୍ଗିରିପୋଷି ଅଞ୍ଚଳରେ ଏହି ହାତୀପଲ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଥିବା ବେଳେ ଏକ ଦନ୍ତା ଘାଟି ରାସ୍ତାରେ ବୁଲି ଆତଙ୍କ ଖେଳାଇଥିଲା।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। **–ଶ୍ରୀମା**

# ଗର୍ଭପାତ ଅବୈଧ

ଆମେରିକାର ମହିଳାମାନେ ଏବେ ଗର୍ଭପାତ ଅଧିକାର ହରାଇବାକୁ ବସିଲେଣି। ଅର୍ଦ୍ଧଶତାବ୍ଦୀ ତଳର ପୁରୁଣା 'ରୋ ବାନାମ ୱେଡ୍' ନିଷ୍ପତ୍ତିକୁ ଓଲଟାଇ ଆମେରିକା ସୁପ୍ରିମକୋର୍ଟ ୨୪ ଜୁନ୍‌ରେ ଗର୍ଭପାତ ସଂକ୍ରାନ୍ତ ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି। ଉଲ୍ଲେଖଯୋଗ୍ୟଯେ, ଜେନ୍‌ରୋ ନାମରେ ପରିଚିତ ମହିଳା ଦୁଇ ସନ୍ତାନର ଜନନୀ ହୋଇଥିବାବେଳେ ୧୯୬୯ରେ ଧାରଣ କରିଥିବା ତୃତୀୟ ଭ୍ରୂଣକୁ ଗର୍ଭପାତ କରାଇବାକୁ ଚାହୁଁଥିଲେ। ହେଲେ ତାଙ୍କ ସ୍ୱାମୀ ହେନେରି ୱେଡ୍ ଏଭଳି ନିଷ୍ପତ୍ତିକୁ ବିରୋଧ କରିଥିଲେ। ସେତେବେଳେ ମା'ଙ୍କ ଜୀବନ ରକ୍ଷା ପାଇଁ ଜରୁରୀ ହେଲେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳୁଥିଲା। ରୋ'ଙ୍କ ଓକିଲ କୋର୍ଟରେ ସ୍ୱାମୀ ହେନେରି ୱେଡ୍‌ଙ୍କ ବିରୋଧରେ ପିଟିଶନ ଦାଖଲ କରିଥିଲେ। ପରେ ଏହି ମାମଲା ସୁପ୍ରିମକୋର୍ଟ ଯାଇଥିଲା। ୧୯୭୩ରେ ସୁପ୍ରିମକୋର୍ଟ ରୋ'ଙ୍କ ସପକ୍ଷରେ ରାୟ ଦେଇଥିଲେ। ଫଳରେ ଆମେରିକୀୟ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନର ସହାୟତା ନିଆଯାଇଥିଲା, ଯେଉଁଥିରେ ଜଣେ ମହିଳାଙ୍କୁ ଗର୍ଭଧାରଣ ବା ଗର୍ଭପାତର ସ୍ୱାଧୀନତା ମିଳିଥିଲା। ଆମେରିକାର ସର୍ବୋଚ୍ଚ ଅଦାଲତଙ୍କ ସେହି ରାୟ ଗର୍ଭପାତ ଅଧିକାରକୁ ଆଇନତଃ ବୈଧ କରିଥିବାବେଳେ ଏବେ ତାହାକୁ ଓଲଟାଇ ଦିଆଯିବା ପ୍ରତ୍ୟେକ ସ୍ୱାଧୀନଚେତା ବ୍ୟକ୍ତିଙ୍କୁ ବିଚଳିତ କରିଦେବା ସ୍ୱାଭାବିକ।

ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଶରୀର ଉପରେ ଅଧିକାର ରହିବା କଥା। ଗର୍ଭପାତର ନିଷ୍ପତ୍ତି ବିଭିନ୍ନ କାରଣ ପାଇଁ ନିଆଯାଇଥାଏ। କେବେ ମହିଳାଙ୍କ ଜୀବନ ପ୍ରତି ସଙ୍କଟ ଥିଲେ କିମ୍ବା ଭ୍ରୂଣ ବିକଳାଙ୍ଗ ଥିଲେ ଏହିଭଳି ନିଷ୍ପତ୍ତି ନିଆଯାଇଥାଏ। ବଳାତ୍କାର ଯୋଗୁ ଗର୍ଭଧାରଣା କିମ୍ବା ଘନିଷ୍ଠ ସମ୍ପର୍କୀୟଙ୍କ ଦ୍ୱାରା ଅବୈଧ ସନ୍ତାନ ଜନ୍ମ ନେଇଯିବା ଭୟରେ ଭ୍ରୂଣ ନଷ୍ଟ କରିଦିଆଯାଇଥାଏ। ଏପରିକି ପରିବାରର ଆର୍ଥିକ ସ୍ଥିତି ଓ ସଦସ୍ୟଙ୍କ ସଂଖ୍ୟା ଦେଖି ଅନେକ ସମୟରେ ଗର୍ଭପାତ ନିଷ୍ପତ୍ତି ନିଆଯାଇଥାଏ। ଏହା ଜଣେ ମହିଳା ଓ ତାଙ୍କ ପରିବାରର ବ୍ୟକ୍ତିଗତ ନିଷ୍ପତ୍ତି ହେବା କଥା। ଏଥିରେ ସରକାରଙ୍କ ହସ୍ତକ୍ଷେପ ସମ୍ପୂର୍ଣ୍ଣ ଭାବେ ଅଲୋଡ଼ା।

ଆମେରିକା ସୁପ୍ରିମକୋର୍ଟ ଗର୍ଭପାତ ବିପକ୍ଷରେ ଦେଇଥିବା ମତ ଏବଂ ଏ ସଂକ୍ରାନ୍ତରେ ରାଜ୍ୟଗୁଡ଼ିକ ନିଜସ୍ୱ ନିଷ୍ପତ୍ତି ନେଇପାରିବେ ବୋଲି କହିବା ପରେ ମାନବ ଅଧିକାର କର୍ମୀମାନେ ଅଦାଲତଙ୍କ ରାୟକୁ ଅଯୁକ୍ତିକର ବୋଲି ଅଭିହିତ କରିଛନ୍ତି। ଏପରି କି ରାଷ୍ଟ୍ରପତି ଜୋ ବାଇଡେନ୍ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରିବା ସହ ଏଭଳି ରାୟ ମହିଳାମାନଙ୍କ ଜୀବନକୁ ବିପଦରେ ପକାଇବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରଁ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ପ୍ରମୁଖଙ୍କ ଭଳି ବିଶ୍ୱନେତା ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଚିନ୍ତାଜନକ ବୋଲି କହିଛନ୍ତି। ବାସ୍ତବରେ ଆମେରିକା ସୁପ୍ରିମକୋର୍ଟଙ୍କ ଏଭଳି ରାୟ ଲିଙ୍ଗଗତ ବିଭେଦତାକୁ ବଢ଼ାଇବା ସହ ମହିଳାଙ୍କ ସ୍ଥିତିକୁ ନ୍ୟୂନ କରିଦେବ।

ସମଗ୍ର ବିଶ୍ୱକୁ ମାନବ ଅଧିକାର ବିଷୟରେ ଶିକ୍ଷା ଦେଉଥିବା ଆମେରିକା ନିଜ ଦେଶର ମହିଳାଙ୍କ ସମସ୍ୟା ବୁଝିବାରେ ନ୍ୟାୟିକ ଅସ୍ୱାଭାବିକତାର ସମ୍ମୁଖୀନ ହୋଇଛି। ଅନ୍ୟପକ୍ଷରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି ଏହା ବହୁପୂର୍ବରୁ ହେବାର ଥିଲା ବୋଲି କହିଛନ୍ତି। ତାଙ୍କ ପ୍ରଶାସନ ଅମଳରେ ସେ ଯେଉଁ ରକ୍ଷଣଶୀଳ ଚିନ୍ତାଧାରା ପୋଷଣ କରୁଥିବା ବିଚାରପତିମାନଙ୍କୁ ନିଯୁକ୍ତ କରିଥିଲେ ଏହି ନିଷ୍ପତ୍ତି ତାହାର ପ୍ରତିଫଳନ ବୋଲି କୁହାଯାଉଛି। ଆମେରିକା ସୁପ୍ରିମକୋର୍ଟରେ କଞ୍ଜରଭେଟିଭ୍ ଜଜ୍‌ଙ୍କ ସଂଖ୍ୟା ଅଧିକ ଥିବାରୁ ଆଗକୁ ଆହୁରି ଏହିଭଳି ରିଗ୍ରେସିଭ୍ ବା ପଶ୍ଚାତ୍‌ପଦ ନିଷ୍ପତ୍ତି ଆସିବାର ଆଶଙ୍କା ରହିଛି। ଏଠାରେ ୯ ଜଣ ବିଚାରପତିଙ୍କ ମଧ୍ୟରୁ ୬ ଜଣ ରକ୍ଷଣଶୀଳ ବୋଲି କୁହାଯାଉଛି। ଏବେ ଗର୍ଭପାତ ଅଧିକାର ସମ୍ପର୍କରେ ଦିଆଯାଇଥିବା ରାୟ ଏକ ରାଜନୈତିକ ତିକ୍ତତା ସୃଷ୍ଟି କଲାଣି। ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟ କହିଲେ ଯେ, ପ୍ରତ୍ୟେକ ରାଜ୍ୟ ତାହାର ନିଜସ୍ୱ ନିଷ୍ପତ୍ତି ନେଇପାରିବ, ସେଥିପାଇଁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ରିପବ୍ଲିକାନ୍ ଦଳ ଦ୍ୱାରା ଶାସିତ ରାଜ୍ୟଗୁଡ଼ିକ ଏହି ରାୟକୁ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ କରିଦେଲେଣି। ଯେଉଁସବୁ ରାଜ୍ୟରେ ଏବକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ଦଳ ଶାସନ କରୁଛି, ସେଠାରେ ଆଇନର ପରିବର୍ତ୍ତନ ଘଟି ନାହିଁ। ଅର୍ଥାତ୍ ମହିଳାମାନେ ସେଠାରେ ଗର୍ଭପାତ କରିବାର ସୁଯୋଗ ପାଇବେ। ବିଡ଼ମ୍ବନାର ବିଷୟ ଗର୍ଭପାତ ନିୟମକୁ ନେଇ ରାଜନୀତି ଚାଲିଥିବା ବେଳେ ମହିଳାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଓ ସେମାନଙ୍କ ଭବିଷ୍ୟତ ଘୋର ପ୍ରଭାବିତ ହେବାକୁ ଯାଉଛି। ନାବାଳିକା ତଥା ବଳାତ୍କାର ପୀଡ଼ିତାଙ୍କ ଘଟଣାରେ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏଭଳି କ୍ଷେତ୍ରରେ ସନ୍ତାନ ଜନ୍ମ ହେବା ପରେ ତାହାର କିଭଳି ଯତ୍ନ ନିଆଯାଇପାରିବ ସେ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ନାହିଁ। ଅନ୍ୟପକ୍ଷରେ ଯେଉଁଠାରେ ଗର୍ଭପାତ ବେଆଇନ ବୋଲି ବିଚାର କରାଯିବ ସେଠାରେ ଲୁଚାଛପାରେ ଅଧିକ ଗର୍ଭପାତ କରାଯିବାର ବାଟ ଫିଟିଯିବ। ଲୁଚାଛପାରେ ଯେଉଁ କାର୍ଯ୍ୟ ହୁଏ, ସେଥିରେ ମହିଳାଙ୍କ ପ୍ରତି ବିପଦ ବଢ଼ିଯିବା ସୁନିଶ୍ଚିତ।

ଆମେରିକା ସୁପ୍ରିମକୋର୍ଟ ଦକ୍ଷିଣପନ୍ଥୀ ବା ରକ୍ଷଣଶୀଳ ମାନସିକତାରେ ସର୍ବୋଚ୍ଚକୁ ଚାଲିଯାଇଛି। ପୃଥିବୀବ୍ୟାପୀ ବିଭିନ୍ନ ଗଣତାନ୍ତ୍ରିକ ଦେଶରେ ଏହିଭଳି ଆଭିମୁଖ୍ୟ ରଖିଥିବା ନେତାମାନେ କ୍ଷମତା ଦଖଲ କରିବସିଛନ୍ତି। ଭାରତରେ ମଧ୍ୟ ୨୦୧୭ରେ ଚାଲିଥିବା ଆଧାର କାର୍ଡ ସଂକ୍ରାନ୍ତୀୟ ବିବାଦରେ ଭାରତ ସରକାରଙ୍କ ଆଟର୍ନି ଜେନେରାଲ ମୁକୁଲ ରୋହତଗୀ ଅଦାଲତରେ ଘୋଷଣା କରିଥିଲେ ଯେ, ଭାରତୀୟ ନାଗରିକଙ୍କର ନିଜ ଶରୀର ଉପରେ ମଧ୍ୟ ସମ୍ପୂର୍ଣ୍ଣ ଅଧିକାର ନାହିଁ। ଏହା ଏକ ବିଚିତ୍ର ଓ ବିପଜ୍ଜନକ ମନୋଭାବ। ଆମେରିକାରେ ଗର୍ଭପାତ ରାୟଠାରୁ ଆରମ୍ଭକରି ଅନେକ ରକ୍ଷଣଶୀଳ ଆଇନକୁ ସମ୍ପୂର୍ଣ୍ଣ ବିରୋଧ କରାଯିବା ଅତ୍ୟନ୍ତ ଆବଶ୍ୟକ। ତାହା କରା ନ ଗଲେ ସମଗ୍ର ପୃଥିବୀରେ ମାନବ ଅଧିକାରକୁ ଅତୁଳନୀୟ କ୍ଷତି ପହଞ୍ଚିବ।



# ସାହିତ୍ୟ ଓ ଅର୍ଥନୀତି

**ମଣୀନ୍ଦ୍ର କୁମାର ମେହେର**

୧୯୪୭ ରୁ ଆଜିପର୍ଯ୍ୟନ୍ତ ଯଦି ଆମେ କୌଣସି ଅର୍ଥନୀତି ବିଶାରଦଙ୍କ ଦୃଷ୍ଟି ନେଇ ନୁହେଁ, ସାଧାରଣ ବିବେଚନା ଶକ୍ତିସମ୍ପନ୍ନ ମଣିଷ ହିସାବରେ ବିଚାର କରିବା ତେବେ ଏକଥା ଉପଲବ୍ଧି କରିବା ପାଇଁ ବିଳମ୍ବ ହେବ ନାହିଁ ଯେ କୌଣସି ଯୋଜନା ଦରିଦ୍ରତମ ଲୋକଟିର ମଙ୍ଗଳ ସକାଶେ ଉଦ୍ଦିଷ୍ଟ ହୋଇ ରହିନାହିଁ। ଯଦି କାହା କର୍ତ୍ତୃତ୍ୱରେ ହୋଇଥାନ୍ତା ତା'ହେଲେ ଭାରତବର୍ଷରେ ଦାରିଦ୍ର୍ୟ ସୀମାରେଖା ତଳେ କୋଟି କୋଟି ଲୋକ ରହି ନ ଥାନ୍ତେ। କେଉଁ ଯୋଜନା ସେମାନଙ୍କ ପାଇଁ ପ୍ରସ୍ତୁତ ହେଉଛି ତାହା ଜାଣିପାରିବା ଭଳି ଗଭୀର ଜ୍ଞାନ ଆମ ପାଖରେ ଅନୁପସ୍ଥିତ। ବିଶିଷ୍ଟ ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ର ଭାରତର ଏଭଳି ଯୋଜନା ସମ୍ପର୍କରେ ଅନେକ ପ୍ରବନ୍ଧ ରଚନା କରିଛନ୍ତି। ସେସବୁ ଅର୍ଥନୈତିକ ବିଷୟ ଆଧାରିତ ସାହିତ୍ୟିକ ଗଦ୍ୟ ରଚନା ଭାବରେ ପରିଗୃହୀତ। ଅର୍ଥନୀତି ସମ୍ପର୍କରେ ଯେତେବେଳେ ବିଶ୍ଳେଷଣାତ୍ମକ ବୋଧଗମ୍ୟ ପ୍ରବନ୍ଧ ରଚନା କରାଯିବ ତାହା ସାହିତ୍ୟ ପର୍ଯ୍ୟାୟବାଚୀ ହେବା ସାଭାବିକ। ଓଡ଼ିଶାର ଚୌଧୁରୀ ପରିବାରର ବିଶିଷ୍ଟ ସଂଗ୍ରାମୀ ମନମୋହନ ଚୌଧୁରୀ ମଧ୍ୟ ଏପରି କେତେକ ପ୍ରବନ୍ଧ ରଚନା କରିଯାଇଛନ୍ତି। ସେଗୁଡ଼ିକର ଭାଷା ଏତେ ସରଳ ସୁସ୍ପଷ୍ଟ ଓ ବୋଧଗମ୍ୟ ଯେ କୌଣସି ଜଟିଳ ତତ୍ତ୍ୱ ମଧ୍ୟକୁ ପ୍ରବେଶ କରିବା ପରି ଆଦୌ ଲାଗେ ନାହିଁ। ଅର୍ଥନୈତିକ ଚିନ୍ତାଧାରା ଏବଂ ବିଭିନ୍ନ ତତ୍ତ୍ୱକୁ ଲୋକାଭିମୁଖୀ ସେତେବେଳେ କରାଯାଇପାରିବ, ଯେତେବେଳେ ଏହାର ଉପସ୍ଥାପନ ଶୈଳୀ ହେବ ସମସ୍ତଙ୍କ ପାଇଁ ଏକାନ୍ତ ପଠନୀୟ ଓ ଗ୍ରହଣୀୟ। ଅର୍ଥନୀତି ସମ୍ପର୍କରେ ବିରାଟ ବିରାଟ ବିବରଣାତ୍ମକ ତଥା ଗବେଷଣାତ୍ମକ ଗ୍ରନ୍ଥ ରହିଛି। ଯେଉଁମାନେ ଅର୍ଥନୀତିର ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକା ସେମାନେ କଠିନ ପରିଶ୍ରମ ସ୍ୱେଦନିର୍ଗତ କରି ସେସବୁ ତତ୍ତ୍ୱ ପରୀକ୍ଷା ପାଇଁ ମୁଖସ୍ଥ କରନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହାର ପ୍ରୟୋଗ କିପରି କରାଯାଇଛି ଓ ସେପରି ତତ୍ତ୍ୱ ଲୋକ କଲ୍ୟାଣ ନିମିତ୍ତ କେତେ କାର୍ଯ୍ୟରେ ରୂପାନ୍ତରିତ ହୋଇଛି ତାହା ଅନୁଭବ କରିବାର ଶକ୍ତି ସେମାନଙ୍କଠାରେ ଲକ୍ଷ୍ୟ କରାଯାଏ ନାହିଁ। ଅର୍ଥନୀତି ଅଥବା ବାଣିଜ୍ୟ ପାଠ୍ୟ ବିଷୟ ଶ୍ରେଣୀ କକ୍ଷରେ ଆକର୍ଷଣୀୟ ଭାବରେ ଉପସ୍ଥାପନ କରିବା ଲାଗି ଯଦି କୌଣସି ଅଧ୍ୟାପିକା ଅଧ୍ୟାପକ ଇଚ୍ଛା ପୋଷଣ କରିବେ ତା' ହେଲେ ସେମାନଙ୍କୁ ଉପସ୍ଥାପନ କୌଶଳରେ ଅତ୍ୟନ୍ତ ନରମ ଓ ସରଳ ହେବା ପାଇଁ ପଡ଼ିବ। ଏପରି କୋମଳତା ଓ ସାରଲ୍ୟ ଯେଉଁଠି ଉପସ୍ଥିତ ତାହା ସାହିତ୍ୟ ଭାବରେ ଗୃହୀତ ହେବ ନିଶ୍ଚୟ।

ପ୍ରତ୍ୟେକ ମଣିଷର ହୃଦୟରେ ସାହିତ୍ୟର ଭାବରାଶି ପରିପୂର୍ଣ୍ଣ ହୋଇ ରହିଛି। ଯିଏ ଯେଉଁ ବିଦ୍ୟା ଅଧ୍ୟୟନ କରନ୍ତୁନା କାହିଁକି ଯଦି ତାହା କଲ୍ୟାଣକର ଭାବନାରେ ଅନୁସିକ୍ତ ହୋଇ ନ ପାରିଛି, ତାହା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସିନା ସାହାଯ୍ୟ କରିବ; କିନ୍ତୁ ବିଦ୍ୟାର୍ଥୀ ଅନ୍ତରରେ କୌଣସି ଦେଶପ୍ରେମ ଭରିଦେଇ ପାରିବ ନାହିଁ। ତେଣୁ ପ୍ରଥମ କଥା ହେଲା ଅର୍ଥଶାସ୍ତ୍ର ସାହିତ୍ୟସିକ୍ତ ହେବା ଆବଶ୍ୟକ। ଦ୍ୱିତୀୟକଥା ହେଉଛି ତାହା ସର୍ବଦା ସମାଜ କଲ୍ୟାଣ ପାଇଁ ଦିଗ୍‌ଦର୍ଶନ ଦେଉଥିବା ଆବଶ୍ୟକ। ମହାତ୍ମା ଗାନ୍ଧୀ ଏକ ମହାନ୍ ନୀତିର ଅବତାରଣା କରିଛନ୍ତି ଏ କ୍ଷେତ୍ରରେ। ତାହାକୁ କୁହାଯାଏ ତତ୍ତ୍ୱିଷ୍ଠିତ ବା ନ୍ୟାସିତତ୍ତ୍ୱ। ଏହାର ଗୁଣାର୍ଥ ହେଲା ଯେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନତା ଅଛି ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିବା ପାଇଁ। ମାତ୍ର ନିଜ ପାଇଁ ଯେତିକି ଅର୍ଥ ଆବଶ୍ୟକ କେବଳ ସେତିକି ସ୍ୱତଃପ୍ରବୃତ୍ତ ଭାବରେ ଗ୍ରହଣ କରି ବଳକା ସମସ୍ତ ଲାଭାଂଶ ସମାଜ ନିମିତ୍ତ ନିୟୋଜିତ ହେବ। ଏପରି ମହାନ୍ କାର୍ଯ୍ୟ ଯେଉଁମାନେ କରିଛନ୍ତି ସେମାନେ ହେବେ ଦେଶର ଟ୍ରଷ୍ଟି। ଏହାକୁ ଅନେକ ଅର୍ଥନୀତିଜ୍ଞ ୟୁଟୋପିଆ ବା ଅବାସ୍ତବ ପରିକଳ୍ପନା ବୋଲି ଅଭିହିତ କରିଛନ୍ତି। ଗାନ୍ଧିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି କିପରି ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ, ତାହା ଆକଳନ କରିବା ପାଇଁ ସେମାନେ ଅପ୍ରସ୍ତୁତ। ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ ସନ୍ଥବିନୋବା ଗାନ୍ଧିଜୀଙ୍କ ଏହି ଭାବାଦର୍ଶକୁ କିପରି ବାସ୍ତବ ରୂପ ପ୍ରଦାନ କରିଯାଇଛନ୍ତି ତାହା କାହାକୁ ଅଜଣା ନୁହେଁ। ତାହା ହେଲା "ଭୂଦାନ ଯଜ୍ଞ ନା ଭୂଦାନ ଆନ୍ଦୋଳନ।" ବିନୋବାଜୀ ଦେଶର ରାଜା ମହାରାଜା ଗୌନ୍ତିଆ ତଥା ଅଗଣିତ ଜମି ମାଲିକମାନଙ୍କୁ ଆହ୍ୱାନ ଦେଇଥିଲେ ଯେ ଭାରତବର୍ଷରେ ଯେଉଁମାନେ ଭୂମିହୀନ ସେମାନଙ୍କୁ ଏହି ବହୁଳ ଭୂସମ୍ପତ୍ତିର ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବରେ ଜମିଦାନ କରିବେ। ଆଶ୍ଚର୍ଯ୍ୟର କଥା ଅତ୍ୟନ୍ତ ଅଲୌକିକ ଭାବରେ ଏହା ଭାରତବର୍ଷର ଚତୁର୍ଦ୍ଦିଗରେ ବାସ୍ତବ ରୂପ ପରିଗ୍ରହ କରିଥିଲା। ବିନୋବାଜୀଙ୍କ ପରେ ଆଉ ଏ ଧାରା ଅବ୍ୟାହତ ହୋଇ ରହିପାରିଲା ନାହିଁ।



ସାମ୍ପ୍ରତିକ ଅର୍ଥନୀତିଜ୍ଞଙ୍କ ତତ୍ତ୍ୱାଦର୍ଶ ଉପରେ ମଧ୍ୟ ଆଲୋକପାତ କରାଯାଇପାରେ। ଅର୍ଥନୀତିରେ ନୋବେଲ ପୁରସ୍କାର ଲାଭ କରିଥିବା ଅମର୍ତ୍ତ୍ୟ ସେନଙ୍କ ପ୍ରସଙ୍ଗ ବିଚାର କରାଯାଉ। ସେ କାହିଁକି ଅର୍ଥନୀତିରେ ନୋବେଲ ପୁରସ୍କାର ଅର୍ଜନ କରିବାକୁ ଯୋଗ୍ୟ ବିବେଚିତ ହେଲେ। ତାଙ୍କ ଦ୍ୱାରା ବର୍ଣ୍ଣିତ ତତ୍ତ୍ୱ ଏହି ସତ୍ୟ ଉଦ୍‌ଘାଟନ କଲା ଯେ, ପୃଥିବୀରେ ଖାଦ୍ୟାଭାବରୁ ମରୁଡ଼ି ହୁଏ ନାହିଁ। ବରଂ ଖାଦ୍ୟର ସମବଣ୍ଟନ ଅଭାବରୁ ଏହି ସମସ୍ୟା ଦେଖାଦିଏ। ବାସ୍ତବରେ ଆମ ପୃଥିବୀରେ ଯେ ଖାଦ୍ୟର ଅଭାବ ରହିଛି ତାହା ନୁହେଁ। ଯେଉଁମାନେ ଖାଦ୍ୟାଭାବରୁ ଅସୁସ୍ଥ ହେଉଛନ୍ତି ଅଥବା ମୃତ୍ୟୁବରଣ କରୁଛନ୍ତି ସେମାନଙ୍କ ନିକଟକୁ ପୁଷ୍ଟିକର ଖାଦ୍ୟ ପହଞ୍ଚିପାରୁ ନାହିଁ ବା ପହଞ୍ଚାଇ ଦେବାର ବ୍ୟବସ୍ଥା ହେଉଛି ଦୁର୍ବଳ। ଭୋକିଲା ମଣିଷର ଅନ୍ତର୍ବେଦନା ଯଦି ଅମର୍ତ୍ତ୍ୟ ସେନଙ୍କୁ ଆଲୋଡ଼ିତ କରି ନ ଥାନ୍ତା ତା' ହେଲେ ସେ ଏହି ନିରାଟ ସତ୍ୟକଥାଟିକୁ ତାଙ୍କ ଦ୍ୱାରା ପରିବେଷିତ ତତ୍ତ୍ୱରେ ପ୍ରତିପାଦିତ କରିପାରି ନ ଥାନ୍ତେ। ଜଣେ ମାର୍କ୍ସବାଦୀ କବି ବା ଲେଖକ ମଧ୍ୟରେ ଯେଉଁ ସହାନୁଭୂତି ରହିଥାଏ ଅମର୍ତ୍ତ୍ୟ ସେନଙ୍କ ହୃଦୟରେ ସେହି ସାହିତ୍ୟିକ ଭାବଧାରା ଗୁମ୍ଫିତ ଥିଲା ବୋଲି ସେ ମାନବ ଜାତିର କଲ୍ୟାଣ ସକାଶେ ନିଜ ଗବେଷଣାରେ ଅଗ୍ରଗତି ସାଧନ କରିପାରିଥିଲେ।

ଯେକୌଣସି ପ୍ରକାରର ବିଦ୍ୟାହେଉ, ତାହା ଯେ ଲୋକ କଲ୍ୟାଣ ସାଧନ ନିମିତ୍ତ ଉଦ୍ଦିଷ୍ଟ ଏହି ସତ୍ୟକୁ କିଏ ବା ଅସ୍ୱୀକାର କରିପାରିବ। ସେ ଦୃଷ୍ଟିରୁ ଅର୍ଥନୀତି ଯେହେତୁ ଜନକଲ୍ୟାଣକାମୀ ତାହା ଯେପରି ଭାବରେ ଉପସ୍ଥାପିତ ହୋଇଥାଉନା କାହିଁକି ତାହାର ମୂଳ ପ୍ରେରଣା ହେଲା ସାହିତ୍ୟ। ଏ ପୃଥିବୀରେ ଏମିତି କୌଣସି ଅର୍ଥନୀତିଜ୍ଞ ନାହାନ୍ତି ଯେଉଁମାନେ ବୈଦିକ ଋଷିର ମନ୍ତ୍ରଦ୍ୱାରା କିମ୍ବା କୌଣସି ସାହିତ୍ୟର ସର୍ବଶ୍ରେଷ୍ଠ ପଦ ପଂକ୍ତି ବା ବାକ୍ୟାଂଶ ଦ୍ୱାରା ଅନୁପ୍ରାଣିତ ହୋଇନାହାନ୍ତି। ତେନ ତ୍ୟକ୍ତେନ ଭୁଞ୍ଜିଥାଃ ଅର୍ଥାତ୍ ସମସ୍ତଙ୍କ ସହିତ ବଣ୍ଟନ କରି ଖାଦ୍ୟ ଗ୍ରହଣ କର ଏହାହିଁ ଯଦି ସକଳ ଅର୍ଥତତ୍ତ୍ୱର ମୂଳ ସନ୍ଦେଶ ତାହା ହେଲେ ତାହା ସାହିତ୍ୟର ଆଭିମୁଖ୍ୟଠାରୁ ଯେ ଭିନ୍ନ ନୁହେଁ। ଏକଥା ଯେ କେହି ନିର୍ଦ୍ୱନ୍ଦ୍ୱରେ ସ୍ୱୀକାର କରିବେ। ସାହିତ୍ୟର ସର୍ଜନା ଯେଉଁ ମହାନ ଉଦ୍ଦେଶ୍ୟ ନେଇ ସମ୍ଭବ ହୋଇଛି ତା'ଠାରୁ କେଉଁ ବିଦ୍ୟା ଅବା ନିଜକୁ ବିଚ୍ଛିନ୍ନ କରି ରଖିପାରିବ ? ଅର୍ଥନୀତିର ଛାତ୍ରୀଛାତ୍ର, ଗବେଷକ ଗବେଷିକା ଓ ଶିକ୍ଷାବିତ୍‌ମାନେ ଏହି କଲ୍ୟାଣମୂଳକ ବିଦ୍ୟାର ଉପଯୋଗିତା ଅନୁଭବ କରିବା ଦ୍ୱାରା ପରୋକ୍ଷ ଭାବରେ ସାହିତ୍ୟର ଆତ୍ମା ସହିତ ସେମାନଙ୍କ ସମ୍ବନ୍ଧ ସ୍ଥାପିତ ହୋଇଯାଏ। ଏହି ନିଗୂଢ଼ ଉପଲବ୍ଧି ଅର୍ଥନୀତି ଓ ଅର୍ଥନୀତି ବିଶାରଦମାନଙ୍କୁ ଯେ ସାହିତ୍ୟାଭିମୁଖୀ କରିଛି, କରୁଛି ଓ କରୁଥିବ ଏଥିରେ ସନ୍ଦେହ ନାହିଁ।

**ପ୍ରଫେସର ଓ ବିଭାଗ ମୁଖ୍ୟ,**
**ସ୍ନାତକୋତ୍ତର ଭାଷ୍ୟ ଓ ସାହିତ୍ୟ ବିଭାଗ**
**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**



# ଜଳବାୟୁ ପରିବର୍ତ୍ତନ ଓ କୃଷି ଜଙ୍ଗଲ

**ଇଂ. ମାୟାଧର ସ୍ୱାଇଁ**

ଜଳବାୟୁ ପରବର୍ତ୍ତନ ସଂକ୍ରାନ୍ତୀୟ ମିଳିତ ଜାତିସଂଘର 'ଆନ୍ତଃ ସରକାରୀ ଜଳବାୟୁ ପରିବର୍ତ୍ତନ ପରିଷଦ' (ଆଇପିସିସି)ର ସଦ୍ୟତମ ରିପୋର୍ଟ ଏହିବର୍ଷ ଏପ୍ରିଲ ମାସରେ ପ୍ରକାଶ ପାଇଛି। ଏଥିରେ ଜଳବାୟୁ ପରିବର୍ତ୍ତନର ସାଂଘାତିକ ଭବିଷ୍ୟ ବାଣୀ ଅଛି। ଆମେ ଯଦି ବର୍ତ୍ତମାନ ହାରରେ ବାୟୁମଣ୍ଡଳକୁ ସବୁଜଗୃହ ଗ୍ୟାସ୍ ନିର୍ଗତ କରିବା, ତାହାହେଲେ ଏହି ଶତାବ୍ଦୀର ଶେଷବେଳକୁ ପୃଥିବୀର ତାପମାତ୍ରା ପ୍ରାକ୍-ଶିଳ୍ପ ସଭ୍ୟତାର ତାପମାତ୍ରାଠାରୁ ୩.୭ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବ। ସୂଚନାଯୋଗ୍ୟ, ୨୦୧୫ ଡିସେମ୍ବରରେ ପ୍ୟାରିସ୍ ସମ୍ମିଳନୀରେ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ପାଇଁ ଆହ୍ୱାନ ଦିଆଯାଇଥିଲା ଏବଂ ୨୦୨୧ରେ ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀରେ ଏହାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା।

ସବୁଜଗୃହ ଗ୍ୟାସ୍‌ଗୁଡ଼ିକ ମଧ୍ୟରେ ଅଙ୍ଗାରକାମ୍ଳର ଭାଗ ହେଉଛି ସର୍ବାଧିକ। କଳକାରଖାନା, ଗାଡ଼ିମୋଟର, ବିଦ୍ୟୁତ୍ କେନ୍ଦ୍ର ଆଦିରେ କୋଇଲା, ପେଟ୍ରୋଲିୟମ୍ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଆଦି ଜୀବାଶ୍ମ ଇନ୍ଧନର ଦହନ ଯୋଗୁ ଏହା ବାୟୁମଣ୍ଡଳକୁ ନିର୍ଗତ ହେଉଛି। ଅଙ୍ଗାରକାମ୍ଳ ଅବଶୋଷଣର ଏକ ମୁଖ୍ୟ ଉତ୍ସ ହେଉଛି ଉଦ୍ଭିଦ ଜଗତ। ଉଦ୍ଭିଦ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ସୂର୍ଯ୍ୟକିରଣରୁ ଖାଦ୍ୟ ପ୍ରସ୍ତୁତ କରିଥାଏ। ଫଳରେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ପରିମାଣ ହ୍ରାସ କରିବା ପାଇଁ ଜଙ୍ଗଲର ଅବଦାନ ହେଉଛି ଅସୀମ। ମାତ୍ର କ୍ରମଶଃ ସଭ୍ୟତାର ବିକାଶ ସହିତ ତାଳ ଦେଇ ରାସ୍ତା, କଳକାରଖାନା, ଜଳବିଦ୍ୟୁତ୍ କେନ୍ଦ୍ର ଆଦିର ନିର୍ମାଣ ପାଇଁ ଜଙ୍ଗଲ ପରିମାଣ ହ୍ରାସ ପାଉଛି। ଏଣୁ ପୂର୍ବଭଳି ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଅଧିକ ପରିମାଣରେ ଅବଶୋଷଣ ହେଉନାହିଁ। ଏଥିପାଇଁ ଜଙ୍ଗଲ ବୃଦ୍ଧି ଆବଶ୍ୟକ, କିନ୍ତୁ ଏହାର ବିପରୀତ ଦେଖାଯାଉଛି। ବିକାଶ କାର୍ଯ୍ୟ ପାଇଁ ହେଉ କିମ୍ବା ଜଙ୍ଗଲରେ ଅଗ୍ନିକାଣ୍ଡ ପାଇଁ ହେଉ, ପ୍ରାୟ ପ୍ରତି ଦେଶରେ ଜଙ୍ଗଲ କ୍ଷୟ ହେଉଛି। ଏହାର ବିକଳ୍ପ ହେଉଛି କୃଷିଜଙ୍ଗଲ ବା ଆଗ୍ରୋଫରେଷ୍ଟ୍ରି।

କୃଷି ଜଙ୍ଗଲ ବା ବୃକ୍ଷ ଆଧାରିତ କୃଷି ହେଉଛି ଗୋଟିଏ ପ୍ରତିଷ୍ଠିତ ପ୍ରାକୃତିକ କାର୍ଯ୍ୟ, ଯାହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ପରିମାଣ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଅନ୍ୟ ଅର୍ଥରେ ଏହା କାର୍ବନ-ନିରପେକ୍ଷ (କାର୍ବନ ନିଉଟ୍ରାଲ୍) ବୃଦ୍ଧିରେ ସହାୟକ ହୋଇଥାଏ। ରୋଜଗାର, ଉତ୍ପାଦନ ଓ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ପାଇଁ ଭାରତ ୨୦୧୪ ମସିହାରେ ଗୋଟିଏ କୃଷି ଜଙ୍ଗଲ ନୀତି ଗ୍ରହଣ କରିବାରେ ଥିଲା ପୃଥିବୀରେ ପ୍ରଥମ ଦେଶ। ପ୍ରତ୍ୟେକ କୃଷି କ୍ଷେତ୍ରରେ ହୁଡ଼ାରେ ବୃକ୍ଷରୋପଣ ପାଇଁ ୨୦୧୬ ରେ ୧୦୦୦ କୋଟି ଟଙ୍କା ବ୍ୟୟରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ୨୦୨୨-୨୩ରେ କେନ୍ଦ୍ର ସରକାରଙ୍କ ବଜେଟରେ କୃଷି ଜଙ୍ଗଲକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ।



କୃଷି ଜଙ୍ଗଲର ଅନେକ ଉପକାର ଅଛି। ଏହା ଜଙ୍ଗଲ ଅଞ୍ଚଳ ବାହାରେ ବୃକ୍ଷ ଆଚ୍ଛାଦନକୁ ବୃଦ୍ଧି କରିଥାଏ। ଏହା ପ୍ରାକୃତିକ ଜଙ୍ଗଲର ସରୋଗେଟ୍ ଭାବେ କାର୍ଯ୍ୟ କରି ପ୍ରାକୃତିକ ଜଙ୍ଗଲ ଉପରେ ଥିବା ଚାପକୁ କମାଇ ଦେଇଥାଏ। ଏହା କୃଷକର ରୋଜଗାରକୁ ବଢ଼ାଇଥାଏ। ପୁନଶ୍ଚ ଏହା ଦେଶର ଜାଳେଣି କାଠର ପ୍ରାୟ ଅଧା ଚାହିଦା, ଛୋଟ କାଠ (ଟିମ୍ବର) ଚାହିଦାର ପ୍ରାୟ ଦୁଇ-ତୃତୀୟାଂଶ, ପ୍ଲାଏଉଡ୍, ଆବଶ୍ୟକତାର ୭୦-୮୦ ପ୍ରତିଶତ, କାଗଜ ଓ ମଣ୍ଡ କଳର ୬୦ ପ୍ରତିଶତ କଞ୍ଚାମାଲ ଏବଂ ୯ରୁ ୧୧ ପ୍ରତିଶତ ସବୁଜ ଗୋଖାଦ୍ୟର ଚାହିଦା ପୂରଣ କରିଥାଏ। ଏହା ବ୍ୟତୀତ ଏଥିରୁ ଲାଖ, ଅଠା, ଝୁଣା ଓ ଔଷଧ ଗୁଣ ଥିବା ପଦାର୍ଥ ଉତ୍ପାଦିତ ହୋଇଥାଏ।

ବୃକ୍ଷ ଉତ୍ପାଦ ଓ ବୃକ୍ଷ ସେବାର ମଧ୍ୟ ଗ୍ରାମ୍ୟ ଜୀବିକାରେ ଅବଦାନ ରହିଛି। ଫଳ, ଗୋଖାଦ୍ୟ, ଇନ୍ଧନ, ସାର, ତନ୍ତୁ ଆଦି ଉପଲବ୍ଧ ହେବା ସହିତ ଏହା ପୋଷଣ ନିରାପତ୍ତା ଓ ରୋଜଗାର ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ ଏବଂ ଶସ୍ୟହାନି ପାଇଁ ଏହା ବୀମା ଭଳି କାର୍ଯ୍ୟ କରିଥାଏ। ଏହା ବ୍ୟତୀତ କୃଷି ଜଙ୍ଗଲ ମୃତ୍ତିକା କ୍ଷୟ ନିୟନ୍ତ୍ରଣ, ଜଳଧାରଣ, ପୋଷଣ ପୁନଃଚକ୍ରଣ, କାର୍ବନ ସଞ୍ଚୟ, ଜୈବବିବିଧତା ସଂରକ୍ଷଣ ଓ ପରିଷ୍କାର ବାୟୁଦେବାରେ ସାହାଯ୍ୟ କରିଥାଏ।

ଭାରତ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନିଜର ଅଙ୍ଗୀକାରବଦ୍ଧତାକୁ ପୂରଣ କରିବାରେ କୃଷି ଜଙ୍ଗଲ ସାହାଯ୍ୟ କରିପାରିବ। ଭାରତ ଅତିରିକ୍ତ ଜଙ୍ଗଲ ଓ ବୃକ୍ଷ ସୃଷ୍ଟି କରି ୨୦୩୦ ମସିହା ସୁଦ୍ଧା ୨.୫ରୁ ୩.୦ ବିଲିୟନ ଟନ୍ ଅଙ୍ଗାରକାମ୍ଳର ଅବଶୋଷଣ ପାଇଁ ପ୍ରତିଶ୍ରୁତି ଦେଇଛି। ଏହା ମଧ୍ୟ ୨୦୭୦ ସୁଦ୍ଧା ନେଟ୍ ଶୂନ- କାର୍ବନ ଦେଶରେ ପରିଣତ ହେବା ପାଇଁ ଘୋଷଣା କରିଛି। ନେଟ୍ ଶୂନ- କାର୍ବନର ଅର୍ଥ ହେଉଛି ମନୁଷ୍ୟକୃତ ସମସ୍ତ ଅଙ୍ଗାରକାମ୍ଳ ଗ୍ୟାସ ବୃକ୍ଷଜଗତ ଦ୍ୱାରା ଅବଶୋଷଣ ହୋଇପାରିବ ଏବଂ ଏହା ଫଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବୃଦ୍ଧି ପାଇବ ନାହିଁ। ଭାରତ ମଧ୍ୟ ୨୦୩୦ ମସିହା ସୁଦ୍ଧା ୨୬ ନିୟୁତ ହେକ୍ଟର ପତିତ ଜମିର ପୁନରୁଦ୍ଧାର କରିବା ପାଇଁ ଘୋଷଣା କରିଛି। କୃଷି ଜଙ୍ଗଲ ସୃଷ୍ଟି ଦ୍ୱାରା ଭାରତର ଏହି ପ୍ରତିଶ୍ରୁତିକୁ ପୂରଣ କରାଯାଇପାରିବ।

ଅନେକ ଦିନ ଧରି କୃଷି ଓ ଜଙ୍ଗଲ ମଧ୍ୟରେ ଥିବା ଫାଙ୍କରେ କୃଷି ଜଙ୍ଗଲ ପଡ଼ିଯାଇଛି ଏବଂ ଏହାର ପ୍ରକୃତ ମାଲିକ କିଏ ଜଣାପଡୁନାହିଁ। କେତେକ ରାଜ୍ୟରେ ଏହା କୃଷି ବିଭାଗ ଅଧୀନରେ ଥିବା ବେଳେ ଅନ୍ୟ କେତେକ ରାଜ୍ୟରେ ଜଙ୍ଗଲ ବିଭାଗ ଅଧୀନରେ ଅଛି। କେନ୍ଦ୍ର ସରକାରରେ ଏହା କୃଷି ମନ୍ତ୍ରଣାଳୟ ଅଧୀନରେ ଅଛି। ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ଅଧୀନରେ ଏହାର ଅଧିକ ବିକାଶ ହୋଇପାରିବ ବୋଲି କେତେକ ବିଶେଷଜ୍ଞଙ୍କର ମତ ରହିଛି।

କୃଷି ଜଙ୍ଗଲର ଅଭିବୃଦ୍ଧି ନିମିତ୍ତ କୃଷକମାନଙ୍କୁ ଆର୍ଥିକ ସହାୟତା ଓ ସହଜ ଋଣର ବ୍ୟବସ୍ଥା କରିବାକୁ ପଡ଼ିବ। ଏହାକୁ କାର୍ବନ ବ୍ୟବସାୟ (କାର୍ବନ ଟ୍ରେଡିଂ) ସହ ସଂଯୋଗ କରି ଚାଷୀମାନଙ୍କୁ ଏହାର ଫଳ ଦେବା ପାଇଁ ବ୍ୟବସ୍ଥା ହେବା ଉଚିତ। ସହଯୋଗ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ସଂଘ ମାଧ୍ୟମରେ ଏହାର ବିକାଶ ଆବଶ୍ୟକ। ଦେଶର ଅତିକମ୍‌ରେ ଦଶ ପ୍ରତିଶତ କୃଷିଜମିରେ ଏହା କରିବାର ଲକ୍ଷ୍ୟ ରଖି କାର୍ଯ୍ୟ ଆରମ୍ଭ ହେବା ଦରକାର। ଜଳବାୟୁ ପରିବର୍ତ୍ତନ ପ୍ରତିକାରର ଏକ ମାଧ୍ୟମ ସହ ଏହାର ଅନେକ ଉପକାର ଥିବାରୁ ଏହାର ବିକାଶ କରିବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ ଓ ଦାୟିତ୍ୱ।

**୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର**
**ମୋ: ୯୪୩୮୬୯୩୭୨୪**

## ଏଇ ଭାରତରେ

କମ୍ ଜମିରୁ ଅଧିକ ଉତ୍ପାଦନର ଉପାୟ ପାଇଛନ୍ତି ଓ ଅନ୍ୟମାନଙ୍କୁ ସେହି ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରିତ କରୁଛନ୍ତି ମଧ୍ୟପ୍ରଦେଶର ଯୁବ ଚାଷୀ ଆକାଶ ଚୌରାଶିଆ। ବୁନ୍ଦେଲଖଣ୍ଡର ଛୋଟ ସହର ସାଗରରେ ଜନ୍ମିତ ଆକାଶ ୩ ଏକର ଜମିରୁ ବର୍ଷକୁ ୩୦ ଲକ୍ଷ ଟଙ୍କା ରୋଜଗାର କରିବା ସହ ୮୦ ହଜାର କୃଷକଙ୍କୁ ଚାଷ ସମ୍ପର୍କରେ ପ୍ରାକ୍ଟିକାଲ ବା ବ୍ୟବହାରିକ ପ୍ରଶିକ୍ଷଣ ଦେଇସାରିଲେଣି। ସେ ମୁଖ୍ୟତଃ ମଲ୍‌ଟି ଲେୟାର ଫାର୍ମିଂ କରୁଛନ୍ତି ଓ ଏହାକୁ ଅତ୍ୟନ୍ତ ଲାଭଜନକ ବୋଲି ପ୍ରମାଣିତ କରିଛନ୍ତି। କେବଳ ଏତିକି ନୁହେଁ, ତାଙ୍କଠାରୁ ୧୨ ଲକ୍ଷ କୃଷକ ମଲ୍‌ଟିଲେୟାର ଫାର୍ମିଂ ସମ୍ପର୍କରେ ୟୁଟ୍ୟୁବ୍ ମାଧ୍ୟମରେ ଶିକ୍ଷା ପାଇପାରିଛନ୍ତି। ଏଥିପାଇଁ ଆକାଶଙ୍କୁ ୨୦ଟି ଜାତୀୟ ପୁରସ୍କାର ମିଳିସାରିଛି। ସେ ଜମିରେ ବାଉଁଶ ପୋତି ୬.୫ ଫୁଟ ଉପରେ ମହି ଦେଇ ଲତାଜାତୀୟ ଫସଲ କରିବା ସହ ଜାଲି ତଳ ମାଟିରେ ଅନ୍ୟ ଫସଲ କରୁଛନ୍ତି। ଏହା ବ୍ୟତୀତ ଋତୁ ଅନୁଯାୟୀ ୪ ପ୍ରକାର ଫସଲ କରି ଅଧିକ ଲାଭ ପାଉଛନ୍ତି। ଏହା ଏକ ପରିବେଶ ଉପଯୋଗୀ ପଦ୍ଧତି ଓ ପଲିହାଉସ୍‌ର ବିକଳ୍ପ ବୋଲି କହିଛନ୍ତି ୩୨ ବର୍ଷୀୟ ଆକାଶ। ଜାଲି ତଳେ ମାଟିରେ ପ୍ରତି ତିନିମାସରେ ଫସଲ ପରିବର୍ତ୍ତନ କରୁଛନ୍ତି, ଯାହା ତାଙ୍କ ଆୟର ଏକ ରହସ୍ୟ। ତାଙ୍କ ଚାଷ ପଦ୍ଧତିରେ କମ୍ ପାଣି ଲାଗୁଛି ଅର୍ଥାତ୍ ୮୦ ପ୍ରତିଶତ ପାଣି ବଞ୍ଚୁଛି। ଖୋଲା ଜମିରେ ଗୋଟିଏ ଫସଲ ପାଇଁ ୧୦୦ ଲିଟର ପାଣି ଲାଗୁଥିବାବେଳେ ମଲ୍‌ଟିଲେୟାର ପଦ୍ଧତିରେ ୩୦ ପ୍ରତିଶତ ପାଣିରେ ୪ଟି ଫସଲ ହୋଇପାରୁଛି। ଏହି ପଦ୍ଧତିକୁ ଆକାଶ ସାରା ଭାରତରେ ପ୍ରସାର କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି ଓ କୃଷି ବିଭାଗ ମଧ୍ୟ ତାଙ୍କ ପଦ୍ଧତିକୁ ପ୍ରଶଂସା କରିଛି, ଯେଉଁଥିପାଇଁ ସେ ଗୋଟିଏ ପରେ ଗୋଟିଏ ପୁରସ୍କାର ପାଇଚାଲିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ଜୁନ୍ ୧୯୯୭**

- ହଲିଉଡ୍ ଅଭିନେତା ବ୍ରିୟାନ କୀଥ୍‌ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ବିହାରର ସୀତାମାଢୀ ଜିଲା ଅନ୍ତର୍ଗତ ଦୁମ୍ରାଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନାଗୋ ସିଂହଙ୍କ ଦେହାନ୍ତ।
- ଦିଲ୍ଲୀ ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ଅଜୟ ପ୍ରକାଶ ମିଶ୍ରଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

ବୁଝିଲି ଶୁଣିଲି କେତେ ଶତ ପୋଥି ପଢ଼ି ତ
ହେଲି କେତେ ନବ ନବ ପୀରତିରେ ପୀଡ଼ିତ
ମୂଢ଼ କରି ଆପଣାକୁ ଦହିଲି ଏ ଦେହକୁ
ବୁଝିଲି ଏ ଦେହ ଘେନି ରହେ ତାହା ଜଡ଼ିତ।
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | | | 1 |
| | 5 | | 3 | | | | 9 | |
| | | 3 | | | 9 | | | |
| | 2 | 1 | | | | | | |
| 7 | | 5 | | 1 | | | 4 | 9 |
| 9 | | | | | | | 6 | |
| | | | | 4 | | | 3 | 2 |
| 6 | 9 | | | | 8 | 4 | | |
| | | | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 2 | 1 | 5 | 9 | 7 | 3 | 6 |
| 3 | 7 | 5 | 6 | 2 | 4 | 9 | 8 | 1 |
| 9 | 6 | 1 | 3 | 8 | 7 | 4 | 2 | 5 |
| 8 | 4 | 7 | 2 | 6 | 1 | 5 | 9 | 3 |
| 5 | 9 | 6 | 7 | 4 | 3 | 8 | 1 | 2 |
| 2 | 1 | 3 | 5 | 9 | 8 | 6 | 7 | 4 |
| 6 | 5 | 9 | 8 | 3 | 2 | 1 | 4 | 7 |
| 1 | 2 | 4 | 9 | 7 | 5 | 3 | 6 | 8 |
| 7 | 3 | 8 | 4 | 1 | 6 | 2 | 5 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଢ଼ ପଦକ୍ଷେପ ନିଆଯାଉ

ମହାଶୟ,

ଦିନ ଥିଲା, ନନ୍ଦନକାନନର ପ୍ରାକୃତିକ ପରିବେଶ ଓ ପଶୁପକ୍ଷୀଙ୍କ ସମାରୋହ ପ୍ରସିଦ୍ଧି ଲାଭ କରିଥିଲା। ସେଥିପାଇଁ କେଉଁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନଙ୍କ ଧାଡ଼ି ଲାଗିଥିଲା। ମାତ୍ର ପରିତାପର ବିଷୟ, କିଛିଦିନ ହେବ ପଶୁପକ୍ଷୀଙ୍କ ମୃତ୍ୟୁ ଘଟି ନନ୍ଦନକାନନ ଶ୍ରୀହୀନ ହୋଇପଡ଼ିଛି। କ୍ରମାଗତ ଭାବେ ବ୍ୟାଘ୍ର, ସିଂହ, ଭାଲୁ, ନୀଳଗାଈ, ଆଗୁଆନା, ଶମ୍ବର, ଜଳହସ୍ତୀ, ଗୟଳ, ଗାଡ଼ଭାଲୁ, ଚିତ୍ରାହରିଣ, ଷ୍ଟମ୍ପଟେଲ ମାଙ୍କଡ, ମଣିପୁରୀ ହରିଣ, ମୟୂର, ଚନ୍ଦନ ବୋଡା, ୩ ଲକ୍ଷ୍ମୀ ପେଚା, ଝିଙ୍କ, ବଜ୍ରକାପ୍ତା, କୃଷ୍ଣସାର ମୃଗ ଓ ଶାଗୁଣା ଇତ୍ୟାଦି ଜୀବମାନେ ମୃତ୍ୟୁବରଣ କରିଛନ୍ତି। ଏବେ ମଧ୍ୟ ୧୫ରୁ ଅଧିକ ପଶୁପକ୍ଷୀ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିବା ଖବର ମିଳେ। ଏଥିପାଇଁ ଲୋକମାନଙ୍କ ମନରେ କ୍ଷୋଭଜାତ ହେଉଛି। ଏଠାରେ ଯଥେଷ୍ଟ ପ୍ରାଣୀ ଚିକିତ୍ସକ ଥାଇ ମଧ୍ୟ ପଶୁପକ୍ଷୀଙ୍କ ମୃତ୍ୟୁହାରରେ ଲଗାମ ଲାଗୁ ନାହିଁ। ପ୍ରଶ୍ନ ଉଠେ, ଏ ଅଘଟଣ ପାଇଁ ଦାୟୀ କିଏ ? ଡାକ୍ତର, ରେଞ୍ଜର, କର୍ତ୍ତୃପକ୍ଷ ନା ଆଉ କିଏ ? ଏହା ଅତ୍ୟନ୍ତ ଉଦ୍‌ବେଗର ଘଟଣା। ସରକାର ନନ୍ଦନକାନନରୁ ପ୍ରାଣୀଙ୍କ ମୃତ୍ୟୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଅନୁରୋଧ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସରିଲା ପ୍ରାଥମିକ କୃଷି ସମବାୟ ସମିତି ନିର୍ବାଚନ

**ବିଞ୍ଝାରପୁର,୨୬।୬(ଡି.ଏନ.ଏ.):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ବିଞ୍ଝାରପୁର ଶାଖା ଅଧୀନ ରଣପୁର, ଚିକଣା, ନରହରିପୁର, ପ୍ରୀତିପୁର ଓ ଜରି ପ୍ରାଥମିକ କୃଷି ସମବାୟ ସମିତିରେ ରବିବାର ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ ହୋଇଛି। ରଣପୁର ସମିତିର ୧୫ ଜୋନ୍‌ରୁ ପୂର୍ବରୁ ୬ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲାବେଳେ ଅବଶିଷ୍ଟ ୯ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ସେହିପରି ନରହରିପୁର ପ୍ରାଥମିକ କୃଷି ସମବାୟ ସମିତିର ୧୫ ଜୋନ ମଧ୍ୟରୁ ୫ଟିରେ ନିର୍ବାଚନ ହୋଇଥିଲାବେଳେ ପ୍ରୀତିପୁର ସମିତିର ୧ଟିରେ ନିର୍ବାଚନ ହୋଇଛି। ଜରି ପ୍ରାଥମିକ କୃଷି ସମବାୟ ସମିତିର ୧୫ଟି ଜୋନ୍ ଓ ଚିକଣା ପ୍ରାଥମିକ କୃଷି ସମବାୟ ସମିତିର ୧୫ଟି ଜୋନରୁ ୧୧ଟି ଜୋନରେ ନିର୍ବାଚନ ହୋଇଛି। ନିର୍ବାଚନର ଆଇନଶୃଙ୍ଖଳା ଉପରେ ବିଞ୍ଝାରପୁର ଥାନାଧିକାରୀ ରଞ୍ଜିତ କୁମାର ଦାସ କଡ଼ା ନଜର ରଖିଥିବାରୁ କୌଣସି ସ୍ଥାନରେ ବିଶୃଙ୍ଖଳା ହୋଇନାହିଁ।

### ବ୍ୟବସାୟୀଙ୍କ ପରଲୋକ

**ବିଞ୍ଝାରପୁର,୨୬।୬(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅଧୀନ ମଇଁଦା ଅଞ୍ଚଳର ଜଣାଶୁଣା ବ୍ୟବସାୟୀ କେଶବ ପରିଡ଼ାଙ୍କ ଶନିବାର ଯକୃତ ରୋଗରେ ପରଲୋକ ହୋଇଛି। ସେ ଜଣେ ସରଳ, ମେଳାପି, ଧର୍ମପରାୟଣ ଓ ପରୋପକାରୀ ମଣିଷ ଥିଲେ। ସବୁବେଳେ ଅନ୍ୟର ସୁଖଦୁଃଖରେ ସାମିଲ ହୋଇ ସହଯୋଗର ହାତ ବଢ଼ାଉଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ବିୟୋଗରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ଅଧକ୍ଷଙ୍କ ପ୍ରତିନିଧି କୈଳାସ ମଲ୍ଲିକ, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସ୍ଥାନୀୟ ସରପଞ୍ଚ କାର୍ତ୍ତିକ ଧଳ, ସମିତିସଭ୍ୟ ସଞ୍ଜୀବ ପ୍ରଧାନ, ଗୁହାଳି ସମବାୟ ସମିତି ସଭାପତି ସୁରେନ୍ଦ୍ର ସାମଲ, ସମ୍ପାଦକ ମହେନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲଙ୍କ ସମେତ ମଇଁଦା ବଣିକ ସଂଘର ବହୁ ଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

**ବାଲିଚନ୍ଦ୍ରପୁର,୨୬।୬(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ କଳାଶ୍ରୀ ଗୋପାଳପୁର ପଞ୍ଚାୟତ ଦକ୍ଷିଣ ଗୋପାଳପୁର ଗ୍ରାମର ଅବରପ୍ରାପ୍ତ ଶିକ୍ଷୟିତ୍ରୀ କାନନମଞ୍ଜରୀ ପରିଡ଼ା(୭୨)ଙ୍କ ରବିବାର ସକାଳେ ପରଲୋକ ହୋଇଛି। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ଶ୍ରୀକାନ୍ତ ପରିଡ଼ା ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ ସୁଶାନ୍ତ ଓ ପ୍ରଶାନ୍ତ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ବଡ଼ଚଣା ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ସମାନ୍ତରାପୁର ସମବାୟ ସମିତି ନିର୍ବାଚନ

**ବ୍ରହ୍ମବରଦା,୨୬।୬(ଡି.ଏନ.ଏ.):** ରସୁଲପୁର ବ୍ଲକ ଅର୍ନ୍ତଗତ ସମାନ୍ତରାପୁର ପ୍ରାଥମିକ କୃଷି ସମବାୟ ସମିତିର ବୋର୍ଡ ସଦସ୍ୟ ନିର୍ବାଚନ ଚଅପୋଈ ଉପ୍ରା ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିଲା। ଏହି ସମିତିର ୧୫ ଜୋନ ରହିଥିବା ବେଳେ ୧୦ଟି ଜୋନର ୧୦ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବାକି ୫ଟି ଜୋନ ପାଇଁ ନିର୍ବାଚନ କରାଯାଇଥିଲା। ଏଥିରେ ୩ନଂ. ଜୋନର ଗୋବିନ୍ଦ୍ର ଚନ୍ଦ୍ର ସାହୁ ୮ଖଣ୍ଡ ଅଧିକ ଭୋଟ୍ ପାଇ ନିର୍ବାଚିତ ହୋଇଥିବାବେଳେ ୫ ନଂ. ଜୋନରେ ଦେବେନ୍ଦ୍ର ନାୟକ ୮ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୮ନଂ. ଜୋନର ବିଦ୍ୟାଧର କରଣ ୨୫ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ୧୦ନଂ. ଜୋନରେ ଗୌରାଙ୍ଗ ନାୟକ ୧୬ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୧୧ନଂ ଜୋନ୍‌ର ମେନକା ସାମଲ ୧୫ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୧୫ ଦିନ ପରେ ସମିତି ସଭାପତି ପଦ ପାଇଁ ନିର୍ବାଚନ କରାଯିବ ବୋଲି କୃଷି ସମବାୟ ସମିତି ଅଧିକାରୀଙ୍କଠାରୁ ସୂଚନା ମିଳିଛି। ନିର୍ବାଚନ ସମୟରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟିକୁ ଆଖିଆଗରେ ରଖି ଯାଜପୁର ସଦର ଥାନା ଆଇଆଇସି ମାନସ ରଞ୍ଜନ ଚକ୍ରଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଓଭରଲୋଡିଂରେ ଲଘୁ ଖଣିଜ ଲୁଟ

**ଯାଜପୁର ଅଫିସ,୨୬।୬**

ଯାଜପୁର ଜିଲା ଦେଇ ଯାଇଥିବା ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଆଇନଗତ ଅଧିକାର ନ ଥାଇ ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ବ୍ୟବହାର କରାଯାଉଛି। ଏଥିରେ ସମ୍ପୃକ୍ତ ଠିକାସଂସ୍ଥା ଓଡ଼ିଶା ମାଇନର ମିନେରାଲ୍ସ କନ୍‌ସେସନ(ଓଏମ୍ଏମ୍‌ସିଆର୍)ରୁଲ୍ସ-୨୦୧୬ ଏବଂ ପରିବେଶ ସୁରକ୍ଷା ଆଇନ-୧୯୮୬ର ଖୋଲାଖୋଲି ଉଲ୍ଲଂଘନ କରୁଛି। ଅନ୍ୟପକ୍ଷେ ଲଘୁ ଖଣିଜ ଦ୍ରବ୍ୟ ପରିବହନରେ ଓଭରଲୋଡିଂ ପଥଚାରୀଙ୍କ ପାଇଁ କାଳ ହୋଇଛି। ଏହି ମର୍ମରେ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରତାପ ଚନ୍ଦ୍ର ମହାନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ, ଯାଜପୁର ଜିଲାପାଳ, ଧର୍ମଶାଳା, ଦାନଗଦି ଓ ଦର୍ପଣ ତହସିଲଦାର, ଏନ୍ଏଚ୍ଏଆଇ ଢେଙ୍କାନାଳ ଡିଭିଜନର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ସାଲିସ ଯୋଗୁ ସରକାରଙ୍କ ଦ୍ୱାରା ପ୍ରଣୀତ ଏକାଧିକ ଆଇନ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାର ସ୍ପଷ୍ଟ ଚିତ୍ର ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଅନୁମତିଠାରୁ ଢେର ଗୁଣ ଅଧିକ ବାଲି, ମୋରମ ଓ ପଥର ଉତ୍ତୋଳନ କରାଯାଉଛି। ଏନେଇ ଉପଯୁକ୍ତ ଭାବେ ମାପଚୁପ କରାଗଲେ ବାସ୍ତବ ଚିତ୍ର ଜଣାପଡ଼ିବ। ଧର୍ମଶାଳା, ଦାନଗଦି ଓ ଦର୍ପଣ ତହସିଲ ଅନ୍ତର୍ଗତ ବିଭିନ୍ନ ଲଘୁ ଖଣିଜ ଦ୍ରବ୍ୟ ଖାଦାନଗୁଡ଼ିକୁ ଗାମନ ଇଞ୍ଜିନିୟର୍ସ ଆଣ୍ଡ କନଷ୍ଟ୍ରାକ୍ଟର ପ୍ରାଇଭେଟ ଲିମିଟେଡ ଏବଂ ଗାମନ ଇନ୍‌ଫ୍ରା ପ୍ରୋଜେକ୍ଟ ଲିଃକୁ ସ୍ୱଳ୍ପ କିମ୍ବା ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଦିଆଯାଇ ନାହିଁ। ଏଥିଯୋଗୁ ସରକାର ଗତ ୨ ବର୍ଷ ହେଲା ବହୁ କୋଟି ଟଙ୍କା ରାଜସ୍ୱ ହରାଇଛନ୍ତି। ସେହିପରି ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ପକ୍ଷରୁ ଉପରୋକ୍ତ ୨ ଠିକାସଂସ୍ଥାକୁ କୌଣସି ପରିବେଶଗତ ଅନୁମତି ମିଳିନାହିଁ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଏହା ଜଣାପଡିଛି। ହାଇୱା, ଟ୍ରକ, ଟ୍ରାକ୍ଟର ଯୋଗେ ଏହି ସଂପ୍ରସାରଣ କାର୍ଯ୍ୟରେ ଓଭରଲୋଡିଂ ଗାଡି ଚଳାଚଳ କରୁଛି। ଦିନକୁ ୨ ହଜାରରୁ ଊର୍ଦ୍ଧ୍ୱ ବୋଲଡର, ଗେଟି, ଚିପ୍ସ, ବାଲି, ମୋରମ ଓଭରଲୋଡିଂ ଗାଡି ଚଳାଚଳ କରୁଥିଲେ ହେଁ ରାଜସ୍ୱ ଆଦାୟ ଅଶାନୁରୂପ ହୋଇ ପାରୁନାହିଁ । ବରଂ ମାସକୁ ବେଆଇନ ଭାବରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅସୁଲି କରାଯାଉଛି। ଫଳରେ ବର୍ଷକୁ ସରକାର ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେବଳ ଓଭରଲୋଡିଂ ବାବଦକୁ ରାଜସ୍ୱ ହରାଉଛନ୍ତି। ଏହି ବେଆଇନ କାର୍ଯ୍ୟରେ ପରିବହନ ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ସାମିଲ ଥିବାରୁ ଆଞ୍ଚଳିକ ପରିବହନ ବିଭାଗକୁ ସୁହାଇଲା ଭଳି ବାର୍ଷିକ ରାଜସ୍ୱ ଆଦାୟ ଲକ୍ଷ୍ୟଧାର୍ଯ୍ୟ କରାଯାଉଛି। ଫଳରେ ବିଭାଗ ଅତି ସହଜରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରି ବାହୁସ୍ଫୁଟ ମାରୁଛି। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସ୍ୱଚ୍ଛତା ରହିଲେ ଏହାଠାରୁ ଦୁଇଗୁଣ ରାଜସ୍ୱ ଆଦାୟ ହୋଇପାରିବ ବୋଲି ମତପ୍ରକାଶ ପାଉଛି। କାରଣ ଏହି ଜିଲାର ୪ଟି ପ୍ରମୁଖ ରାଜପଥ ଦେଇ ବିଭିନ୍ନ ପଥର ଖାଦାନରୁ ପାରାଦୀପ, କଳିଙ୍ଗନଗର, ଦୀଘା, ଜଗତ୍‌ସିଂହପୁର, ଭୁବନେଶ୍ୱର, ରାଜନଗର, ଆନନ୍ଦପୁର ପ୍ରଭୃତି ସ୍ଥାନକୁ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଛି। ହାଇୱା ଗାଡ଼ିରେ କ୍ଷମତାଠାରୁ ଅତ୍ୟଧିକ ପଥର ବୋଝେଇ ହେଉଥିବାରୁ ସାଧାରଣ ଲୋକଙ୍କ ପ୍ରତି ବିପଦ ଆଶଙ୍କା ରହୁଛି। କେବଳ ଟ୍ରକ ଓ ଟ୍ରାକ୍ଟର ଉପରେ ବିଭାଗ ଦାଉ ସାଧୁଥିବାବେଳେ ଓଭରଲୋଡିଂ ହାଇୱାଗୁଡ଼ିକୁ ପରିବହନ ବିଭାଗ ଆଦୌ ଧରୁନାହିଁ। ଆବଶ୍ୟକତାଠାରୁ ଢେର ଅଧିକ ଓଭରଲୋଡିଂ ମାଲ ପରିବହନ ହେଉଥିବାରୁ ଅନେକ ରାସ୍ତା ଫାଟି ନଷ୍ଟ ହେଉଛି। ପରିବହନ ବିଭାଗର ନିଷ୍କ୍ରିୟତା କାରଣରୁ ୬ଚକିଆ ଟ୍ରକଗୁଡ଼ିକ ୯.୫ଟନ ପରିବର୍ତ୍ତେ ୧୫ରୁ ୨୦ ଟନ୍ ମାଲ୍ ପରିବହନ କରୁଥିବାବେଳେ ୧୦ ଚକିଆ ଟ୍ରକଗୁଡ଼ିକ ୧୬ ଟନ୍ ପରିବର୍ତ୍ତେ ୨୦ରୁ ୨୫ ଟନ୍, ୧୨ଚକିଆ ଟ୍ରକଗୁଡ଼ିକ ୨୦ ଟନ୍ ପରିବର୍ତ୍ତେ ୩୦ରୁ ୩୫ ଟନ୍ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ୪୦୭ ମିନିଟ୍ରକଗୁଡ଼ିକ ୩ ଟନ୍‌ର ମାଲ ପରିବହନର ନିୟମ ରହିଥିବାବେଳେ ଏଗୁଡ଼ିକ ୭ରୁ ୮ ଟନ୍ ମାଲ ପରିବହନ କରୁଥିବା ଅଭିଯୋଗ ହେଉଛି।



ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଲଘୁଖଣିଜ ଦ୍ରବ୍ୟ ବ୍ୟବହାର କରାଯାଇଛି।

**୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ**

- ବିନା ଅନୁମତିରେ ଚାଲିଛି ଉତ୍ତୋଳନ
- ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ

## ଚୁକ୍ତି ଅବଧିର ମାସକ ପୂର୍ବରୁ ବିଜିଆର୍ କମ୍ପାନୀ ବନ୍ଦ

**୩୩୦ କର୍ମଚାରୀ ବେକାର, ଆଗୁଆ ଛଟେଇ ନୋଟିସ**

**କାଳିଆପାଣି,୨୬।୬(ଡି.ଏନ.ଏ.)**

ଓଡ଼ିଶା ଖଣି ନିଗମର ଦକ୍ଷିଣ କାଳିଆପାଣି ଖଣିରେ ଉତ୍ତୋଳନ କାର୍ଯ୍ୟ କରୁଥିବା ବିଜିଆର୍ କମ୍ପାନୀ ୨୨ ତାରିଖରୁ କାମ ବନ୍ଦ କରିଦେଇଛି। ଫଳରେ ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିବା ୩୩୦ କର୍ମଚାରୀ ଏବେ ବେକାର ହୋଇ ବସିଛନ୍ତି। କମ୍ପାନୀ ପକ୍ଷରୁ ସେମାନଙ୍କ ଦରମା, ଛୁଟି ଓ ବୋନସ ଟଙ୍କା ବ୍ୟାଙ୍କ ଖାତାରେ ଡିପୋଜିଟ କରାଯିବା ସହ ଆଉ କାମକୁ ନ ଆସିବାକୁ ନୋଟିସ କରାଯାଇଛି। ସୂଚନା ଅନୁଯାୟୀ, ୨୦୨୨ ଜୁଲାଇ ୨୨ରେ କମ୍ପାନୀର ଚୁକ୍ତି ଅବଧି ଶେଷ ହେବ। ତେବେ ଅବଧି ଶେଷର ଏକ ମାସ ପୂର୍ବରୁ କମ୍ପାନୀ କାମ ବନ୍ଦ କରିବା ନେଇ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶପାଇଛି। ଅନ୍ୟପକ୍ଷରେ କର୍ମଚାରୀଙ୍କ ଗ୍ରାଚୁଇଟି ଦିଆଯାଇ ନାହିଁ। ଫଳରେ ଏହାକୁ ନେଇ କର୍ମଚାରୀ ଶ୍ରମିକ ସଂଘ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କୁ ପଚାରିବାରେ ସେ କହିଛନ୍ତି, କର୍ମଚାରୀଙ୍କ ପ୍ରାପ୍ୟ ସମ୍ବନ୍ଧରେ କମ୍ପାନୀ ପକ୍ଷରୁ ତୁରନ୍ତ ଆଲୋଚନା କରି ସମାଧାନ କରିବାକୁ ଲିଖିତ ଭାବେ ଜଣାଯାଇଛି। ଏବେ କମ୍ପାନୀ କ'ଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ଆପେକ୍ଷା ରହିଛି।

## ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗରେ ୪ ଗିରଫ

**ଚଣ୍ଡିଖୋଲ/ଛତିଆ, ୨୬।୬(ଡି.ଏନ.ଏ.)**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ପିଙ୍ଗୁଆ ଗ୍ରାମର ଜଗା ପ୍ରଧାନ(୩୬), କଟକ ଜିଲା ନରସିଂହପୁର ଥାନା ଢିଅସାହି ଗ୍ରାମର ସଞ୍ଜୟ ଦାସ(୨୪), ଅଭି ଦାସ (୩୫) ଓ ଏମାନଙ୍କଠାରୁ ଚୋରି ସୁନା କିଣିଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିଚନ୍ଦ୍ରପୁର ଗ୍ରାମର ପରମଜିତ ସାହୁ (୩୨)।

ପୋଲିସ ସୂଚନା ମୁତବାକ, ଉକ୍ତ ଥାନା ଅନ୍ତର୍ଗତ ଶାଳପଡ଼ା ଗ୍ରାମର ଶୁଭ୍ରାଂଶୁ ଶତପଥୀଙ୍କ ମୋବାଇଲ ଦୋକାନରୁ ଚୋରି ହୋଇଥିଲା। ଏନେଇ ଶୁଭ୍ରାଂଶୁଙ୍କ ଏତଲା ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ ଟ୍ରାକିଂ ଯୋଗେ ପୋଲିସ ସଞ୍ଜୟ ଓ ଅଭିଙ୍କୁ ଉପୁଲାରୁ ଗିରଫ କରିଥିଲା। ଉକ୍ତ ଦୁଇ ଅଭିଯୁକ୍ତ ୪ ବର୍ଷ ହେବ ଉପୁଳା ଗ୍ରାମ ନିକଟସ୍ଥ ହାଇଲେଭଲ କେନାଲ ନିକଟରେ ରହି ଆସୁଥିଲେ। ପରେ ଘଟଣାର ମାଷ୍ଟର ମାଇଣ୍ଡ ଜଗାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ବୈରୀ ହନୁମାନମନ୍ଦିରରୁ ଚୋରି, ଅମିୟଝରି ତାରିଣୀ ମନ୍ଦିର ଚୋରି, ନଳିଦାର ଜଣକ ଘରୁ ସୁନା ଓ ନଗଦ ଟଙ୍କା ଚୋରି, ଶାଳପଡ଼ା ଏବଂ ବନ୍ତଳା ଗ୍ରାମରୁ ହୋଇଥିବା ଚୋରିରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ନଂ.୪୫।୨୨, ୪୮।୨୨ ଓ ୭୦।୨୨ରେ ୩ଟି ମାମଲା ରୁଜୁ ହୋଇଛି। ନଳିଦାରୁ ଚୋରି ସୁନା ଅଳଙ୍କାରଙ୍କୁ ଅଭିଯୁକ୍ତମାନେ ବାଲିଚନ୍ଦ୍ରପୁରର ପରମଜିତଙ୍କୁ ବିକ୍ରି କରିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗତ ମଙ୍ଗଳବାର ଉଠାଇ ଆଣିଥିବା ବେଳେ ଗତ ବୁଧବାର ବାଲିଚନ୍ଦ୍ରପୁର ବଜାରରେ ଚଢାଉ କରି ପରମଜିତଙ୍କୁ ଉଠାଇ ନେଇଥିଲା। ପରମଜିତ ସେମାନଙ୍କଠାରୁ ସୁନା କିଣି ତାହାକୁ ଏକ ଘରୋଇ ବ୍ୟାଙ୍କରେ ବନ୍ଧକ ରଖିଥିବାରୁ ପୋଲିସ ସୁନା ଜବତ କରିପାରିନାହିଁ। ତେବେ ୬ ଦିନ ଧରି ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ଜେରା କରିଥିଲେ ମଧ୍ୟ ସେଭଳି ସୁଫଳ ପାଇ ପାରିନାହିଁ। ୫ଟି ସ୍ଥାନରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ବେଳେ ପୋଲିସ କେବଳ ଏକ ଜରିପାଲ, ସୋଲାର ଲାଇଟ, ଏକ ମୋବାଇଲ ଓ ପାୱାର ବ୍ୟାଙ୍କ ଜବତ କରିବାରେ ସକ୍ଷମ ହୋଇଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ସୂଚନା ଦେଇଛନ୍ତି।



ଗିରଫ ୪ ଅଭିଯୁକ୍ତ।

## କର୍କଟ ପୀଡ଼ିତଙ୍କୁ ପ୍ରଶାସନର ସହାୟତା

**ବାଲିଚନ୍ଦ୍ରପୁର,୨୬।୬(ସ୍ୱ.ପ୍ର.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ବଜାରରେ ଦୀର୍ଘଦିନ ଧରି ମହେନ୍ଦ୍ର ରେଙ୍ଗଲାଙ୍କ ପୁଅ ଜୟପ୍ରକାଶ ରେଙ୍ଗଲା(୩୮)ଜୋତା ସିଲାଇ ଦୋକାନ କରି ପରିବାର ଚଳାଉଥିଲେ। ତେବେ ସେ ହଠାତ୍ ମୁଖ କର୍କଟ ରୋଗରେ ପୀଡ଼ିତ ହେବା ଫଳରେ ପରିବାର ଭୋକ ଓପାସରେ ଦିନ କାଟୁଥିଲେ। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସାଙ୍ଗମାନେ ପଇସା ଆଦାୟ କରି ଚିକିତ୍ସା କରାଇଥିଲେ। ତେବେ ରୋଗ ଏତେ ବଢିଯାଇଥିଲା ଯେ ଶେଷରେ ତାଙ୍କ ଜିଭ କାଟିବାକୁ ପଡ଼ିଥିଲା। ଡାକ୍ତର ତାଙ୍କୁ କେମୋ ନେବା ପାଇଁ ପରାମର୍ଶ ଦେଇଥିଲେ। ଏଥିପାଇଁ ବହୁ ଟଙ୍କା ଯୋଗାଡ଼ କରିବାକୁ ପଡୁଥିବାରୁ ସେ ସମସ୍ତ ସୁନା ରୂପାକୁ ବିକ୍ରିକରି ପ୍ରଥମ ଚାରୋଟି କେମୋ ନେଇଥିଲେ। କିନ୍ତୁ ଆଉ କେମୋ ନେବା ପାଇଁ ଟଙ୍କା ଯୋଗାଡ଼ ନ ହୋଇପାରିବାରୁ ସେ କେମୋ ନେବାରୁ ବଞ୍ଚିତ ହୋଇଛନ୍ତି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହାୟତାର ହାତ ବଢାଇଲେ ବାକିଥିବା କେମୋ ନେଇ ସେ ସୁସ୍ଥ ହୋଇପାରିବେ ବୋଲି ତାଙ୍କ ବାବା ମହେନ୍ଦ୍ର ରେଙ୍ଗଲା ନିବେଦନ କରିଥିଲେ। ଏହି ଖବର ପାଇ ରବିବାର ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ତାଙ୍କ ପତରାଜପୁରସ୍ଥ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।




OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL

No.263(3), Date:4.6.2022

**Empanelment for the post of Mediator in the Office of District Consumer Disputes Redressal Commission, Angul**

"Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.

Sd./- President
D.C.D.R.C., Angul


## ବରୀରେ ଶାନ୍ତିପୂର୍ଣ୍ଣ ନିର୍ବାଚନ



ଅମଠପୁରରେ ନିର୍ବାଚନ ପରିଚାଳନା କରାଯଉଛି।

**ବରୀ,୨୬।୬(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ୧୩ଟି ସମବାୟ ସମିତି ମଧ୍ୟରୁ ରବିବାର ଅନ୍ତିମ ପର୍ଯ୍ୟାୟରେ ଗୋଳକୁଣ୍ଡ ସମବାୟ ସମିତିର ୨ ଜୋନ୍ ଏବଂ ଅମଠପୁର ସମବାୟ ସମିତିର ୧୩ ଜୋନ୍ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଅମଠପୁର ସମବାୟ ସମିତି ନିର୍ବାଚନରେ ୧୩ଟି ଜୋନ୍ ମଧ୍ୟରୁ ବିଭିନ୍ନ ଜୋନ୍‌ରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ରାଜନେତାମାନେ ପ୍ରଚ୍ଛଦପଟରେ ରହି ନିର୍ବାଚନା ପରିଚାଳନା କରିଥିଲେ। ଆଇନଶୃଙ୍ଖଳାକୁ ଆଖି ଆଗରେ ରଖି ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବରୀ ଅତିରିକ୍ତ ତହସିଲଦାର ଭାନୁମତି ମାଝି ଉପସ୍ଥିତ ଥିଲେ। ଫଳରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ନିର୍ବାଚନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବା ପରେ କଡା ସୁରକ୍ଷା ବଳୟ ଭିତରେ ଭୋଟ ଗଣତି କରାଯାଇଥିଲା। ଭୋଟ ଗଣତି ପରେ ଗୋଳକୁଣ୍ଡ ସମବାୟ ସମିତିରେ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସମର୍ଥିତ ୨ ସଭ୍ୟାସଭ୍ୟ ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ଅମଠପୁର ସମବାୟ ସମିତିର ୧୩ ଜୋନ୍ ମଧ୍ୟରୁ ୧୧ ନିର୍ବାଚିତ ସଭ୍ୟାସଭ୍ୟ ବିଧାୟିକା ସୁନନ୍ଦା ଦାସଙ୍କ ସମର୍ଥିତ ବୋଲି କୁହାଯାଉଛି।

## ୩ ସମିତିର ୨୧ ପ୍ରାର୍ଥୀ ନିର୍ବାଚିତ

**ଧର୍ମଶାଳା,୨୬।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍‌ର ୧୩ ସମବାୟ ସମିତି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦ ସମିତିରେ ନିର୍ବାଚନ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ୩ଟି ସମିତିର ୨୧ଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ଚୋରମୁହାଁ ସମବାୟ ସମିତିର ୩ ନିର୍ଦ୍ଦେଶକ ପଦବୀରେ ଜୋନ ନଂ. ୧୦ରୁ ଶ୍ୟାମସୁନ୍ଦର ସ୍ୱାଇଁ, ୧୧ ନଂ. ଜୋନରେ ଧର୍ମଗୁଳାରେ ଅଜୟ କୁମାର ମୁଦୁଲି, ୧୩ ନଂ. ଜୋନରେ ଶଶିକାନ୍ତ ସାମଲ ନିର୍ବାଚିତ ହୋଇଛନ୍ତି।

ମଧୁସୂଦନପୁର ସମବାୟ ସମିତିର ୮ଟି ଜୋନରେ ନିର୍ବାଚନ ହୋଇଛି। ଏହି ସମବାୟ ସମିତିର ୧ ନଂ. ଜୋନରେ ଶିଶିର କୁମାର ସ୍ୱାଇଁ, ୨ନଂ.ରେ ବୈଷ୍ଣବ ପ୍ରଧାନ, ୪ନଂ.ରେ ସୁକାନ୍ତ ଦଳାଇ, ୭ ନଂ.ରେ ଜୟନ୍ତୀ ଦଳାଇ, ୯ ନଂ.ରେ ରଞ୍ଜନ କୁମାର ମଲିକ, ୧୦ ନଂ. ରେ ସଞ୍ଜୟ ପୃଷ୍ଟି, ୧୧ନଂ.ରେ ରମେଶ ଚନ୍ଦ୍ର ସାହୁ ଓ ୧୨ ନଂ.ଜୋନରେ ରମେଶ ଚନ୍ଦ୍ର ଜେନା ନିର୍ବାଚିତ ହୋଇଛନ୍ତି। କୋତପୁର ସେବା ସମବାୟ ସମିତିର ୧୦ ଜୋନ ପାଇଁ ନିର୍ବାଚନ ହୋଇଛି। ଏହି ସମବାୟ ସମିତିର ୧ ନଂ. ଜୋନରେ ବୀରେନ୍ଦ୍ର ନାରାୟଣ ଜେନା, ୨ନଂ.ରେ ନଟବର ମଲିକ, ୪ ନଂ.ରେ ଅରୁଣ ରାୟ, ୫ ନଂ. ରେ ନିଶିକାନ୍ତ ଜେନା, ୬ ନଂ.ରେ ସ୍ମୃତିରଞ୍ଜନ ରାୟ, ୮ନଂ. ରେ ସୁବୋଧ କୁମାର ସାମଲ, ୯ ନଂ.ରେ ରଙ୍ଗା ସିଂ, ୧୦ ନଂ.ରେ ଅଜୟ କୁମାର ଜେନା, ୧୨ ନଂ. ଜୋନରେ ଧର୍ମଗୁଳାରେ ନରେନ୍ଦ୍ର ଜେନା ଓ ୧୩ ନଂ. ଜୋନରେ ମାନସୀ ରାୟ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ଡ୍ରାଇଭର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବରୀ,୨୬।୬(ଡି.ଏନ.ଏ.)**

ବରୀ ବ୍ଲକ୍ ଡ୍ରାଇଭର ମହାସଂଘ ପକ୍ଷରୁ ରବିବାର ବିଧାୟିକା ସୁନନ୍ଦା ଦାସଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭର ମହାସଂଘ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲା। ତେବେ ରାଜ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବା ଯୋଗୁ ମହାସଂଘ ତରଫରୁ ତା ୧୮।୦୪।୨୦୨୨ରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ତରଫରୁ ୩ମାସ ମଧ୍ୟରେ ଉକ୍ତ ଦାବିଗୁଡିକ ଉପରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପ୍ରତିଶ୍ରୁତିର ଦୁଇ ମାସ ଅତିକ୍ରମ କରିଥିଲେ ମଧ୍ୟ ମହାସଂଘର କୌଣସି ଦାବିପୂରଣ ହୋଇନାହିଁ। ଫଳରେ ମହାସଂଘ ପୁନଃ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଏହାର ପୁନର୍ବିଚାର କରିବାକୁ ନିବେଦନ କରିଛି। ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟିକାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ବରୀ,୨୬।୬(ଡି.ଏନ.ଏ.)**

ଭୌଗୋଳିକ ଦୃଷ୍ଟିକୋଣରୁ ବରୀ ବ୍ଲକ୍‌କୁ ଦୁଇ ଭାଗ କରିଛି ବ୍ରାହ୍ମଣୀ ନଦୀ। ଏହି ନଦୀର ବାମପାର୍ଶ୍ୱରେ ୧୬ଟି ପଞ୍ଚାୟତ ସହିତ ବରୀ ରାମଚନ୍ଦ୍ରପୁର ଥାନା, ତହସିଲ, ବ୍ଲକ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର ଓ କଲେଜ ରହିଛି। ଫଳରେ ବିଭିନ୍ନ ସମୟରେ ରାଜନେତାମାନେ ଏହି ଅଞ୍ଚଳର ଗମନାଗମନ ଉପରେ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଉକ୍ତ ବ୍ଲକର ଗୋଳକୁଣ୍ଡ-ଇନ୍ଦୁପୁର ରାସ୍ତା ଉପରେ ୧୩ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିଲେ ମଧ୍ୟ ଉକ୍ତ ରାସ୍ତାଟି ଯାତାୟାତ ଅନୁପଯୋଗୀ ହୋଇ ପଡ଼ିଥିଲା। ତେବେ ଦୀର୍ଘ ଦିନର ଦାବି ଓ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ଉଦ୍ୟମକ୍ରମେ ଏହି ରାସ୍ତା ନିର୍ମାଣ ଓ ପ୍ରଶସ୍ତୀକରଣ ନିମନ୍ତେ ପ୍ରାୟ ୧୬ କୋଟି ଟଙ୍କା ପୂର୍ତ୍ତ ବିଭାଗ ପକ୍ଷରୁ ମଞ୍ଜୁର ହୋଇ ତା ୦୫।୦୫।୨୦୨୧ଠାରୁ କାର୍ଯ୍ୟ ଆରମ୍ଭ ହୋଇଛି। ତା୦୪।୦୮।୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଦାୟିତ୍ୱରେ ଥିବା ଠିକାଦାର ଚୁକ୍ତିବଦ୍ଧ ହୋଇଛନ୍ତି। ତେବେ କାର୍ଯ୍ୟ ବିବରଣୀ ସମ୍ପର୍କରେ ସୂଚନା ଫଳକରେ ଉଲ୍ଲେଖ ରହିଥିଲେ ମଧ୍ୟ ଠିକାଦାର ବ୍ୟୟ ଅଟକଳକୁ ଗୁରୁତ୍ୱ ନ ଦେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଛନ୍ତି। ଏନେଇ ସ୍ଥାନୀୟ ଲୋକଙ୍କ ତରଫରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ ତରଫରୁ କୌଣସି ଅଧିକାରୀ ଏହା ଉପରେ ଗୁରୁତ୍ୱ ଦେଉନାହାନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଲୋକଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟ ଚାଲୁଥିବା ବେଳେ ଠିକାଦାର ରାସ୍ତା ଉପରେ ମାଟି ଜମାକରି ରଖୁଛନ୍ତି। ବର୍ଷା ଯୋଗୁ ଏହି ମାଟି ଚାରିଆଡ଼େ ଖେଳିଯିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। କାମ ନ ସରୁଣୁ ରାସ୍ତାରୁ ଗୋଡ଼ି ଉଠିବା ଆରମ୍ଭ ହେଲାଣି। ରାସ୍ତାର ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ରହୁଛି। ତେବେ ଏସବୁକୁ ନେଇ କାମର ମାନ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକା ସଂସ୍ଥା ଏଭଳି ବେପରୁଆ କାମ କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

**ନୀରବଦ୍ରଷ୍ଟା ସାଜିଛି ପୂର୍ତ୍ତ ବିଭାଗ**

ଏହି ରାସ୍ତା ଉପରେ ଗୋଳକୁଣ୍ଡ, ବାଲିଆ, ଇଶାଣପୁର, ଧାରପୁର, ସାହୁପଡ଼ା, ଚନ୍ଦନପୁର, ମନ୍ଦାରୀ, ସେରପୁର ଓ ଗମ୍ଭୁ ଆଦି ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଏତଦ୍‌ବ୍ୟତୀତ ବିରଜାକ୍ଷେତ୍ରରୁ ତୁଳସୀ କ୍ଷେତ୍ରକୁ ଏହା ମୁଖ୍ୟରାସ୍ତା ହୋଇଛି। ବ୍ୟବଧାନ କମ୍ ହୋଇଥିବାରୁ ଏହି ରାସ୍ତା ଦେଇ ଅନେକ ଲୋକ ଯାତାୟାତ କରିଥାନ୍ତି। ତେଣୁ ଏହି କାର୍ଯ୍ୟ ଉପରେ ପୂର୍ତ୍ତ ବିଭାଗ ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କାମେଶ୍ୱର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କାର୍ଯ୍ୟ ଶେଷ ହେବାର ସମୟସୀମା ଶେଷ ହୋଇନାହିଁ। ତେବେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ କିଭଳି ଠିକ୍ ଭାବେ କାର୍ଯ୍ୟ କରାଯିବ ସେ ଦିଗରେ ସମ୍ପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।



ରାସ୍ତାରେ ପାଣି ଜମି ରହିଛି।

## ୬୦୦ ବୋତଲ ମଦ ଜବତ

ଜଗତ୍‌ସିଂହପୁର ଅଫିସ: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହିରୁ ୬୦୦ ବୋତଲ (୧୧୮ ଲିଟର) ମଦ ଜବତ ହୋଇଛି । ଏହି ଗ୍ରାମର ପ୍ରଦୀପ୍ତ କୁମାର ଜେନା (୪୮) ନିୟମିତ ମଦ ଚୋରା ଚାଲାଣ କରୁଥିବା ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ତାଙ୍କ ଘରୁ ୨୦ ପେଟି (୫୦୦ ବୋତଲ) ଆପ୍ପା ଫର୍ଟି ଏବଂ ୧୦୦ ବୋତଲ (ନିବ୍) ବିଦେଶୀ ମଦ ଜବତ କରାଯାଇଛି। ଏନେଇ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଜେନାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଗତ୍‌ସିଂହପୁର ଥାନା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

# ଯୁବପିଢ଼ିଙ୍କୁ ନିଶାମୁକ୍ତ ପାଇଁ ଆହ୍ୱାନ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ନୀରୋଧ ଦିବସ**

ଜଗତ୍‌ସିଂହପୁର ଅଫିସ, ୨୬।୬

ନିଶା ସେବନ ଦ୍ୱାରା କେବଳ ଅସୁସ୍ଥ ନୁହେଁ, ପରିବାରରେ ଅଶାନ୍ତି ଭରି ଦେଉଛି। ସାମାଜିକ ବିଶୃଙ୍ଖଳା ସାଙ୍ଗକୁ ଅପରାଧ, ଦୁର୍ଘଟଣା ବୃଦ୍ଧି ପାଉଛି। ବିଶେଷକରି ଦେଶର ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ି ବରବାଦ ହୋଇଯାଉଛନ୍ତି। ସେମାନଙ୍କୁ ନିଶାମୁକ୍ତ କରିବା ଆଜିର ସମୟ ପାଇଁ ବଡ଼ ଆହ୍ୱାନ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ଏହା କହିଛନ୍ତି। ସେ କହିଥିଲେ, ପିଲାମାନେ ଯୁବାବସ୍ଥାରେ ପହଞ୍ଚିଲେ ସେମାନଙ୍କ ଉପରେ ଅଭିଭାବକମାନଙ୍କୁ ନଜର ରଖିବାକୁ ପଡ଼ିବ। ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବା ସହ ଠିକ ରାସ୍ତାରେ ଯିବା ପାଇଁ ଗୁରୁ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପରିବାର ଓ ସମାଜକୁ ସୁସ୍ଥ ରଖିବା ପାଇଁ ଯୁବପିଢ଼ିଙ୍କୁ ସତର୍କ ନ କଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ। ତେଣୁ କେବଳ ଦିବସକୁ ପାଳନରେ ସୀମିତ ନ ରଖି ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ପଡ଼ିବ। ସଜାଗ ଓ ସଚେତନତା ଦ୍ୱାରା ହିଁ ମାନବ ସମାଜକୁ ନିଶା ସେବନରୁ ମୁକ୍ତ କରିହେବ। ତେଣୁ ଏସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ସଂସ୍ଥା ମଧ୍ୟ ବିଶେଷ ଦାୟିତ୍ୱବାନ ହେବା ପାଇଁ ପଣ୍ଡା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅବକାରୀ ଇନ୍‌ସ୍ପେକ୍ଟର ନିମାଇଁ ଚରଣ ସିଂହ, ଜଗତ୍‌ସିଂହପୁର ଓଆଇସି ରଞ୍ଜୁଲତା ବାରିକ, ବାଲିକୁଦା ଓଆଇସି ଭାରତୀ ନାୟକ, ଜିଲା ମୋବାଇଲ ଦଳ ଓଆଇସି ସୌମ୍ୟ ରଞ୍ଜନ ନାୟକ, ତିର୍ତ୍ତୋଲ ଓଆଇସି ବଳରାମ ଦାସ ଓ ପାରାଦୀପ ଓଆଇସି ଅବନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ଅଧିକାରୀମାନେ ଜନସଚେତନତା ପାଇଁ ନିଜ ଅଞ୍ଚଳରେ ବ୍ୟାନର ଓ ଲିଫଲେଟ୍ ଲଗାଇବା ବ୍ୟବସ୍ଥା କରିବେ ବୋଲି କହିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ନୀରୋଧ ସମ୍ପର୍କିତ ପ୍ରଚାର ଗାଡି ଜିଲା ପରିକ୍ରମା କରିବ ବୋଲି କୁହାଯାଇଥିଲା।


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅବକାରୀ, ପୋଲିସ ଅଧିକାରୀ ଓ କର୍ମଚାରୀମାନେ ।

## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୨୬।୬(ସ୍ୱ.ପ୍ର.):ପାରାଦୀପ ମେରାଇନ୍ ଥାନା ଅନ୍ତର୍ଗତ ମାଛଧରାବନ୍ଦର ପରିସରରୁ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ଜଣେ ମତ୍ସ୍ୟଜୀବୀଙ୍କ ଗୁରୁବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶର ଅର୍ଜଲା ଦୁର୍ଗାରାଓ (୫୦)। ସେ ପାରାଦୀପର ଷଣ୍ଢକୁଦ ବସ୍ତିରେ ରୁହନ୍ତି। ମେରାଇନ୍ ପୋଲିସ ଅପମୃତ୍ୟୁ ମାମଲା (ନଂ. ୪/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଜୟ ମା'ଶାରଳା ନାମକ ବୋଟ୍‌ରେ ଦୁର୍ଗାରାଓ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ବୋଟ୍‌ରେ ତାଙ୍କ ଦେହ ଅସୁସ୍ଥ ହୋଇଯାଇଥିଲା।ଏନେଇ ବୋଟ୍‌ଟି କୂଳକୁ ଫେରି ଆସିଥିଲା। ମାତ୍ର ବାଟରେ ଦୁର୍ଗାରାଓଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ସର୍ପାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ଡେରାବିଶ,୨୬।୬(ସ୍ୱ.ପ୍ର.): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶପୁର ଗ୍ରାମର ପ୍ରଫୁଲ୍ଲ କୁମାରୀ ରଥ (୮୫)ଙ୍କ ରବିବାର ସର୍ପାଘାତରେ ମୃତ୍ୟୁ ଘଟିଛି । ପ୍ରତ୍ୟୁଷରେ ରଥ ନିଜ ଘରର ବାରଣ୍ଡାରେ ବସିଥିବା ସମୟରେ ଏକ ଗୋଖର ସାପ ତାଙ୍କୁ ଦଂଶନ କରିଥିଲା । ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କେନ୍ଦ୍ରାପଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁହସ୍ତାନ୍ତର କରିଥିଲା । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧକ୍ଷା ଗୀତା ସେଠୀ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ ।

### ତାରପୁର କୃଷି ସମବାୟ ସମିତି ନିର୍ବାଚନ

ରଘୁନାଥପୁର,୨୬।୬(ଡି.ଏନ୍.ଏ.): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାଥପୁର ଶାଖା ଅଧୀନସ୍ଥ ତାରପୁର କୃଷି ସେବା ସମବାୟ ସମିତି ଟିକିଣିଆ ବୋର୍ଡ ଡାଇରେକ୍ଟର ପଦବୀ ପାଇଁ ରବିବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ସମିତିର ୧୫ଟି ଜୋନ ମଧ୍ୟରୁ ୪ଟିରେ ପାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୧୧ ଜୋନରେ ଡାଇରେକ୍ଟର ପଦବୀ ପାଇଁ ମତଦାନ ହୋଇଥିଲା। ନିର୍ବାଚନ କାର୍ଯ୍ୟରେ ସାରଦା ପ୍ରସନ୍ନ ଦାସ, ପ୍ରକାଶ କୁମାର ମହାପାତ୍ର ଓ ଦୀପ୍ତିରଞ୍ଜନ ସ୍ୱାଇଁ ନିୟୋଜିତ ଥିଲେ। ସକାଳ ୭ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ଏଆରସିଏସ୍ ଶିବ ଚରଣ ମହାନ୍ତି, ବିବେକାନନ୍ଦ ବେହେରା ଓ ପ୍ରଦୀପ ବେହେରା ମତଦାନ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ। ସମିତି ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ପୂର୍ବରୁ ୧୧ଟି ସମିତିର ବୋର୍ଡ ଡାଇରେକ୍ଟର ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବାବେଳେ କିଛି ସମିତିରେ ସଭାପତି ପଦବୀ ପାଇଁ ମତଦାନ ବାକି ରହିଛି।

# ସାମ୍ନାସାମ୍ନି ଜେରା ହେବେ ଦୁଇ ପୁରୁଷ ବନ୍ଧୁ

**ଅଭିନେତ୍ରୀ ରଶ୍ମିରେଖା ଆତ୍ମହତ୍ୟା ମାମଲା**

ଭୁବନେଶ୍ୱର,୨୬।୬(ବ୍ୟୁରୋ):

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ଆତ୍ମହତ୍ୟାକୁ ନେଇ ରହସ୍ୟ ଲାଗି ରହିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଭିନ୍ନ ଭିନ୍ନ ଦିନରେ ୨ ପୁରୁଷ ବନ୍ଧୁ ରାଜା ଓ ସନ୍ତୋଷଙ୍କୁ ପୋଲିସ ଜେରା କରିଥିଲେ ମଧ୍ୟ ଘଟଣାର ପ୍ରକୃତ ସତ୍ୟତା ଜଣାପଡ଼ିନାହିଁ।

ଏହି ମାମଲାରେ ଗୁରୁବାର ପୂର୍ବତନ ପୁରୁଷବନ୍ଧୁ ରାଜାଙ୍କୁ ପୋଲିସ ପ୍ରାୟ ୧ ଘଣ୍ଟା ଧରି ଥାନାରେ ଜେରା କରିଥିଲା। ସେହିପରି ସନ୍ତୋଷଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଦୀର୍ଘ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜେରା କରାଯାଇଥିଲା। ହେଲେ ଉଭୟଙ୍କ ମଧ୍ୟରେ କଥାର ତାଳମେଳ ରହୁ ନ ଥିବାରୁ ପୋଲିସର ସନ୍ଦେହ ବଢ଼ିଛି। ତେଣୁ ଉଭୟ ପୁରୁଷ ବନ୍ଧୁଙ୍କୁ ସାମ୍ନାସାମ୍ନି ଜେରା କରିବାକୁ ଥାନାକୁ ଡକାଯାଇଛି। ଉଭୟଙ୍କୁ ପୂର୍ବରୁ ପଚରାଯାଇଥିବା କେତେକ ପ୍ରଶ୍ନକୁ ଆଉଥରେ ପଚରାଯିବ। ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରି ସତ କ'ଣ ଧରିବ ପୋଲିସ।

ସୂଚନା ଅନୁଯାୟୀ, ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ସେ ୨ ମାସ ହେବ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ସନ୍ତୋଷଙ୍କଠାରୁ ଖବରପାଇ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଝୁଲନ୍ତା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାଣୀନଦୀରୁ କୁମ୍ଭୀରର ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୬।୬(ସ୍ୱ.ପ୍ର.)

କାଣୀ ନଦୀରେ ଦୀର୍ଘଦିନ ହେବ ଆତଙ୍କ ଖେଳାଇ ଆସିଥିବା ମଣିଷଖିଆ କୁମ୍ଭୀରର ମୃତଦେହ ରବିବାର ନଦୀରୁ ଉଦ୍ଧାର ହୋଇଛି । ନଦୀରେ ଭାସୁଥିବା ୧୨ ଫୁଟ ଲମ୍ବର ଏହି ବଉଳା କୁମ୍ଭୀର ମୃତଦେହକୁ ପଟ୍ଟାମୁଣ୍ଡାଇ ବ୍ଲକ ବଲୁରିଆ ପଞ୍ଚାୟତ ଅରାଜି ଗ୍ରାମବାସୀ ଉଦ୍ଧାର କରିଛନ୍ତି। କୁମ୍ଭୀରଟି ନଦୀରେ ଚିତ ହୋଇ ମରି ଭାସୁଥିଲା । ଗ୍ରାମବାସୀ ସାହାସ ଜୁଟାଇ ଡିଙ୍ଗି ସାହାଯ୍ୟରେ ତା ନିକଟକୁ ଯାଇଥିଲେ । ଏକ ରଶିରେ ଟାଣି ତାକୁ କୂଳକୁ ଆଣିଥିଲେ । ଏହି କୁମ୍ଭୀରଟି କିଛି ଦିନ ତଳେ କାଣୀ ନଦୀରେ ଉପଦ୍ରପ କରୁଥିଲା । ମେ ୩୦ ରେ ଅରାଜି ଗ୍ରାମର ୯ମ ଶ୍ରେଣୀର ଛାତ୍ର ଓମପ୍ରକାଶ ସାହୁ (୧୪)ଙ୍କୁ ନଦୀ ମଧ୍ୟକୁ ଟାଣି ନେଇଥିଲା । ତେବେ ୨୦ମିନିଟ ସଂଘର୍ଷ ପରେ ଓମପ୍ରକାଶ କୁମ୍ଭୀର ମୁହଁରୁ ଖସି ଆସିବାକୁ ସକ୍ଷମ ହୋଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି ଜୁନ ୧୫ ରେ ସିଂହଗାଁ ପଞ୍ଚାୟତ ରାଉଳିଆଡିଆ ଗ୍ରାମର ସୌଦାମିନୀ ସାମଲ (୫୫)ଙ୍କୁ କାଣୀନଦୀର ଶାଖା କଣ୍ଡିଆନାଳରେ ଗାଧୋଉଥିବା ସମୟରେ ବଉଳା କୁମ୍ଭୀର ଝାମ୍ପମାରି ନଦୀ ମଧ୍ୟକୁ ଟାଣି ନେଇଥଲା। ସୌଦାମିନୀ କୁମ୍ଭୀର ସାଙ୍ଗରେ ସଂଘର୍ଷ କରି ନିଜର ପ୍ରାଣ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି।


ନଦୀରୁ ଉଦ୍ଧାର ମୃତ କୁମ୍ଭୀର ।

# ପେଣ୍ଠପାଳ ସମବାୟ ସମିତି ନିର୍ବାଚନରେ ଶଶାଙ୍କଙ୍କ ସମର୍ଥକଙ୍କ ବାଜିମାତ୍

ପଟ୍ଟାମୁଣ୍ଡାଇ,୨୬।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସମବାୟ ସମିତି ଭାବେ ପେଣ୍ଠପାଳ ପ୍ରାଥମିକ କୃଷି ସମବାୟ ସମିତି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ସମବାୟ ସମିତିରେ ନିଜ ସମର୍ଥକଙ୍କୁ ଜିତାଇବା ପାଇଁ ଯୁବ ବିଜେଡି ନେତା ପେଣ୍ଠପାଳ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ (ଲୁନା )ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଞ୍ଚ କୈଳାସ ସେଠୀ ଜୋରଦାର ପ୍ରୟାସ କରିଥିଲେ । ଦୀର୍ଘ ତିନି ଦଶନ୍ଧି ଧରି ପେଣ୍ଠପାଳ ପଞ୍ଚାୟତ ରାଜନୀତିରେ ପ୍ରଭାବ ବିସ୍ତାର କରିଆସିଥିବା କୈଳାସ ନିଜେ ୨ଥର ସରପଞ୍ଚ ହୋଇଥିବାବେଳେ ନିଜ ସ୍ତ୍ରୀ ଅନ୍ନପୂର୍ଣ୍ଣା ସେଠୀ ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ପେଣ୍ଠପାଳ ସମବାୟ ସମିତି ଦୀର୍ଘ ଦିନ ଧରି କୈଳାସଙ୍କ ସମର୍ଥକଙ୍କ ଦଖଲରେ ଥିଲା । ପଞ୍ଚାୟତ ସମିତି ସଭ୍ୟ ଭାବେ ବିଜେଡି ନେତା ବିଶ୍ୱାଳ ନିର୍ବାଚିତ ହେବା ପରେ ପଞ୍ଚାୟତ ରାଜନୀତି କଡ଼ ଲେଉଟେଇବା ଆରମ୍ଭ କରିଛି । ପୂର୍ବରୁ ତାଙ୍କ ସମର୍ଥକ ଧନେଶ୍ୱର ପ୍ରଧାନ, ବଂଶୀଧର ବିଶ୍ୱାଳ ଓ ପଦ୍ମନାଭ ନାୟକ ସମବାୟ ସମିତି ନିର୍ଦ୍ଦେଶକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ରବିବାର ଅନୁଷ୍ଠିତ ନିର୍ବାଚନରେ ପ୍ରତାପ ବିଶ୍ୱାଳ, ସ୍ମୃତିରଞ୍ଜନ ପରିଡା,ଅଜୟ ବିଶ୍ୱାଳ, ବବ୍ରୁବାହନ ଧଳ,ଭାଗବତ ମଳିକ,ରଘୁନାଥ ଜେନା,ସ୍ନିଗ୍ଧାରାଣୀ ସାମଲ,ଗୁରୁ ଚରଣ ପ୍ରଧାନ, କିଶୋର ଦାସ,ଅନିରୁଦ୍ଧ ମଳିକ ପ୍ରମୁଖ ସମବାୟ ସମିତି ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି ।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ବାଲିକୁଦା,୨୬।୬(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଜଏଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜ୍ଞାନ ପ୍ରକାଶ' ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜାତୀୟ ସଂହତି ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଜିଲା ସଭାପତି ସୁଶ୍ରୀ ସ୍ମିତା ଦାସ ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଥାଇଲୋ ସରପଞ୍ଚ ସରୋଜିନୀ ଦେଓ, ମୁଖ୍ୟବକ୍ତା ଶ୍ରୀକୃଷ୍ଣ ଗୁରୁକୁଳର ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, ଅନ୍ୟତମ ଅତିଥି ଭାବେ ଅଧକ୍ଷ ପ୍ରଶାନ୍ତ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ଧର୍ମାନନ୍ଦ ଦାସ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ରାମଚନ୍ଦ୍ର ଶତପଥୀ ଅତିଥି ପରିଚୟ ଓ କୃଷ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ । କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରଫୁଲ ଷଡ଼ଙ୍ଗୀ, ରାମଚନ୍ଦ୍ର ଶତପଥୀ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଶିଶୁ ଚିତ୍ରକରଙ୍କ ମଧ୍ୟରେ କନିଷ୍ଠ ବିଭାଗରେ ଓମସାଇ କାନୁନ୍‌ଗୋ, ସାଇଶାଶ୍ୱତ ପରିଡ଼ା, ସ୍ୱର୍ଣ୍ଣମୟୀ ସାହୁ, ବରିଷ୍ଠ ବିଭାଗରେ ଶ୍ରୀତମ ବିଶ୍ୱାଳ, ଦିବ୍ୟଲକ୍ଷ୍ମୀ ଭୂୟାଁ, ଇପସିତା ପରିଡ଼ା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ଚିତ୍ତରଞ୍ଜନ ମହାନ୍ତି, ଚନ୍ଦ୍ରଶେଖର ବିଶ୍ୱାଳ, ବର୍ଷାରାଣୀ ଦାସ, ରାଜନନ୍ଦିନୀ ଦାସ, ନୀଳିମା ପରିଡ଼ା ପ୍ରମୁଖ ଏହାକୁ ପରିଚାଳନାରେ ସହାୟତା କରିଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ସଭାପତି ରଶ୍ମିରଞ୍ଜନ, ସମ୍ପାଦକ ପ୍ରେମାନନ୍ଦ

**ହାବିଲଦାର, କନଷ୍ଟେବଲ ଓ ଡ୍ରାଇଭର ଶାଖା ସଂଘ ନିର୍ବାଚନ**

ଜଗତ୍‌ସିଂହପୁର ଅଫିସ, ୨୬।୬

ଜଗତ୍‌ସିଂହପୁର ଜିଲା ହାବିଲଦାର, କନଷ୍ଟେବଲ ଓ ଡ୍ରାଇଭର ଶାଖା ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ରବିବାର ଘୋଷଣା କରାଯାଇଛି। ସଭାପତି ଭାବେ ହାବିଲଦାର ରଶ୍ମିରଞ୍ଜନ ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହାବିଲଦାର ସୁଦର୍ଶନ ବେହେରାଙ୍କୁ ୧୩୦ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ଉପସଭାପତି ଭାବେ ଜିତେନ୍ଦ୍ର କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିକ୍ରମ କେଶରୀ ମହାନ୍ତିଙ୍କୁ ୧୦୧ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସମ୍ପାଦକ ପଦବୀରେ ପ୍ରେମାନନ୍ଦ ବାରିକ ଓ ଜଗନ୍ନାଥ ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଜଗନ୍ନାଥଙ୍କୁ ୧୦୨ ଖଣ୍ଡ ଭୋଟରେ ପଛରେ ପକାଇ ପ୍ରେମାନନ୍ଦ ଜିତିଛନ୍ତି। ସହକାରୀ ସମ୍ପାଦକ (କ) ପଦବୀରେ ଶରତ ଚନ୍ଦ୍ର ଦଳେଇଙ୍କୁ ୯୭ ଖଣ୍ଡ ଭୋଟରେ ପଛରେ ପକାଇ ମାନସ କୁମାର ବେହେରା ଜିତିଛନ୍ତି। ସହ ସମ୍ପାଦକ (ଖ) ପଦ ପାଇଁ ନିର୍ବାଚନ ସୂତାର ଓ ପ୍ରଶାନ୍ତ କୁମାର ନାୟକଙ୍କ ମଧ୍ୟରେ ଲଢେଇ ହୋଇଥିଲା। ପ୍ରଶାନ୍ତଙ୍କଠାରୁ ସେ ୮୨ ଖଣ୍ଡ ଭୋଟ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। କୋଷାଧ୍ୟକ୍ଷ ପଦବୀରେ ନିହାର ରଞ୍ଜନ ପୃଷ୍ଟିଙ୍କଠାରୁ ୮୪ ଖଣ୍ଡ ଅଧିକ ଭୋଟ ପାଇ ଆନନ୍ଦ କୁମାର ନାୟକ ବିଜୟୀ ହୋଇଛନ୍ତି। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରୀତା ସ୍ୱାଇଁ, ରାକେଶ କୁମାର ଜେନା, ପ୍ରତାପ ଚନ୍ଦ୍ର ମହାନ୍ତି, ଧନେଶ୍ୱର ମୁର୍ମୁ ଓ ଭରତ କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ସଂଘର ମୋଟ ୫୦୧ ସଭ୍ୟଙ୍କ ମଧ୍ୟରୁ ୪୯୪ ଜଣ ମତଦାନ କରିଥିଲେ। ରିଜର୍ଭ ପୋଲିସ କାର୍ଯ୍ୟାଳୟ ଅଭ୍ୟର୍ଥନା କକ୍ଷରେ ଗଣତି ହୋଇଥିଲା। ଡିଏସ୍‌ପି ବିରଞ୍ଚି ବାଗ୍ ରିଟର୍ନିଂ ଅଫିସର ଦାୟିତ୍ୱରେ ଥିଲେ। ଡିଆଇବି ଡିଏସ୍‌ପି ରଜନୀକାନ୍ତ ସାମଲ ସହଯୋଗ କରିଥିଲେ। ଶନିବାର ମତଦାନ କରାଯାଇଥିଲା।

# ଫେଲ୍ ମାରିଲେ ଦିଲ୍ଲୀପ, ଶୁକଦେବ, ଫକୀର

**୨ୟ ପର୍ଯ୍ୟାୟ ସମବାୟ ନିର୍ବାଚନ**

ରାଜନଗର,୨୬।୬(ଡି.ଏନ.ଏ.)

ବହୁ ପ୍ରତିକ୍ଷୀତ ସମବାୟ ସମିତିର ୨ୟ ତଥା ଶେଷ ପର୍ଯ୍ୟାୟ ଭୋଟ ସରିଛି। ଏହି ନିର୍ବାଚନରେ ବିଜୁ ଜନତାଦଳର ସମର୍ଥିତ ପ୍ରାର୍ଥୀମାନେ ବିଜୟଲାଭ କରିଛନ୍ତି। ରାଜନଗର ବ୍ଲକରେ ଦୀର୍ଘ ବର୍ଷ ଧରି ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ରହି ଆସିଥିବା ଦିଲ୍ଲୀପ କୁମାର ପାତ୍ର ଚଳିତ ସମବାୟ ନିର୍ବାଚନରେ ହାରି ଯାଇଛନ୍ତି। ଲଗାତର ୫ଥର ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ରହିବା ସହ ବ୍ଲକର ସଫଳ ସମବାୟବିତ୍ ଭାବେ ସେ ପରିଚିତ ଥିଲେ । ମାତ୍ର ଚଳିତ ସମବାୟ ନିର୍ବାଚନରେ ତାଙ୍କର ଗୋଟି ଚାଳନା ସମ୍ପୂର୍ଣ୍ଣ ଫେଲ ମାରିଛି। ସେ ନିଜେ ଶୋଚନୀୟ ପରାଜୟ ବରଣ କରିଥିବା ବେଳେ ତାଙ୍କ ସମର୍ଥିତ ଜଣେ ବି ପ୍ରାର୍ଥି ବିଜୟୀ ହୋଇନାହାଁନ୍ତି। ସେ ଭାଟପଡା ସେବା ସମବାୟ ସମିତିର ୭ନଂ. ଜୋନରେ ନିର୍ଦ୍ଦେଶକ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଏହି ଜୋନରେ ମାତ୍ର ୧୭ଜଣ ଭୋଟର ଥିଲେ। ରବିବାର ନିର୍ବାଚନରେ ସମସ୍ତ ୧୭ଜଣ ସଦସ୍ୟ ଭୋଟ ଦେଇଥିଲେ। ୧୭ଟି ଭୋଟ ମଧ୍ୟରୁ ତାଙ୍କୁ ତାଙ୍କ ଭୋଟ ସହିତ ମାତ୍ର ୨ଟି ଭୋଟ ମିଳିଥିବା ବେଳେ ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଳ୍ପତରୁ ଜେନାଙ୍କୁ ୧୫ଖଣ୍ଡ ଭୋଟ ମିଳିଛି। ଏପରିକି ନିର୍ବାଚନ ପୂର୍ବରୁ ସେ ନିଜେ ଜିତିବା ସହ ଏହି ସମିତିକୁ ହାତେଇବେ ବୋଲି ପ୍ରଚାର କରି ଆସୁଥିଲେ। ଏହି ସମିତିର ୧୫ ଜୋନ ମଧ୍ୟରୁ ୪ ଜୋନରେ ୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଜି ୧୧ଟି ଜୋନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ଏହି ସମିତିରେ ୧୫ଟି ଜୋନ ମଧ୍ୟରୁ ବିଜେଡି ସମର୍ଥିତ ମାନେ ୧୪ଟି ଜୋନକୁ ହାତେଇ ନେଇଛନ୍ତି। ସେହିପରି ଏହି ଜୋନରେ ସାମାଜିକ କର୍ମୀ କ୍ଷୀରୋଦ କୁମାର ରାଉତ ବିଜୟ ଲାଭ କରିଛନ୍ତି। କ୍ଷୀରୋଦ ୧୦ନଂ. ଜୋନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କ୍ଷୀରୋଦଙ୍କୁ ୧୮ଟି ଭୋଟ ମିଳିଥିବା ବେଳେ ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାଳିନ୍ଦୀ ବେହେରାଙ୍କୁ ମାତ୍ର ୩ଟି ଭୋଟ ମିଳିଛି।

ସେହିପରି ଡେରା ସେବା ସମବାୟ ସମିତିରେ ଗୋଟିଏ ଜୋନରେ ଜଣେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଆଜି ୧୪ଟି ଜୋନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ଏହି ୧୪ଟି ଜୋନ ମଧ୍ୟରୁ ୧୧ନଂ. ଜୋନରେ ପୂର୍ବତନ ସମିତିସଭ୍ୟ ଶୁକଦେବ ଭଦ୍ର ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଶୁକଦେବ ମାତ୍ର ୮ଟି ଭୋଟ ପାଇଥିବା ବେଳେ ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପବିତ୍ରଙ୍କୁ ୧୧ଖଣ୍ଡ ଭୋଟ ମିଳିଛି। ସେହିପରି ୧ନଂ. ଜୋନରେ ବରିଷ୍ଠ ନେତା ତଥା ସମବାୟବିତ୍ ଫକୀର ଚନ୍ଦ୍ର ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଫକୀରଙ୍କୁ ବି ପରାଜୟର ମୁହଁ ଦେଖିବାକୁ ମିଳିଛି। ଫକୀରଙ୍କୁ ୧୯ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବାବାଜୀଙ୍କୁ ୨୨ଖଣ୍ଡ ଭୋଟ ମିଳିଛି। ଏହି ସେବା ସମବାୟ ସମିତିରେ ବିଜେଡି ସମର୍ଥିତ ସମର୍ଥକମାନେ ୮ଟି ଜୋନରେ ବିଜୟଲାଭ କରିଥିବା ବେଳେ କଂଗ୍ରେସ ସମର୍ଥକମାନେ ୭ଟି ଜୋନରେ ବିଜୟଲାଭ କରିଛନ୍ତି। ରାଜନଗର ସେବା ସମବାୟ ସମିତିରେ ୧୫ଟି ଜୋନ ମଧ୍ୟରୁ ୧୪ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ୧ନଂ. ଜୋନରେ କୁଳମଣି ସେଠୀଙ୍କ ସହିତ ଯୁବ ଆଇନଜିବୀ ମହେଶ୍ୱର ସେଠୀଙ୍କର ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା। ଗୋଟିଏ ଜୋନରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ନିର୍ବାଚନକୁ ନେଇ ଉତ୍କଣ୍ଠା ବି ଥିଲା। ଏହି ଜୋନର ୪୧ ଖଣ୍ଡ ଭୋଟ ମଧ୍ୟରୁ ୩୬ଜଣ ଭୋଟଦାନ କରିଥିଲେ। ଏହି ୩୬ଜଣଙ୍କ ମଧ୍ୟରୁ ୨୯ଜଣ ମହେଶ୍ୱରଙ୍କ ସପକ୍ଷରେ ଭୋଟ ଦେଇଥିବା ବେଳେ ୭ଜଣ କୁଳମଣିଙ୍କୁ ଭୋଟ ଦେଇଥିଲେ। ୨୨ଖଣ୍ଡ ଭୋଟରେ ମହେଶ୍ୱର ବିଜୟଲାଭ କରିଛନ୍ତି।

# ମାନସିକ ସ୍ଥିତି ହରାଇ ଶିକୁଳିରେ ବିତୁଛି ଜୀବନ

**ଚିକିତ୍ସାରେ ଅର୍ଥ ସାଜିଛି ବାଧକ**

- ଆମ୍ବ ତୋଳିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିଲେ
- ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ।
- ବାରମ୍ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି।

କୁଜଙ୍ଗ,୨୬।୬ (ଡି.ଏନ୍.ଏ.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାନସିକ ସ୍ଥିତି ହରାଇବା ପରେ ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରିବାରୁ ଓ ଘର ଛାଡି ପଳାଇବାକୁ ଉଦ୍ୟମ କରିବାରୁ ଜଣେ ଯୁବକଙ୍କୁ ମା'ବାପା ଶିକୁଳିରେ ବାନ୍ଧିବାକୁ ବାଧ୍ୟ ହୋଇଛନ୍ତି। ଅର୍ଥ ଅଭାବରୁ ତାଙ୍କ ଚିକିତ୍ସା ହୋଇପାରୁ ନ ଥିବା ବେଳେ ମାସେ ହେବ ସେ ବନ୍ଦୀ ଜୀବନ କାଟୁଛନ୍ତି। ସେ ହେଲେ କୁଜଙ୍ଗ ବ୍ଲକ ଗୋପିଆକୁଦ ପଞ୍ଚାୟତ ଗୋଠଡିଆ ଗ୍ରାମର ବାସୁଦେବ ରାଉତ(୨୮)।

ବାପା ବୈଷ୍ଣବଙ୍କ କହିବା ଅନୁଯାୟୀ, ବାସୁଦେବଙ୍କ ପାରାଦୀପସ୍ଥିତ ଜିଜେଏଆଇ କଲୋନୀରେ ପରିବାର ସହ ରହୁଥିଲେ । ସେ ପୋର୍ଟ ହାଇସ୍କୁଲର ଜଣେ ମେଧାବୀ ଛାତ୍ର ଥିଲେ। ୧୮ ବର୍ଷତଳେ ମାଟ୍ରିକ ପରୀକ୍ଷାର କିଛିଦିନ ପୂର୍ବରୁ ପଡ଼ିଶା ଘର ବାଡ଼ିରେ ପଡ଼ିଥିବା ଆମ୍ବ ଆଣିବାକୁ ଯାଇଥିଲେ। ବାଡ଼ିରୁ ଆମ୍ବ ଚୋରି ନ ହେବା ପାଇଁ ପଡ଼ିଶା ଲୋକେ ବାଡି ଚତୁଃପାର୍ଶ୍ୱରେ ତାରବାଡ଼ କରି ବିଦ୍ୟୁତ୍ ଚାର୍ଜ କରି ଦେଇଥିଲେ। ବାସୁଦେବ ଆମ୍ବ ଆଣିବାକୁ ଗଲାବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସେବେଠାରୁ ବାସୁଦେବ ମାନସିକ ସ୍ଥିତି ହରାଇ ବସିଛନ୍ତି। ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଛି। ବହୁ ଚିକିତ୍ସା ପରେବି ବାସୁଦେବଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ହୋଇ ନ ଥିଲା । ପ୍ରାୟ ଏକମାସରୁ ଊର୍ଦ୍ଧ୍ୱହେବ ବାସୁଦେବର ମାନସିକ ବିକୃତି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସେ ବାରମ୍ବାର ଘରୁ ପଳାଇଯିବାକୁ ଉଦ୍ୟମ କରିବା ସହ କୂଅକୁ ଡେଇଁପଡିବାକୁ ଉଦ୍ୟମ କରୁଛନ୍ତି ବୋଲି ମା' ଦୁଲଣା କହିଛନ୍ତି। ପୁଅର ଚିକିତ୍ସା ପାଇଁ ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ ହୋଇସାରିଥିବାବେଳେ ଆଗକୁ କିପରି ଚଳିବେ ସେନେଇ ବୈଷ୍ଣବଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ଅର୍ଥ ବାଧକ ଯୋଗୁ ଚିକିତ୍ସା ହୋଇପାରୁ ନଥିବାରୁ ବାସୁଦେବଙ୍କ ମାନସିକସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କିଛି ସରକାରୀ ବା ବେସରକାରୀସ୍ତରରେ ସାହାଯ୍ୟ ମିଳିପାରିଲେ ପୁଅର ଚିକିତ୍ସା କରାଯାଇପାରନ୍ତା ବୋଲି ବୈଷ୍ଣବ କହିଛନ୍ତି।

ଏ ସମ୍ପର୍କରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ କହିଛନ୍ତି, ବାସୁଦେବଙ୍କ ପରି ଅନେକ ବାସୁଦେବ ଚିକିତ୍ସା ଅଭାବରୁ କଷ୍ଟ ପାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ଚିକିତ୍ସା କରିବା ନିମନ୍ତେ ସରକାର ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ।


ବାସୁଦେବ ରାଉତଙ୍କୁ ଶିକୁଳିରେ ବନ୍ଧା ଯାଇଛି।

## ନିଖୋଜ ନାବାଳିକା ଉଦ୍ଧାର

ରଘୁନାଥପୁର,(ଡି.ଏନ୍.ଏ.):ରଘୁନାଥପୁର ଥାନା ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳିକାଙ୍କୁ ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରିବାକୁ ପୋଲିସ ସକ୍ଷମ ହୋଇଛି। ରବିବାର ଏସ୍ଆଇ ଅନିଲ କୁମାର ସାହୁ ତିର୍ତ୍ତୋଲ ଥାନା ଅନ୍ତର୍ଗତ କୃଷ୍ଣାନନ୍ଦପୁରସ୍ଥିତ ନୂଆଗାଁ ଗ୍ରାମରେ ଚଢ଼ାଉ କରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଥିବା ବେଳେ ଅପହରଣ ଅଭିଯୋଗରେ ନେମାଳୋ ଥାନା ଅଞ୍ଚଳର ପ୍ରକାଶ ମଲ୍ଲିକଙ୍କୁ ଗିରଫ କରିଛି। ଏହାପରେ ଉଭୟଙ୍କୁ କୋର୍ଟରେ ହାଜର କରାଯାଇଛି।

### ସଂକ୍ଷେପରେ

## ବାକି ଟଙ୍କାକୁ ନେଇ ଗଣ୍ଡଗୋଳ, ୨ କୋର୍ଟ ଚାଲାଣ

ବାଲିକୁଦା,୨୬।୬(ସ୍ୱପ୍ର):ବାକି ଟଙ୍କା ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଲିକୁଦା ବ୍ଲକ ଅନନ୍ତପୁର ଫାଣ୍ଡି ଅଧୀନ ଅପଣ୍ଡରା ବଜାରରେ ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ବାଲିକୁଦା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପୁର ଗାଁର ଭିକାରୀ ମହାନ୍ତି ଓ ପାଟଣା ଗାଁର ନୀର ବାରିକ। ଅଭିଯୋଗ ଅନୁଯାୟୀ ଭିକାରୀଙ୍କ ଅପଣ୍ଡରା ବଜାରରେ ଏକ ଲୁଗା ଦୋକାନ ରହିଛି। ଜୁନ୍ ୨୪ ତାରିଖ ରାତି ପ୍ରାୟ ୮ଟା ବେଳେ ଭିକାରୀ ବାକି ଟଙ୍କା ମାଗିବାକୁ ସେହି ବଜାରର ଏକ ଜଳଖିଆ ଦୋକାନକୁ ଯାଇଥିଲେ । ସେଠାରେ ନୀର ହଠାତ୍ ଭିକାରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଭିକାରୀ ଏହାର ପ୍ରତିବାଦ କରି ସେଠାରୁ ଚାଲି ଆସିଥିଲେ। ହେଲେ ନୀର ତାଙ୍କ ପଛରେ ଯାଇ ଭିକାରୀଙ୍କ ଦୋକାନରେ ପହଞ୍ଚି ତାଙ୍କୁ ମରାଧରା କରିବା ସହିତ ତାଙ୍କ ବେକରେ ଥିବା ସୁନା ଚେନ ଓ ଦୋକାନରୁ ୧୧ ହଜାର ୩ ଶହ ଟଙ୍କା ନେଇ ପଳାଇ ଯାଇଥିଲେ ବୋଲି ଫାଣ୍ଡିରେ ଭିକାରୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନୀରଙ୍କ ପକ୍ଷରୁ ମଧ ଏକ ପାଲଟା ଅଭିଯୋଗ କରାଯାଇଛି। ଭିକାରୀ ତାଙ୍କୁ ଗାଳିଗୁଲଜ କରି ମାରିଦେବାକୁ ଧମକ ଦେଇଥିବା ସେଥିରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି।

# ବିନା ସୁରକ୍ଷାରେ ୬୩ ଘାଟରେ ନୌକା ଚାଳନା

କେନ୍ଦ୍ରାପଡ଼ା ଅଫିସ,୨୬।୬



ଏକ ବୋଟ୍‌ରେ ତଳଚୁଆରୁ ଧାମରାକୁ ଯାଉଥିବା ଲୋକମାନେ ।

ଗତ ୧୬ ତାରିଖରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ଥାନା ଅଞ୍ଚଳର ଏକ ମାଛଧରା ଟ୍ରଲର ବୁଡ଼ିଗଲା। ଏଥିରେ ୧୨ ଜଣ ଉଦ୍ଧାର ହୋଇଥିଲେ ମଧ୍ୟ ଜଣେ ଅଦ୍ୟାବଧି ନିଖୋଜ ଅଛନ୍ତି। ୨୦୨୦ ଜୁନ୍ ୧୯ରେ ମହାକାଳପଡ଼ା ବ୍ଲକ ପୀତାପାଟ ନିକଟରେ ଡଙ୍ଗା ଓଲଟି ପଡିଥିଲା । ଏଥିରେ ଥିବା ୫ ଶ୍ରମିକ କୌଣସି ପ୍ରକାର ଜୀବନ ବଞ୍ଚାଇଥିଲେ । ସେହି ସ୍ଥାନରେ ୨୦୧୩ ମାର୍ଚ୍ଚ ୧ରେ ଡଙ୍ଗା ବୁଡି ଘଟଣାରେ ଜଗତସିଂହପୁର ଜିଲାର ୧୩ କିଶୋର କ୍ରିକେଟ ଖେଳାଳୀଙ୍କ ଜୀବନ ଯାଇଥିଲା । ସେହିପରି ୨୦୧୯ ଜାନୁୟାରୀ ୨ରେ ନିପାଣିଆଠାରେ ଡଙ୍ଗା ବୁଡ଼ି ଘଟଣାରେ ୧୦ ମହିଳା ଓ ଶିଶୁଙ୍କ ପ୍ରାଣହାନୀ ଘଟିଥିଲା। ଏତେସବୁ ଡଙ୍ଗାବୁଡ଼ି ଘଟଣାରେ ଜିଲା ପ୍ରଶାସନକୁ କୌଣସି ଶିକ୍ଷା ମିଳିବା ପରି ଜଣା ପଡୁନାହିଁ। ଜିଲାର ୬୩ ଘାଟରେ ଅନବରତ ଡଙ୍ଗା ଚାଲିଥିବା ବେଳେ ଶତାଧିକ ଡଙ୍ଗା ଘାଟ ଅଛି । ନିରାପଦ ଯାତ୍ରା ପାଇଁ ବୋଟ ରୁଲସ ହୋଇଥିଲେ ମଧ୍ୟ ମାଛଧରା ବୋଟ୍‌ରେ ଯାତ୍ରୀ ପରିବହନ ଜିଲାବାସୀଙ୍କ ଜୀବନମରଣ ସମସ୍ୟା ହୋଇଛି ।

ଏସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ କହିଛନ୍ତି, ପଦନୀପାଳ, ଏକମାଣିଆ, ସିଂହଗାଁ, ବତୀଘର ଆଦି ୧୭ ପଞ୍ଚାୟତ ଅଦ୍ୟାବଧି ନଦୀ ଘେରାବନ୍ଦୀରେ ଅଛି । ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ ଥିବା ହୁକିଟୋଲା, ହାବେଳିଖଟି, ବତୀଘର, ବରୁଣେଇ ଆଦି ପର୍ଯ୍ୟଟନସ୍ଥଳକୁ ବିପଦଜନକ ଭାବେ ପର୍ଯ୍ୟଟକମାନେ ଡଙ୍ଗା, ଭୁଟୁଭୁଟି, ମାଛଧରା ବୋଟ ଆଦିରେ ଯାଉଛନ୍ତି । ନୌକା ଅଥବା ଦେଶୀ ଡଙ୍ଗା ସ୍ଥାନୀୟ ଅଞ୍ଚଳ ପାଇଁ ଯାତାୟତର ମାଧ୍ୟମ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ୨୦୦୪ର ବୋଟ୍ ରୁଲସ କାର୍ଯ୍ୟକାରୀ ହେଉନାହିଁ । ଲାଇଫ୍ ଜ୍ୟାକେଟ ନ ଥାଇ ପର୍ଯ୍ୟଟକ ଓ ଯାତ୍ରୀ ଡଙ୍ଗାରେ ଯାଉଛନ୍ତି । ଫଳରେ ନୌପରିବହନ ଏବେ ବିପଦଜନକ ବୋଲି ସେ ମତ ଦେଇଛନ୍ତି । ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ବୋଟ୍ ରୁଲସ ଅନୁଯାୟୀ ଜିଲାରେ ଥିବା ଅଧିକାଂଶ ବୋଟ, ଡଙ୍ଗା ଓ ଏହାର ଚାଳକ ବୀମାଭୁକ୍ତ ହୋଇନାହାନ୍ତି। ଏପରିକି ଫିଟନେସ ନ ଥିବା ବୋଟ୍‌ରେ ଯାତ୍ରୀ ଯାତାୟତ କରୁଛନ୍ତି । କୌଣସି କାରଣରୁ ଡଙ୍ଗାବୁଡି ହେଲେ ମୃତ ଯାତ୍ରୀଙ୍କୁ କ୍ଷତିପୂରଣ ମିଳିବା ସମ୍ଭବ ନୁହେଁ । ଏବେ ୬୦ରୁ ଊର୍ଦ୍ଧ୍ୱ ବୋଟ୍ ଫିଟନେସ ନ ଥାଇ ଜାତୀୟ ଉଦ୍ୟାନ ମଧ୍ୟରେ ଚାଲୁଥିବା ସେ ପ୍ରକାଶ କରିଛନ୍ତି । ରାଜନଗର ବ୍ଲକ ଗୁପ୍ତିର ନରେନ୍ଦ୍ର କୁମାର ଦାସ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ୧୭୦୦ରୁ ଊର୍ଦ୍ଧ୍ୱ ଲୁଣା କୁମ୍ଭୀର ଅଛନ୍ତି । ଏହି ଅଞ୍ଚଳକୁ ଗୁପ୍ତି, ଚାନ୍ଦବାଲି, ଖୋଲା, ଜୟନଗର, ଖରିନାସୀ, ବାହାକୁଦ, ଜମ୍ବୁ ଅଞ୍ଚଳରୁ ବୋଟ ଆତଯାତ ହେଉଛି । ଏଥିରେ କେତେକ



ନାବାଳକ ଚାଳକ ହୋଇଥିବା ଲକ୍ଷ୍ୟ କରାଯାଇଛି । ଅର୍ଥ ଲୋଭରେ ଅଧିକ ଯାତ୍ରୀ ଡଙ୍ଗା ଅଥବା ବୋଟ୍‌ରେ ପରିବହନ ହେଉଥିଲେ ମଧ୍ୟ କୌଣସି ସରକାରୀ କଟକଣା ନାହିଁ । ମହାକାଳପଡ଼ାର ବିଭୁତି ଭୂଷଣ ରାଉତ କହିଛନ୍ତି, ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ଡଙ୍ଗା ବୁଡ଼ିର କାରଣ ହୋଇଛି । ବାହାକୁଦ ଓ ଖରିନାସୀ ସେତୁ ଅଦ୍ୟାବଧି ନିର୍ମାଣ ଶେଷ ହୋଇନାହିଁ। ସେହିପରି ବର୍ଷାଋତୁରେ ଜିଲାର ଅଧିକାଂଶ ସ୍ଥାନରେ ଡଙ୍ଗା ହିଁ ଯାତାୟତର ମାଧ୍ୟମ ହୋଇଛି । ପ୍ରତିଦିନ ଡଙ୍ଗାରେ ଅଞ୍ଚଳବାସୀ ଯାତାୟତ କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦାରଖ ହେଉ ନ ଥିବା ସେ ଦର୍ଶାଇଛନ୍ତି । ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ଦେଶୀ ଡଙ୍ଗା ଓ ବୋଟ ଚାଳକଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେଉଛି । ନିୟମ ବର୍ହିଭୂତ କୌଣସି ଡଙ୍ଗା ଅଥବା ବୋଟ ନଦୀରେ ଯାତାୟତ କଲେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

## ମ୍ୟାଜିକ ବୁକ୍‌ରେ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ



ଚିତ୍ର ଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ।

କେନ୍ଦ୍ରାପଡା ଅଫିସ,୨୬।୬:

କେନ୍ଦ୍ରାପଡା ସହର କ୍ରୀଷ୍ଟା ଆର୍ଟ ସ୍କୁଲ ନିର୍ଦ୍ଦେଶକ ଚିତ୍ର ଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଚଳିତ ବର୍ଷ ହରିଆଣା ରାଜ୍ୟର ମ୍ୟାଜିକ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ଦିଆଯାଇଛି। ଏଥିସହିତ ତାଙ୍କୁ ୨୦୨୨ର ବେଷ୍ଟ କ୍ରିଏଟିଭ ଆର୍ଟିଷ୍ଟ ଭାବେ ସମ୍ମାନୀତ କରାଯାଇଛି । ଏଥିପୂର୍ବରୁ ଚିତ୍ରଶିଳ୍ପୀ ପଟ୍ଟନାୟକଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ୫୦ରୁ ଊର୍ଦ୍ଧ୍ୱ ଚିତ୍ରକଳା ପାଇଁ ସମ୍ମାନୀତ ହୋଇଛନ୍ତି । ନିକଟରେ ତାଙ୍କୁ ମୂର୍ଚ୍ଛନା ଅନୁଷ୍ଠାନ ପକ୍ଷରୁ ତୁଳସୀ ରତ୍ନ ସମ୍ମାନ ମିଳିଛି ।

## ଅଭିନେତା ରାଇମୋହନଙ୍କ ସ୍ମୃତି ସଭା



ରାଜନଗର,୨୬।୬(ଡି.ଏନ.ଏ.): ଓଡିଶା ଯାତ୍ରା ଓ ସିନେ ଜଗତର ଲୋକପ୍ରିୟ ଅଭିନେତା ରାଇମୋହନ ପରିଡାଙ୍କ ବିୟୋଗରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠାନର ସମ୍ପାଦକ କବି ଶତ୍ରୁଘ୍ନ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ଖବରଦାତା ଭାସ୍କର ରାଉତରାୟ ଯୋଗଦେଇ ରାଇମୋହନଙ୍କ ଭଳି ପ୍ରତିଭାବାନ କଳାକାର ମିଳିବେ ନାହିଁ। ତାଙ୍କର ପରଲୋକ ଉଭୟ ଯାତ୍ରା ଓ ସିନେ ଜଗତରେ ବିରାଟ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି ବୋଲି କହିଥିଲେ। ଏଥିରେ ଅନୁଷ୍ଠାନର ଶିକ୍ଷକ ବାଲ୍ମିକୀ କୁମାର ଜେନା, କଳ୍ପତରୁ ଖଣ୍ଡୁଆଳ, ମନୋଜ ଦାସ ପ୍ରମୁଖ ରାଇମୋହନଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ।

# ଆଶାବାଡ଼ି ଭରସାରେ ବିଚିତ୍ର

ରାଜକନିକା,୨୬।୬(ଡି.ଏନ୍.ଏ.)

- ଉଚ୍ଚତର ଚିକିତ୍ସା ପାଇଁ ଅର୍ଥ ସାଧିଛି ବାଧକ
- ସହାୟତା ପାଇଁ ନିବେଦନ କଲେ ସ୍ତ୍ରୀ



ଆଶାବାଡ଼ି ସହାୟତାରେ ଠିଆ ହୋଇଥିବା ବିଚିତ୍ର ଜେନା ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ପାରିନୂଆପଡ଼ା-ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ଗାଁର ବିଚିତ୍ର ଜେନା(୩୫) କିଛିବର୍ଷ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଆଶାବାଡ଼ିକୁ ଭରସା କରି ତାଙ୍କ ଦିନ କଟୁଛି । ଆର୍ଥିକ ଅନଟନ ଯୋଗୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ସେବା ବି ମିଳୁନାହିଁ । ଏପରି ସ୍ଥିତିରେ ସେ କେବଳ ଭାଗ୍ୟକୁ ଆଦରି ରୋଗ ସହିତ ସଂଗ୍ରାମ କରୁଛନ୍ତି ।

ଦିନ ଥିଲା ବିଚିତ୍ର ହାଇଦ୍ରାବାଦରେ ରହି କାମ କରି ଭଲ ଦି ପଇସା ରୋଜଗାର କରୁଥିଲେ । ସେଥିରେ ତାଙ୍କ ପରିବାର ଗୁଜୁରାଣ ମେଣ୍ଟିଯାଉଥିଲା । ହେଲେ କିଛିଦିନ ତଳେ ହାଇଦ୍ରାବାଦରେ କାମ କରିବା ଅବସ୍ଥାରେ ତାଙ୍କ ହାତଗୋଡ଼ ଅକାମୀ ହୋଇଗଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ପକ୍ଷାଘାତ ହୋଇଥିବା ଜଣାପଡ଼ିଥିଲା । ଏହା ପରେ ସେ ଗାଁକୁ ଫେରିଆସିଥିଲେ । ଏହାପରେ ଚାଲିଥିଲା ଚିକିତ୍ସା । ଯାହାକିଛି ସଞ୍ଚିତ ଅର୍ଥ ଥିଲା ତାହା ସରିଯିବା ପରେ ଧାରଉଧାର କରିବା ଆରମ୍ଭ ହେଲା । କଟକ ବଡ଼ ଡାକ୍ତରଖାନା ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିଚିତ୍ର ଔଷଧ ଖାଉଥିଲେ । ହେଲେ ସମୁଦ୍ରକୁ ଶଙ୍ଖେ ପରି ଅନ୍ୟର ହାତଟେକା ଟଙ୍କା ତାଙ୍କ ରୋଗ ଭଲ କଲା ନାହିଁ। ଏବେ ସେ ଘରେ ପଡିଛନ୍ତି । ଆଉ ଥରେ କଟକ ଯାଇ ଡାକ୍ତରଙ୍କୁ ପରାମର୍ଶ କରିବାକୁ ତାଙ୍କ ପାଖେ ସମ୍ବଳ ନାହିଁ ।

କଇଥାପାଳ ଜେନାସାହିରେ ଥିବା ବିଚିତ୍ରଙ୍କ ପରିବାର କହିଲେ ସ୍ତ୍ରୀ ସସ୍ମିତା, ୨ ଛୋଟ ଝିଅ ରାନୀ ଓ ଅନୀଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ଯେଉଁ ବୟସରେ ରୋଜଗାର କରି ପରିବାର ପ୍ରତିପୋଷଣ କରିବା କଥା ତାହା ତାଙ୍କ ଦ୍ୱାରା ସମ୍ଭବ ହେଲା ନାହିଁ । ଆଶା ବାଡ଼ି ତାଙ୍କ ସାହାରା ସାଜିଲା । ଝିଅର ପାଠ ପଢା କଥା ପଚାରେ ବା କିଏ । ଦିନକୁ ଦିଓଳି ଦିମୁଠା ଖାଇବା ପାଉ ନ ଥିବା ବିଚିତ୍ରଙ୍କ ପରିବାର ବହୁତ ଦୁଃଖକଷ୍ଟରେ ଦିନ କାଟୁଛନ୍ତି । ଜମିବାଡ଼ି ନ ଥିବାରୁ ବିଚିତ୍ରଙ୍କୁ ରାଶନ କାର୍ଡ଼, ସ୍ୱାସ୍ଥ୍ୟବୀମା କାର୍ଡ଼ କି ଆବାସ ଯୋଜନାରେ ଘରଟିଏ ବି ମିଳି ନାହିଁ। ସ୍ୱାମୀଙ୍କ ଚିକିତ୍ସା ପାଇଁ ଅର୍ଥର ଜରୁରୀ ଆବଶ୍ୟକତା ଥିବାରୁ ସ୍ତ୍ରୀ ସସ୍ମିତା ସରକାରୀ ସହାୟତା ଉପରେ ନିର୍ଭର କରିଛନ୍ତି । କୌଣସି ବେସରକାରୀ ସଂସ୍ଥା, କିମ୍ବା ବଦାନ୍ୟ ବ୍ୟକ୍ତି ତାଙ୍କ ସ୍ୱାମୀଙ୍କ ଚିକିତ୍ସା ପାଇଁ ସହଯୋଗ କଲେ ସେ ଚିରଉପକୃତ ହେବେ ବୋଲି ସେ କହିଛନ୍ତି।

## ନିଗମାନନ୍ଦ ଦେବଙ୍କ ଜିଲାସଂଘ ସମାରୋହ

ରାଜନଗର,୨୬।୬(ଡି.ଏନ.ଏ.)

ଜୁଣପାଙ୍ଗରା ଶାଖା ସଂଘ ଆଶ୍ରମ ପରିସରରେ ନୀଳାଞ୍ଚଳ ସାରସ୍ୱତ ସଂଘର ଜିଲା ସଭାପତି ଗଗନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ନିଗମାନନ୍ଦ ଦେବଙ୍କ ସାରସ୍ୱତ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଂଘର ସଭାପତି ଅନିଲ ବଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଗୌରାଙ୍ଗ ଚରଣ ସାହୁ ବିବରଣୀ ପାଠ କରିଥିଲେ। ଜିଲାସଂଘ ଗଠନର ମୌଳିକତା ଉପରେ ସାରସ୍ୱତ ସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ବ୍ୟାଖ୍ୟା କରିଥିଲେ। ଆଞ୍ଚଳିକ ସଂଘ ରାଜନଗର ସଭାପତି ବିଜୟ କୁମାର ଜେନା, ରାଜ୍ୟ ସଂଘ କାର୍ଯ୍ୟକାରୀ କମିଟିର ସଭ୍ୟ ଯୁଧିଷ୍ଠିର ପରିଡା, ଜୟୀରାମ ଦାସ, ସୂର୍ଯ୍ୟମଣି ଜେନା, ଅଭିମନ୍ୟୁ ବରାଳ ପ୍ରମୁଖ ଠାକୁରଙ୍କ ବାଣୀ ଉପରେ ଆଲୋଚନା କରିଥିଲେ। ଜୁଣପାଙ୍ଗରା ଶାଖା ସଂଘର ଗୌରାଙ୍ଗ ଚରଣ ଦାସ, ଗୋଲୋକ ବିହାରୀ ଦାସ, ସୂର୍ଯ୍ୟମଣି ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



ନିଗମାନନ୍ଦ ଦେବଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

## 'ଅନୁଭବର ନୀରବ ଚିନ୍ତନ ହିଁ ସାହିତ୍ୟ ସୃଷ୍ଟି କରିଥାଏ'



ସାହିତ୍ୟ ସଭାରେ ଯୋଗଦେଇଥିବା ଅତିଥି ।

ଆଳି,୨୬।୬(ଡି.ଏନ.ଏ.)

ଅନୁଭବର ନୀରବ ଚିନ୍ତନ ହିଁ ସାହିତ୍ୟ ସୃଷ୍ଟି କରିବାର ପଥ ପରିଷ୍କାର କରିଥାଏ ବୋଲି 'ପରାଗ' ସାହିତ୍ୟ ସଂସଦର ୪୦ତମ ବାର୍ଷିକ ଉତ୍ସବରେ ଯୋଗଦେଇ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି । ରବିବାର ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରାଗ ସାହିତ୍ୟ ସଂସଦର ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଡ.ଶତ୍ରୁଘ୍ନ ପାଣ୍ଡବ କହିଲେ, ଗ୍ରାମାଞ୍ଚଳରେ ବସବାସ କରୁଥିବା ସାହିତ୍ୟିକ ମାନେ ହେଉଛନ୍ତି ନୀରବ ସାଧକ। ସେମାନଙ୍କ ସାଧନାର ଫଳ ହିଁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଯୋଗ ଦେଇ ସାହିତ୍ୟ ମାନବିକ ମୂଲ୍ୟବୋଧ ବୃଦ୍ଧି କରିଥାଏ । ଏହା ଉନ୍ନତ ଜୀବନର ମାର୍ଗ ଦେଖାଇ ଥାଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଗାଳ୍ପିକ କ୍ଷୀରୋଦ ଦାସ ଗ୍ରାମାଞ୍ଚଳରେ ପ୍ରକାଶ ପାଉଥିବା ପତ୍ରିକାଗୁଡିକର ମାନ ଉଚ୍ଚ କୋଟୀର। ସେମାନଙ୍କ ଏ ଅବଦାନ ପ୍ରକୃତରେ ପ୍ରଶଂସନୀୟ ବୋଲି ସେ କହିଥିଲେ। ଏହିଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଲେଖନୀ ଚାଳନା କରୁଥିବା ଔପନ୍ୟାସିକ ସୁନୀଲ ମିଶ୍ର (ମୈତ୍ରେୟ),କବି ପିନାକୀ ମିଶ୍ର, ଗୀତିକାର ବାବାଜୀ ଚରଣ ଜେନା, ଗାଳ୍ପିକ ଅନୀଲ ପାଢୀ, କବି କମଳ କୁମାର ମହାନ୍ତି, ଗାଳ୍ପିକ ଲକ୍ଷ୍ମୀଧର ନାୟକ (ଆଦିସ୍ୟ),ଅଜୟ ମହାପାତ୍ର, ପ୍ରଦୀପ ନାୟକ ପ୍ରମୁଖଙ୍କୁ 'ପରାଗ ସମ୍ମାନ' ରେ ସମ୍ମାନୀତ କରାଯାଇଥିଲା। ଏହିଅବସରରେ ଅତିଥି ମାନଙ୍କ ଦ୍ୱାରା 'ପରାଗ'ର ରଜ ସଂଖ୍ୟା ଉନ୍ମୋଚିତ କରାଯାଇଥିଲା । ମୁଖ୍ୟ ଅତିଥି କେନ୍ଦ୍ର ସମବାୟ ବ୍ୟାଙ୍କ ଆଳି ଶାଖା ପ୍ରବନ୍ଧକ ଜଗନ୍ନାଥ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କବି ନିଳାଦ୍ରୀ ଭୂଷଣ ମହାପାତ୍ର ଅଧକ୍ଷତା କରିଥିଲେ । ଆଳି ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବି ମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କବି ଶୈଳେନ୍ଦ୍ର ନାଥ ଦାସ ଓ ଅକ୍ଷୟ ପଣ୍ଡା ସଂଯୋଜନା କରିଥିଲେ । ପତ୍ରିକାର ସମ୍ପାଦକ ବନମାଳୀ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ ।

## ପ୍ରୋତ୍ସାହନ ଅଭାବ, ବିଲୁପ୍ତ ହେଲାଣି ଧୂଆଁପତ୍ର ଚାଷ

ପଟ୍ଟାମୁଣ୍ଡାଇ,୨୬।୬(ସ୍ୱ.ପ୍ର.)

ଅର୍ଥକାରୀ ଫସଲ ଭାବେ ଧୂଆଁପତ୍ର ଚାଷ ପ୍ରତି ବହୁ ଚାଷୀ ଆଗ୍ରହ ପ୍ରକାଶ କରିଥାନ୍ତି। ଏହି ଫସଲ ବାଲିଆ ଦୋରସା ମାଟିରେ ଭଲ ହୁଏ। ଏଥିରୁ ଚାଷୀ ଭଲ ଦୁଇପଇସା ରୋଜଗାର କରିଥାଏ । ବ୍ରାହ୍ମଣୀ ନଦୀ ଅବବାହିକା ପଟ୍ଟାମୁଣ୍ଡାଇ ଅଞ୍ଚଳର କଷଣଅଣ୍ଟା, ବାଲିପଡା, ତଳବାଲିପଡା, ବଳଦେବନଗର, ସିଦ୍ଧପାଟଣା, ମଣ୍ଡପଡା, ବାଛରା, ବାଲିପାଟଣା, ନୂଆଗାଁ, କାକୁଡିପଲ୍ଲୀ, ଅଲଭା ଆଦି ଅଞ୍ଚଳର ଶତାଧିକ ଏକର ଜମିରେ ଧୂଆଁପତ୍ର ଚାଷ ହେଉଥିଲା । ଏହି ଧୂଆଁପତ୍ରର ମାନ ଓ ଚାହିଦା ବଜାରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷ ହେଉଥିବା ଧୂଆଁପତ୍ର ବାହାର ରାଜ୍ୟକୁ ଚାଲାଣ ହେଉଥିଲା । ହେଲେ ଚାଷୀ ବିଭିନ୍ନ କାରଣରୁ କ୍ଷତି ସହିବା ପରେ ଏହି ଚାଷ ବନ୍ଦ ହୋଇଯାଇଛି ।

ସୂଚନା ଅନୁଯାୟୀ, ଧୂଆଁପତ୍ରରୁ ପିକା ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଥିଲା। ଏଥିରୁ ମୋଟିଆରି ପତ୍ର ମଧ ପ୍ରସ୍ତୁତ କରାଯାଇ ବଜାରରେ ବିକ୍ରି କରାଯାଉଥିଲା ଧୂଆଁପତ୍ର ଚାଷରୁ ଚାଷୀମାନେ ଭଲ ଦୁଇ ପଇସା ରୋଜଗାର କରୁଥିଲେ । ହେଲେ ବନ୍ୟା ବିତ୍ପାତ, ପ୍ରାକୃତିକ ବିପର୍ଯ୍ୟୟ ଆଦି କାରଣରୁ ଧୂଆଁପତ୍ର ଚାଷ କ୍ଷତିଗ୍ରସ୍ତ ହେବାରେ ଲାଗିଲା। ଧୂଆଁପତ୍ର ଚାଷୀମାନଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ମଧ ମିଳିଲାନାହିଁ । କୃଷି ବିଭାଗ ଚାଷୀମାନଙ୍କୁ ସହଯୋଗ କରିବା ତ ଦୂରର କଥା ଚାଷୀଙ୍କ ସମସ୍ୟା ବୁଝିବାକୁ ସମୟ ପାଇଲା ନାହିଁ । ଏହି ଚାଷ କ୍ରମଶଃ ହ୍ରାସ ପାଇ ଚାଲିଥିଲେ ହେଁ ତା'ର ନିରାକରଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲାନାହିଁ। ଚାଷୀମାନଙ୍କୁ ସବ୍‌ସିଡିରେ ବିହନ, ସାର ଓ କୀଟନାଶକ ଯୋଗାଇବା ପାଇଁ କୃଷି ବିଭାଗ ଆଦୌ ଗୁରୁତ୍ୱ ନ ଦେବା ଧୂଆଁପତ୍ର ଚାଷ ପ୍ରତି ଚାଷୀମାନେ ବିମୁଖ ହେବାର ଏକ କାରଣ ହୋଇଛି । ଫସଲରେ ରୋଗପୋକ ଚାଷୀମାନଙ୍କୁ କ୍ଷତିରେ ପକାଇଥିଲା । ପୁନଃଶ୍ଚ ବ୍ୟାପକ ଭାବେ ଧୂଆଁପତ୍ର ଅମଳ ହେଉଥିଲେ ହେଁ ଏହାକୁ ବିକ୍ରି କରିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରା ଗଲା ନାହିଁ। ବଜାରର ଅଭାବ ଯୋଗୁ ଧୂଆଁପତ୍ର ଅମଳ ପରେ ଚାଷୀଙ୍କ ଘରେ ପଡି ରହିଲା । ଗଦା ଗଦା ଧୂଆଁପତ୍ର ନଷ୍ଟ ହେବା କାରଣରୁ ଚାଷୀମାନଙ୍କୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡିଥିଲା । ଫଳରେ ଧିରେ ଧିରେ ପଟ୍ଟାମୁଣ୍ଡାଇର ନଦୀକୂଳିଆ ପଟୁ ମାଟିରେ ହେଉଥିବା ଧୂଆଁପତ୍ର ଚାଷ ବନ୍ଦ ହୋଇଯାଇଛି ବୋଲି ଚାଷୀମାନେ କହିଛନ୍ତି।

# ପଟ୍ଟାମୁଣ୍ଡାଇ ଓବିସି ହଷ୍ଟେଲ ଫାଟକରେ ତାଲା ଝୁଲୁଛି

ପଟ୍ଟାମୁଣ୍ଡାଇ,୨୬।୬(ସ୍ୱ.ପ୍ର.)

- ୨ବର୍ଷ ତଳେ ଖୋଲା ଯାଇଥିଲା କୋଭିଡ୍ ହସ୍ପିଟାଲ
- ଦାୟିତ୍ୱ ହସ୍ତାନ୍ତର କରୁନାହିଁ ଜିଲା ପ୍ରଶାସନ



ପଟ୍ଟାମୁଣ୍ଡାଇ କଲେଜ ଓବିସି ହଷ୍ଟେଲ ।

ପ୍ରାୟ ୨ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ପଟ୍ଟାମୁଣ୍ଡାଇ କଲେଜ ପରିସରରେ ନିର୍ମାଣ ହୋଇଥିବା ୧୦୦ ଶଯ୍ୟା ବିଶିଷ୍ଟ ଓବିସି ହଷ୍ଟେଲ ଫାଟକରେ ତାଲା ଝୁଲୁଛି । ନବନିର୍ମିତ ୩ ମହଲା ବିଶିଷ୍ଟ ଏହି ଓବିସି ହଷ୍ଟେଲରେ ଲଗାଯାଇଥିବା ଲକ୍ଷାଧିକ ଟଙ୍କାର ଆକ୍ୱାଗାର୍ଡ ଓ ଜଳଯୋଗାଣ ପାଇଁ ନିର୍ମିତ ପମ୍ପ ହାଉସ କାର୍ଯ୍ୟକ୍ଷମ ନ ହେବାରୁ ଅଚଳ ହୋଇପଡିଛି । ୨୦୨୦ରେ ଏହି ଓବିସି ହଷ୍ଟେଲରେ ଉତ୍ସର୍ଗୀକୃତ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର କରାଯାଇଥିଲା । ଏଥିରେ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର, ରାଜକନିକା, ରାଜନଗର, କେନ୍ଦ୍ରାପଡା ଆଦି ଅଞ୍ଚଳର କୋଭିଡ ଆକ୍ରାନ୍ତ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଥିଲା । ଜିଲା ଜରୁରୀକାଳୀନ ବିଭାଗ ଏହାର ପରିଚାଳନା କରୁଥିଲା । କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଧିକାରୀ ଚିକିତ୍ସା କେନ୍ଦ୍ର ଦାୟିତ୍ୱରେ ଥିଲେ । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପଟ୍ଟାମୁଣ୍ଡାଇ ପୌରପରିଷଦ ଓ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ ଥିଲା । ତେବେ ଗତ ୧ ବର୍ଷ ହେବ ଏଠାକୁ କୌଣସି ରୋଗୀ ଆସୁ ନ ଥିବାବେଳେ ଏହା ଆଉ କାର୍ଯ୍ୟକ୍ଷମ ହେଉନାହିଁ । କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପୂର୍ବରୁ ପଟ୍ଟାମୁଣ୍ଡାଇ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଜିଲା କର୍ତ୍ତୃପକ୍ଷ ଓବିସି ହଷ୍ଟେଲକୁ ନିଜ ହାତକୁ ନେଇଥିଲେ । ତେବେ ଗତ ୧ ବର୍ଷ ହେବ ସେହି ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଛି। ହେଲେ ଓବିସି ହଷ୍ଟେଲ ଦାୟିତ୍ୱ ହସ୍ତାନ୍ତର କରାଯାଇନାହିଁ। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

୩ ମହଲା ବିଶିଷ୍ଟ ଏହି ଓବିସି ହଷ୍ଟେଲରେ ୩୦ଟି କୋଠରୀ ରହିଛି । ଏଠାରେ ଛାତ୍ରୀଛାତ୍ରଙ୍କ ରହଣି ପାଇଁ ୧ଶହ ଶଯ୍ୟା ଅଛି । ଏହି ହଷ୍ଟେଲଟି କଲେଜ ଛାତ୍ରୀଛାତ୍ରଙ୍କ ସମେତ ବାହାର କଲେଜର ପିଲାମାନଙ୍କ ରହିବା ପାଇଁ ସୁବିଧା ରହିଛି । ଏହି ହଷ୍ଟେଲରେ ରହିବାକୁ ଚାହୁଁଥିବା ଯେ କୌଣସି ଛାତ୍ରୀଛାତ୍ର କଲେଜ କର୍ତ୍ତୃପକ୍ଷଙ୍କୁ ଆବେଦନ କରିପାରିବେ । ଦୀର୍ଘ ୧ ବର୍ଷ ଧରି ହଷ୍ଟେଲ ତାଲା ପଡି ରହିବାରୁ ସେଥିରେ ଲାଗିଥିବା ମୂଲ୍ୟବାନ ଜିନିଷପତ୍ର ନଷ୍ଟ ହେବାକୁ ବସିଲାଣି ବୋଲି କଲେଜ ଅଧକ୍ଷ ପ୍ରଫେସର ପ୍ରଭାକର ରାଉତ କହିଛନ୍ତି । ପୂର୍ବରୁ କବାଟ ଝରକାରେ ଉଇ ଲାଗୁଥିବା ଦେଖା ଯାଇଥିଲା । ବନ୍ଦ ରହିଥିବାରୁ କବାଟ, ଝରକା ଗୁଡିକ ଉଇ ଖାଇ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି ବୋଲି ଅଧକ୍ଷ ଶ୍ରୀରାଉତ କହିଛନ୍ତି । ଖାଲି ସେତିକି ନୁହେଁ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବା ସମୟରେ ବିଦ୍ୟୁତ୍ ବିଲ ୨ଲକ୍ଷ ୭୫ ହଜାର ଟଙ୍କାରୁ ଅଧିକ ହୋଇଛି । କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀମାନେ ସେହି ବିଲ ପୈଠ କରି ନ ଥିବାରୁ ବିଦ୍ୟୁତ ବିଭାଗ ପକ୍ଷରୁ ବାରମ୍ବାର କଲେଜକୁ ତାଗିଦ କରାଯାଉଛି । ବିଦ୍ୟୁତ୍ ବିଲ ପୈଠ ନ ହେବାରୁ ବିଦ୍ୟୁତ୍ ବିଭାଗ ସଂଯୋଗ କାଟି ଦେଇଛି।

ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୃଷ୍ଟିରୁ ଶ୍ରେଣୀଗୃହ ଅଭାବ ରହିଛି । ଏହି ଓବିସି ହଷ୍ଟେଲ ୩ ମହଲା କୋଠାରେ ପିଲାମାନଙ୍କ ପାଠପଢା ପାଇଁ ବ୍ୟବସ୍ଥା କରାଯାଇପାରିବ ବୋଲି ବରିଷ୍ଠ ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡା ମତବ୍ୟକ୍ତ କରିଛନ୍ତି । ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରୁ ସେ କୁହନ୍ତି, ଜିଲା ଜରୁରୀକାଳୀନ ବିଭାଗ ଏହାର ଦାୟିତ୍ୱ ବୁଝୁ ଥିବାବେଳେ କେନ୍ଦ୍ରାପଡା ଜିଲା ଚିକିତ୍ସାଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱରେ ଅଛନ୍ତି । ପଟ୍ଟାମୁଣ୍ଡାଇ ପୌରପରିଷଦ ଏହାର ତଦାରଖ ଦାୟିତ୍ୱରେ ରହିଥିଲା । ତେବେ ବର୍ତ୍ତମାନ କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁ ନ ଥିବାବେଳେ କାହିଁ ତାଲା ପଡି ରହିଛି ସେ କହି ପାରିବେ ନାହିଁ ବୋଲି କହିଛନ୍ତି । ଜିଲା ପ୍ରଶାସନ ପଟ୍ଟାମୁଣ୍ଡାଇ ଓବିସି ହଷ୍ଟେଲ ଫାଟକରୁ ତାଲା ଖୋଲିବା ସହିତ ପଟ୍ଟାମୁଣ୍ଡାଇ କଲେଜ ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ କଲେଜ ଆଲୁମ୍ନି ଆସୋସିଏଶନ ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ର ଦାବି କରିଛନ୍ତି ।

## ନବୀନ ଜିନ୍ଦଲଙ୍କ ନାଁରେ କୋଲକାତା ପୋଲିସର ଏତଲା

ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟକୁ ନେଇ ପୂର୍ବତନ ଭାଜପା ନେତା ନବୀନ କୁମାର ଜିନ୍ଦଲଙ୍କ ବିରୋଧରେ କୋଲକାତା ପୋଲିସ ରବିବାର ଏତଲା ଦାଏର କରିଛି। ଏଥିସହିତ ତଦନ୍ତରେ ସାମିଲ ହେବା ଲାଗି ତାଙ୍କୁ ନୋଟିସ କରାଯାଇଛି। କୋଲକାତାର ଜେରାସାଙ୍କୋ ଥାନାରେ ଆଇପିସିର ବିଭିନ୍ନ ଧାରାରେ ଏତଲା ଦାଏର ହୋଇଥିବା ନୋଟିସରେ କୁହାଯାଇଛି। ୭ ଦିନ ମଧ୍ୟରେ ତଦନ୍ତକାରୀ ଅଫିସରଙ୍କ ଆଗରେ ହାଜର ହୋଇ ଜେରାର ସମ୍ମୁଖୀନ ହେବା ଲାଗି ତାଙ୍କୁ ଜଣାଇଦିଆଯାଇଛି।

## ସଂକ୍ଷେପରେ

### ନାଇଟ୍ କ୍ଲବ୍‌ରେ ୨୦ ଜଣଙ୍କ ମୃତ୍ୟୁ

**ଜୋହାନ୍ସବର୍ଗ,୨୬।୬:** ସାଉଥ୍ ଆଫ୍ରିକା ଇଷ୍ଟ ଲଣ୍ଡନର ସାଉଥର୍ନ ସିଟିରେ ଥିବା ଏକ ନାଇଟ୍ କ୍ଲବ୍‌ରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାରମ୍ଭିକ ସମୟରେ ପୋଲିସ କ୍ଲବ୍‌ରୁ ୧୭ ଜଣଙ୍କ ମୃତଦେହ ଜବତ କରିଥିବାବେଳେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। କ୍ଲବ୍‌ର ମାଲିକଙ୍କୁ ପୋଲିସ ଅଟକ ରଖିଥିବାବେଳେ ଘଟଣାର ତଦନ୍ତ ଜାରି ଥିବା ସ୍ଥାନୀୟ ପୋଲିସ ବ୍ରିଗେଡିୟର ଥେମ୍ବିଙ୍କୋସି କିନାନା କହିଛନ୍ତି। ମୃତକମାନଙ୍କ ବୟସ ୧୮ରୁ ୨୦ ବର୍ଷ ମଧ୍ୟରେ ହୋଇଥିବାବେଳେ ସମାନଙ୍କ ଶରୀରରେ କୌଣସି ପ୍ରକାର ଗଭୀର କ୍ଷତଚିହ୍ନ ନ ଥିବା ପୋଲିସ କହିଛି।

### ପାକ୍ ଯୁବକଙ୍କୁ ଭେଟିବାକୁ ଯାଉଥିବା ମହିଳା ଅଟକ

**ନୂଆଦିଲ୍ଲୀ,୨୬।୬:** ମଧ୍ୟପ୍ରଦେଶ ରେୱାର ଜଣେ ମହିଳା ୱାଘା ବର୍ଡର ପାର୍ କରି ଜଣେ ପାକିସ୍ତାନୀ ଯୁବକଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ମହିଳାଙ୍କ ପରିବାର ପୋଲିସ ନିକଟରେ ଏ ନେଇ ଅଭିଯୋଗ କରିବା ପରେ ମହିଳାଙ୍କୁ ନେଇ ଲୁକ୍‌ଆଉଟ୍ ନୋଟିସ୍ ଜାରି କରାଯାଇଥିଲା। ଉକ୍ତ ମହିଳାଙ୍କଠାରୁ ପୋଲିସ ଏକ ପାସ୍‌ପୋର୍ଟ ଜବତ କରିଛି। ଜୁନ୍ ୧୪ ତାରିଖରେ ମହିଳା ଘରଛାଡ଼ି ଆସିଥିବାବେଳେ ତାଙ୍କ ପରିବାର ଲୋକଙ୍କୁ ଏକାଧିକ ପାକିସ୍ତାନୀ ନମ୍ବରରୁ ଫୋନ୍ କଲ୍ ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି। ପାକିସ୍ତାନରେ ଜଣେ ପୁରୁଷ ବନ୍ଧୁ ଥିବା ଘର ଛାଡ଼ିବା ପୂର୍ବରୁ ସେ ଘରଲୋକଙ୍କୁ ଜଣାଇଥିଲେ। ତେବେ ମହିଳା ଜଣକ ସ୍କୁଲ ଶିକ୍ଷୟିତ୍ରୀ ହୋଇଥିବାବେଳେ ତାଙ୍କ ପାଖରେ ପାକିସ୍ତାନ ଭିଜା ଥିବା କଥା ରେୱା କୋତୱାଲି ପୋଲିସ ପକ୍ଷରୁ କୁହାଯାଇଛି।

### ସରବଜିତ୍‌ଙ୍କ ଭଉଣୀ ଦଲବୀରଙ୍କ ବିୟୋଗ



**ଚଣ୍ଡିଗଡ଼,୨୬।୬:** ସରବଜିତ୍ ସିଂଙ୍କ ଭଉଣୀ ଦଲବୀର କୌରଙ୍କ ଶନିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସରବଜିତ୍‌ଙ୍କୁ ଭାରତ ଫେରାଇ ଆଣିବା ପାଇଁ ଦଲବୀର କୌର ବହୁ ଚେଷ୍ଟା କରିଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ।
ଭୁଲ୍‌ବଶତଃ ଭାରତ ସୀମା ଡେଇଁ ପାକିସ୍ତାନ ଚାଲିଯାଇଥିଲେ ସରବଜିତ୍। ସେଠାରେ ତାଙ୍କୁ ପୋଲିସ ଅଟକ ରଖିଥିଲା। ପାକିସ୍ତାନୀ କୋର୍ଟରେ ସରବଜିତ୍‌ଙ୍କୁ ଆତଙ୍କବାଦୀ ଓ ଭାରତୀୟ ଗୋଇନ୍ଦା ପ୍ରମାଣିତ କରାଯିବା ପରେ ୧୯୯୧ରେ ତାଙ୍କୁ ଫାଶି ଦଣ୍ଡ ଦିଆଯାଇଥିଲା। କିନ୍ତୁ ୨୦୦୮ରେ ସରକାର ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଜେଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ୨୦୧୩ରେ ସରବଜିତ୍‌ଙ୍କୁ ତାଙ୍କ ସାଥୀ କଏଦୀ ହତ୍ୟା କରିଥିଲେ।



## ସମ୍ମିଳନୀ ପୂର୍ବରୁ କିଭ୍‌ରେ କ୍ଷେପଣାସ୍ତ୍ର ମାଡ଼

**କିଭ୍,୨୬।୬:** ଜର୍ମାନୀରେ ଜି ୭ ସମ୍ମିଳନୀ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ରୁଷିଆ ପକ୍ଷରୁ ୟୁକ୍ରେନ୍ ରାଜଧାନୀ କିଭ୍‌ରେ ପୁଣି କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି। ମିଶାଇଲ୍ ମାଡ଼ରେ କେତୋଟି କୋଠା ଧରାଶାୟୀ ହୋଇଯାଇଛି। ଏଥିସହ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା କିଭ୍ ମେୟର ଭିତାଲି କ୍ଲିଟ୍‌ସ୍କୋ ସୂଚନା ଦେଇଛନ୍ତି। ୩ ସପ୍ତାହ ମଧ୍ୟରେ ଏହା ହେଉଛି ରୁଷୀୟ ସୈନ୍ୟଙ୍କ ପକ୍ଷରୁ ଏହି ଧରଣର ପ୍ରଥମ ଆକ୍ରମଣ।

## ଭାରତୀୟ ବଂଶୋଦ୍ଭବ ବିକାଶର ରାଷ୍ଟ୍ରଦୂତ

### ମ୍ୟୁନିକ୍‌ରେ ମୋଦି

ମ୍ୟୁନିକ୍,୨୬।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜି ୭ ସମ୍ମିଳନୀରେ ଯୋଗଦେବା ପାଇଁ ରବିବାର ଜର୍ମାନୀର ମ୍ୟୁନିକ୍‌ରେ ପହଞ୍ଚିଛନ୍ତି। ଭାରତ ଜି ୭ର ସଦସ୍ୟ ହୋଇ ନ ଥିଲେ ହେଁ ଜର୍ମାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ମୋଦି ସେଠାକୁ ଯାଇଛନ୍ତି। ମ୍ୟୁନିକ୍ ବିମାନବନ୍ଦରରେ ଅବତରଣ ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ସେ ଭାରତୀୟ ବଂଶୋଦ୍ଭବମାନଙ୍କୁ ସମ୍ବୋଧନ କରିଥିଲେ। ଭାରତୀୟ ବଂଶୋଦ୍ଭବ ଭାରତର ବିକାଶକୁ ପ୍ରୋତ୍ସାହିତ କରି ଜର୍ମାନୀରେ ନିଜ ଦେଶର ସଫଳତାର ବ୍ରାଣ୍ଡ ଆମ୍ବାସାଡର ସାଜିଥିବା ଅଡି ଡୋମ୍ ଇନ୍‌ଡୋର ଏରେନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଦି ପ୍ରଶଂସା କରିଥିଲେ। ଦୁଇଦିନିଆ ଗସ୍ତ ବେଳେ ସେ ଜି ୭ ଏବଂ ଅତିଥି ରାଷ୍ଟ୍ରଗୁଡ଼ିକର ନେତାଙ୍କ ସହ ସାକ୍ଷାତ୍ କରି ପରିବେଶ, ଶକ୍ତି, ଜଳବାୟୁ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ, ଆତଙ୍କବାଦ ମୁକାବିଲା, ଲିଙ୍ଗଗତ ସମାନତା ଓ ଗଣତନ୍ତ୍ର ଭଳି ସାମ୍ପ୍ରତିକ ପ୍ରସଙ୍ଗଗୁଡ଼ିକ ଉପରେ ଭାବ ବିନିମୟ କରିବେ। ଏହା ପରେ ୨୮ ତାରିଖରେ ମୋଦି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ କରି ପରଲୋକଗତ ରାଷ୍ଟ୍ରପତି ତଥା ଆବୁଧାବି ଶାସକ ଶେଖ୍ ଖଲିଫା ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ।


ଜର୍ମାନୀର ମୁନିକ୍‌ରେ ଜଣେ ଭାରତୀୟ ବଂଶୋଦ୍ଭବ କୁନି ଝିଅ ସହ କଥା ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଜି ୭: ରୁଷିଆ ଉପରେ ଚାପ

### ସୁନା ଆମଦାନୀ ବନ୍ଦ ନେଇ ମଙ୍ଗଳବାର ଆନୁଷ୍ଠାନିକ ଘୋଷଣା

ଏଲ୍‌ମଉ,୨୬।୬

ରୁଷିଆକୁ ମହଙ୍ଗା ପଡ଼ିବ ୟୁକ୍ରେନ୍ ଆକ୍ରମଣ। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ ଗୋଟିଏ ପରେ ଗୋଟିଏ କଟକଣା ଜାରି କରୁଥିବାବେଳେ ଆଗକୁ ସେଠାରୁ ସୁନା ଆମଦାନୀ ମଧ୍ୟ ବନ୍ଦ କରାଯିବ ବୋଲି ରବିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି। ଜର୍ମାନୀର ଏଲ୍‌ମଉ ସହରରେ ମଙ୍ଗଳବାର ହେବାକୁ ଥିବା ଜି ୭ର ବାର୍ଷିକ ସମ୍ମିଳନୀରେ ଏନେଇ ଆନୁଷ୍ଠାନିକ ଘୋଷଣା କରାଯାଇପାରେ। କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଓ ଆମେରିକାକୁ ନେଇ ଗଠିତ ଆନ୍ତଃ ସରକାରୀ ରାଜନୈତିକ ମଞ୍ଚ ଜି ୭ ରୁଷିଆରୁ ସୁନା ଆମଦାନୀ ଉପରେ କଟକଣା ଜାରି କରାଗଲେ ମସ୍କୋର ଆର୍ଥିକ ସ୍ଥିତି ଆହୁରି ଖରାପ ହେବା ଆଶଙ୍କା କରାଯାଉଛି। ଏହାବାଦ୍ ୟୁକ୍ରେନ୍ ଆକ୍ରମଣ ଯୋଗୁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟ ଓ ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ଏହି ସମ୍ମିଳନୀରେ ରଣନୀତି ପ୍ରସ୍ତୁତ କରାଯିବ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏନେଇ ଜି ୭ ନେତାମାନଙ୍କ ସହ ଆଲୋଚନା କରିଛନ୍ତି। ବାଇଡେନ୍ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରୁଷିଆ ସର୍ବାଧିକ ଶକ୍ତି ରପ୍ତାନି କରିଥାଏ। ଏହା ପରେ ସୁନା ରପ୍ତାନି କରି ଅଧିକ ଅର୍ଥ ପାଇଥାଏ। ସୁନା ରପ୍ତାନି ଉପରେ କଟକଣା ଜାରି କଲେ ବିଶ୍ୱ ବଜାରରେ ମସ୍କୋର ଯୋଗଦାନ କାଠିକର ହୋଇଯିବ। ସୁନା ବିକ୍ରି କରି ରୁଷିଆ ବିପୁଳ ଅର୍ଥ ଠୁଳ କରୁଥିବା ବାଇଡେନ୍‌ଙ୍କ ଟୁଇଟର ଫିଡ୍ ପକ୍ଷରୁ କୁହାଯାଇଛି। ହ୍ୱାଇଟ୍ ହାଉସ୍ କହିଛି, ୨୦୨୦ରେ ରୁଷିଆ ସୁନା ରପ୍ତାନିରୁ ୧୯ ବିଲିୟନ୍ ଡଲାର ଠୁଳ କରିଥିଲା। ଏହାର ମୋଟ ସୁନା ରପ୍ତାନିର ୯୦% ଜି ୭ ରାଷ୍ଟ୍ରଗୁଡ଼ିକ ଆମଦାନୀ କରିଥାଆନ୍ତି। ଏସବୁକୁ ଧ୍ୟାନରେ ରଖି ବାଇଡେନ୍ କହିଛନ୍ତି, ରୁଷିଆକୁ ଏକଘରିକିଆ କରିବା ପାଇଁ ଆମକୁ ଏକାଠି ହେବାକୁ ପଡ଼ିବ। ମସ୍କୋ ଉପରେ ଚାପ ପ୍ରୟୋଗ ୟୁକ୍ରେନ୍‌ଠାରୁ ଏହାକୁ ଦୂରେଇ ରଖିବା ପାଇଁ ଏକ ବଡ଼ ଅସ୍ତ୍ର।


ଜର୍ମାନୀର କ୍ୟାଶେଲ ଏଲ୍‌ମଉରେ ଜି ୭ର ରବିବାର ପ୍ରଥମ କାର୍ଯ୍ୟକାରୀ ଅଧିବେଶନ ବେଳେ (କ୍ଲକ୍‌ୱାଇଜ୍ ବାମରୁ) ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନ୍, ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ।

### ଜି ୭ କ'ଣ

ଜି ୭ ହେଉଛି କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଓ ଆମେରିକାକୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ରାଜନୈତିକ ମଞ୍ଚ। ଏଥିରେ ୟୁରୋପୀୟ ସଂଘ (ଇୟୁ)କୁ ମଧ୍ୟ ସାମିଲ କରାଯାଇଛି। ଜି-୭ ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଉଛନ୍ତି ବିଶ୍ୱର ସର୍ବାଧିକ ବିକଶିତ ଅର୍ଥନୀତି ଏବଂ ଧନୀ ଉଦାରବାଦୀ ଗଣତନ୍ତ୍ର। ୨୦୨୦ରେ ବିଶ୍ୱର ମୋଟ ସମ୍ପତ୍ତିର ୫୦%ରୁ ଊର୍ଦ୍ଧ୍ୱ (୪୧୮ ଟ୍ରିଲିୟନ୍ ଡଲାର) ଏବଂ ବୈଶ୍ୱିକ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩୨ରୁ ୪୬% ଯୋଗଦାନ ଏହି ରାଷ୍ଟ୍ର ସମୂହର ରହିଥିଲା। ବିଶ୍ୱ ଜନସଂଖ୍ୟାର ୧୦% ଅର୍ଥାତ୍ ପ୍ରାୟ ୭୭୦ ନିୟୁତ ଜି-୭ ରାଷ୍ଟ୍ରଗୁଡ଼ିକରେ ବସବାସ କରନ୍ତି। ଏହାର ସଦସ୍ୟଗୁଡ଼ିକୁ ଅନ୍ତର୍ଜାତୀୟ, ରାଜନୈତିକ, ଅର୍ଥନୈତିକ, ସାମାଜିକ, ଆଇନଗତ, ପରିବେଶ, ସାଂସ୍କୃତିକ, ଧର୍ମୀୟ ସାମରିକ ଓ କୂଟନୈତିକ ବ୍ୟାପାର ମହାଶକ୍ତି ରୂପେ ବିବେଚନା କରାଯାଏ। ବ୍ରିଟେନ ପରେ ଚଳିତ ବର୍ଷ ଜର୍ମାନୀ ଏଥିରେ ଅଧ୍ୟକ୍ଷତା କରୁଛି। ୧୯୭୩ରେ ଅର୍ଥମନ୍ତ୍ରୀମାନଙ୍କୁ ନେଇ ଆୟୋଜିତ ଏକ ଅସ୍ଥାୟୀ ବୈଠକରୁ ଉଦ୍ଭବ ଜି ୭ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗର ସମାଧାନ ପାଇଁ ନେତୃତ୍ୱ ନେଇଆସୁଛି। ରୁଷିଆ ୧୯୯୭ରୁ ୨୦୧୪ ପର୍ଯ୍ୟନ୍ତ ରାଜନୈତିକ ମଞ୍ଚ ଜି ୮ର ସଦସ୍ୟ ଥିଲା। ମସ୍କୋର କ୍ରିମିଆ ଦଖଲ ପରେ ୨୦୧୪ ମାର୍ଚ୍ଚରେ ଜି ୭ ରାଷ୍ଟ୍ରଗୁଡ଼ିକ ରୁଷିଆକୁ ଏଥିରୁ ନିଲମ୍ବନ କରିଥିଲେ। ୨୦୧୭ ଜାନୁୟାରୀରେ ରୁଷିଆ ଜି ୮ରୁ ସବୁଦିନ ପାଇଁ ଓହରିବା ନେଇ ଘୋଷଣା କରିଥିଲା, ଯାହାକି ୨୦୧୮ ଜୁନ୍‌ରୁ ଲାଗୁ ହୋଇଥିଲା।

## ଆଇପିଏସ୍ ଅଫିସର ବସନ୍ତ ରଥଙ୍କ ଇସ୍ତଫା

### କଶ୍ମୀରରେ ନିର୍ବାଚନ ଲଢ଼ିବେ

ଶ୍ରୀନଗର ,୨୬।୬

ନିର୍ବାଚନୀ ରାଜନୀତିରେ ଯୋଗଦେବା ଲାଗି ଓଡ଼ିଶା ଜନ୍ମିତ ୨୦୦୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ବସନ୍ତ କୁମାର ରଥ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ମୁଖ୍ୟ ସଚିବଙ୍କୁ ଦେଇଛନ୍ତି। ଆଇଜି ପାହ୍ୟାର ଅଧିକାରୀ ବସନ୍ତଙ୍କ ବିବାଦୀୟ କାର୍ଯ୍ୟ ଲାଗି ତାଙ୍କୁ ୨ ବର୍ଷ ହେଲା ନିଲମ୍ବନ କରାଯାଇଥିଲା। ସେ ଯଦି ରାଜନୀତିରେ ଯୋଗଦିଅନ୍ତି ତେବେ ଭାଜପାରେ ହିଁ ସାମିଲ ହେବେ ଏବଂ ଜମ୍ମୁ-କଶ୍ମୀରରୁ



ନିର୍ବାଚନ ଲଢ଼ିବେ। ସେ ୨୦୨୪ ମାର୍ଚ୍ଚ ୬ ପୂର୍ବରୁ ରାଜନୀତିରେ ଯୋଗଦେବେ ବୋଲି ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

## ଯୋଗୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ

ବାରାଣସୀ,୨୬।୬

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ନେଇ ଯାଉଥିବା ଏକ ହେଲିକପ୍ଟରକୁ ଉଡ଼ାଣ ଆରମ୍ଭର କିଛି ସମୟ ପରେ ଜରୁରୀ ଅବତରଣ କରିବାକୁ ପଡ଼ିଛି। ରବିବାର ସକାଳେ ବାରାଣସୀ ବିମାନବନ୍ଦରରୁ ହେଲିକପ୍ଟରଟି ଉଡ଼ାଣ ଆରମ୍ଭ କରିବା ପରେ ଏହାର ଝରକାରେ ଏକ ପକ୍ଷୀ ମାଡ଼ ହୋଇଥିଲା। ପାଇଲଟ ବାରାଣସୀ ପୋଲିସ ଲାଇନ୍ସ ଗ୍ରାଉଣ୍ଡରେ ହେଲିକପ୍ଟରକୁ ଅବତରଣ କରାଇଥିଲେ।

## ୧ ଯାଏ ପୋଲିସ ହାଜତରେ ରହିବେ ତୀସ୍ତା

ମୁମ୍ବାଇ, ୨୬।୬

ଗିରଫ ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍‌ଙ୍କୁ ଜୁଲାଇ ୧ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦିଆଯାଇଛି। ୨୦୦୨ ଗୁଜରାଟ ଦଙ୍ଗା ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୁପ୍ରିମକୋର୍ଟ କ୍ଲିନଚିଟ୍ ଦେବାର ଦିନକ ପରେ ତୀସ୍ତାଙ୍କୁ ଶନିବାର ମମ୍ବାଇରେ ଗିରଫ କରାଯାଇଥିଲା। ଗିରଫ ପୂର୍ବତନ ଆଇପିଏସ୍ ଅଧିକାରୀ ଆର. ବି. ଶ୍ରୀକୁମାରଙ୍କୁ ମଧ୍ୟ ଜୁଲାଇ ୧ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଯାଇଛି। ୨ ତାରିଖରେ ସେମାନଙ୍କୁ ଅହମଦାବାଦ କୋର୍ଟରେ ହାଜର କରାଯିବ। ତୀସ୍ତା, ଶ୍ରୀକୁମାରଙ୍କ ନାଁରେ ଠକିବା ଉଦ୍ଦେଶ୍ୟରେ ଜାଲିଆତି, ଜାଲ୍ ଦସ୍ତାବିଜ୍ ଓ ପ୍ରମାଣପତ୍ର ଦେବା, ସରକାରୀ କର୍ମଚାରୀ ହୋଇ ଭୁଲ୍ ରେକର୍ଡ ପ୍ରସ୍ତୁତ, ଆପରାଧିକ ଷଡ଼ଯନ୍ତ୍ର ଆଦି ଅଭିଯୋଗରେ ମାମଲା ରୁଜୁ ହୋଇଛି।
ତତ୍କାଳୀନ ଗୁଜରାଟ ସରକାର ଦଙ୍ଗାବେଳେ ପୋଲିସକୁ ତା' କାର୍ଯ୍ୟ କରିବାରୁ ରୋକିଥିଲେ ବୋଲି ଶ୍ରୀକୁମାର ଅଭିଯୋଗ ଆଣିଥିଲେ। ଗିରଫଦାରି ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ ସାକ୍ଷାତକାରରେ ତୀସ୍ତା ଦଙ୍ଗା ବାବଦରେ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିଥିବା କହିଥିଲେ। ତିସ୍ତାଙ୍କ ଏକ ଏନ୍‌ଜିଓ ପକ୍ଷରୁ କେତେଜଣ ଭାଜପା କର୍ମୀଙ୍କ ବିରୋଧରେ ମିଛ ଦସ୍ତାବିଜ ପୋଲିସକୁ ଦିଆଯାଇଥିଲା ବୋଲି ଶାହା ଅଭିଯୋଗ କରିଥିଲେ।


ତୀସ୍ତା ସିତଲୱାଡ୍

## ପୁରୀ ରଥଯାତ୍ରା କଥା କହିଲେ ମୋଦି

### ମନ୍ କୀ ବାତ୍

ନୂଆଦିଲ୍ଲୀ,୨୬।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଓଡ଼ିଶାର ପ୍ରଭୁ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ସମ୍ପର୍କରେ କହିଛନ୍ତି। ଜୁଲାଇ ୧ରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ପୁରୀ ରଥଯାତ୍ରା ସହିତ ପ୍ରତ୍ୟେକ ଦେଶବାସୀ ପରିଚିତ। ଏହି ଅବସରରେ ପୁରୀ ଯିବାର ସୌଭାଗ୍ୟ ପାଇବା ପାଇଁ ପ୍ରତ୍ୟେକ ଲୋକ ଚେଷ୍ଟା କରିଥାନ୍ତି। ଅନ୍ୟ ରାଜ୍ୟରେ ମଧ୍ୟ ଜଗନ୍ନାଥଙ୍କ ରଥଯାତ୍ରା ଖୁବ୍ ଧୁମଧାମରେ ହୋଇଥାଏ। ଆମର ଗ୍ରନ୍ଥରେ "ଆଷାଢ଼ସ୍ୟ ଦ୍ୱିତୀୟ ଦିବସେ... ରଥଯାତ୍ରା', ସଂସ୍କୃତ ଶ୍ଳୋକରେ ଏହିପରି ବର୍ଣ୍ଣନା ରହିଛି। ଗୁଜରାଟରେ ଥିବାବେଳେ ଅହମ୍ମଦାବାଦରେ ଅନୁଷ୍ଠିତ ରଥଯାତ୍ରାରେ ସେବା କରିବାର ସୌଭାଗ୍ୟ ମିଳୁଥିଲା ବୋଲି ମୋଦି କହିଛନ୍ତି। ଭଗବାନ ଜଗନ୍ନାଥ ନିଜର ଏହି ଯାତ୍ରା ଜରିଆରେ ଆମକୁ ଅନେକ ଗଭୀର ମାନବୀୟ ସନ୍ଦେଶ ଦିଅନ୍ତି। ସେ ଜଗତର ସ୍ୱାମୀ, କିନ୍ତୁ ତାଙ୍କ ଯାତ୍ରାରେ ଗରିବ, ବଞ୍ଚିତଙ୍କ ବିଶେଷ ଅଂଶଗ୍ରହଣ ହୋଇଥାଏ। ଭଗବାନ ମଧ୍ୟ ସମାଜର ପ୍ରତ୍ୟେକ ବର୍ଗ ଓ ବ୍ୟକ୍ତିଙ୍କ ସହ ଚାଲିଥାନ୍ତି। ଏପରି ଆମ ଦେଶରେ ଯେତେ ଯାତ୍ରା ହୁଏ, ସବୁଠି ଧନୀଗରିବ, ଉଚ୍ଚନୀଚ ଏପରି କୌଣସି ଭେଦଭାବ ଦୃଷ୍ଟିକୁ ଆସେ ନାହିଁ। ସମସ୍ତ ଭେଦଭାବରୁ ଊର୍ଦ୍ଧ୍ୱକୁ ଉଠି, ଯାତ୍ରା ହିଁ ସର୍ବୋପରି ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।
ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ଅବସରରେ ଦେଶ ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଜରୁରୀ ପରିସ୍ଥିତି ଜାରି ବେଳର କଳା ସମୟକୁ ଆମେ ଭୁଲିପାରିବା ନାହିଁ। ଭବିଷ୍ୟତ ବଂଶଧର ମଧ୍ୟ ଏହାକୁ ଭୁଲିବା ଉଚିତ ନୁହେଁ ବୋଲି ମୋଦି କହିଥିଲେ। ୧୯୭୫ ଜୁନ୍‌ରେ ଜରୁରୀ ଏମର୍ଜେନ୍ସି ଜାରି ଯୋଗୁ ନାଗରିକଙ୍କ ସମସ୍ତ ଅଧିକାର ଛଡ଼ାଇ ନିଆଯାଇଥିଲା। ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିଦେବା ପାଇଁ ସେତେବେଳେ ଉଦ୍ୟମ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ଦେଶରେ ପୁଣିଥରେ କରୋନା ସଂକ୍ରମଣ ବଢୁଥିବାରୁ ପ୍ରତ୍ୟେକ ବ୍ୟକ୍ତି କୋଭିଡ୍ ଟିକାର ପ୍ରିକଶନ ଡୋଜ୍ ନେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ହାତ ଧୋଇବା ଓ ମାସ୍କ ବ୍ୟବହାର ଆଦି ସତର୍କତା ପଦକ୍ଷେପ ଜାରି ରଖିବାକୁ ସେ କହିଛନ୍ତି।

## ପିସିସି ସଭାପତିଙ୍କ ସମେତ ୧୯ ଆହତ

### ଉପନିର୍ବାଚନ ଫଳାଫଳ ପରେ ତ୍ରିପୁରାରେ ହିଂସା

ଅଗରତାଲା,୨୬।୬

ତ୍ରିପୁରା ବିଧାନସଭା ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରବିବାର କଂଗ୍ରେସ ଭବନ ସମ୍ମୁଖରେ ଭାଜପା ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ତ୍ରିପୁରା ପିସିସି ସଭାପତି ବୀରଜିତ ସିହ୍ନାଙ୍କ ସମେତ ୧୯ ଜଣ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ସଂଘର୍ଷ କଂଗ୍ରେସ ଭବନ ଥିବା ପୋଷ୍ଟ ଅଫିସ୍ ଚୌମୁହାଣି ଅଞ୍ଚଳ ଜନଶୂନ୍ୟ ହୋଇଯାଇଛି।
ତ୍ରିପୁରାର ୪ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଭାଜପା ୩ଟି ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛି। ଫଳ ଘୋଷଣା ପରେ ଅଗରତାଲା ଆସନରୁ ଜିତିଥିବା କଂଗ୍ରେସ ପ୍ରାର୍ଥୀ ସୁଦୀପ ରାୟ ବର୍ମନଙ୍କ ସହ ଉତ୍ସାହୀ ଦଳୀୟ କର୍ମୀମାନେ ଭୋଟଗଣତି କେନ୍ଦ୍ରରୁ କଂଗ୍ରେସ ଭବନକୁ ଫେରିଥିଲେ। ସେମାନେ ମଧ୍ୟାହ୍ନ ଭୋଜନ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଭାଜପା ସମର୍ଥକମାନେ କଂଗ୍ରେସ ଭବନ ଉପରେ ଆକ୍ରମଣ କରିଥିଲେ। ପିସିସି ସଭାପତିଙ୍କ ମୁଣ୍ଡରେ ଇଟା ମାଡ଼ ହୋଇଥିବାବେଳେ ଅନ୍ୟ ଜଣେ କଂଗ୍ରେସ କର୍ମୀ ରୋମି ମିଆହଙ୍କୁ ଭାଜପା ସମର୍ଥକମାନେ ଛୁରି ଭୁସିଥିବା କଂଗ୍ରେସର ଗଣମାଧ୍ୟମ ପ୍ରଭାରୀ ଆଶିଷ କୁମାର ଶାହା ଅଭିଯୋଗ କରିଛନ୍ତି। ଭାଜପା ସମର୍ଥକମାନେ ଢେଲାମାଡ଼ କରିବା ସହ କଂଗ୍ରେସ ଭବନ ସମ୍ମୁଖରେ ଥିବା କେତେକ ଗାଡ଼ି ଭଙ୍ଗାରୁଜା କରିଥିଲେ। ଆକ୍ରମଣ ସମୟରେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ପ୍ରଥମେ କଂଗ୍ରେସ ସମର୍ଥକମାନେ ଅଗରତାଲା ମ୍ୟୁନିସିପାଲ କର୍ପୋରେଶନର ଭାଜପା କର୍ପୋରେଟରଙ୍କୁ ଟେକାମାଡ଼ କରିଥିଲେ ବୋଲି ସୂଚନା ଓ ସଂସ୍କୃତି ବ୍ୟାପାର ମନ୍ତ୍ରୀ ସୁଶାନ୍ତ ଚୌଧୁରୀ ଅଭିଯୋଗ କରିଛନ୍ତି।



**ଷ୍ଟାଣ୍ଡ ଫର୍ ସେଫ୍ଟି ଅଭିଯାନ**

**ଭୁବନେଶ୍ୱର:** ୱମେନ୍ ସୋସିଆଲ ନେଟ୍‌ୱର୍କିଂ ଆପ୍ ବମ୍ବଲ୍ ପକ୍ଷରୁ ଷ୍ଟାଣ୍ଡ ଫର୍ ସେଫ୍ଟି ଅଭିଯାନର ଶୁଭାରମ୍ଭ କରାଯାଇଛି। ଗତବର୍ଷ ଏହାର ପ୍ରଥମ ସଂସ୍କରଣର ବ୍ୟାପକ ସଫଳତା ପରେ ଚଳିତ ବର୍ଷ ଉକ୍ତ ଅଭିଯାନ ଆଉ କିଛି ନୂଆ ଆଶା ଓ ଉପାୟ ନେଇ ଆସିଛି। ଏହି ଅଭିଯାନ ହେଉଛି ଏକ ସୁରକ୍ଷିତ ଓ ସମ୍ମାନଜନକ ଇଣ୍ଟର୍‌ନେଟ୍ ସୃଷ୍ଟି କରିବାରେ ସାହାଯ୍ୟ କରିବା। ସେହିଭଳି ଡିଜିଟାଲ ସୁରକ୍ଷା ସମ୍ପର୍କରେ ମଧ ସଚେତନତା ବୃଦ୍ଧି କରିବା ଏବଂ ଅନ୍‌ଲାଇନ୍ ଅପବ୍ୟବହାରର ମୁକାବିଲା କରିବା କ୍ଷେତ୍ରରେ ଆବଶ୍ୟକ ସହାୟତା ଯୋଗାଇ ଦେବା ସମ୍ପର୍କରେ ବମ୍ବଲ୍‌ର ହେଡ୍ ଅଫ୍ ପବ୍ଲିକ୍ ପଲିସି ଏପିଏସି, ମହିମା କୌଲ୍ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଆସସ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

**ଭୁବନେଶ୍ୱର,୨୬।୬:** ଆସସ୍ ରିପବ୍ଲିକ ଅଫ୍ ଗେମର୍ସ (ଆରଓଜି) ପକ୍ଷରୁ ଆରଓଜି ଫ୍ଲୋ ଜେଡ ୧୩ର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅନେକ ବୈଶିଷ୍ଟ୍ୟ ସାମିଲ ରହିଛି। ଏହାର ଡିଜାଇନିଂ ସହ ଶକ୍ତିଶାଳୀ ଗେମିଂ ଲାପଟପର ଶକ୍ତିକୁ ମଧ ଧାରଣ କରିଛି । ଏ ସମ୍ପର୍କରେ ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ ଗ୍ରୁପର ଗ୍ରାହକ ଏବଂ ଗେମିଂ ପିସିର ବିଜନେସ ହେଡ ଆନରୋଲ୍ଡ ସୁ କହିଛନ୍ତି, ଆସସ୍‌ରେ ଆମ୍ଭେମାନେ ଆମ୍ଭମାନଙ୍କର ଡିଜାଇନ ଏବଂ ନବୀକରଣ ଉପରେ ବିଶ୍ୱାସ କରିଥାଉ, ଯାହାକି ଗ୍ରାହକମାନଙ୍କୁ ଅତ୍ୟନ୍ତ ଆକର୍ଷଣୀୟ ଏବଂ ଉଦ୍ୟୋଗର ଅଗ୍ରଣୀ ଉତ୍ପାଦ ପ୍ରଦାନ କରିବ । ଫ୍ଲୋ ଜେଡ୧୩ ଭାରତର ପ୍ରଥମ ଗେମିଂ ଟାବଲେଟ, ଯାହା ଗେମିଂ ବିଭାଗରେ ଯୋଗଦାନ କରିପାରିବ । ଆମ୍ଭେମାନେ ଟିୟୁଏଫ ଡ୍ୟାସ ଏଫ୧୫ ଲାଇନଅପକୁ ପାଳନ କରୁଛୁ ଏବଂ ଗେମରମାନଙ୍କର ଅନୁଭୂତିକୁ ନଜରରେ ରଖି କ୍ରମାଗତଭାବେ ଉପକରଣ ପ୍ରସ୍ତୁତ କରୁଛୁ ।

### ସ୍ମାର୍ଟ ଚାମ୍ପ୍ ଇନ୍ସ୍ୟୁରାନ୍ସ ପ୍ଲାନ୍

**ଭୁବନେଶ୍ୱର,୨୬।୬:** ପିଲାଙ୍କୁ ସ୍ୱାଧୀନ ଓ ଆର୍ଥିକ ରୂପେ ସୁରକ୍ଷିତ ରଖିବାରେ ସାହାଯ୍ୟ କରିବା ପାଇଁ ସବୁଠାରୁ ସରଳ ଓ ସ୍ମାର୍ଟ ଉପାୟ ହେଉଛି ଏକ ବୀମା ଯୋଜନା ରଖିବା। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଲାଇଫ୍‌ର ସ୍ମାର୍ଟ ଚାମ୍ପ୍ ଇନ୍ସ୍ୟୁରାନ୍ସ ପ୍ଲାନ୍ ହେଉଛି ସବୁଠାରୁ ଉତ୍ତମ ବିକଳ୍ପ। ଏହା ପିଲାଙ୍କ ଜୀବନର ପ୍ରତ୍ୟେକ ସଫଳତାରେ ଏକ ସୁରକ୍ଷା ଉପକରଣ ଭାବେ କାର୍ଯ୍ୟ କରିବ। ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାର ଶିଶୁ ବୀମା ଯୋଜନା ଉପଲବ୍ଧ ରହିଥିବା ବେଳେ ଉକ୍ତ ବୀମା ଅନ୍ୟଗୁଡ଼ିକଠାରୁ ଭିନ୍ନ ରହିଛି। ଏହା ଏକ ଇଣ୍ଡିଭିଜୁଆଲ,ନନ୍-ଲିଙ୍କ୍‌ଡ, ପାର୍ଟିସିପେଟିଙ୍ଗ୍ ଲାଇଫ୍ ଇନ୍ସ୍ୟୁରାନ୍ସ ସେଭିଙ୍ଗ୍‌ସ ପ୍ରଡକ୍ଟ, ଯାହା ପିଲାର ଭବିଷ୍ୟତ ଶିକ୍ଷାଗତ ଆବଶ୍ୟକତାକୁ ପୂରଣ କରୁଛି। ଏଥିରେ ଅନେକ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ୧୮ରୁ ୨୧ବର୍ଷ ବୟସ ମଧରେ ୪ଟି ସମାନ ବାର୍ଷିକ ଇନ୍‌ଷ୍ଟଲ୍‌ମେଣ୍ଟ ବା କିସ୍ତିରେ ନିଶ୍ଚିତ ସ୍ମାର୍ଟ ଲାଭ ପ୍ରଦାନ କରୁଛି।

# ‘୩୦ ଟ୍ରିଲିୟନ ଡଲାର ଛୁଇଁପାରେ ଭାରତୀୟ ଅର୍ଥନୀତି’

**ନୂଆଦିଲ୍ଲୀ,୨୬।୬**


ପୀୟୁଷ ଗୋୟଲ

ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଅନ୍ୟତମ ବୋଲି ରବିବାର କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ମତବ୍ୟକ୍ତ କରିଛନ୍ତି। ଏପରିକି ଆସନ୍ତା ୩୦ ବର୍ଷ ମଧ୍ୟରେ ଭାରତର ଅର୍ଥନୀତି ପ୍ରାୟ ୩୦ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଯଦି ମିଳିତ ବାର୍ଷିକ ଅଭିବୃଦ୍ଧି ଭିତ୍ତିରେ ଭାରତର ପ୍ରତିବର୍ଷ ୮% ବୃଦ୍ଧି ହୁଏ ତେବେ ପ୍ରାୟ ୯ ବର୍ଷ ମଧ୍ୟରେ ଦେଶର ଅର୍ଥନୀତି ଦ୍ୱିଗୁଣିତ ହେବ ବୋଲି ସେ କହିଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ୩.୨ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ଆଜିଠାରୁ ନଅ ବର୍ଷ ମଧ୍ୟରେ ଏହା ପ୍ରାୟ ୬.୫ ଟ୍ରିଲିୟନ ଡଲାର ହେବ ବୋଲି ସେ ଆଶାବ୍ୟକ୍ତ ମଧ୍ୟ କରିଛନ୍ତି। ଆଉ ୯ ବର୍ଷ ଅର୍ଥାତ ବର୍ତ୍ତମାନଠାରୁ ୧୮ ବର୍ଷ ମଧ୍ୟରେ ଆମର ପ୍ରାୟ ୧୩ ଟ୍ରିଲିୟନ ଡଲାର୍ ଅର୍ଥନୀତି ହେବ। ଆଉ ତା’ପରେ ନଅ ବର୍ଷ ପରେ, ତାହା ହେଉଛି ୨୭ ବର୍ଷ ପରେ, ଆମେ ୨୬ ଟ୍ରିଲିୟନ୍ ଡଲାରର ଅର୍ଥନୀତି ହେବୁ। ତା’ପରେ ସ୍ପଷ୍ଟ ଭାବରେ, ୩୦ବର୍ଷଠାରୁ ଆଜି, ଆତ୍ମବିଶ୍ୱାସରେ ଆମେ ସମସ୍ତେ ଆଶା କରିପାରିବା ଯେ ଭାରତୀୟ ଅର୍ଥନୀତି ୩୦ଟ୍ରିଲିୟନ ଡଲାର ଅର୍ଥନୀତି ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କିଛି ନେସାୟର୍ ଏହି ସଂଖ୍ୟା ଉପରେ ପ୍ରଶ୍ନ ଉଠାଇଛନ୍ତି କିନ୍ତୁ ସେମାନେ ତିରୁପୁର ପରି ସ୍ଥାନକୁ ଆସିବା ଉଚିତ, ଟେକ୍ସଟାଇଲ୍ ଭଳି କ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଆକଳନ କରି ମତ ଦେବା ଆବଶ୍ୟକ ରହିଛି। ସେହିପରି ୟୁକ୍ରେନ-ରୁଷିଆ ଯୁଦ୍ଧ ଏବଂ କୋଭିଡ ମହାମାରୀ ମଧ୍ୟରେ

### ଆସନ୍ତା ୩୦ ବର୍ଷରେ ଲକ୍ଷ୍ୟ ପୂରଣ ପାଇଁ ଆକଳନ

ଚାଲିଥିବା ଯୁଦ୍ଧ ହେତୁ ବର୍ତ୍ତମାନର ଆହ୍ୱାନ ସମୟରେ ମଧ ଦେଶର ଅର୍ଥନୀତି ସୁସ୍ଥ ଗତିରେ ବଢ଼ୁଛି ବୋଲି ଗୋୟଲ କହିଛନ୍ତି। ଏହି ଯୁଦ୍ଧ ବିଶ୍ୱ ବଜାରରେ କିଛି ଦ୍ରବ୍ୟର ଅଭାବ ସୃଷ୍ଟି କରିଛି ଏବଂ ଏହା ବିଶ୍ୱର ମୁଦ୍ରାସ୍ଫୀତିକୁ କ୍ଷତି ପହଞ୍ଚାଇଛି। କିନ୍ତୁ ଭାରତ ଏହାର ମୁଦ୍ରାସ୍ଫୀତିକୁ ଯୁକ୍ତିଯୁକ୍ତ ସ୍ତରରେ ବଜାୟ ରଖିବାରେ ସଫଳ ହୋଇଛି ବୋଲି ମନ୍ତ୍ରୀ ଯୁକ୍ତି ବାଢ଼ିଛନ୍ତି। ଅପରପକ୍ଷରେ ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରି ବିଷୟରେ ସେ କହିଛନ୍ତି, ବର୍ତ୍ତମାନ ଶିଳ୍ପ ଆକାର ପ୍ରାୟ ୧୦ ଲକ୍ଷ କୋଟି ଏବଂ ରପ୍ତାନି ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କାରେ ରହିଛି। ସମ୍ଭାବ୍ୟତାକୁ ଦୃଷ୍ଟିରେ ରଖି ଶିଳ୍ପ ଆକାର ୨୦ ଲକ୍ଷ କୋଟି ଟଙ୍କା ଏବଂ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୧୦ ଲକ୍ଷ କୋଟି ରପ୍ତାନିରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି।

# ବନ୍ଦର ଗ୍ରାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା



**ଭୁବନେଶ୍ୱର,୨୬।୬**

ଗୋପାଳପୁର ପୋର୍ଟ (ଜିପି)ର ନିକଟବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ବନ୍ଦରର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ନିକଟସ୍ଥ କାଳିପଲ୍ଲୀ ପଞ୍ଚାୟତ ହରିପୁର ବନ୍ଦର ଗ୍ରାମରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗୋପାଳପୁର ବନ୍ଦରର ମାନବ ସମ୍ବଳ ଏବଂ ଶିଳ୍ପ ସମ୍ପର୍କ ବିଭାଗର ଉପସଭାପତି ଅଜୟ କୁମାର ମିଶ୍ର, ସହକାରୀ ଉପସଭାପତି ଚିତ୍ତରଞ୍ଜନ ବାହିନୀପତି, ସ୍ତ୍ରୀ ଓ ପ୍ରସୂତି, ଭେଷଜ ଏବଂ ଶିଶୁ ବିଭାଗର ୬ଜଣ ଡାକ୍ତର ଏବଂ କାଳିପଲ୍ଲୀ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ସ୍ତ୍ରୀ ରୋଗ, ଶିଶୁ ରୋଗ ଏବଂ ଭେଷଜ ବିଭାଗ ଚିକିତ୍ସା ଆଦି ମାଗଣାରେ ଗ୍ରାମବାସୀଙ୍କୁ ଯୋଗାଇଦିଆଯାଇଥିଲା। ଏଥିରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ବା ବାସିନ୍ଦା ନିଜର ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କଠାରୁ ଅବଗତ ହୋଇଥିଲେ। ଗ୍ରାମର ସରପଞ୍ଚ ତଥା ଅନ୍ୟାନ୍ୟ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀ ଗୋପାଳପୁର ପୋର୍ଟର ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏଭଳି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କରିଥିଲେ।

# ସିଜିୟୁରେ ଷ୍ଟାର୍ଟଅପ୍ ଇଷ୍ଟ୍ କନ୍‌କ୍ଲେଭ




**ଭୁବନେଶ୍ୱର,୨୬।୬**

ଓଡ଼ିଶାର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସି.ଭି.ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ସିଜିୟୁ) ରେ ‘ଷ୍ଟାର୍ଟଅପ ଇଷ୍ଟ କନ୍‌କ୍ଲେଭ’ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ନିବେଶକ, ବରିଷ୍ଠ କର୍ତ୍ତୃପକ୍ଷ, ପରାମର୍ଶଦାତା, ଇନ୍‌କ୍ୟୁବେଟର ଏବଂ ଷ୍ଟାର୍ଟଅପ୍ ୟୁନିଟ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଷ୍ଟାର୍ଟଅପ ଇଣ୍ଡିଆ ସିଡ୍ ଫଣ୍ଡର ଅଧ୍ୟକ୍ଷ ହରକେଶ ମିତଲ, ଅଟଳ ଇନୋଭେଶନ ମିଶନର ପ୍ରୋଗ୍ରାମ ଡାଇରେକ୍ଟର ରୋହିତ ଗୁପ୍ତା, ଷ୍ଟାର୍ଟ ଅପ୍ ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶିକା ଦୀକ୍ଷା ନିଗମ, ମୈତ୍ରୀ ଷ୍ଟାର୍ଟଅପ ହବ୍‌ର ପ୍ରୋଜେକ୍ଟ ହେଡ ଅନିସ ସୋମାନି, ଆମାଜନ ଏଡବ୍ଲ୍ୟୁଏସ୍‌ର ସିନିୟର ଆନାଲିଷ୍ଟ ସଞ୍ଜୀବ କୁମାରଙ୍କ ସମେତ ଗୁଜରାଟ ଆଇ ହବ୍‌ର ସିଇଓ ଡ.ଚିନ୍ତନ ବୈଷ୍ଣବ ଓ ହିରଣ୍ମୟ ମହାନ୍ତି ପ୍ରମୁଖ ଭିସି ଜରିଆରେ ଉପସ୍ଥିତ ଥିଲେ। ସିଜିୟୁର ପ୍ରତିଷ୍ଠାତା ସଭାପତି ସଞ୍ଜୀବ କୁମାର ରାଉତ ଉକ୍ତ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ଏଆଇସି ସିଜିୟୁର ସିଇଓ ଭଗବତୀ ପଟ୍ଟନାୟକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂରକ୍ଷଣ ଯୋଜନାକୁ ୩.୨ କୋଟି ମଞ୍ଜୁର

**ଭୁବନେଶ୍ୱର,୨୬।୬**

ଦେଶର ପ୍ରାକୃତିକ ବାସସ୍ଥାନ ଓ ବସବାସ କରୁଥିବା ପ୍ରଜାତିଙ୍କ ସଂରକ୍ଷଣ ତଥା ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ହାବିଟାଟସ୍ ଟ୍ରଷ୍ଟ, ଭାରତର ପ୍ରାକୃତିକ ସୁରକ୍ଷା ତଥା ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ତଥା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିଛି। ବନ୍ୟଜନ୍ତୁ ଓ ପ୍ରାକୃତିକ ବାସସ୍ଥାନ ସୁରକ୍ଷା ପାଇଁ ଏହି ସଂସ୍ଥା ୩.୨ କୋଟି ଟଙ୍କାକୁ ୩ଟି ପର୍ଯ୍ୟାୟରେ ପ୍ରଦାନ କରିବ। ଅନ୍‌ଲାଇନ ପାଇଁ ଆବେଦନ ପୋର୍ଟାଲ ୫ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ଖୋଲା ରହିବ ଓ ଫର୍ମକୁ ଅନ୍‌ଲାଇନ ମାଧ୍ୟମରେ ପୂରଣକରି ଅନୁଷ୍ଠାନର ୱେବ୍‌ସାଇଟରେ ମଧ ପଠାଇପାରିବେ। ଏ ସମ୍ପର୍କରେ ହାବିଟାଟସ୍ ଟ୍ରଷ୍ଟର ମୁଖ୍ୟ ରାକେଶ ଚାଭନ କହିଛନ୍ତି, ମାନବିକତା ସମ୍ମୁଖୀନ ହେଉଥିବା ସବୁଠାରୁ ବଡ଼ ଆହ୍ୱାନକୁ ହ୍ରାସ କରିବା ଲାଗି ଭାରତ ସରକାର ପ୍ରୟାସ କରୁଛନ୍ତି।

# ମେଗାଷ୍ଟାର ୩ୟ ସିଜନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୬।୬**

ଭାରତର ଅଗ୍ରଣୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଶେୟରଚେଟ୍ ନିଜର ଲୋକପ୍ରିୟ ଟ୍ୟାଲେଣ୍ଟ ହଣ୍ଟ ‘ମେଗାଷ୍ଟାର’ର ୩ୟ ସିଜନ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଉକ୍ତ ପ୍ରତିଯୋଗିତାର ଲକ୍ଷ୍ୟ ହେଉଛି ୯ଟି କ୍ୟାଟେଗୋରି ଏବଂ ୧୦ଟି ଭାଷାରେ ଡିଜିଟାଲ୍ କ୍ରିଏଟରଙ୍କଠାରୁ ଉଲ୍ଲେଖନୀୟ ସ୍ଥାନୀୟ ପ୍ରତିଭା ଖୋଜି ବାହାର କରିବା। ଗତ ଦୁଇଟି ସିଜନ୍ ସଫଳତାର ସହ ଆୟୋଜନ କରିବା ପରେ ମେଗାଷ୍ଟାର ସିଜନ୍ ୩ ଆହୁରି ଭଲ ହେବ ବୋଲି ଆଶା କରାଯାଉଛି। କାରଣ ଏଥର କ୍ରିଏଟରମାନେ ଅଟୋମୋବାଇଲ୍, ଗ୍ୟାଜେଟ୍ ଓ ଟେକ୍, ବ୍ୟବସାୟ, ଶିକ୍ଷା ଓ ନିଯୁକ୍ତି, ଇମୋଶନ, ଏଣ୍ଟରଟେନମେଣ୍ଟ, ହ୍ୟୁମର, ଲାଇଫଷ୍ଟାଇଲ, ନ୍ୟୁଜ୍ ଏବଂ ଭକ୍ତି ଓ ଜ୍ୟୋତିଷ ଶାସ୍ତ୍ର ପରି କ୍ୟାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପକ୍ଷରେ ଏହା ହିନ୍ଦୀ, ପଞ୍ଜାବୀ, ତାମିଲ, ତେଲୁଗୁ, ମରାଠୀ, କନ୍ନଡ଼, ମାଲାୟାଲମ୍, ଗୁଜରାଟୀ, ବଙ୍ଗଳା ଏବଂ ଓଡ଼ିଆ ଭଳି ବିଭିନ୍ନ ଭାଷାରେ ଆୟୋଜିତ ହେବ। ଏ ସମ୍ପର୍କରେ ଶେୟରଚେଟ୍ କଣ୍ଟେଣ୍ଟ ଷ୍ଟ୍ରାଟେଜି ଏବଂ ଅପରେଶନ୍ସ ବରିଷ୍ଠ ନିର୍ଦ୍ଦେଶକ ଶଶାଙ୍କ ଶେଖର କହିଛନ୍ତି, ଆମେ ସବୁ ସମୟରେ ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଆଜିର କ୍ରିଏଟର କମ୍ୟୁନିଟିଙ୍କ ଉପରେ ଇନ୍‌ଭେଷ୍ଟ କରିବା ଏବଂ ଲୋକାଲ କ୍ରିଏଟରଙ୍କ ପାଇଁ ଏକ ପ୍ଲାଟଫର୍ମ ନିର୍ମାଣ ଉପରେ ଧ୍ୟାନ ଦେବା ସହ ସେମାନଙ୍କ ଟ୍ୟାଲେଣ୍ଟକୁ ବାହାରକୁ ବାହାର କରିଥାଉ।

## ଫୁର୍‌ସତ୍


ଉର୍ବଶୀ ରୌତେଲା

# ଖୁସିରେ ଉର୍ବଶୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ମିଳିଯାଇଛି ବଡ଼ ଅଫର୍। ଆଉ ଯାହା ପାଇଁ ସେ ବେଶ୍ ଖୁସିଥିବା ଜଣାପଡ଼ିଛି। ପାନ୍-ଇଣ୍ଡିଆ ଫିଲ୍ମ ‘ଦ ଲିଜେଣ୍ଡ’ରେ ଡେବ୍ୟୁ କରିବାକୁ ଯାଉଛନ୍ତି ଉର୍ବଶୀ। ଫିଲ୍ମରେ ସେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଭୂମିକାରେ ନଜରକୁ ଆସିବେ। ନିଜ ଫ୍ୟାନ୍ସଙ୍କୁ ଏହାର ସୂଚନା ଦେଇ ସେ କହିଛନ୍ତି ଯେ, ଫିଲ୍ମଟି ଏକ ପାୱାର ପ୍ୟାକ୍, ଯେଉଁଥିରେ ରୋମାନ୍ସ, ଆକ୍ସନ, ପ୍ଲଟ୍ ଟ୍ୱିଷ୍ଟ ରହିଛି। ତେବେ ପାନ୍ ଇଣ୍ଡିଆ ଫିଲ୍ମରେ କାମ କରିବା ନେଇ ତାଙ୍କର ବହୁ ଦିନରୁ ଆଶା ଥିବା ସେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ପାନ୍-ଇଣ୍ଡିଆ ଚଳଚ୍ଚିତ୍ର ଗୁଡ଼ିକ ଦର୍ଶକଙ୍କୁ ପସନ୍ଦ ଆସୁଥିବାବେଳେ ବକ୍ସ ଅଫିସରେ ମଧ ଭଲ ବ୍ୟବସାୟ କରୁଛି। ବର୍ତ୍ତମାନ ଉର୍ବଶୀଙ୍କୁ ଆଉ ଦୁଇଟି ଫିଲ୍ମ ‘ଦିଲ୍ ହୈ ଗ୍ରେ’ ଏବଂ ‘ବ୍ଲାକ୍ ରୋଜ୍’ ରିଲିଜ୍ ଅପେକ୍ଷାରେ ରହିଛି।

# କିଙ୍ଗ୍ ଖାନ୍‌ଙ୍କ ୩୦ ବର୍ଷର ଯାତ୍ରା


ଶାହରୁଖ ଖାନ୍

**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହା ବା କିଙ୍ଗ ଖାନ୍ କହିଲେ ସିନେପ୍ରେମୀ ବୁଝିଯାନ୍ତି ଯେ, ଶାହରୁଖ ଖାନ୍‌ଙ୍କ କଥା କୁହାଯାଉଛି। ଶୂନ୍ୟହସ୍ତରେ ଟାଣି ହୋଇ ଆସିଥିଲେ ମାୟାନଗରୀ ମୁମ୍ବାଇକୁ। ଫିଲ୍ମରେ କାମ କରିବାର ଗୋଟିଏ ମଉକା ପାଇଁ ରାସ୍ତା କଡ଼ରେ ଶୋଇଛନ୍ତି ତ ଆଉ କେତେବେଳେ ଗୋଟିଏ ଗ୍ଲାସ ଲସି ପିଇ ଦିନ ମଧ କାଟିଛନ୍ତି। ଏସବୁ ସଂଘର୍ଷର ଫଳ ଆଜି ତାଙ୍କୁ ମିଳିଛି। ଏବେ କୋଟି କୋଟି ଲୋକ ଶାହରୁଖଙ୍କ ଗୋଟିଏ ଝଲକ୍ ପାଇବା ପାଇଁ ବ୍ୟାକୁଳ। ଆଖି ପିଛୁଳାକେ ଶାହରୁଖଙ୍କ ଫିଲ୍ମ କ୍ୟାରିୟରକୁ ବିତିଯାଇଛି ୩୦ ବର୍ଷ।

୧୯୯୨ରେ ‘ଦିଲ୍‌ୱାଲେ’ ଫିଲ୍ମ ଜରିଆରେ ବଲିଉଡ୍‌ରେ ପ୍ରବେଶ କଲେ ଶାହରୁଖ ଖାନ୍। ସେହିବର୍ଷ ସୁପରହିଟ୍ ଫିଲ୍ମ ‘ବାଜିଗର୍’ ଏବଂ ‘ଡର୍’ ରିଲିଜ୍ ହୋଇଥିଲା। ଯଦିଓ ‘ଦିଲ୍‌ୱାଲେ’ରେ ତାଙ୍କୁ ସଫଳତା ମିଳି ନ ଥିଲା କିନ୍ତୁ ବାଜିଗର୍ ତାଙ୍କ ସଫଳତାର ଶିଡ଼ି ହୋଇଥିଲା। କିଙ୍ଗ୍ ଖାନ୍ ଆଉ ପଛକୁ ଫେରି ନ ଥିଲେ। ଏହାପରଠାରୁ ଆରମ୍ଭ ହୋଇଥିଲା ତାଙ୍କର ସଫଳ ଯାତ୍ରା। ନିଜ ଅଭିନୟ ଜରିଆରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରୀରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି ଏହି ସୁପରଷ୍ଟାର। ଅମିତାଭ ବଚ୍ଚନଙ୍କ ପରେ ସୁପରଷ୍ଟାର ତାଲିକାର ଶୀର୍ଷରେ ରହିଥିଲେ ଶାହରୁଖ। ୮୦ ଦଶକର ସୁପରଷ୍ଟାର ବୋଲାଉଥିବା ରାଜେଶ ଖନ୍ନାଙ୍କୁ ମଧ ଶାହରୁଖ ପଛରେ ପକାଇ ଦେଇଥିଲେ। ୧୯୯୨ରୁ ୨୦୦୦ ପର୍ଯ୍ୟନ୍ତ ସୁପରଷ୍ଟାର ତାଲିକାର ଟପ୍‌ରେ ରହିଥିଲେ। ସିରିଏଲ୍‌ରେ ସାଇଡ୍ ରୋଲ୍ କରୁଥିବା ଶାହରୁଖ କେବେ ଭାବି ନ ଥିଲେ ଯେ, ସେ ହିନ୍ଦୀ ଫିଲ୍ମ ଜଗତର କିଙ୍ଗ୍ ଖାନ୍‌ର ମାନ୍ୟତା ପାଇବେ। ଏହି ଅବସରରେ ଗୌରୀ ଖାନ୍ ସୋସିଆଲ ମିଡିଆରେ ଶାହରୁଖଙ୍କ ଆଗାମୀ ଫିଲ୍ମ ପଠାନର ସ୍ଲୋମୋଶନ୍ ଫାଷ୍ଟ ଲୁକ୍ ଶେୟାର କରିବା ସହ ଏକ ଇମୋଶ୍‌ନାଲ୍ ନୋଟ୍ ଲେଖିଛନ୍ତି। ଶାହରୁଖ ଜଣେ ଭଲ ବାପା, ସ୍ୱାମୀ ହେବା ପାଇଁ ବହୁ ପରିଶ୍ରମ କରିଛନ୍ତି। ପ୍ରତ୍ୟେକ ଦିନ ତାଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ସୁଦ୍ଧା ସେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସବୁବେଳେ ଠିକ୍ ଭାବେ ତୁଲାଉଥିବା ଗୌରୀ ନିଜ ପୋଷ୍ଟରେ ଲେଖିଛନ୍ତି।

# ରୋଗୀଙ୍କୁ ଅନ୍ଧ କରିଦେଲେ ଡାକ୍ତର

**ବ୍ରସେଲ୍ସ:** ୟୁରୋପ ସ୍ଲୋଭାକିଆର ଏକ ହସ୍ପିଟାଲରେ ଜଣେ ଡାକ୍ତରଙ୍କ ଭୁଲ ଯୋଗୁ ରୋଗୀ ଅନ୍ଧ ହୋଇଯାଇଛନ୍ତି। ଆଖିରେ ଯନ୍ତ୍ରଣା ହେବା କାରଣରୁ ରୋଗୀ ଜଣଙ୍କ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ତାଙ୍କୁ ଅପରେଶନ୍ ଦ୍ୱାରା ଆଖି ଡୋଳା ବାହାର କରିବାକୁ ପରାମର୍ଶ ଦେଇଥିଲେ। ତେବେ ହସ୍ପିଟାଲରେ ଅପରେଶନ୍ ସମୟରେ ଡାକ୍ତର ଜଣଙ୍କ ଭୁଲ୍‌ବଶତଃ ରୋଗୀଙ୍କ ଠିକ୍ ଥିବା ଆଖିର ଡୋଳା କାଢ଼ି ଦେଇଥିଲେ। ଅସ୍ତ୍ରୋପଚାର ପରେ ଯେତେବେଳେ ରୋଗୀଙ୍କ ଆଖିରୁ ପଟି ଫିଟାଯାଇଥିଲା ସେ ସମୟରେ ବ୍ୟକ୍ତି ଜଣଙ୍କ ଆଦୌ ଦେଖିପାରି ନ ଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ରୋଗୀ ଓ ତାଙ୍କ ପରିବାରକୁ କ୍ଷମା ମାଗିଛନ୍ତି। ତେବେ ରୋଗୀଙ୍କର ସମସ୍ତ ଚିକିତ୍ସା ଡାକ୍ତରଖାନା ପକ୍ଷରୁ ଯୋଗାଇ ଦିଆଯିବ।

ନିକଟରେ ଅଷ୍ଟ୍ରେଲିଆର ଏକ ଡାକ୍ତରଖାନାରେ ଜଣେ ରୋଗୀ ତାଙ୍କ ଗୋଡ଼ର ଅପରେଶନ କରିବା ପାଇଁ ଯାଇଥିବାବେଳେ ଡାକ୍ତର ଭୁଲ୍‌ବଶତଃ ତାଙ୍କ ଭଲଥିବା ଗୋଡ଼ କାଟି ଦେଇଥିଲେ। କିଛିଦିନ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଡାକ୍ତରଙ୍କଠାରୁ ୩,୦୪୯ ଡଲାର ଜରିମାନା ଆଦାୟ କରାଯାଇଥିଲା।



# ପ୍ରେମିକା ପାଇଁ ୫.୭ କୋଟି ଚଲୁ କରି ବନ୍ଧାହେଲେ ବ୍ୟାଙ୍କ ଅଫିସର

**ବେଙ୍ଗାଲୁରୁ:** ବେଙ୍ଗାଲୁରୁ ହନୁମନ୍ତନଗର ଇଣ୍ଡିଆନ୍ ବ୍ୟାଙ୍କରେ ବ୍ରାଞ୍ଚ ମ୍ୟାନେଜର ବଡ଼ ଧରଣର ଠକେଇ କରି ଗିରଫ ହୋଇଛନ୍ତି। ବ୍ରାଞ୍ଚ ମ୍ୟାନେଜର ହରିଶଙ୍କର ବ୍ୟାଙ୍କର ପାଖାପାଖି ୫.୭ କୋଟି ଟଙ୍କା ବିଭିନ୍ନ ଆକାଉଣ୍ଟ ଜରିଆରେ ଗର୍ଲଫ୍ରେଣ୍ଡଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ପୋଲିସ କହିଛି। ବ୍ୟାଙ୍କ ଜୋନାଲ ମ୍ୟାନେଜର ପ୍ରଥମେ ହରିଶଙ୍କରଙ୍କ ନାମରେ ବ୍ୟାଙ୍କରେ ଅଭିଯୋଗ କରିଥିଲେ। ତେବେ ଏହି ମାମଲାରେ ବ୍ୟାଙ୍କର ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ଏବଂ ଜଣେ କ୍ଲର୍କ ସାମିଲ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ହରି ଶଙ୍କର ଏକ ଡେଟିଂ ଆପ୍ ଜରିଆରେ ସମ୍ପୃକ୍ତ ଯୁବତୀଙ୍କୁ ଭେଟିଥିଲେ। ତେବେ ବ୍ୟାଙ୍କର ଜଣେ ମହିଳା ଗ୍ରାହକ ନିଜର ୧ କୋଟି ୩୦ ଲକ୍ଷ ଟଙ୍କାର ଫିକ୍ସଡ୍ ଡିପୋଜିଟ୍‌କୁ ବନ୍ଧା ରଖି ବ୍ୟାଙ୍କରୁ ୭୫ ଲକ୍ଷ ଟଙ୍କାର ଋଣ ନେବାପାଇଁ ଆବେଦନ କରିଥିଲେ।



ତେବେ ଏଥିଲାଗି ମହିଳା ଜଣଙ୍କ ବ୍ୟାଙ୍କରେ ନିଜର ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରିଥିଲେ। ହରିଶଙ୍କର ଉକ୍ତ ମହିଳାଙ୍କ ଡକ୍ୟୁମେଣ୍ଟର ଅପବ୍ୟବହାର କରି ୫.୭ କୋଟି ଟଙ୍କା ବ୍ୟାଙ୍କରୁ ଆଣିଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । ପାଖାପାଖି ୨୮ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୫ କୋଟି ୭୦ ଲକ୍ଷ ଟଙ୍କାର କାରବାର କରାଯାଇଥିବା ତଦନ୍ତକାରୀ ଟିମ୍ କହିଛି। ତେବେ ହରିଶଙ୍କରଙ୍କ ବ୍ୟାଙ୍କଖାତାରେ ଥିବା ୧୨.୫ ଲକ୍ଷ ଟଙ୍କା ମଧ ଉକ୍ତ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି।

# ମଧ୍ୟପ୍ରଦେଶ ନୂଆ ରଣଜୀ ଚାମ୍ପିୟନ

**ବେଙ୍ଗାଲୁରୁ,୨୬।୬**

ଭାରତୀୟ ଘରୋଇ କ୍ରିକେଟର ସବୁଠୁ ବଡ଼ ପ୍ରତିଯୋଗିତା ରଣଜୀ ଟ୍ରଫିକୁ ମଧ୍ୟପ୍ରଦେଶ ରୂପେ ମିଳିଛି ନୂଆ ଚାମ୍ପିୟନ। ଘରୋଇ କ୍ରିକେଟର ପାୱାରହାଉସ୍ ଭାବେ ପରିଚିତ ମୁମ୍ବାଇକୁ ୬ ଉଇକେଟରେ ହରାଇ ମଧ୍ୟପ୍ରଦେଶ ପ୍ରଥମ ଥର ପାଇଁ ରଣଜୀ ଟ୍ରଫି ହାତେଇଛି। ଏଥିସହ ୨୩ ବର୍ଷ ତଳେ ସମାନ ଗ୍ରାଉଣ୍ଡରେ ଅଧୁରା ରହି ଯାଇଥିବା କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ୱପ୍ନ ଏଥର ସାକାର ହୋଇଛି। ୧୯୯୯ରେ ସମାନ ଷ୍ଟାଡିୟମରେ କର୍ନାଟକ ବିପକ୍ଷ ଖେଳାଯାଇଥିବା ଫାଇନାଲରେ ମଧ୍ୟପ୍ରଦେଶ ପ୍ରଥମ ଇନିଂସରେ ୭୫ ରନ୍‌ର ଅଗ୍ରଣୀ ସତ୍ତ୍ୱେ ପରାଜିତ ହୋଇଥିଲା। ଅଧିନାୟକ ଚନ୍ଦ୍ରକାନ୍ତ ପଣ୍ଡିତ ଲୁହଭରା ଆଖିରେ ଖେଳାଳି ଭାବେ କ୍ରିକେଟକୁ ଅଲବିଦା କରିଥିଲେ। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବାଇ ୩୭୪ ରନ୍ କରିଥିବା ବେଳେ ମଧ୍ୟପ୍ରଦେଶ ୫୩୬ ରନ୍‌ରେ ସୀମିତ ରହିଥିଲା। ଫଳରେ ୧୬୨ ରନ୍‌ରେ ପଛୁଆ ଥିବା ମୁମ୍ବାଇ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୧୩/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। କିନ୍ତୁ ମଧ୍ୟପ୍ରଦେଶ ସ୍ପିନର କୁମାର କାର୍ତ୍ତିକେୟା (୪/୯୮), ଗୌରବ ଯାଦବ(୨/୫୩) ଓ ପାର୍ଥ ସାହାଣୀ (୨/୪୩)ଙ୍କ ଚମତ୍କାର ବୋଲିଂ ଯୋଗୁ ମୁମ୍ବାଇ ୨୬୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ପୂର୍ବଦିନ ଅପରାଜିତ ଥିବା ଅର୍ମାନ ଜାଫର ୩୭ ଓ ସୁବେଦ ପାରକର ୫୧ ରନ୍ କରି ଆଉଟ୍ ହୋଇଥିଲେ। ଫୁଲ୍ ଫର୍ମରେ ଥିବା ସର୍ଫରାଜ ଖାନ ୪୫ ରନ୍ କରିଥିଲେ। ଚଳିତ ସିଜନରେ ଏକ ହଜାର ରନ୍ ପୂରଣ କରିବାଠାରୁ ସେ ୧୮ ରନ୍ ଦୂରରେ ରହି ଯାଇଥିଲେ। ସେ ସର୍ବାଧିକ ରନ ସ୍କୋରର ଭାବେ ଚଳିତ ସିଜନ ଶେଷ କରିଛନ୍ତି। ଏଥିଯୋଗୁ ତାଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ କରାଯାଇଛି। ଲୋୟର ମିଡ୍‌ଲଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ଜଶସ୍ୱୀ ଜୟସ୍ୱାଲ (୧), ଶାମ୍ସ ମୁଲାନି (୧୭) ବିଫଳ ହୋଇଥିଲେ। ମୁମ୍ବାଇ ୨୬୯ ରନ୍‌ରେ ସୀମିତ ହେବାରୁ ମଧ୍ୟପ୍ରଦେଶ ଆଗରେ ଧାର୍ଯ୍ୟ ହୋଇଥିଲା ୧୦୮ ରନ୍‌ର ଛୋଟିଆ ବିଜୟ ଲକ୍ଷ୍ୟ। ଜବାବରେ ମଧ୍ୟପ୍ରଦେଶ ଦ୍ୱିତୀୟ ଓଭରରେ ପ୍ରଥମ ଇନିଂସର ଶତକ ହାସଲକାରୀ ୟଶ ଦୁବେ (୧)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ହିମାଂଶୁ ମନ୍ତ୍ରୀ (୩୭) ଓ ଶୁଭମ ଶର୍ମା (୩୦) ଦ୍ୱିତୀୟ ଉଇକେଟରେ ୫୨ ରନ୍ ଯୋଡ଼ିଥିଲେ। ତା' ପରେ ଦଳ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ରଜତ ପଟିଦାର (୩୦) ଓ ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ (୧) ଅପରାଜିତ ରହି ଆବଶ୍ୟକ ଥିବା ରନ୍ ସଂଗ୍ରହ କରିବା ସହ ଦଳକୁ ଆଣି ଦେଇଥିଲେ ପ୍ରଥମ ରଣଜୀ ଟ୍ରଫି। ମୁମ୍ବାଇ ପକ୍ଷରୁ ଶାମ୍ସ ମୁଲାନି ୩ ଉଇକେଟ ନେଇଥିଲେ। ତେବେ ଏହା କୋଚ୍ ଭାବେ ପଣ୍ଡିତଙ୍କ ପାଇଁ ୬ଷ୍ଠ ରଣଜୀ ଟ୍ରଫି। ଏଥିପୂର୍ବରୁ ତାଙ୍କ ମାର୍ଗଦର୍ଶନରେ ବିଦର୍ଭ ୪ ଟ୍ରଫି ହାତେଇଥିଲା। ଏଥିରେ ଲଗାତର ଦୁଇଟି ରଣଜୀ ଓ ଇରାନୀ ଟ୍ରଫି ରହିଛି। ଏଥର ଭଳି ବିଦର୍ଭ ଦଳରେ ମଧ୍ୟ କୌଣସି ଷ୍ଟାର (ଭାରତୀୟ ଦଳକୁ ପ୍ରତିନିଧିତ୍ୱ କରିଥିବା) ଖେଳାଳି ନାହାନ୍ତି। ୨୦୧୦ଠାରୁ ପ୍ରାରମ୍ଭିକ ରଣଜୀ ସିଜନରେ କର୍ନାଟକ ପ୍ରଭାବ ରହିଥିବା ବେଳେ ମୁମ୍ବାଇ କେବଳ ଥରେ ଜିତିଥିଲା। ରାଜସ୍ଥାନ ଓ ବିଦର୍ଭ ଦୁଇ ଥର ଟାଇଟଲ ଜିତିଥିବା ବେଳେ ସୌରାଷ୍ଟ୍ର ପରେ ମଧ୍ୟପ୍ରଦେଶ ଏବେ ଚାମ୍ପିୟନ ହୋଇଛି। ଅତୀତରେ ଏମାନଙ୍କ ମଧ୍ୟରୁ କେହି ରଣଜୀ ଟ୍ରଫି ଦାବିଦାର ନ ଥିଲେ।


ଟ୍ରଫି ସହ ରଣଜୀ ଚାମ୍ପିୟନ ମଧ୍ୟପ୍ରଦେଶ ଦଳ।

**ସଂକ୍ଷିପ୍ତ ସ୍କୋର**

**ମୁମ୍ବାଇ ପ୍ରଥମ ଇନିଂସ:** ୩୭୪। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୫୩୬। **ମୁମ୍ବାଇ ଦ୍ୱିତୀୟ ଇନିଂସ:** ୨୬୯/ଅଲଆଉଟ୍ (ସୁବେଦ ପାରକର-୫୧, ସର୍ଫରାଜ ଖାନ-୪୫, କୁମାର କାର୍ତ୍ତିକେୟା-୪/୯୮, ପାର୍ଥ ସାହାଣି-୨/୪୩)। **ମଧ୍ୟପ୍ରଦେଶ ଦ୍ୱିତୀୟ ଇନିଂସ:** ୧୦୮/୪(ହିମାଂଶୁ ମନ୍ତ୍ରୀ-୩୭, ଶୁଭମ ଶର୍ମା-୩୦, ଶାମ୍ସ ମୁଲାନି-୩/୪୧)।

# ପ୍ରିନ୍‌ସେସ୍ କପ୍ ଭଲିବଲ: ଭାରତର ହ୍ୟାଟ୍ରିକ୍ ବିଜୟ

**ଭୁବନେଶ୍ୱର, ୨୬।୬ (ସ୍ପୋର୍ଟ୍ସ ବ୍ୟୁରୋ)**

ଥାଇଲାଣ୍ଡର ନାଖୋନ୍ ପାଥୋନ୍‌ଠାରେ ଚାଲିଥିବା ୨୧ତମ ପ୍ରିନ୍‌ସେସ୍ କପ୍ ଭଲିବଲ୍ ଟୁର୍ନାମେଣ୍ଟରେ ଭାରତର ସିନିୟର ମହିଳା ଦଳ ଏହାର ତୃତୀୟ ପ୍ରିଲିମିନାରି ମ୍ୟାଚରେ ମାଲେସିଆକୁ ୩-୦ (୨୫-୧୭, ୨୫-୧୬ ଓ ୨୫-୨୨)ରେ ପରାସ୍ତ କରିଛି। ଏହି ଟୁର୍ନାମେଣ୍ଟ ଜୁନ୍ ୨୪ରୁ ଆରମ୍ଭ ହୋଇଥିବା ବେଳେ ଜୁନ୍ ୩୦ରେ ଶେଷ ହେବ। ଦଳ ପକ୍ଷରୁ ଆଟାକର ଅନୁଶ୍ରୀ କେପି ଓ ବ୍ଲକର ସୁରୟା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଚାମ୍ପିୟନଶିପ୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଥିବାରୁ ଭାରତୀୟ ଭଲିବଲ ମହାସଂଘ (ଭିଏଫ୍‌ଆଇ) ସଭାପତି, କନ୍ଧମାଳ ଏମ୍‌ପି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।




# ସିତ୍‌ସିପାସ୍ ଜିତିଲେ ମାଲୋର୍କା ଚାମ୍ପିୟନଶିପ୍

**ପାଲ୍‌ମା (ସ୍ପେନ୍), ୨୬।୬ (ଏପି):** ରବର୍ଟୋ ବଟିଷ୍ଟା ଆଗଟ୍‌ଙ୍କୁ ୬-୪, ୩-୬, ୭-୬ (୨) ସେଟ୍‌ରେ ପରାସ୍ତ କରି ଗ୍ରୀସ୍‌ର ଷ୍ଟିଫାନେସ୍ ସିତ୍‌ସିପାସ ମାଲୋର୍କା ଟେନିସ ଚାମ୍ପିୟନଶିପ୍ ଜିତିଛନ୍ତି। ସୋମବାରଠାରୁ ୱିମ୍ବେଲଡନ ଆରମ୍ଭ ହେବା ପୂର୍ବରୁ ଏଟିପି ଟୁର୍‌ରେ ଏହା ତାଙ୍କର ପ୍ରଥମ ଗ୍ରାସ୍‌କୋର୍ଟ ଟାଇଟଲ। ସିତ୍‌ସିପାସଙ୍କର ଏହା ହେଉଛି କ୍ୟାରିୟରର ୯ମ ଏବଂ ସିଜନର ଦ୍ୱିତୀୟ ଟାଇଟଲ। ଏପ୍ରିଲରେ ସେ ମଣ୍ଟେକାର୍ଲୋ ଟାଇଟଲ ବଜାୟ ରଖିଥିଲେ। ୱିମ୍ବେଲଡନ ଓପନିଂ ରାଉଣ୍ଡରେ ୬ଷ୍ଠ ର୍‍ୟାଙ୍କିଂପ୍ରାପ୍ତ ସିତ୍‌ସିପାସ ସୁଇଜରଲାଣ୍ଡର ଆଲେକ୍‌ଜାଣ୍ଡର ରିଟ୍‌ଚାର୍ଡ଼ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବଟିଷ୍ଟା ଆଗଟ ଯଦି ବିଜୟ ଲାଭ କରିଥାନ୍ତେ ତେବେ ଏହା ଚଳିତ ସିଜନରେ ତାଙ୍କର ଦ୍ୱିତୀୟ ଏବଂ ମୋଟ ଉପରେ ୧୦ମ ଟାଇଟଲ ହୋଇଥାନ୍ତା।

# ଓଡ଼ିଶା ଏଫ୍‌ସି ଦଳରେ ଫର୍ନାଣ୍ଡିଜ

**ଭୁବନେଶ୍ୱର, ୨୬।୬ :** ଭାରତର ମିଡ୍ ଫିଲ୍ଡର ରେନିଅର ଫର୍ନାଣ୍ଡିଜଙ୍କୁ ମୁମ୍ବାଇ ସିଟିରୁ ଗୋଟିଏ ସିଜନ ପାଇଁ ଉଧାର ସୂତ୍ରରେ ଆଣିଛି ଓଡ଼ିଶା ଏଫ୍‌ସି ଫୁଟ୍‌ବଲ ଟିମ୍। ଏହି ଖେଳାଳିଙ୍କ ସହିତ ରବିବାର ଚୁକ୍ତି ସମ୍ପାଦିତ ହୋଇଥିବା ଦଳ ପକ୍ଷରୁ ଘୋଷଣା କରାଯାଇଛି। ୨୬ ବର୍ଷୀୟ ଫର୍ନାଣ୍ଡିଜ ୨୦୧୯ରେ ଥାଇଲାଣ୍ଡରେ ଅନୁଷ୍ଠିତ କିଙ୍ଗ୍ସ କପ୍‌ରେ ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେଥିରେ କୁରାକାଓ ଓ ଥାଇଲାଣ୍ଡ ବିପକ୍ଷରେ ଦୁଇଟି ମ୍ୟାଚ ଖେଳିଥିଲେ। ଭାରତ ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ତାଙ୍କୁ ଆଫଗାନିସ୍ତାନ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚରେ ଖେଳାଇଥିଲେ। ପରେ ସେ ବାଂଲାଦେଶ ବିପକ୍ଷରେ ମଧ୍ୟ ଏକ ମ୍ୟାଚ ଖେଳିଥିଲେ। ଫର୍ନାଣ୍ଡିଜ ସନ୍ତୋଷ ଟ୍ରଫିରେ ମହାରାଷ୍ଟ୍ର ତରଫରୁ ପ୍ରତିନିଧିତ୍ୱ କରିବା ପୂର୍ବରୁ ଏୟାର ଇଣ୍ଡିଆରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭-୧୮ରେ ମୋହନ ବାଗାନ ଦଳରେ ସେ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ମିଡ୍ ଫିଲ୍ଡର ଏହି ଦଳ ସହ ସିକିମ ଗଭର୍ନର୍ସ ଗୋଲ୍ଡ କପ୍ ଜିତିଥିଲେ। ଏହାଛଡ଼ା ଫେଡେରେଶନ କପ୍, ଆଇ-ଲିଗ୍ ଓ କଲିକତା ଫୁଟ୍‌ବଲ ଲିଗ୍ ପ୍ରିମିୟର ଲିଗ୍ ରନର୍ସ ଅପ୍ ହୋଇଥିଲେ। ପରେ ସେ ୨୦୧୮ରେ ଇଣ୍ଡିଆନ ସୁପର ଲିଗ୍ ଲାଗି ମୁମ୍ବାଇ ଦଳକୁ ଫେରିଥିଲେ।



# ଫୋକ୍ସଙ୍କ ସ୍ଥାନରେ ସାମ୍ ବିଲିଙ୍ଗ୍ସ


ବେନ୍ ଫୋକ୍ସ

**ଲିଡ୍ସ, ୨୬।୬ (ଏପି):** ଇଂଲଣ୍ଡ ଉଇକେଟକିପର ବେନ୍ ଫୋକ୍ସ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ହେଡିଙ୍ଗଲେଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ତାଙ୍କ ସ୍ଥାନରେ ସାମ୍ ବିଲିଙ୍ଗ୍ସ ଦାୟିତ୍ୱ ତୁଲାଇବେ। ଖବର ଅନୁସାରେ ତୃତୀୟ ଦିବସ ଖେଳ ଅପରାହ୍ନରେ ପିଠିରେ ଯନ୍ତ୍ରଣା ଅନୁଭବ କରିବାରୁ ଫୋକ୍ସ ପଡ଼ିଆକୁ ଆସି ନ ଥିଲେ। ଲିଡ୍ସସ୍ଥିତ ଟିମ୍ ହୋଟେଲରେ ତାଙ୍କର ଏକ ଚେକ୍‌ଅପ୍ ପରେ ସେ କୋଭିଡ୍ ପଜିଟିଭ ଥିବା ଜଣାପଡ଼ିଥିଲା। ଭ୍ରମଣକାରୀ ଦଳର ଦ୍ୱିତୀୟ ଇନିଂସରେ ଜନି ବେୟାରଷ୍ଟୋ ସାମୟିକ ଉଇକେଟକିପିଂ କରିଥିଲେ। କିନ୍ତୁ ଗତ ଆଶେସ ଫାଇନାଲ ମ୍ୟାଚରେ ଟେଷ୍ଟ ପଦାର୍ପଣ କରିଥିବା ବିଲିଙ୍ଗ୍ସଙ୍କୁ ମ୍ୟାଚର ଅବଶିଷ୍ଟାଂଶ ଉଇକେଟକିପିଂ କରିବାକୁ କୁହାଯାଇଛି। ଚଳିତ ସିରିଜରେ ବିଲିଙ୍ଗ୍ସ ଦ୍ୱିତୀୟ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ପାଇଛନ୍ତି। ପୂର୍ବରୁ ଲର୍ଡ୍ସ ଟେଷ୍ଟରେ ଜ୍ୟାକ୍ ଲିଚ୍ ପଡ଼ିଆରେ ଅଖାଡୁଆ ତଳେ ପଡ଼ିଯିବା ପରେ ଲାଙ୍କାଶାୟାର ଲେଗ୍ ସ୍ପିନର ମ୍ୟାଟ୍ ପାର୍କିନସନଙ୍କୁ ପଦାର୍ପଣର ସୁଯୋଗ ମିଳିଛି। ସପ୍ତାହକ ମଧ୍ୟରେ ଇଂଲଣ୍ଡ ଦଳର ଦ୍ୱିତୀୟ ସଦସ୍ୟ ଭାବେ ଫୋକ୍ସ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। କରୋନା ସଂକ୍ରମିତ ହେବାରୁ ବ୍ୟାଟିଂ କୋଚ୍ ମାର୍କସ ଟ୍ରେସ୍କୋଥିକ ସିରିଜ ଅନ୍ତିମ ମ୍ୟାଚରେ ଦଳ ସହିତ ଯୋଗ ଦେଇପାରି ନାହାନ୍ତି।

# ରୋହିତ କୋଭିଡ୍ ପଜିଟିଭ

**ମୁମ୍ବାଇ,୨୬।୬**

ଇଂଲଣ୍ଡ ବିପକ୍ଷ ଅସମାପ୍ତ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତୀୟ ଦଳକୁ ଶକ୍ତ ଧକ୍କା ଲାଗିଛି। ଅଧିନାୟକ ରୋହିତ ଶର୍ମା କୋଭିଡ୍-୧୯ରେ ସଂକ୍ରମିତ ଥିବା ଜଣାପଡ଼ିଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟୁଇଟର ଜରିଆରେ ସୂଚନା ଦେଇଛି।




''ରାପିଡ୍ ଆଣ୍ଟିଜେନ ଟେଷ୍ଟ ପରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ କୋଭିଡ୍-୧୯ରେ ସଂକ୍ରମିତ ଥିବା ଜଣାପଡ଼ିଛି। ସେ ଏବେ ଦଳୀୟ ହୋଟେଲରେ ଆଇସୋଲେଶନରେ ଏବଂ ବିସିସିଆଇ ମେଡିକାଲ ଦଳ ତତ୍ତ୍ୱାବଧାନରେ ଅଛନ୍ତି'' ବୋଲି ବିସିସିଆଇ ପକ୍ଷରୁ ଟୁଇଟ୍ କରାଯାଇଛି। ରୋହିତ ଲିସେଷ୍ଟର ବିପକ୍ଷରେ ଚାଲିଥିବା ୪ ଦିନିଆ ୱାର୍ମଅପ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ୍‌ର ପ୍ରଥମ ଇନିଂସରେ ସେ ବ୍ୟାଟିଂ କରି ୨୫ ରନ୍ କରିଥିଲେ। କିନ୍ତୁ ଶନିବାର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଆସନ୍ତା ୧ ତାରିଖରୁ ଏଜ୍‌ବାଷ୍ଟନଠାରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ରୋହିତ ଅଂଶଗ୍ରହଣ କରିବେ କି ନାହିଁ ସେ ନେଇ ବିସିସିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ଅଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଗତ ବର୍ଷ ସିରିଜ୍‌ରେ ଆଗୁଆ ରହିବା ପରେ ଦଳୀୟ କ୍ୟାମ୍ପରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଅନ୍ତିମ ତଥା ୫ମ ଟେଷ୍ଟକୁ ବାତିଲ କରାଯାଇଥିଲା। କୋହଲି ଅଧିନାୟକ ପଦରୁ ଓହରିବା ପରେ ରୋହିତଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କା ବିପକ୍ଷ ଘରୋଇ ଟେଷ୍ଟ ସିରିଜ୍ ଜିତିଥିଲା। ଯଦି ସେ ସମୟରେ ସୁସ୍ଥ ହୁଅନ୍ତି, ତେବେ ଏହା ଅଧିନାୟକ ଭାବେ ବିଦେଶରେ ତାଙ୍କର ପ୍ରଥମ ଟେଷ୍ଟ ହେବ। ଉଲ୍ଲେଖଯୋଗ୍ୟ, ଏକମାତ୍ର ଟେଷ୍ଟ ମ୍ୟାଚ୍ ପରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ଟି୨୦ ଓ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ ଖେଳାଯିବ।

# କଷ୍ଟସାଧ୍ୟ ସାଇକେଲ ରେସ୍ ଜିତିଲେ କବୀର

**ମୁମ୍ବାଇ,୨୬।୬**

ବିଶ୍ୱର ଅନ୍ୟତମ କଷ୍ଟସାଧ୍ୟ ସାଇକେଲ ରେସ୍ 'ରେସ୍ ଆକ୍ରସ ଆମେରିକା' (ରାମ୍)ର ପୋଡିୟମରେ ସ୍ଥାନ ହାସଲ କରିଛନ୍ତି ଅଲଟ୍ରା ସାଇକ୍ଲିଷ୍ଟ କବୀର ରାଚୁରେ। ମହାରାଷ୍ଟ୍ରର ସାଇକ୍ଲିଷ୍ଟ ରାଚୁରେ ପ୍ରଥମ ଭାରତୀୟ ଭାବେ ଏହି ସଫଳତା ପାଇଛନ୍ତି। ପେସାରେ ସେ ଜଣେ ଓକିଲ। ବମ୍ବେ ହାଇକୋର୍ଟରେ ପ୍ରାକ୍ଟିସ କରୁଥିବା ରାଚୁରେ ୫୦ ବର୍ଷରୁ କମ୍ ସୋଲୋ ପୁରୁଷ କାଟେଗୋରିରେ ୩ୟ ସ୍ଥାନ ହାସଲ କରିଛନ୍ତି। ୩,୦୩୮ ମାଇଲ(୪,୮୮୯ କିମି) ବିଶିଷ୍ଟ ରେସ୍‌କୁ ଶେଷ କରିବା ଲାଗି ତାଙ୍କୁ ୧୧ ଦିନ, ୧୧ ଘଣ୍ଟା ଓ ୨୫ ମିନିଟ୍ ଲାଗିଥିଲା।

ଏହି ରେସ୍‌ରେ ଆଥ୍‌ଲେଟ୍‌ଙ୍କୁ ବିଶ୍ରାମ କରିବାକୁ ସୁଯୋଗ ଦିଆଯାଏ। ପ୍ରତିଯୋଗୀଙ୍କୁ ୧୨ ଦିନ ମଧ୍ୟରେ ଆମେରିକାର ପଶ୍ଚିମ ଉପକୂଳରୁ ପୂର୍ବ ଉପକୂଳ ପର୍ଯ୍ୟନ୍ତ ପେଡାଲ କରିବାକୁ ପଡ଼େ। ଦିଆଯାଇଥିବା ସମୟ ମଧ୍ୟରେ ସେମାନଙ୍କୁ ଶୋଇବା, ଖାଇବା ଓ ଅନ୍ୟ ନିତ୍ୟ କାର୍ଯ୍ୟ ଶେଷ କରିବାକୁ ପଡ଼େ, ଯାହାକି ଏହି ରେସ୍‌କୁ ଅତ୍ୟଧିକ କଷ୍ଟସାଧ୍ୟ କରିଦିଏ। ରେସରଙ୍କ ସହିତ ଏକ ସପୋର୍ଟ କୁ ଗାଡ଼ି ରହିଥାଏ, ଯାହାର କାର୍ଯ୍ୟ ରେସରଙ୍କ ସମସ୍ତ ଯତ୍ନ ନେବା। ସୁରକ୍ଷା କାରଣରୁ ସୂର୍ଯ୍ୟାସ୍ତ ପରେ ରେସ୍‌କୁ ରୋକାଯାଇଥାଏ। ଏହି ପ୍ରତିଯୋଗିତାରେ ଦଶନ୍ଧି ତଳୁ ଭାରତୀୟମାନେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିବା ବେଳେ କେବଳ ଦୁଇଜଣ ପୁରୁଷ କାଟେଗୋରିରେ ପୋଡିୟମରେ ସ୍ଥାନ ପାଇଛନ୍ତି।

# ଓଡ଼ିଶା ସ୍କୁଲ ଫିଡେରେଟେଡ୍ ଚେସ୍ ଆରମ୍ଭ



ଓଡ଼ିଶା ସ୍କୁଲ ଫିଡେରେଟେଡ୍ ଚାମ୍ପିୟନଶିପ୍‌ରେ ଭାଗନେଇଥିବା ପ୍ରତିଯୋଗୀ।

**ଭୁବନେଶ୍ୱର,୨୬।୬(ସ୍ପୋର୍ଟ୍ସ ବ୍ୟୁରୋ)**

୪୪ତମ ଚେସ୍ ଅଲିମ୍ପିଆଡ୍ ଉପଲକ୍ଷେ ୨୬ରୁ କଟକର ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷଗେଟର କକ୍ଷରେ ଓଡ଼ିଶା ସ୍କୁଲ (୧୫ ବର୍ଷରୁ କମ୍) ଫିଡେରେଟେଡ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଯାଇଛି। କଟକ ଜିଲା ଚେସ୍ ସଂଘ, ଅଲ୍ ଓଡ଼ିଶା ଚେସ୍ ମହାସଂଘ ଓ ସର୍ବଭାରତୀୟ ଚେସ୍ ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୨ ଜିଲାରୁ ଉଭୟ ବାଳକ ଓ ବାଳିକା ବିଭାଗରେ ମୋଟ ୧୪୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୩୩ ଜଣ ଅନ୍ତର୍ଜାତୀୟ ରେଟେଡ୍ ଖେଳାଳି ଅଛନ୍ତି। ବାଳକ ବର୍ଗରେ କଟକର ଶ୍ରେୟାସ ଶୁଭମ ପଟ୍ଟନାୟକ ଓ ବାଳିକା ବର୍ଗରେ କଟକର ସନ୍ଦୀପା ପ୍ରିୟଦର୍ଶନୀ ସାହୁଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଟକ ଜିଲା ଚେସ୍ ସଂଘ ପୂର୍ବତନ ସଭାପତି ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ଓ ଅସିତ କୁମାର ମୁଖାର୍ଜୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସମ୍ପାଦକ ଅଜୟ କୁମାର ନାୟକ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ସେଠୀ, ଜ୍ୟୋତି ପ୍ରକାଶ ମହାପାତ୍ର, ଜୀବନ ବଲ୍ଲଭ ସାମଲ, ଶୀତମ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଅନୁଷ୍ଠିତ ୫ମ ରାଉଣ୍ଡରେ ବାଳିକା ବର୍ଗରେ ଜ୍ୟୋତିଶ୍ରୀ ସାହୁ, ପ୍ରତ୍ୟାଶା ଜେନା, ସାହାନା ଲେଙ୍କା, ରତ୍ନଶ୍ରୀ ରତ୍ନପ୍ରଭା, ବସୁନ୍ଧରା ପଣ୍ଡା, ଜୟଲକ୍ଷ୍ମୀ ସାହୁ ବିଜୟୀ ହୋଇଥିବା ବେଳେ ପ୍ରୀତିଶା ମିତ୍ର ଏବଂ ଶୁଭସ୍ମିତା ପ୍ରିୟଦର୍ଶନୀଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଛି। ବାଳକ ବର୍ଗରେ ଶ୍ରେୟାଂଶ ଶୁଭମ, କୌସ୍ତୁଭ ଦାସ, ପ୍ରତ୍ୟୁଷ ନାୟକ, ସାଇ ସୌରଭ ଦାସ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ୫ମ ରାଉଣ୍ଡ ଶେଷ ସୁଦ୍ଧା ବାଳିକା ବର୍ଗରେ ଜ୍ୟୋତିଶ୍ରୀ ସାହୁ ଓ ପ୍ରତ୍ୟାଶା ଜେନା ସର୍ବାଧିକ ୪.୫ ସହ ମିଳିତ ଶୀର୍ଷରେ ରହିଥିବା ବେଳେ ବାଳକ ବର୍ଗରେ ୫ ପଏଣ୍ଟ ସହ ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ଆଗରେ ରହିଛନ୍ତି।

# ୩ ପଦକ ସହ ଭାରତର ଅଭିଯାନ ଶେଷ


ଭାରତୀୟ ମହିଳା ରିକର୍ଭ ଦଳ।

**ପ୍ୟାରିସ, ୨୬।୬ (ପି.ଟି.):** ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୩ର ଅନ୍ତିମ ଦିବସରେ ଭାରତୀୟ ମହିଳା ରିକର୍ଭ ଟିମ୍ ରୌପ୍ୟ ପଦକ ଲାଭ କରିଛି। ଦୀପିକା କୁମାରୀ, ଅଙ୍କିତା ଭକତ ଓ ସିମରନଜିତ୍ କୌରଙ୍କୁ ନେଇ ଭାରତୀୟ ଦଳ ରବିବାର ଅନୁଷ୍ଠିତ ଏକତରଫା ଫାଇନାଲରେ ଚାଇନିଜ୍ ତାଇପେଠାରୁ ହାରିଯାଇଛି। ଫଳରେ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ସହ ଭାରତର ଅଭିଯାନ ଶେଷ ହୋଇଛି। ତନ୍ମଧ୍ୟରୁ ଦୁଇଟି କମ୍ପାଉଣ୍ଡ ବିଭାଗରୁ ଆସିଛି। ସୂଚନାଯୋଗ୍ୟ, କମ୍ପାଉଣ୍ଡ ତୀରନ୍ଦାଜ ଜ୍ୟୋତି ସୁରେଖା ଭେନମ ଓ ତାଙ୍କ ସାଥୀ ଅଭିଷେକ ବର୍ମା ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ପାଇଁ ସ୍ୱର୍ଣ୍ଣ ଆଣିଦେଇଥିଲେ। ଭେନମ ପୁନଶ୍ଚ ଶନିବାର ବ୍ୟକ୍ତିଗତ ବିଭାଗରେ ଏକ ରୌପ୍ୟ ଜିତିଥିଲେ।

# ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬।୬ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକ ବ୍ୟାଡ୍‌ମିଣ୍ଟନ କୋଚିଂ ସେଣ୍ଟର ଓ ଟ୍ରେନିଂ ସେଣ୍ଟର, ବ୍ୟାଡମିଣ୍ଟନ ଡେଭଲପମେଣ୍ଟ କମିଟି ଓ ଓ.ଏସ୍.ବି.ଏର ମିଳିତ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଏବଂ ମାଷ୍ଟର୍ସ ଅଲ୍ ଓଡ଼ିଶା ବ୍ୟାଡମିଣ୍ଟନ ର୍‍ୟାଙ୍କିଂ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୩ ଦିନ ଧରି ଏହି ଏଫ୍‌ଜେଡ୍ ଫୋର୍‌ଜା ଓସ୍‌ବା ଚାମ୍ପିନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ କଟକ ଜିଲା ଡେଭଲପମେଣ୍ଟ କମିଟି ଚେୟାରମ୍ୟାନ କାର୍ତ୍ତିକ ଦାସ ସଭାପତିତ୍ୱ କରିଥିଲେ। ଆୟୋଜକ ସମ୍ପାଦକ କମଳ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଓଏଫ୍‌ଡିସିର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। କଟକ କ୍ଲବର ସତ୍ୟାକ୍ଷୀ ବୋଷ ଏବଂ ଓ.ଏସ୍.ବି.ଏ ସମ୍ପାଦକ ନିଳିନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର୍ସ ଅପ୍‌ଙ୍କୁ ପୁରସ୍କାର, ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।


ପୁରସ୍କାର ଓ ମାନପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ପ୍ରତିଯୋଗିତାର ୧୯ ବର୍ଷରୁ କମ୍ ବିଭାଗ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ତହସିଫ୍ ଖାଁ ଚାମ୍ପିୟନ ଏବଂ ବାଲେଶ୍ୱରର ଅମୟ କୁମାର ନାୟକ ରନର୍ସଅପ୍ ହୋଇଥିଲେ। ବାଳକ ଡବଲ୍ସରେ ଭୁବନେଶ୍ୱରର ଅଭିଜିତ୍ ମହାରଣା ଓ ଖୋର୍ଦ୍ଧାରଅମ୍ରିତ ମହାନ୍ତି ଚାମ୍ପିୟନ ଏବଂ ବାଲେଶ୍ୱରର ଅମୟ କୁମାର ନାୟକ ଓ ସମ୍ବଲପୁରର ତହସିଫ୍ ଖାଁ ରନର୍ସ ଅପ୍ ହୋଇଛନ୍ତି। ବାଳିକା ସିଙ୍ଗଲ୍ସରେ କଟକର ଶ୍ରୁତି ସ୍ୱାଇଁ ଚାମ୍ପିୟନ ଓ ଭୁବନେଶ୍ୱରର ହର୍ଷିତା ରାଉତ ରନର୍ସ ଅପ୍ ହୋଇଛନ୍ତି। ବାଳିକା ଡବଲ୍ସରେ ଜୟପୁର ଓ ସୁନ୍ଦରଗଡ଼ ଯୋଡ଼ି ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋ ଚାମ୍ପିୟନ ଏବଂ ଭୁବନେଶ୍ୱର ଓ କଟକର ହର୍ଶିତା ରାଉତ ଓ ଶ୍ରୁତି ସ୍ୱାଇଁ ରନର୍ସଅପ୍ ହୋଇଛନ୍ତି। ମିକ୍ସଡ ଡବଲ୍ସରେ ଅଭିଜିତ୍ ମହାରଣା ଓ ହର୍ଶିତା ରାଉତ ଯୋଡ଼ି ଏବଂ ଲକ୍ଷ୍ମଣ ପ୍ରେମକ୍ରିଷ୍ଣା ଓ ଶ୍ରେୟା ବିଶ୍ୱାଳ ଯୋଡ଼ି ଯଥାକ୍ରମେ ଚାମ୍ପିୟନ ଓ ରନର୍ସ ଅପ୍ ହୋଇଛନ୍ତି।

ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରମିଳା ପାତ୍ର ଶତପଥୀ (ପମି)
ମହାଦେବନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫

ସମୟ ନଈର ସୁଅରେ ବିତିଗଲାଣି ସାତବର୍ଷ। ତୁମ ହାତଗଢ଼ା ମର୍ତ୍ତ୍ୟ ବୈକୁଣ୍ଠରେ ତୁମ ସ୍ଥାନ ସଦା ଅପୂରଣୀୟ। ସବୁଦିନ ରୋମନ୍ଥନ କରୁଛୁ ତୁମର ସ୍ମୃତି। ଇତି ମଧ୍ୟରେ କିଟିର ଶୁଭ ବିବାହ ସରିଛି। ସୁଖୀ-ସଂସାରରେ ସେ ଅଭିଯାନ ଚଳାଇ ରଖିଛି। ଏବେ ପୁଅ ବାହାଘର କ୍ରମେ ବୋହୂ ଲିନୁ ଗୃହାଙ୍ଗନକୁ ସଜାଇ ସୁନ୍ଦର-ରୁଚିର କରି ରଖିଛନ୍ତି। ସମସ୍ତଙ୍କର ସୁଖ-ସୌଭାଗ୍ୟ ମୂଳରେ ରହିଛି ତୁମର ସଦାଝର ଆଶିଷ। ପୁତ୍ର-କନ୍ୟା- ପତି-ପରିବାର ଶ୍ରଦ୍ଧାଞ୍ଜଳିର ସୁରଭିରେ ଆମୋଦିତ ହେଉ ତୁମର ପଥ-ମତ। କ୍ଷିତି-ଅପ୍‌ତେଜ-ମରୁତ-ବ୍ୟୋମ-ଶାନ୍ତିଃ ରହୁ। ସକଳ ଶାନ୍ତିରେ ତୁମର ଧାମ-ନାମ-କର୍ମକୁ ସ୍ମରଣ କରୁ ଆମେ ସମସ୍ତେ।

ସ୍ୱାମୀ ମକରଧ୍ୱଜ, ଲିନୁ (ବୋହୂ), ବବି (ପୁଅ), କିଟି (ଝିଅ) ଆଦି।

ଧ-୭୩୪

# କ୍ୟାନ୍‌ସର ଆଶଙ୍କା ଓ ସନ୍ତୁଳିତ ଜୀବନଶୈଳୀ

କଥାରେ ଅଛି -'କ୍ୟାନ୍‌ସର ନୋ ଆନସର'। କିନ୍ତୁ ଆଜିକାଲି ଚିକିତ୍ସା ବିଜ୍ଞାନ ଯେଉଁ ଉନ୍ନତ ସ୍ତରରେ ପହଞ୍ଚିଛି, ତାହାକୁ ଅନୁସରଣ କରି ଏହାର ଚିକିତ୍ସା ପ୍ରଣାଳୀ ସହଜ ହୋଇପାରିଛି। ଏପରି କି ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଇପାରିଲେ, କେତେକ କ୍ୟାନସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଯଦି ତାହାକୁ ହାଲୁକା ଭାବରେ ନିଅନ୍ତି ତେବେ ଏହି ସ୍ୱାସ୍ଥ୍ୟ ସମସ୍ୟା ପରବର୍ତ୍ତୀ ସମୟରେ ଗୁରୁତର ଆକାର ଧାରଣ କରିବା ସହ ପ୍ରାଣନାଶକ ସାବ୍ୟସ୍ତ ହୋଇଥାଏ। ତେବେ ଏପରି ଆଶଙ୍କାକୁ ଦୂର କରିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଜୀବନଶୈଳୀକୁ ସନ୍ତୁଳିତ ରଖନ୍ତି ତେବେ ସେ ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବେ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏଭଳି ବିଷୟବସ୍ତୁକୁ ନେଇ ଲଣ୍ଡନ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ



ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ସନ୍ତୁଳିତ ଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଅନେକାଂଶରେ କମ୍ ଦେଖିବାକୁ ମିଳିଥିଲା ବୋଲି ଜଣାପଡିଛି।

# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ

ଚିନାବାଦାମ ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରିବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏପରି ସମସ୍ୟା ସହ ଜଡ଼ିତ କିଛି ବ୍ୟକ୍ତିଙ୍କୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ଚିନାବାଦାମକୁ ସାମିଲ କରିବାକୁ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ କିଛି ସପ୍ତାହ ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ରକ୍ତ ସଞ୍ଚାଳନଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚିନାବାଦାମରେ ପ୍ରୋଟିନ୍, ମ୍ୟାଗ୍ନେସିୟମ୍, ଫାଇବର୍, ଓମେଗା-୩, ଓମେଗା-୬ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ପୋଟାସିୟମ୍, ଜିଙ୍କ୍, କ୍ୟାଲସିୟମ୍ ଇତ୍ୟାଦି ଭରପୂର ହୋଇ ରହିଥାଏ। ବାଦାମରେ ଥିବା ଓମେଗା ଫ୍ୟାଟି ଏସିଡ୍



୩ ଓ ୬, ଶରୀରରେ ରକ୍ତ ପ୍ରବାହକୁ ସକ୍ରିୟ କରିଥାଏ। ଭିଟାମିନ୍ ଓ ଖଣିଜ ଲବଣ ଏଥିରେ ଅଧିକ ପରିମାଣରେ ଥିବାରୁ ଏହା ଶରୀରରେ ଆଣ୍ଟିବଡ଼ି ଗଠନ କରିବାରେ ସହାୟକ ହୋଇଥାଏ। ଚିନାବାଦାମ ସ୍ମରଣ ଶକ୍ତି ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ।

# ଆମ 'ଏକ୍ସପାଏରି ଡେଟ୍'



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ମନେକରାଯାଉଥିଲା ଯେ, ସମ୍ଭବତଃ କୌଣସି ସକ୍ରିୟ ପ୍ରଜାତିର ସମ୍ଭାବ୍ୟ ଜୀବନକାଳ ବା ଆୟୁଷ ତା' ଶରୀରର ଆକାର ସହିତ କିଛି ସମ୍ପର୍କ ରହିଛି। ସାଧାରଣତଃ ଛୋଟ ଛୋଟ ଜୀବମାନେ ବଡ଼ମାନଙ୍କ ତୁଳନାରେ ଶୀଘ୍ର ଶୀଘ୍ର ସେମାନଙ୍କ ଶରୀର ଶକ୍ତି ବ୍ୟବହାର କରନ୍ତି। କାରଣ ତାଙ୍କ ଜୀବକୋଷଗୁଡ଼ିକର କ୍ରିୟାଶୀଳତା ଦ୍ରୁତ, ଯାହାକି ଏହାର ଦ୍ରୁତ ଅପଚୟ ସହ ସମ୍ପୃକ୍ତ। ତେବେ ଅଧିକ ଅନୁଧାନ କଲେ ଏହା ଠିକ୍ ମନେହୁଏ ନାହିଁ।''



ପ୍ରତ୍ୟେକ ଔଷଧ ଖୋଳ ବା ପ୍ୟାକେଟ୍ ହୋଇ ବିକ୍ରି ହେଉଥିବା ଖାଦ୍ୟସାମଗ୍ରୀ ଉପରେ ତାହା କେଉଁ ତାରିଖରୁ ବ୍ୟବହାର ଉପଯୋଗିତା ହରାଇବ ତାହାର ସୂଚନା ଦିଆଯାଇଥାଏ। ଏହାକୁ କହନ୍ତି 'ଏକ୍ସପାଏରି ଡେଟ୍'। ସଜୀବମାନଙ୍କ କ୍ଷେତ୍ରରେ ଏହା ହେଲା ତାଙ୍କର ସମ୍ଭାବ୍ୟ ଜୀବନକାଳ ବା ଆୟୁଷ। ଉଦାହରଣ ସ୍ୱରୂପ ମୂଷାର ଏହା ୪ ବର୍ଷ, ଧଳାମୂଷାର ୫ବର୍ଷ, ଛେଳିର ୧୦ବର୍ଷ ହେଲାବେଳେ ଘୋଡ଼ାର ୪୦ବର୍ଷ, ସିଂହର ୩୫ବର୍ଷ, ଭାରତୀୟ ହସ୍ତୀର ୭୦ବର୍ଷ, କଇଁଛର ୫୦୦ ବର୍ଷ, କେତେ ଜାତିର ସାପଙ୍କର ୧୦୦୦ ବର୍ଷ ଓ ସ୍ପଞ୍ଜର ୧୦,୦୦୦ ବର୍ଷରୁ ଅଧିକ ହୋଇଥାଏ ଏବଂ ହାଇଡ୍ରା ପ୍ରାୟତଃ ଅମର (ଏହାର ଗୋଟିକରୁ ଅନେକ ସୃଷ୍ଟି ହୋଇ ଚାଲିଥାଏ ଅନନ୍ତକାଳ ଧରି)। ବିବିଧ ଜୈବିକ, ଜିନୀୟ ଏବଂ ପରିବେଶୀୟ କାରଣଗୁଡ଼ିକ ଉପରେ ନିର୍ଭର କରି ମଣିଷର ଏହି ସମୟ ବା 'ଏକ୍ସପାଏରି ଡେଟ୍' ଅତିବେଶିରେ ୧୧୫ ପର୍ଯ୍ୟନ୍ତ ହୋଇପାରେ ବୋଲି ସୁଇଡେନଠାରେ ଅନୁଷ୍ଠିତ ଏକ ଗବେଷଣାରୁ ଜଣାପଡ଼ିଛି। ତେବେ ରେକର୍ଡ ଅନୁସାରେ ଆଜିଯାଏ ସର୍ବାଧିକ ୧୨୨ବର୍ଷ ବଞ୍ଚିଥିବା ବ୍ୟକ୍ତି ଜଣଙ୍କ ହେଲେ ଜଣେ ଫରାସୀ ମହିଳା।

'ଏଭିଡେନ୍ସ ଫର୍ ଏ ଲିମିଟ୍ ଟୁ ହ୍ୟୁମ୍ୟାନ ଲାଇଫ ସ୍ପାନ୍' ଶୀର୍ଷକ ଏକ ନିବନ୍ଧରେ ଉପରୋକ୍ତ ଗବେଷକମାନେ (୨୦୨୦ରେ) ସୂଚନା ଦେଇଛନ୍ତି ଯେ, ୧୮୬୦ ଦଶକ ବେଳକୁ ମଣିଷର ବଞ୍ଚିବାର ସର୍ବାଧିକ ସମ୍ଭାବନା ୧୦୧ ବର୍ଷ ଏବଂ ୧୯୯୦ ଦଶକ ବେଳକୁ ୧୦୮ ବର୍ଷ ଥିଲା। ଉନ୍ନତ ଚିକିତ୍ସା ଓ ପୁଷ୍ଟିର ଲଭ୍ୟତା ଏହାକୁ ବୃଦ୍ଧି କରିଛି। ତେବେ ତାହା କଦାପି ୧୨୫ ବର୍ଷ ଅତିକ୍ରମ କରିପାରିବ ନାହିଁ। ସେଥିପାଇଁ ଲୋଡ଼ାହେବ ଜିନୀୟସ୍ତରରେ ହସ୍ତକ୍ଷେପ।



ମନେ କରାଯାଉଥିଲା ଯେ, ସମ୍ଭବତଃ କୌଣସି ସକ୍ରିୟ ପ୍ରଜାତିର ସମ୍ଭାବ୍ୟ ଜୀବନକାଳ ବା ଆୟୁଷ ତା' ଶରୀରର ଆକାର ସହିତ କିଛି ସମ୍ପର୍କ ରହିଛି। ସାଧାରଣତଃ ଛୋଟ ଛୋଟ ଜୀବମାନେ ବଡ଼ମାନଙ୍କ ତୁଳନାରେ ଶୀଘ୍ର ଶୀଘ୍ର ସେମାନଙ୍କ ଶରୀର ଶକ୍ତି ବ୍ୟବହାର କରନ୍ତି। କାରଣ ତାଙ୍କ ଜୀବକୋଷଗୁଡ଼ିକର କ୍ରିୟାଶୀଳତା ଦ୍ରୁତ, ଯାହାକି ଏହାର ଦ୍ରୁତ ଅପଚୟ ସହ ସମ୍ପୃକ୍ତ। ତେବେ ଅଧିକ ଅନୁଧାନ କଲେ ଏହା ଠିକ୍ ମନେହୁଏ ନାହିଁ। କାରଣ ଅନେକ ଛୋଟଛୋଟ ଜୀବ ଅପେକ୍ଷାକୃତ ବୃହତ୍ତର ଜୀବଙ୍କ ତୁଳନାରେ ଅଧିକ ବର୍ଷ ବଞ୍ଚିବାର ଦୃଷ୍ଟାନ୍ତମାନ ରହିଛି। ବୃହତ୍ତମ ସଜୀବ ନୀଳତିମି ୩୫ ବର୍ଷ ବଞ୍ଚିଲାବେଳେ ଘୋଡ଼ାର ସମ୍ଭାବ୍ୟ ଜୀବନକାଳ ୪୦ବର୍ଷ, ଭାରତୀୟ ହାତୀର ୭୦ବର୍ଷ ଏବଂ ମଣିଷର ୭୦-୮୦ ବର୍ଷ। ସେହିପରି କ୍ଷୁଦ୍ରତମ ହମିଂବାର୍ଡର ଆୟୁଷ (୮ବର୍ଷ) ମୂଷାଠାରୁ ଅଧିକ (୪ ବର୍ଷ) ଏବଂ ରାଣୀ ପିମ୍ପୁଡ଼ି (୩ବର୍ଷ), ଛୁଚୁନ୍ଦ୍ରା (୩ବର୍ଷ) ସହିତ ସମାନ ବର୍ଷ ବଞ୍ଚେ।

ଅନ୍ୟପକ୍ଷରେ ସ୍ଥାନ, କାଳ, ପାତ୍ର ଉପରେ ନିର୍ଭର କରି ଗୋଟିଏ ପ୍ରଜାତିର ସମ୍ଭାବ୍ୟ ଜୀବନକାଳ ଭିନ୍ନ ଭିନ୍ନ ହୋଇଥିବାର ମଧ୍ୟ ଦେଖାଯାଏ। ଯେପରିକି ମଣିଷ– ଉଦାହରଣ ସ୍ୱରୂପ, ହଂକଂରେ ପୁରୁଷ ଓ ନାରୀମାନଙ୍କର ଏହା ଯଥାକ୍ରମେ ୮୨.୨ ଏବଂ ୮୮.୧ ବର୍ଷ ହେଲାବେଳେ, ଆମେରିକାରେ ୭୬.୩ ବର୍ଷ ଓ ୮୧.୪ ବର୍ଷ। ସେହିପରି ଅର୍ଥନୈତିକ ଦୃଷ୍ଟିକୋଣରୁ ଉନ୍ନତତର ଦେଶ ଜାପାନ (୮୧.୪ ଓ ୮୭.୫ବର୍ଷ), ସୁଇଡେନ୍ (୮୧.୩ ଓ ୮୪.୨) ଏବଂ ଭାରତ (୬୮.୫ ଓ ୭୧.୦)ରେ ଏହା ବିଭିନ୍ନ ଆଫ୍ରିକୀୟ ଦେଶମାନଙ୍କ (ସୋମାଲିଆ– ୫୫.୭ ଓ ୫୯.୧ବର୍ଷ, ସେଣ୍ଟ୍ରାଲ ଆଫ୍ରିକା– ୫୧.୧ ଓ ୫୫.୫୬) ତୁଳନାରେ ବେଶ୍ ଅଧିକ। ଅବଶ୍ୟ ହଂକଂ, ଜାପାନ ଏବଂ ଆମେରିକାର ଅଧିବାସୀଙ୍କ ସହ ତୁଳନା କଲେ ଆଫ୍ରିକୀୟମାନେ ଖର୍ବାକାର। ତେବେ ବୈଜ୍ଞାନିକମାନେ ଏହାକୁ ସେମାନଙ୍କ ସମ୍ଭାବ୍ୟ ଆୟୁଷ କମ୍ ହେବାର କାରଣ ରୂପେ ଗ୍ରହଣ କରନ୍ତି ନାହିଁ। ପୁନଶ୍ଚ କେବଳ ଆମରି ଦେଶ ମଧ୍ୟରେ ବିବିଧ ସାମାଜିକ ବର୍ଗର ଲୋକଙ୍କର ଏହା ଭିନ୍ନ ଭିନ୍ନ ହୋଇଥିବାର ନିକଟରେ ଅନୁଷ୍ଠିତ ଏକ ସର୍ବେକ୍ଷଣରୁ ଜଣାପଡ଼ିଛି (୨୦୧୩-୨୦୧୬ ଗଣନା)। ଉଦାହରଣ ସ୍ୱରୂପ, ତଥାକଥିତ ଉଚ୍ଚବର୍ଗର ଲୋକଙ୍କ କ୍ଷେତ୍ରରେ ମହିଳା ଓ ପୁରୁଷମାନଙ୍କ ସମ୍ଭାବ୍ୟ ଜୀବନକାଳ ଯଥାକ୍ରମେ ୭୨.୨ ଏବଂ ୬୯.୪ ବର୍ଷ, ଯାହାକି ଜନଜାତିର ଲୋକଙ୍କ କ୍ଷେତ୍ରରେ ୬୮.୦ ଏବଂ ୬୨.୪ ବର୍ଷ।

ବିଗତ ୨୦୨୦-୨୧ ମସିହାରେ କେମ୍ବ୍ରିଜ୍‌ର ୱେଲକମ୍ ସାଙ୍ଗର ଇନ୍‌ଷ୍ଟିଚ୍ୟୁଟ୍‌ଠାରେ ହୋଇଥିବା ନୂତନ ଗବେଷଣାରୁ ଜଣାପଡ଼ିଛି ଯେ ସମ୍ଭବତଃ ସଜୀବଠାରେ ଜିନୀୟ ଅବକ୍ଷୟର ବେଗ ହାତରେ ରହିଛି ତାହାର ବଞ୍ଚି ରହିବାର ଚାବିକାଠି। ସାଧାରଣ ଜୀବନଯାପନ କରୁଥିବା ଅଧିକାଂଶ ମଣିଷ ପ୍ରାୟ ୮୦ବର୍ଷ ବୟସରେ ମୃତ୍ୟୁବରଣ କରନ୍ତି। ଏହାର ଏକ ବିଜ୍ଞାନ ଭିତ୍ତିକ ସମ୍ଭାବ୍ୟ କାରଣ ନିର୍ଦ୍ଧାରଣ କରିଛନ୍ତି ଏବର ଗବେଷକଗଣ। ଏଥି ଅନୁସାରେ ଦୀର୍ଘକାଳ ବଞ୍ଚୁଥିବା ଜୀବମାନେ ସଫଳତାର ସହ ବୟସ ନିର୍ବିଶେଷରେ ସେମାନଙ୍କ ଡିଏନ୍‌ଏ (ଜିନୀୟ ପଦାର୍ଥ)ର ଧ୍ରୁବୀକରଣ ହାର ମନ୍ଥର କରିପାରନ୍ତି। ଗୋଟିଏ ବୃହତ୍ତର ଶରୀରଧାରୀ ନୀଳତିମି (୩୫ବର୍ଷ)ଠାରୁ ଜଳହସ୍ତୀ (୪୦ବର୍ଷ) ଏବଂ ଭାରତୀୟ ଜଳହସ୍ତୀ (୭୦ବର୍ଷ) ଅଧିକ କାଳ ବଞ୍ଚିବା ଏହାର ଏକ କାରଣ ହୋଇପାରେ। ସମ୍ଭବତଃ ଏହି କାରଣରୁ ବର୍ଷକୁ ୯୯ଟି ଧ୍ରୁବୀକରଣର ସମ୍ମୁଖୀନ ହେଉଥିବା ଜିରାଫମାନଙ୍କ ଆୟୁ ୭୯୬ଟି ଧ୍ରୁବୀକରଣ ଘଟୁଥିବା ମୂଷାଠାରୁ ଅଧିକ।

ଜୀବକୋଷ ମଧ୍ୟରେ ପ୍ରାକୃତିକ ଭାବେ ଏ ପ୍ରକାର ଜିନୀୟ ପରିବର୍ତ୍ତନ ଆସିଥାଏ। ଉପରୋକ୍ତ କେମ୍ବ୍ରିଜ ଗବେଷକଗଣ ଆବିଷ୍କାର କରିଛନ୍ତି ଯେ ବାର୍ଦ୍ଧକ୍ୟ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଶାରୀରିକ ଧ୍ରୁବୀକରଣ ହାର ସହିତ ସମ୍ଭାବ୍ୟ ଆୟୁଷ ବିଷମାନୁପାତିକ। ସେମାନେ ପ୍ରତିପାଦିତ କରିଛନ୍ତି ଯେ, ବିଶେଷକରି, ସ୍ତନ୍ୟପାୟୀମାନଙ୍କ କ୍ଷେତ୍ରରେ ଜୀବନକାଳର ସମ୍ଭାବନା ଯେତେ ଦୀର୍ଘ ତାଙ୍କଠାରେ ଧ୍ରୁବୀକରଣ ହାର ସେତେ କମ୍। ତେବେ ଏ ମତବାଦକୁ ପ୍ରତିଷ୍ଠିତ କରିବା ଲାଗି ଆବଶ୍ୟକ ଆହୁରି ଅନେକ ଗବେଷଣା ଓ ପରୀକ୍ଷା-ନିରୀକ୍ଷା। ତେବେ ତାହା ହୋଇପାରିଲେ ମଣିଷର ବୟସ ବୃଦ୍ଧି ବା ବାର୍ଦ୍ଧକ୍ୟ ପ୍ରକ୍ରିୟା ବୁଝିବା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇପାରିବ ଏବଂ ଫଳସ୍ୱରୂପ, ହୁଏତ ଆମ ସମ୍ଭାବ୍ୟ ଜୀବନକାଳ ବା 'ଏକ୍ସପାଏରି ଡେଟ୍' ବୃଦ୍ଧି କରିବା ସମ୍ଭବ ହେବ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ: ୯୯୩୭୯୮୫୭୬୭

# ମାଂସପେଶୀକୁ ଶକ୍ତ କରେ ହଳଦୀ

ହଳଦୀରେ ଏପରି ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ 'କୁରକୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ନଷ୍ଟ କରିଦିଏ। କେବଳ ସେତିକି ନୁହେଁ, ଏହାକୁ ଖାଇଲେ ମାଂସପେଶୀ ଦୃଢ଼ ହୋଇଥାଏ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ଅନ୍ୟପକ୍ଷରେ ଏଥିରେ ଥିବା କୁର୍‌କୁମିନ୍ ତତ୍ତ୍ୱ ମସ୍ତିଷ୍କ ପାଇଁ ବେଶ୍ ଉପକାରୀ। ଏହା ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ରକ୍ତଚାପ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ହଳଦୀ ରକ୍ତ ଚାପକୁ ସନ୍ତୁଳିତ ରଖିବା ସହ ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖିଥାଏ। ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ ବୋଲି ୟୁନିଭର୍ସିଟି ଅଫ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା



ଗବେଷଣାରୁ ଜଣାପଡ଼ିଛି। ହଳଦୀରେ ମଧ୍ୟ ଆଣ୍ଟିଅକ୍ସିଡାଣ୍ଟ ପିଗ୍‌ମେଣ୍ଟ ରହିଛି, ଯାହା ଆମ ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ।

# ଚିନ୍ତା ଦୂର କରିବାର ସହଜ ଉପାୟ



କେତେକ କାରଣରୁ ଅନେକେ ଚିନ୍ତାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ଏହି ସମୟରେ ବ୍ୟତିବ୍ୟସ୍ତ ନ ହୋଇ ସେଥିରୁ କିପରି ମୁକୁଳିବେ ସେ ନେଇ ଯୋଜନା କରନ୍ତୁ। ତେବେ ଚିନ୍ତାଠାରୁ ନିଜକୁ ଦୂରେଇ ରଖିବାର କେତୋଟି ସହଜ ଉପାୟ ରହିଛି। ପ୍ରଥମତଃ ନିଜ ମନକୁ ହାଲୁକା କରିବା ପାଇଁ କିଛି ଲେଖାଲେଖି କରନ୍ତୁ। ମନ ପସନ୍ଦର ବହି ପଢ଼ନ୍ତୁ। ନିଜକୁ ଏପରି ପରିବେଶରେ ରଖନ୍ତୁ ଯେମିତି ଆପଣଙ୍କର ମାନସିକତା ସକାରାତ୍ମକ ରହିବ। ଯଦି କୌଣସି କାରଣରୁ ଚିନ୍ତାଗ୍ରସ୍ତ ହୋଇଛନ୍ତି ତେବେ ସେନେଇ ଅଧିକ ଚିନ୍ତା କରନ୍ତୁ ନାହିଁ। ଏହି ସମୟରେ ମନ ପସନ୍ଦର ମୁଭି ଦେଖିପାରନ୍ତି। ଅଧିକାଂଶ ସମୟ ଚିନ୍ତାରେ ରହୁଥିବା କେତେକ ବ୍ୟକ୍ତିଙ୍କୁ ନେଇ ସିଓଲ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନଙ୍କୁ ନିଜ ମନ ପସନ୍ଦର ବହି ପଢ଼ିବା ସହ କିଛି ଲେଖାଲେଖି କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ନିଜକୁ ଚିନ୍ତାଠାରୁ କେତେକାଂଶରେ ଦୂରେଇ ନେବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସକାରାତ୍ମକ ମାନସିକତା ପାଇଁ

ନିଜର ମାନସିକତାକୁ ସକାରାତ୍ମକ ରଖିବା ସହଜ କଥା ନୁହେଁ। କାରଣ ଆମେ ନିଜର ଧାଁଧପଡ ଜୀବନ ଭିତରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଉ। ହେଲେ ଯଦି ଜଣେ ବ୍ୟକ୍ତି କିଛି ସମୟ ଭିଡିଓଗେମ୍ ଖେଳନ୍ତି ତେବେ ସେ ଏ କ୍ଷେତ୍ରରେ କେତେକାଂଶରେ ସଫଳ ହୋଇପାରିବେ। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଇଟାଲୀର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ଭିଡିଓଗେମ୍ ଖେଳିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ସେମାନଙ୍କର ମାନସିକତା କିପରି ରହୁଛି ତାହାକୁ ନିୟମିତ ସମୟ ଅନ୍ତରାଳରେ ତନ୍ନ ତନ୍ନ କରି ମନୋବିଜ୍ଞାନୀମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ମାନସିକତାରେ ପରିବର୍ତ୍ତନ ଆସୁଥିବାର ସେମାନେ ଲକ୍ଷ୍ୟ କରିଥିଲେ। କିନ୍ତୁ ଭିଡିଓଗେମ୍ ଖେଳିବା ସମୟରେ ଏହାର ସମୟସୀମା ସୀମିତ ରହିବା ଦରକାର ବୋଲି ମନୋବିଜ୍ଞାନୀମାନେ ପରାମର୍ଶ ଦେଇଛନ୍ତି।



# ଜାଣି ରଖନ୍ତୁ

➡କୌଣସି ଖାଦ୍ୟ ଖାଇବା ସମୟରେ ନିଜର ଲୋଭ ସମ୍ବରଣ କରନ୍ତୁ। ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

➡ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। କାରଣ ଗରିଷ୍ଠ ତଥା ମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➡ଯଦି ଗୋଟିଏ ସ୍ଥାନରେ ଯଦି ଅଧିକ ସମୟ ବସି କାମ କରିବାକୁ ପଡେ ତେବେ ମଝିରେ କିଛି ସମୟ ସିଟ୍‌ରୁ ଉଠି ଚାଲବୁଲ କରନ୍ତୁ। ଏହାଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଯିବାର ଆଶଙ୍କା କମ୍ ଥାଏ। ତା'ପରେ କିଛିସମୟ ବୁଲିଆସିଲେ ମନ ହାଲୁକା ଲାଗିଥାଏ ଏବଂ କାମ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ।

➡କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ବିଷୟରେ ଅବଗତ ହେଲେ ତାହାକୁ ଆଦୌ ଅବହେଳା କରନ୍ତୁ ନାହିଁ। ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

➤ନିଶାଦ୍ରବ୍ୟ ସେବନ ହୃଦ୍‌ଘାତ ପାଇଁ କେତେକାଂଶରେ ଦାୟୀ। ଏପରି ଅଭ୍ୟାସ ବଢ଼ିବା ଦ୍ୱାରା ତାହା ରକ୍ତ ସଞ୍ଚାଳନକୁ ଆବଶ୍ୟକତାଠାରୁ ଅଧିକ ସକ୍ରିୟ କରିଥାଏ। ତେଣୁ ଏହାର ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ ଏବଂ ହୃଦ୍‌ଘାତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ସେଥିଲାଗି ଏଭଳି ଅଭ୍ୟାସଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ।

➤ଯଦି ଆପଣଙ୍କର ରକ୍ତଚାପଜନିତ ସମସ୍ୟା ରହିଛି ତେବେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ବିଶେଷଭାବରେ ଅଧିକ ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏଥିଯୋଗୁ ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।

➤ଯଦି ଘରେ ଫାଷ୍ଟ-ଏଡ୍ କିଟ୍ ରଖିଛନ୍ତି ତେବେ ଏଥିରେ ଥିବା ଆବଶ୍ୟକ ସାମଗ୍ରୀ ନିୟମିତ ସମୟ ଅନ୍ତରାଳରେ ଚେକ୍ କରିନିଅନ୍ତୁ।

➤ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। କାରଣ ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ସୁସ୍ଥ ରଖିବା ଅନ୍ତରାଳରେ ଚାଲିବାର (ମର୍ନିଂ ୱାକ୍) ଭୂମିକା ରହିଛି।

➤ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ ତେବେ ଅନ୍ତତଃ ପ୍ରତି ମାସରେ ସୁଗାର ପରିମାଣ ମାପି ନିଅନ୍ତୁ। ତା' ସହ ଆପଣଙ୍କର ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ









60+ Bluelink connected features



Home to car (H2C) with Alexa & Google Voice Assistant*



10 Regional languages infotainment


Two tone black & greige interiors



2-step rear reclining seats



Power driver seat - 4 way


Drive mode select (Normal, Eco, Sport)



Connecting LED tail lamps



Ambient sounds of nature

Hyundai
No.1
SUV maker
JAN – DEC 2021

HYUNDAI

To know more, WhatsApp us on **8447228019**

3 YEARS • Unlimited km Warranty* • Road Side Assistance (RSA)

UPTO 7 YEARS Extended Warranty*

Hyundai Mobility Membership

Hyundai Cl!ck to Buy

Lowest cost of maintenance##

Scan to explore the Lit life!

**For Information Contact:** Toll Free:1800114645 **Bhubaneswar:** Utkal Hyundai, Pahal, Ph: 6371750223, Rasulgarh, Ph: 8093066006, Patia, Ph: 9861455661 Aditya Hyundai, Tamando, Ph: 7873999645, Nayagarh, Ph: 7873999331 Sachivalaya Marg, Unit IV, Ph: 7873999988, Lewis Road, Ph: 7873999523, **Angul:** Binod Hyundai, Ph: 8093147272 **Balangir:** Binod Hyundai, Ph: 8117067272 **Berhampur:** Utkal Hyundai, Ph: 9437964843 **Balasore:** Premier Hyundai, Ph: 9938449806, Bhadrak, Ph: 9938449806 **Baripada:** Premier Hyundai, Ph: 9938449811 **Cuttack:** OSL Hyundai, Ph: 9338104597, Paradeep, Ph: 7077736600, Jagatsinghpur, Ph: 7077736590 Utkal Hyundai, Ph: 9437063221, Keonjhar, Ph: 9937117471, Jajpur, Ph: 7077719045 **Rourkela:** Koshala Hyundai, Ph: 7440022333, Rajgangpur, Ph: 8093598037 **Sambalpur:** Aakashdeep Hyundai, Ph: 9437070126 **Bargarh:** Sakambari Hyundai, Ph: 6370101797 **Jharsuguda:** Infinity Hyundai, Ph: 7077011114, Sundergarh, Ph: 7606003303 **Jeypore:** HSPL Hyundai, Ph: 8480330001, Similiguda, Ph: 8480330001, Raigada, Ph: 8480330001, Bhawanipatna, Ph: 8480330040 **Uttara:** Aditya Hyundai, Ph: 7873999545, Puri, Ph: 7873999980

*Terms & Conditions apply. Features & specifications shown may not be part of standard fitment & are subject to change without prior notice. Segment is defined by comparable sub 4m SUVs whose length lies between 3 993-3 995 mm, width between 1 770-1 821 mm, petrol engine capacity from 998-1 462 cc & diesel engine capacity from 1 493-1 497 cc. Alexa Amazon Echo device is not a standard car accessory & customer needs to purchase from third party. Actual Echo device may differ from the one shown. Hyundai Bluelink Amazon skill/Action on Google only works in India and can be interacted in English & Hindi. Alexa Skill / Action on Google functions only in select Hyundai Car(s) and depends on your device compatibility, software and availability of network and device internet. Functionality of Bluelink depends on adequate power supply and uninterrupted network connectivity to infotainment system. The Bluelink system is designed in such a way that it makes vehicle theft difficult if its circuit and battery connection is uninterrupted. ##The new Hyundai VENUE (Petrol) has lowest average yearly periodic maintenance service cost of ₹2 851 for 5 years in Delhi. **Source:** Cardekho.com. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads. Hyundai No. 1 SUV maker – Highest number of SUVs sold by an OEM in 2021. INNOCEAN-018/22

## ସଂକ୍ଷେପରେ

### ୫୧ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼ ଅଫିସ,୨୬।୬: ଇଟାମାଟିର ସାମାଜିକ କର୍ମୀ ସାଇ ଶୁଭମ୍ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ମାଧମରେ ନିଜର ଜନ୍ମଦିନ ପାଳନ କରିଛନ୍ତି। ଏହି ପ୍ରରିପେକ୍ଷୀରେ ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ଦାମୋଦର ସାହୁ, ନୟାଗଡ ମୁନିସିପାଲିଟି ଉପାଧକ୍ଷ୍ୟ ଗୁରୁପ୍ରସାଦ ଜେନା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରୁଦ୍ର ମାଧବ ଦାସ, ଶୁଭଙ୍କର ପ୍ରଧାନ, ଦେବାଶିଷ ମାର୍ଥା, ସୌମ୍ୟ ପୃଷ୍ଟି, ସ୍ୱାଗତ ସାହୁ ସହଯୋଗ କରିଥିଲେ।

### ୩୪ ସମିତିର ୩୫ ବୁଥ୍‌ରେ ନିର୍ବାଚନ

**୨୯୭ ସମିତି ପାଇଁ ୬୦୨ ପ୍ରାର୍ଥୀ**



ନୟାଗଡ଼ ଅଫିସ,୨୬।୬: ନୟାଗଡ ଜିଲାର ୩୪ ସମବାୟ ସମିତିରେ ୩୫ ଟି ବୁଥ୍ କରାଯାଇ ରବିବାର ଭୋଟ କରାଯାଇଥିଲା । ୨୯୭ ସମିତି ପାଇଁ ହୋଇଥିବା ନିର୍ବାଚନରେ ୬୦୨ ଜଣ ଡାଇରେକ୍ଟର ପ୍ରାର୍ଥୀ ହୋଇଥିଲେ । ରବିବାର ଶାନ୍ତିଶୃଙ୍ଖଳାର ସହ ସମବାୟ ନିର୍ବାଚନ ୨ୟ ପର୍ଯ୍ୟାୟରେ ଶେଷ ହୋଇଛି । ୧୭ରୁ ୧୮ ଦିନ ପରେ ସିମତିରେ ପୁଣି ସଭାପତି ନିର୍ବାଚନ ହେବ ।

### ମହିଳାଙ୍କୁ ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୨୬।୬: ଜନୈକା ମହିଳାଙ୍କୁ ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ଶ୍ୱଶୁରଘର ଲୋକ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୯୯/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଗ୍ରାମର ହେମ ସେଠୀ ବ୍ରହ୍ମପୁର କାଳୁପାତ୍ର ସାହିର ମିଟୁ ସାହୁଙ୍କୁ ପ୍ରଥମେ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ହେମଙ୍କୁ ତାଙ୍କ ସ୍ୱାମୀ ମିଟୁ ମଦ୍ୟପାନ କରି ସବୁବେଳେ ମାରପିଟ କରୁଥିଲେ। କିଛିବର୍ଷ ପୂର୍ବେ ମିଟୁ ହେମଙ୍କୁ ଘରୁ ତଡି ଦେଇଥିଲେ। ଫଳରେ ହେମ ତାଙ୍କ ସ୍ୱାମୀଙ୍କୁ ଛାଡ଼ି ଚିକିଟିରେ ରହୁଥିଲେ। ସେଠାରେ କିଛି ମାସ ରହିବା ପରେ ହେମଙ୍କ ସହ ଚିକିଟିର ସନ୍ତୋଷ କୁମାର ବ୍ରହ୍ମାଙ୍କ ସହ ଦେଖା ହୋଇଥିଲା। ପରେ ସେ ସନ୍ତୋଷଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା।

# ଭାପୁର ବ୍ଲକର ୨୦ ପଞ୍ଚାୟତରେ ହେବ ସ୍ୱତନ୍ତ୍ର ଅଡିଟ୍

ନୟାଗଡ଼ ଅଫିସ/ଭାପୁର, ୨୬।୬ (ଡି.ଏନ୍.ଏ.)



ରାସ୍ତା ନାହିଁ, ମିଥ୍ୟା ବିଲ୍ କରାଯାଇ ଅର୍ଥ ଆତ୍ମସାତ୍ ହୋଇଥିବା ସ୍ଥାନ।

- ଆଜିଠୁ ତଦନ୍ତ କରିବେ ପଞ୍ଚାୟତିରାଜ ବିଭାଗ ଟିମ୍
- ମିଶନ ଶକ୍ତି ଗୃହ ଦୁର୍ନୀତି ଖୋଲିଲା ଗୁମର
- ଲୋକାୟୁକ୍ତଙ୍କ ଛାଟ ପରେ ଦାଖଲ ହେବ ତଦନ୍ତ ରିପୋର୍ଟ

ନୟାଗଡ଼ ଜିଲା ଭାପୁର ବ୍ଲକରେ ହୋଇଥିବା ଫଲସ୍ ବିଲ୍, ଜାଲ ଦସ୍ତଖତ, ବିଭିନ୍ନ ପ୍ରକାରର ଦୁର୍ନୀତିର ସ୍ୱତନ୍ତ୍ର ଅଡିଟ୍ ଜୁନ୍ ୨୭ ଅର୍ଥାତ୍ ସୋମବାଠାରୁ ଆରମ୍ଭ ହେବ । ରାଜ୍ୟ ପଞ୍ଚାୟତ ରାଜ ବିଭାଗର ସ୍ୱତନ୍ତ୍ର ଟିମ୍ ଏହି ଦୁର୍ନୀତିର ତଦନ୍ତ କରି ଜିଲାପାଳଙ୍କୁ ରିପାର୍ଟ ଦେବେ । ତଦନ୍ତ ରିପୋର୍ଟ ମିଳିବା ପରେ ଜିଲାପାଳ ଏହାକୁ ଅଗଷ୍ଟ ୮ରେ ଲୋକାୟୁକ୍ତଙ୍କ ପାଖରେ ଦାଖଲ କରିବେ । ଭାପୁର ବ୍ଲକର ମିଶନ ଶକ୍ତି ଗୃହ ନିର୍ମାଣରେ ହୋଇଥିବା ଦୁର୍ନୀତି ଲୋକାୟୁକ୍ତରେ ଅଭିଯୋଗ ହେବା ପରେ ଏହା ବ୍ଲକର ଅନ୍ୟ ଦୁର୍ନୀତିକୁ ପଦାରେ ପକାଇଛି ।

ଭାପୁର ବ୍ଲକରେ ମିଶନ ଶକ୍ତି ଗୃହ ନିର୍ମାଣରେ ଦୁର୍ନୀତି ହୋଇଥିବା ମିଶନ ଶକ୍ତି ସଚିବ ତଥା ଆୟୁକ୍ତ ସୁଜାତା କାର୍ତ୍ତିକେୟନଙ୍କ ପାଖରେ ଫତେଗଡ ପଞ୍ଚାୟତର ୩ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୁରମା ସ୍ୱାଇଁ, ଟିକିନା ପରିଡା, ପ୍ରମିଳା ଖୁଣ୍ଟିଆ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଘଟଣାର ତଦନ୍ତ ହୋଇ ଦୁର୍ନୀତି ହୋଇଥିବା ପ୍ରମାଣିତ ହୋଇଥିଲା । ତେବେ ବ୍ଲକ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ବଦଳରେ ଘଟଣାକୁ ଚାପି ଦିଆଗଲା । ଏପରିସ୍ଥଳେ ସ୍ୱୟଂ ସହାୟିକା ଗୋଷ୍ଠୀର ୩ ସଭାନେତ୍ରୀ ଭାପୁର ବ୍ଲକର ପୂର୍ବତନ ବ୍ଲକ ଉପାଧକ୍ଷ ଗୟାଧର ପରିଡା, ବିଡିଓ, ଏବିଡିଓଙ୍କ ପରି ୬ଜଣଙ୍କ ନାମରେ ଲୋକାୟୁକ୍ତରେ ଅଭିଯୋଗ କରିଥିଲେ । ଲୋକାୟୁକ୍ତରେ ମାମଲା ପରେ ପ୍ରଶାସନ ଭାପୁର ବ୍ଲକର ତତ୍କାଳିନ ବିଡିଓ ସତ୍ୟ ସୁନ୍ଦର ରାଉତ, ବ୍ଲକର ନିର୍ବାହି ଯନ୍ତ୍ରୀ ବୃନ୍ଦବାନ ବରିହା, କନିଷ୍ଠ ଯନ୍ତ୍ରୀ ପ୍ରକାଶ ସେଠୀଙ୍କଠାରୁ ୪ ଲକ୍ଷ ଟଙ୍କା ଆଦାୟ କରିଥିଲେ । ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଏଭଳି ସ୍ଥଳେ ଲୋକାୟୁକ୍ତ ନିଜ ଆଡୁ ଭାପୁର ବ୍ଲକରେ ହୋଇଥିବା ଅନ୍ୟ ଦୁର୍ନୀତି ସମେତ ଭାପୁର ବ୍ଲକର ପୂର୍ବତନ ଅଧକ୍ଷା ଶାନ୍ତିଲତା ବେହେରା ଫତେଗଡ଼ ଥାନାରେ କରିଥିବା ମାମଲା(ନଂ.୧୨୮/୨୨)ର ତଦନ୍ତ ରିପୋର୍ଟ ଜିଲା ପ୍ରଶାସନ ଓ ଫତେଗଡ ଥାନାକୁ ନୋଟିସ ତଲବ କରଛନ୍ତି । ଲୋକାୟୁକ୍ତଙ୍କ ଛାଟ ପରେ ଜିଲାପାଳ ଏହାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ରାଜ୍ୟ ପଞ୍ଚାୟତ ରାଜ ବିଭାଗକୁ ଅନୁରୋଧ କରିଥିଲେ ।

### ଦୁର୍ନୀତିକୁ ପ୍ରୋତ୍ସାହନ

ଭାପୁର ବ୍ଲକରେ ବହୁ କୋଟି ଟଙ୍କାର ଫଲସ୍ ବିଲ୍ ହୋଇଛି । ତେବେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ବଦଳରେ ଦୁର୍ନୀତିକାରୀଙ୍କୁ ପ୍ରୋତ୍ସାହନ ମିଳିଛି । ପୁଣି ଦୁର୍ନୀତିଗ୍ରସ୍ତ ଅଫିସର ବିଡିଓ ସତ୍ୟ ସୁନ୍ଦର ରାଉତ ଫାଇନ ଭରଣା କଲା ପରେ ବି ପଦୋନ୍ନତି ପାଇ ଡେପୁଟି କଲେକ୍ଟର ହୋଇ ମୟୁରଭଞ୍ଜରେ କାର୍ଯ୍ୟ କରୁଛନ୍ତି । ଜଣେ ପୂର୍ବତନ ମହିଳା କନିଷ୍ଠ ଯନ୍ତ୍ରୀଙ୍କୁ ପଦୋନ୍ନତି ପାଇ ପୁଣି ଭାପୁର ବ୍ଲକରେ ଅବସ୍ଥାପିତ କରାଯାଇଛି । ଏହି ବ୍ଲକର ୨୦ ପଞ୍ଚାୟତରେ ବିକାଶ ନାଁରେ ଡିଣ୍ଡିମ ପିଟି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରାଯାଇଛି। ଯାହାର ନଜୀର ୨୦୧୭ରୁ ୨୦୨୨ ମଧ୍ୟରେ ମିଶନ ଶକ୍ତି ଗୃହ ନ କରି ଫଲସ ବିଲ କରି ୬୮ ଲକ୍ଷ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଥିଲା । ସେହିପରି ବଡସହରା ପଞ୍ଚାୟତରେ ଏମଜିଏନ୍‌ଆରଇଜିଏସ୍‌ରେ ଗୋଟିଏ ରାସ୍ତାକୁ ୨୨ ଥର ବିଲ କରି ୧କୋଟି ୮୫ ଲକ୍ଷ ଟଙ୍କା ହଡପ ହୋଇଥିବା ଅଭିଯୋଗ ରହିଛି । ଶାସନ ପଞ୍ଚାୟତର ଗଣ୍ଡା ନାଳରେ ପୋଖରୀ ଖୋଳି ୯ ଲକ୍ଷ ଟଙ୍କା ହଡପ ହୋଇଥିଲା । ନିମାଣି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଫଲସ୍ ବିଲ୍ କରାଯାଇ ୧ ଲକ୍ଷ ୩୦ ହଜାର ଟଙ୍କା ଆତ୍ମସାତ୍ ହୋଇଛି । ଏହି ଘଟଣାରେ ଜଣେ ଜିଆରଏସ୍ ଚାକିରୀରୁ ବହିଷ୍କୃତ ହୋଇଛନ୍ତି । ଭାପୁର ପଞ୍ଚାୟତ ଖଇରଗାଡିଆ ଗାଁରେ ଚୁଆ, ପୋଖରୀ ଓ ରାସ୍ତା ନାଁରେ ୨୪ ଲକ୍ଷ ଟଙ୍କା ଫଲସ୍ ବିଲ୍ ହୋଇଛି । ଏହି ଦୁର୍ନୀତିରେ ୨୪ ଲକ୍ଷ ଟଙ୍କା ପୂର୍ବତନ ବିଡିଓ ସତ୍ୟ ସୁନ୍ଦର ରାଉତଙ୍କ ସମେତ ୬ଜଣଙ୍କ ଠାରୁ ରିକୋଭରି ହୋଇଛି । ଏତଦ୍ ଭିନ୍ନ ବାଉଁଶବାଟି ପଞ୍ଚାୟତରେ ଗାର୍ଡ ୱାଲ ନ କରି ୯ଲକ୍ଷ ଫଲସ୍ ବିଲ୍, ବାଉଁଶବାଟି ଦଳିତ ସାହିରେ ରାସ୍ତା ନ କରି ୯ ଲକ୍ଷ ଟଙ୍କାର ଅନୁରୂପ ଭାବେ ଫଲସ୍ ବିଲ୍ ହୋଇଛି । ପୁଣି ପଦ୍ମାବତୀ ପଞ୍ଚାୟତର ଗିରିଗିରିଆ ସାହି ଖେଳପଡିଆ ନାଁରେ ୫ ଲକ୍ଷ, ମା' ଭଟାରିକା ଲାଇବ୍ରେରୀ ନାଁରେ ୯ ଲକ୍ଷ, ଦାଣ୍ଡସାହିରୁ ଦଳିତ ସାହି ରାସ୍ତା ନାଁରେ ୯ ଲକ୍ଷଟଙ୍କାର ଅନୁରୂପ ଭାବେ ଫଲସ୍ ବିଲ୍ କରାଯାଇଛି । କରବର ପଞ୍ଚାୟତରେ ନାଉକୁଣ୍ଡା ନାଳ ଉନ୍ନତୀକରଣ ନାଁରେ ୨୭ ଲକ୍ଷ, ନଦୀକୂଳ ସାହିରୁ ମଶାଣିପଦା ରାସ୍ତା ନାଁରେ ୪୫ ଲକ୍ଷ, ରାକମା ପଞ୍ଚାୟତରେ ଡେଙ୍ଗାବାହାଡାରୁ ଗୋସିଙ୍ଗ ପାହାଡକୁ ରାସ୍ତା ନାଁରେ ୧ କୋଟି ୮୦ ଲକ୍ଷ ପରି ଅନେକ ଫଲସ୍ ବିଲ୍ ହୋଇଛି । ଅନ୍ୟପକ୍ଷେ ଭାପୁର ବ୍ଲକର ପୂର୍ବତନ ଅଧକ୍ଷା ଶାନ୍ତିଲତା ବେହେରାଙ୍କ ଜାଲ ଦସ୍ତଖତରେ ୮୦ କୋଟି ଟଙ୍କା ଆତ୍ମସାତ୍ କରାଯାଇଥିବା ଅନୁରୂପ ଅଭିଯୋଗ ରହିଛି ।

## ନିଶା ଅପବ୍ୟବହାର, ଅବୈଧ ଚାଲାଣ ନିରୋଧୀ ଦିବସ




ବାହାରିଥିବା ସଚେତନତା ଶୋଭାଯାତ୍ରା ।

ନୟାଗଡ଼ ଅଫିସ,୨୬।୬

ଜିଲା ସଂସ୍କୃତି ଭବନ ପରିସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ, ନୟାଗଡ଼ ଦ୍ୱାରା ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ପାଳିତ ହୋଇଯାଇଛି । ରବିବାର ସକାଳ ୮ଟାରେ ଜଗନ୍ନାଥ ମନ୍ଦିର ନିକଟରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିଥିଲା । ସଭାରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ ଯୋଗଦେଇ ଏହି ଦିବସ ପାଳନର ଆବଶ୍ୟକତା ଓ ସମାଜରେ ନିଶା ସେବନ ଯୋଗୁ ଘଟୁଥିବା ଅପରାଧ ଓ ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଜିଲା ଅବକାରୀ ବିଭାଗ ଅଧୀକ୍ଷକ ବାସନ୍ତୀ ପ୍ରଭା ନାୟକ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ନିଶାର ଅବୈଧ ଚାଲାଣକୁ ରୋକିବା ତଥା ନିଶାର ପ୍ରସାରକୁ ବନ୍ଦ କରି ସୁସ୍ଥ ଓ ବିକଶିତ ସମାଜ ଗଠନ ଦିଗରେ ବ୍ରତୀ ହେବା ପାଇଁ ଯୁବ ସମାଜକୁ ଆହ୍ୱାନ କରିଥିଲେ । ସେବାର ନିଶା ପରିତ୍ୟାଗ ଓ ପୁନର୍ବାସ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ନିଶା ସେବନ ଯୋଗୁ ହେଉଥିବା ଶାରୀରିକ ଓ ମାନସିକ କ୍ଷତି ତଥା ପରିବାର ଓ ସମାଜ ରେ ପଡୁଥିବା କୁପ୍ରଭାବ ଉପରେ ଆଲୋଚନା କରିଥିଲେ । ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ନିଶା ପରିତ୍ୟାଗ କରି ସୁସ୍ଥ ଓ ଉପାର୍ଜନକ୍ଷମ ହୋଇଥିବା ୫ ବ୍ୟକ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ଓ ଯୁବ ରେଡକ୍ରସର ଛାତ୍ରୀଛାତ୍ର, ଜିଲା ଅବକାରୀ ବିଭାଗର କର୍ମଚାରୀ , ସେବାର ଅନ୍ତେଃବାସୀ ଓ କର୍ମଚାରୀ ଯୋଗଦେଇଥିଲେ । ସେବାର ଉପସଭାପତି ସଞ୍ଜୟ କୁମାର ସୁବୁଦ୍ଧି ସଭା ପରିଚାଳନା କରିଥିଲେ । ସାମାଜିକ ସୁରକ୍ଷା ବିଭାଗର ରାଜଶ୍ରୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ବିଭାଗର ଶୁଭସ୍ମିତା ବରାଡ, ପ୍ରଦ୍ୟୁମ୍ନ କୁମାର ବରାଡ,ରାମକୃଷ୍ଣ ସୁବୁଦ୍ଧି, ବିଜୟ କୁମାର ବେହେରା ଓ ଯୋଗ ଶିକ୍ଷକ ଭଞ୍ଜ କିଶୋର ଯତି ସହଯୋଗ କରିଥିଲେ ।

## କୃଷିଋଣ ଶିବିର

ଭାପୁର,୨୬।୬ (ଡି.ଏନ୍.ଏ.)

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଭାପୁର ଆନୁକୂଲ୍ୟରେ ବାଇଗୁଣିଆ ପଞ୍ଚାୟତ ଅଧୀନ ନୂଆପଲ୍ଲୀରେ କୃଷିଋଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ବେବିନା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ପରିଚାଳକ ପବିତ୍ର ମୋହନ ପଣ୍ଡା ଓ ଭାପୁର ଶାଖା ପରିଚାଳକ ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ରହି ୫୧ ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରିଥିଲେ। ଅନ୍ୟ ଚାଷୀଙ୍କୁ ଋଣ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶାଖା ପରିଚାଳକ ସିତେଶ ମିଶ୍ର, ଲକ୍ଷ୍ମୀଧର ସାହୁ, ଶ୍ରୀନିବାସ ପଣ୍ଡା ପ୍ରମୁଖ ଯୋଗଦେଇ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଥିଲେ।

**OFFICE OF THE DISTRICT CONSUMER DISPUTES REDRESSAL COMMISSION, ANGUL**
No.263(3), Date:4.6.2022
**Empanelment for the post of Mediator in the Office of District Consumer Disputes Redressal Commission, Angul**
"Applicant desirous to be empanelled as Mediator may download application form from State C.D.R. Commission website www.scdrc.odisha.gov.in.
Sd./- President
D.C.D.R.C., Angul

## ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

ଆସିକା,୨୬।୬(ଡି.ଏନ.ଏ.)

ଆସିକା ବସଷ୍ଟାଣ୍ଡସ୍ଥିତ ଓଡିଆ ସମାଜ କୁଳଘର ଠାରେ ରବିବାର ଅଖିଳ ଭାରତ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ସୀମାଞ୍ଚଳ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ତୃତୀୟ ଶ୍ରେଣୀ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ରାଜେଶ ବହିଦାର ମୁଖ୍ୟଅତିଥି, ପୂର୍ବତନ ରାଜ୍ୟ ସମ୍ପାଦକ ବୃହସ୍ପତି ସାମଲ ମୁଖ୍ୟବକ୍ତା ଏବଂ ପୋଷ୍ଟମ୍ୟାନ ଓ ଏମଟିଏସ ସଂଘର ରାଜ୍ୟ ସମ୍ପାଦକ ଏମ.ସି.ଏସ. ରାଓ ଉଦଘାଟକ ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସିକା ଜୋନ ସମ୍ପାଦକ ବସନ୍ତ କୁମାର ପାଠୀ, ବ୍ରହ୍ମପୁର ସମ୍ପାଦକ ଶିବାନନ୍ଦ ଦାସ ଯୋଗଦେଇଥିଲେ । ସମ୍ମିଳନୀରେ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦେଶର ସର୍ବ ପୁରାତନ ଡାକଘର ସଞ୍ଚୟ ବ୍ୟାଙ୍କକୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଲିମିଟେଡ ସହ ମିଶ୍ରଣକୁ ନେଇ ଉଦବେଗ ପ୍ରକାଶ କରାଯିବା ସହ ତୁରନ୍ତ ଏହା ବନ୍ଦ କରିବା ଲାଗି ଦାବି କରାଯାଇଥିଲା। ନୂତନ ପେନସନ ସ୍କିମ ଉଚ୍ଛେଦ କରି ପୁରାତନ ପେନସନ ସ୍କିମ ଲାଗୁ କରିବା, ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବା, ଡାକ କର୍ମଚାରୀ ସଂଘର ପରିଚାଳନାରେ ହସ୍ତକ୍ଷେପ ବନ୍ଦ କରିବା, ପୋଷ୍ଟଲ ଆସିଷ୍ଟାଣ୍ଟ ମାନଙ୍କ ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି କରାଯାଇଥିବାରୁ ସେମାନଙ୍କ ଦରମାକୁ ମଧ ବୃଦ୍ଧି କରିବା ସମ୍ପର୍କରେ ପ୍ରସ୍ତାବ ଗୃହିତ ହେଇଥିଲା ।

## ସେବା ସମବାୟ ସମିତି ନିର୍ବାଚନ, ୧୦ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଖଣ୍ଡପଡ଼ା,୨୬।୬ (ସ୍ୱ.ପ୍ର.)

ନୟାଗଡ଼ ଜିଲା ସେବା ସମବାୟ ସମିତି ନିର୍ବାଚନ ପରିପ୍ରେକ୍ଷୀରେ ରବିବାର ଖଣ୍ଡପଡା ବ୍ଲକ ଅଧୀନ କଣ୍ଟିଲୋ ସେବା ସମବାୟ ସମିତି ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ ଅଧିକାରୀ ବସନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନିର୍ବାଚନରେ ପ୍ରିଜାଇଡିଂ ଅଫିସର ତ୍ରିନାଥ ନାୟକ, ପୋଲିଂ ଅଫିସର ରବିନ୍ଦ୍ର କୁମାର ସାହୁ ଓ ଆର୍ତ୍ତବନ୍ଧୁ ପ୍ରଧାନ ସହଯୋଗ କରିଥିଲେ । କଣ୍ଟିଲୋ ସେବା ସମବାୟ ସମିତିର ବିଭିନ୍ନ ଜୋନରୁ ପୂର୍ଣ୍ଣଚନ୍ଦ୍ର ମହାରଣା, ସୁବାସ ଚନ୍ଦ୍ର ଖଟୁଆ, ସନ୍ତୋଷ କୁମାର ସାହୁ, ମାଧବ ଚନ୍ଦ୍ର ସାହୁ, କପିନ୍ଦ୍ର କୁମାର ବେହେରା, ରଜତ କୁମାର ଦାସ, ଶିଶିର କୁମାର ସାହୁ, ଅଙ୍ଗୁଲି ରାଉତ, ବାସନ୍ତି ବେହେରା ଓ ବସନ୍ତ କୁମାର ମହାରଣା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଜେନାଙ୍କଠାରୁ ପ୍ରକାଶ ।

ସୂଚନାଯୋଗ୍ୟ, କଣ୍ଟିଲୋ ସେବା ସମବାୟ ସମିତିରେ ୧୫ ଜୋନରୁ ୧୦ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ରବିବାର ଅବଶିଷ୍ଟ ୫ ଜୋନ ପାଇଁ ନିର୍ବାଚନ ହୋଇଥିଲା । ୧୨୬ ଜଣ ସଦସ୍ୟ ଭୋଟ ଦେଇଥିଲେ। ଲକ୍ଷ୍ମୀଧର ଓରଫ ନୀଳମଣି ସାହୁ ୧ ନଂ. ଜୋନରୁ, ୬ନଂ. ଜୋନ୍‌ରେ ଶୁଭ୍ରାଂଶୁ ମହାରଣା(ପୁପି), ୭ନଂ. ଜୋନରେ ଅଜୟ କୁମାର ସାହୁ, ୯ନଂ. ଜୋନରେ ପ୍ରମୋଦ କୁମାର ସାହୁ ଓ ୧୨ ନଂ. ଜୋନରେ ପ୍ରମୋଦ କୁମାର ଚିନରା ନିର୍ବାଚିତ ହୋଇନ୍ତେ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ସରପଞ୍ଚ ନିଜ ନିର୍ବାଚନ ପ୍ରତିଶ୍ରୁତି ପୂରଣ କଲେ

ନୟାଗଡ ଅଫିସ,୨୬।୬



ନୂଆ ଟ୍ରାକ୍ଟର ଚଳାଉଛନ୍ତି ସରପଞ୍ଚ ଚିତ୍ତରଞ୍ଜନ ।

ନିର୍ବାଚନ ବେଳେ ନେତାମାନେ ଲୋକଙ୍କ ମନ କିଣିବା ପାଇଁ ମାଳମାଳ ପ୍ରତିଶ୍ରୁତି ଦେଇ ପୁଣି ଭୁଲି ଯାଆନ୍ତି । ମାତ୍ର ନୟାଗଡ଼ ଜିଲା ରଣପୁର ବ୍ଲକ ଯୁବ ସରପଞ୍ଚ ଚିତ୍ତ ରଞ୍ଜନ ପ୍ରଧାନ ଭୁଲି ନାହାନ୍ତି ତାଙ୍କର ପ୍ରତିଶ୍ରୁତି । ନିଜ ସଞ୍ଚିତ ଅର୍ଥରୁ ସରପଞ୍ଚ ଟ୍ରାକ୍ଟର କିଣି ଓ୍ୱାର୍ଡର ଆବର୍ଜନା ବୋହିବା କାମରେ ନିୟୋଜିତ କରିଛନ୍ତି। ରବିବାର ଟ୍ରାକ୍ଟରର ଉଦଘାଟନ ଉତ୍ସବ ତଥା ଅଳିଆ ବୋହିବା କାମ ଆରମ୍ଭ ହୋଇଥିଲା । ନିଜେ ଟ୍ରାକ୍ଟର ଚଳାଇ ଆବର୍ଜନା ବୋହିଥିଲେ ସରପଞ୍ଚ। ଅନ୍ୟପକ୍ଷେ ପଞ୍ଚାୟତ ଅର୍ଥରେ ଡଷ୍ଟ ବିନ କିଣା ହୋଇଛି। ସେହି ଡଷ୍ଟବିନଗୁଡିକୁ ରାଜ ସୁନାଖଳା ମାର୍କେଟରେ ରଖାଯାଇଛି। ଉଦ୍ଦେଶ୍ୟ ହେଉଛି ଲୋକମାନେ ଆଉ ଅଳିଆ ଆବର୍ଜନା ଏଠି ସେଠି ନ ପକାଇ ଉକ୍ତ ଡଷ୍ଟବିନରେ ପକାଇବେ । ଆଉ ଟ୍ରାକ୍ଟରରେ ନିଆଯାଉଥିବା ଆବର୍ଜନରୁ ସହରଠାରୁ ଦୂରରେ ଏକତ୍ର କରାଯାଇ କମ୍ପୋଷ୍ଟ ତିଆରି କରାଯିବ । ଏଥିପାଇଁ ଜଣେ ଡ୍ରାଇଭର ଏବଂ ଜଣେ ସୁଇପରଙ୍କୁ ନିଯୁକ୍ତି ଦିଆଯାଇଛି । ପ୍ରତିଦିନ ଏଇ ଟ୍ରାକ୍ଟରରେ ଡଷ୍ଟବିନରୁ ଆବର୍ଜନା ନିଷ୍କାସନ କରାଯିବ । ଉଲ୍ଲେଖ ଯୋଗ୍ୟ, ରାଜ ସୁନାଖଳା ପଞ୍ଚାୟତରେ ୧୦ହଜାରରୁ ଅଧିକ ଲୋକ ବସବାସ କରୁଥିବା ବେଳେ ରାଜ୍ୟସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ତାଲିକାଭୁକ୍ତ କରିଛନ୍ତି । ମାତ୍ର ଏପର୍ଯ୍ୟନ୍ତ ବିଜ୍ଞାପିତ ଅଞ୍ଚଳ ଘୋଷଣା ହୋଇ ପାରିନି ।

## ଜିଲା ପରିଷଦ ସଭ୍ୟ ଡାଇରେକ୍ଟର ପଦବୀରୁ ପରାସ୍ତ

ନୟାଗଡ ଅଫିସ,୨୬।୬

ନୟାଗଡ ଜିଲା ଇଟାମାଟିର ବିଜେଡିର ଜିଲା ପରିଷଦ ସଭ୍ୟ ଆଶିଷ କୁମାର ଅଗ୍ରୱାଲ ଡାଇରେକ୍ଟର ନିର୍ବାଚନରେ ପରାସ୍ତ ହୋଇଛନ୍ତି । ରବିବାର ନିର୍ବାଚନରେ ଆଶିଷ ୧୯ ଭୋଟ ପାଇଥିବାବେଳେ ଭାଜପାର ଇଟାମାଟି ପଞ୍ଚାୟତ ସଭାପତି ଚନ୍ଦନ କୁମାର ଦାସ ୨୯ ଭୋଟ ପାଇ ବିଜୟୀ ହୋଇଛନ୍ତି । ୧ଟି ଭୋଟ ନାକଚ ହୋଇଛି। ସେହିଭଳି ଭାଜପାର ମଣ୍ଡଳ ସମ୍ପାଦକରାମଚନ୍ଦ୍ର ସାହୁ ୧୯ ଭୋଟ ପାଇ ବିଜୟି ହୋଇଛନ୍ତି । ସେ କିଶୋର ଚନ୍ଦ୍ର ନାୟକଙ୍କୁ ପରାସ୍ତ କରିଛନ୍ତି । କିଶୋର ୧୫ ଭୋଟ ପାଇଥିବାବେଳେ ୨ ଭୋଟ ନାକଚ ହୋଇଛି ।

## ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଦଶପଲ୍ଲା,୨୬।୬ (ଡି.ଏନ୍.ଏ.)

ରବିବାର ଦଶପଲ୍ଲାରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୩୦ ତମ ଶ୍ରାଦ୍ଧ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଗୋବିନ୍ଦ ଭବନରେ ଆୟୋଜିତ ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡ. ପୁଷ୍ପଲତା ରଥ, ସମ୍ମାନିତ ବକ୍ତା ଭାବେ ନୟାଗଡ଼ ଏସଡିପି ଓ ଶୁଭେନ୍ଦୁ କୁମାର ସିହ୍ନା,ସମ୍ମାନିତ ଅତିଥି ଉପ ଜିଲ୍ଲାପାଳ ଲମ୍ବଜିତ୍ ରାଉତ, ଦଶପଲ୍ଲା ପଂଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ ପ୍ରମୁଖ ଯୋଗଦାନ କରିଥିଲେ, ନାଟ୍ୟକାର ରାମ ଚନ୍ଦ୍ର ମିଶ୍ରଙ୍କ ଜୀବନୀ ଓ ନାଟକ ଉପରେ ବକ୍ତା ମାନେ ସାରଗର୍ଭକ ଭାଷଣ ଦେଇଥିଲେ, ଉପରୋକ୍ତ ଉକ୍ତ କାର୍ଯ୍ୟକ୍ରମକୁ ଆଡଭୋକେଟ ଶରତଚନ୍ଦ୍ର ବେହେରା ସଂଯୋଜନା କରିଥିଲେ, ସଭାପତି ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସଭାରେ ମଞ୍ଚାସୀନ ଅତିଥି ।

## ହୀରକ ଜୟନ୍ତୀ ପାଳନ ନେଇ ବିବାଦ

ନୟାଗଡ଼ ଅଫିସ,୨୬।୬

**ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୬୦ ବର୍ଷରେ ହୀରକ ଜୟନ୍ତୀ ପାଳନ ହେବାକୁ ନେଇ ପ୍ରସ୍ତୁତି ପରେ ସମାଲୋଚନା ଆରମ୍ଭ ହୋଇଛି । ହୀରକ ଜୟନ୍ତୀ କେତେ ବର୍ଷରେ ପାଳନ ହୁଏ ସେ ନେଇ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି । କିଏ କହୁଛନ୍ତି ୬୦ ବର୍ଷରେ ଆଉ କିଏ କହୁଛନ୍ତି ୭୫ ବର୍ଷରେ ପାଳନ ହେବା ଉଚିତ । କେହି କେହି କହୁଛନ୍ତି ୬୦ରୁ ୭୫ ବର୍ଷ ଭିତରେ ପାଳନ କରାଯାଉଛି । ତେବେ କେବେ ଏହି ଜୟନ୍ତୀ ପାଳନ କରାଯିବ ଭିନ୍ନ ମତ ପ୍ରକାଶ ପାଉଥିବାରୁ ଅସନ୍ତୋଷ ଦେଖା ଦେଇଛି । ନୟାଗଡ଼ କଲେଜ ୯ ଜୁଲାଇ ୧୯୬୧ରେ ସ୍ଥାପିତ ହୋଇଛି । କଲେଜକୁ ୬୦ ପୁରି ୧୧ମାସ ଡେଇଁଲାଣି । ଏନେଇ କଲେଜର ପୁରାତନ ଛାତ୍ର ରଣଜିତ୍ ଦାଶ କୁହନ୍ତି, ବାଣୀ ବିହାରରେ ହୀରକ ଜୟନ୍ତୀ ୭୫ ବର୍ଷ ପରେ ପାଳନ କରାଗଲା । ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ବର୍ତ୍ତମାନର ନୟାଗଡ଼ ବିଧାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା । ୬୦ ବର୍ଷରେ ପୁଣି ନୟାଗଡ଼ କଲେଜର ହୀରକ ଜୟନ୍ତୀ କିପରି ପାଳନ କରାଯିବ । ତେବେ କଲେଜରେ ଯେତେ ଫଙ୍କସନ ହେବ କିଛି ଅସୁବିଧା ନାହିଁ । କେଉଁ ମାପକାଠିରେ ହୀରକ ଜୟନ୍ତୀ ପାଳନ ହେବ ସେନେଇ ସ୍ପଷ୍ଟ କରାଯିବା ଦରକାର ବୋଲି ସେ କହିଛନ୍ତି । ଓଡ଼ଗାଁର ସାମାଜିକ କର୍ମୀ ଶାନ୍ତନୁ ବିଶୋଇ କୁହନ୍ତି, ୫୦ ବର୍ଷରେ ମଧ୍ୟ ହୀରକ ଜୁବୁଲି ପାଳନ କରାଯାଇଛି । କବି ଚନ୍ଦ୍ର ବିଜୟୀ ମିଶ୍ର ତର୍ଜମା ନ କରି ସମାଲୋଚନା କରିବା ଠିକ୍ ନୁହେଁ । ରୌପ୍ୟ ଜୟନ୍ତୀ ୨୫ ବର୍ଷ ପୂର୍ତ୍ତିରେ, ୪୦ ବର୍ଷ ପୂର୍ତ୍ତିରେ ରୁବି ଜୁବୁଲି, ସୁବର୍ଣ୍ଣ ଜୟନ୍ତୀ ୫୦ ବର୍ଷ ପୂର୍ତ୍ତିରେ, ୬୦ ବର୍ଷ ପୂର୍ତ୍ତିରେ ହୀରକ ଜୟନ୍ତୀ, ୭୫ ବର୍ଷ ପୂର୍ତ୍ତିରେ ପ୍ଲାଟିନମ ଜୁବୁଲି, ୧୦୦ ବର୍ଷ ପୂର୍ତ୍ତିରେ ଶତବାର୍ଷିକୀ ପାଳନ ହେଉଛି । ଏଣୁ ନୟାଗଡ଼ କଲେଜ ଯେଉଁ ହୀରକ ଜୟନ୍ତୀ ପାଳନ କରୁଛି ତାହା ଠିକ୍ ପରି ଜଣାପଡୁଛି । ଇଟାମାଟି କଲେଜର ଅଧକ୍ଷ ଅଶୋକ ନାୟକ କୁହନ୍ତି, ୬୦ ବର୍ଷ ପୂର୍ତ୍ତିରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ ପାଳନ କରୁଛି । ଠିକ ସମୟରେ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି ବୋଲି ସେ କହିଥିଲେ ।

## ସଂକ୍ଷେପରେ

### ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୨୬।୬(ସ୍ୱ.ପ୍ର.):ପାରାଦୀପ ମେରାଇନ୍ ଥାନା ଅନ୍ତର୍ଗତ ମାଛଧରାବନ୍ଦର ପରିସରରୁ ସମୁଦ୍ରକୁ ମାଛ ଧରିବା ପାଇଁ ଯାଇଥିବା ଜଣେ ମତ୍ସ୍ୟଜୀବୀଙ୍କ ଗୁରୁବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶର ଅର୍ଜଲା ଦୁର୍ଗାରାଓ (୫୦)। ସେ ପାରାଦୀପର ଷଣ୍ଢକୁଦ ବସ୍ତିରେ ରୁହନ୍ତି। ମେରାଇନ୍ ପୋଲିସ ଅପମୃତ୍ୟୁ ମାମଲା (ନଂ. ୪/୨୨) ରୁଜୁ କରି ମୃତହେଦ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଜୟ ମା'ଶାରଳା ନାମକ ବୋଟ୍‌ରେ ଦୁର୍ଗାରାଓ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ବୋଟ୍‌ରେ ତାଙ୍କ ଦେହ ଅସୁସ୍ଥ ହୋଇଯାଇଥିଲା।ଏନେଇ ବୋଟିଟି କୂଳକୁ ଫେରି ଆସିଥିଲା। ମାତ୍ର ବାଟରେ ଦୁର୍ଗାରାଓଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଡେରାବିଶ,୨୬।୬(ସ୍ୱ.ପ୍ର.): ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶପୁର ଗ୍ରାମର ପ୍ରଫୁଲ୍ଲ କୁମାରୀ ରଥ (୮୫)ଙ୍କ ରବିବାର ସର୍ପାଘାତରେ ମୃତ୍ୟୁ ଘଟିଛି । ପ୍ରତ୍ୟୁଷରେ ରଥ ନିଜ ଘରର ବାରଣ୍ଡାରେ ବସିଥିବା ସମୟରେ ଏକ ଗୋଖର ସାପ ତାଙ୍କୁ ଦଂଶନ କରିଥିଲା । ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କେନ୍ଦ୍ରାପଡ଼ା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁହସ୍ତାନ୍ତର କରିଥିଲା । ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍, କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧକ୍ଷା ଗୀତା ସେଠୀ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ ।

### ତାରପୁର କୃଷି ସମବାୟ ସମିତି ନିର୍ବାଚନ

ରଘୁନାଥପୁର,୨୬।୬(ଡି.ଏନ୍.ଏ.): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାଥପୁର ଶାଖା ଅଧିନସ୍ଥ ତାରପୁର କୃଷି ସେବା ସମବାୟ ସମିତି ଚିକିଣିଆ ବୋର୍ଡ ଡାଇରେକ୍ଟର ପଦବୀ ପାଇଁ ରବିବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ସମିତିର ୧୫ଟି ଜୋନ ମଧ୍ୟରୁ ୪ଟିରେ ପାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ୧୧ ଜୋନରେ ଡାଇରେକ୍ଟର ପଦବୀ ପାଇଁ ମତଦାନ ହୋଇଥିଲା। ନିର୍ବାଚନ କାର୍ଯ୍ୟରେ ସାରଦା ପ୍ରସନ୍ନ ଦାସ, ପ୍ରକାଶ କୁମାର ମହାପାତ୍ର ଓ ଦୀପ୍ତିରଞ୍ଜନ ସ୍ୱାଇଁ ନିୟୋଜିତ ଥିଲେ। ସକାଳ ୭ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ଏଆରସିଏସ୍ ଶିବ ଚରଣ ମହାନ୍ତି, ବିବେକାନନ୍ଦ ବେହେରା ଓ ପ୍ରଦୀପ ବେହେରା ମତଦାନ କେନ୍ଦ୍ରକୁ ଯାଇ ତଦାରଖ କରିଥିଲେ। ସମିତି ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ପୂର୍ବରୁ ୧୧ଟି ସମିତିର ବୋର୍ଡ ଡାଇରେକ୍ଟର ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବାବେଳେ କିଛି ସମିତିରେ ସଭାପତି ପଦବୀ ପାଇଁ ମତଦାନ ବାକି ରହିଛି।

# ଯୁବପିଢ଼ିଙ୍କୁ ନିଶାମୁକ୍ତ ପାଇଁ ଆହ୍ୱାନ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ**

ଜଗତ୍‌ସିଂହପୁର ଅଫିସ, ୨୬।୬


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅବକାରୀ, ପୋଲିସ ଅଧିକାରୀ ଓ କର୍ମଚାରୀମାନେ ।

ନିଶା ସେବନ ଦ୍ୱାରା କେବଳ ଅସୁସ୍ଥ ନୁହେଁ, ପରିବାରରେ ଅଶାନ୍ତି ଭରି ଦେଉଛି। ସାମାଜିକ ବିଶୃଙ୍ଖଳା ସାଙ୍ଗକୁ ଅପରାଧ, ଦୁର୍ଘଟଣା ବୃଦ୍ଧି ପାଉଛି। ବିଶେଷକରି ଦେଶର ଭବିଷ୍ୟତ କୁହାଯାଉଥିବା ଯୁବପିଢ଼ି ବରବାଦ ହୋଇଯାଉଛନ୍ତି। ସେମାନଙ୍କୁ ନିଶାମୁକ୍ତ କରିବା ଆଜିର ସମୟ ପାଇଁ ବଡ଼ ଆହ୍ୱାନ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଅବକାରୀ ଅଧୀକ୍ଷକ ବୈଜୟନ୍ତୀ ପଣ୍ଡା ଏହା କହିଛନ୍ତି। ସେ କହିଥିଲେ, ପିଲାମାନେ ଯୁବାବସ୍ଥାରେ ପହଞ୍ଚିଲେ ସେମାନଙ୍କ ଉପରେ ଅଭିଭାବକମାନଙ୍କୁ ନଜର ରଖିବାକୁ ପଡ଼ିବ। ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବା ସହ ଠିକ ରାସ୍ତାରେ ଯିବା ପାଇଁ ଗୁରୁ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପରିବାର ଓ ସମାଜକୁ ସୁସ୍ଥ ରଖିବା ପାଇଁ ଯୁବପିଢ଼ିଙ୍କୁ ସତର୍କ ନ କଲେ ପରିସ୍ଥିତି ଅଣାୟତ୍ତ ହୋଇଯିବ। ତେଣୁ କେବଳ ଦିବସକୁ ପାଳନରେ ସୀମିତ ନ ରଖି ଏହାର କାର୍ଯ୍ୟକାରିତା କ୍ଷେତ୍ରରେ ଅଧିକ ଯତ୍ନବାନ ହେବାକୁ ପଡ଼ିବ। ସଜାଗ ଓ ସଚେତନତା ଦ୍ୱାରା ହିଁ ମାନବ ସମାଜକୁ ନିଶା ସେବନରୁ ମୁକ୍ତ କରିହେବ। ତେଣୁ ଏସବୁ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତ୍ୟେକ ସଂସ୍ଥା ମଧ୍ୟ ବିଶେଷ ଦାୟିତ୍ୱବାନ ହେବା ପାଇଁ ପଣ୍ଡା ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅବକାରୀ ଇନ୍‌ସ୍ପେକ୍ଟର ନିମାଇଁ ଚରଣ ସିଂହ, ଜଗତ୍‌ସିଂହପୁର ଓଆଇସି ରଞ୍ଜୁଲତା ବାରିକ, ବାଲିକୁଦା ଓଆଇସି ଭାରତୀ ନାୟକ, ଜିଲା ମୋବାଇଲ ଦଳ ଓଆଇସି ସୌମ୍ୟ ରଞ୍ଜନ ନାୟକ, ତିର୍ତ୍ତୋଲ ଓଆଇସି ବଳରାମ ଦାସ ଓ ପାରାଦୀପ ଓଆଇସି ଅବନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପରୋକ୍ତ ଅଧିକାରୀମାନେ ଜନସଚେତନତା ପାଇଁ ନିଜ ଅଞ୍ଚଳରେ ବ୍ୟାନର ଓ ଲିଫଲେଟ୍ ଲଗାଇବା ବ୍ୟବସ୍ଥା କରିବେ ବୋଲି କହିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚାଲାଣ ନୀରୋଧ ସମ୍ପର୍କିତ ପ୍ରଚାର ଗାଡି ଜିଲା ପରିକ୍ରମା କରିବ ବୋଲି କୁହାଯାଇଥିଲା।

# ସେବା ସମବାୟ ସମିତି ୧୨ ଜୋନ୍ ନିର୍ବାଚନ ଫଳାଫଳ ଘୋଷିତ

ଯାଜପୁର ଅଫିସ,୨୬।୬

ଯାଜପୁର ଜିଲାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାଥମିକ ସେବା ସମବାୟ ସମିତି ନିର୍ବାଚନରେ ୧୨ଟି ଜୋନ୍‌ର ଫଳାଫଳ ପ୍ରକାଶ ପାଇଛି। ସେଥିମଧ୍ୟରୁ ପାଲଟପୁର ୧ ନମ୍ବର ଜୋନ୍‌ରେ ଅଶ୍ୱିନୀ ନାୟକ, ୨ ନଂ. ଜୋନ୍‌ରେ ଆନନ୍ଦ ଜେନା, ୩ ନଂ. ଜୋନ୍‌ରେ ରମେଶ ରାଉତ, ୪ନଂ. ଜୋନ୍‌ରେ ରାଜେଶ ବିଶ୍ୱାଳ, ୬ ନଂ. ଜୋନ୍‌ରେ ପ୍ରଫୁଲ୍ଲ କର, ୭ ନଂ. ଜୋନ୍‌ରେ ପ୍ରଫୁଲ୍ଲ ନାୟକ, ୮ ନଂ. ଜୋନ୍‌ରେ ଜଜେୟ ମଲିକ୍, ୧୦ ନଂ. ଜୋନ୍‌ରେ ନରେନ୍ଦ୍ର ସେଠୀ, ୧୧ ନଂ. ଜୋନ୍‌ରେ ହେମନ୍ତ ମଲିକ୍, ୧୨ ନଂ. ଜୋନ୍‌ରେ ତ୍ରିଲୋଚନ ମଲିକ୍, ୧୪ ନଂ. ଜୋନ୍‌ରେ ମନୋଜ ଦଳ ଓ ୧୫ ନଂ. ଜୋନ୍‌ରେ ଉର୍ମିଳା ବାରିକ୍ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ମିଶ୍ରଙ୍କଠାରୁ ପ୍ରକାଶ। ସେହିପରି କମାରଡିହ ପ୍ରାଥମିକ ସେବା ସମବାୟ ସମିତିର ୧୧ଟି ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ସେଥିମଧ୍ୟରୁ ୧ନଂ. ଜୋନ୍‌ରେ ଅଭିମନ୍ୟୁ ମଲିକ୍ , ୨ନଂ ଜୋନ୍‌ରେ ଦିଗାମ୍ବର ଦାସ, ୩ ନଂ. ଜୋନ୍‌ରେ ପଞ୍ଚାନନ ମଲିକ୍, ୪ନଂ. ଜୋନ୍‌ରେ ବିରଜା ମଲିକ୍, ୬ନଂ. ଜୋନ୍‌ରେ ରାଜେନ୍ଦ୍ର ବିଶ୍ୱାଳ, ୭ ନଂ. ଜୋନ୍‌ରେ ସୁକାନ୍ତି ଦାସ, ୯ ନଂ. ଜୋନ୍‌ରେ ଚୌଧୁରୀ ଜେନା, ୧୦ ନଂ. ଜୋନ୍‌ରେ ଅଲେଖ ଦାସ, ୧୧ନଂ. ଜୋନ୍‌ରେ ଜୟପ୍ରକାଶ ନାୟକ, ୧୨ ନଂ. ଜୋନ୍‌ରେ ପ୍ରତିମା ସାହୁ ଓ ୧୪ ନଂ. ଜୋନରେ ଶୈଳେନ୍ଦ୍ର ମହାପାତ୍ର ପ୍ରମୁଖ ବିଜୟୀ ହୋଇଛନ୍ତି।


ନିର୍ବାଚିତ ସଦସ୍ୟା ସଦସ୍ୟମାନେ ଖୁସି ମନାଉଛନ୍ତି।

# ଡ୍ରଗ୍ସ ସେବନ ବିରୋଧରେ ଅନ୍ତର୍ଜାତୀୟ ସଚେତନତା ଦିବସ



ସଚେତନତା ରାଲି ସହର ପରିକ୍ରମା କରୁଛି।

ଯାଜପୁର ଅଫିସ,୨୬।୬

ପ୍ରଶାସନ ଏବଂ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଡ୍ରଗ୍ସ ଅପବ୍ୟବହାର ଏବଂ ଅବୈଧ କାରବାର ବିରୋଧରେ ଅନ୍ତର୍ଜାତୀୟ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ରାଲି ପୂର୍ବାହ୍ନ ୮ଟାରେ ରାମମନ୍ଦିର ନିକଟରୁ ବାହାରି ମାନସାପୋଲ, ରେଡ୍‌କ୍ରସ ଛକ ଦେଇ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ପହଞ୍ଚିଥିଲା। ଉକ୍ତ ରାଲିକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ (ରାଜସ୍ୱ) ଏବଂ ଅବକାରୀ ଅଧୀକ୍ଷକ ଦେବୀ ପ୍ରସନ୍ନ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଯାଜପୁର ହାଇସ୍କୁଲର ଛାତ୍ରୀଛାତ୍ର, ଅବକାରୀ ବିଭାଗର କର୍ମଚାରୀ, ଜିଲା ପ୍ରଶାସନର କର୍ମଚାରୀ, ଅନ୍ୱେଷଣ ଥିଏଟର ଗ୍ରୁପର କଳାକାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ଏବଂ ଡା. ମାନସ ଶତପଥୀ ଡ୍ରଗ୍ସ ଏବଂ ଆଲକୋହଲ ସେବନ ଦ୍ୱାରା କ୍ଷତି ଓ ମଣିଷ କିପରି କୁପଥଗାମୀ ହେଉଛି ସେ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅନ୍ୱେଷଣ ଥିଏଟର ଗ୍ରୁପ ତରଫରୁ ନିଶା ସେବନ ଅପକାରିତା ଉପରେ ଏକ ସଚେତନାତ୍ମକ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ସରୋଜ କୁମାର ଉପାଧ୍ୟାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଜିଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ଏବଂ ଜିଲା ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ ।

# ସାମ୍ନାସାମ୍ନି ଜେରା ହେବେ ଦୁଇ ପୁରୁଷ ବନ୍ଧୁ

**ଅଭିନେତ୍ରୀ ରଶ୍ମିରେଖା ଆତ୍ମହତ୍ୟା ମାମଲା**

ଭୁବନେଶ୍ୱର,୨୬।୬(ବ୍ୟୁରୋ):

ଅଭିନେତ୍ରୀ ରଶ୍ମିରେଖା ଓଝା ଓରଫ ସୋନି(୨୨)ଙ୍କ ଆତ୍ମହତ୍ୟାକୁ ନେଇ ରହସ୍ୟ ଲାଗି ରହିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଭିନ୍ନ ଭିନ୍ନ ଦିନରେ ୨ ପୁରୁଷ ବନ୍ଧୁ ରାଜା ଓ ସନ୍ତୋଷଙ୍କୁ ପୋଲିସ ଜେରା କରିଥିଲେ ମଧ ଘଟଣାର ପ୍ରକୃତ ସତ୍ୟତା ଜଣାପଡ଼ିନାହିଁ।

ଏହି ମାମଲାରେ ଗୁରୁବାର ପୂର୍ବତନ ପୁରୁଷବନ୍ଧୁ ରାଜାଙ୍କୁ ପୋଲିସ ପ୍ରାୟ ୧ ଘଣ୍ଟା ଧରି ଥାନାରେ ଜେରା କରିଥିଲା। ସେହିପରି ସନ୍ତୋଷଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଦୀର୍ଘ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଜେରା କରାଯାଇଥିଲା। ହେଲେ ଉଭୟଙ୍କ ମଧ୍ୟରେ କଥାର ତାଳମେଳ ରହୁ ନ ଥିବାରୁ ପୋଲିସର ସନ୍ଦେହ ବଢ଼ିଛି। ତେଣୁ ଉଭୟ ପୁରୁଷ ବନ୍ଧୁଙ୍କୁ ସାମ୍ନାସାମ୍ନି ଜେରା କରିବାକୁ ଥାନାକୁ ଡକାଯାଇଛି। ଉଭୟଙ୍କୁ ପୂର୍ବରୁ ପଚରାଯାଇଥିବା କେତେକ ପ୍ରଶ୍ନକୁ ଆଉଥରେ ପଚରାଯିବ। ବିଭିନ୍ନ ପ୍ରସଙ୍ଗରେ ପ୍ରଶ୍ନ ପଚାରି ସତ କ'ଣ ଧରିବ ପୋଲିସ।

ସୂଚନା ଅନୁଯାୟୀ, ରଶ୍ମିରେଖାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଙ୍କେତପାଟଣା ଗ୍ରାମରେ। ସେ ୨ ମାସ ହେବ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହିସ୍ଥିତ ଏକ ଭଡ଼ାଘରେ ପୁରୁଷବନ୍ଧୁ ସନ୍ତୋଷଙ୍କ ସହ ରହୁଥିଲେ। ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ସମ୍ପର୍କରେ ସନ୍ତୋଷଙ୍କଠାରୁ ଖବରପାଇ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ଉକ୍ତ ଘର ତାଲା ଭାଙ୍ଗି ଝୁଲନ୍ତା ଅବସ୍ଥାରେ ରଶ୍ମିରେଖାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସତ୍ୟସାଇ ପୁନର୍ବସତି ସ୍ୱାସ୍ଥ୍ୟ ଶିବିର

ଧର୍ମଶାଳା,୨୬।୬(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ ପକ୍ଷରୁ ଶ୍ରୀସତ୍ୟସାଇ ପୁନର୍ବସତି ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଆଦି ଜିଲାର ରୋଗୀମାନେ ପ୍ରଶାନ୍ତି ନୀଳୟମସ୍ଥିତ ସୁପର ସ୍ପେଶାଲିଟି ହସ୍ପିଟାଲ ବାଙ୍ଗାଲୋରର ହ୍ୱାଇଟ୍ ଫିଲଡ୍ ଓ ରାଜକୋଟରେ ଥିବା ଡାକ୍ତରଖାନାରେ ପୂର୍ବରୁ ଚିକିତ୍ସିତ ହୋଇଥିଲେ। ସେମାନଙ୍କର ଭାଲଭ୍ ରିପ୍ଲେସମେଣ୍ଟ ଓ ପିଟିଆଇଏନଆର ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତି ନୀଳୟମର ଡା. ଜେ. ନାଗେଶ୍ୱର ରାଓ ରୋଗୀଙ୍କୁ କାଉନସିଲିଂ କରି ଖାଦ୍ୟ ଖାଇବାର ପକ୍ରିୟା ଉପରେ ପରାମର୍ଶ ଦେଇଥିଲେ। ଶିବିରରେ ୧୫ ହୃଦ୍‌ରୋଗୀ ଓ ୧୦ଜଣ ବିଭିନ୍ନ ରୋଗୀ ସହ ମୋଟ୍ ୨୫ଜଣଙ୍କ ଚିକିତ୍ସା କରାଯାଇଥିଲା।

ସାଇ ଆରୋଗ୍ୟମର ପ୍ରତିଷ୍ଠାତା ତଥା ରାଜ୍ୟ ସତ୍ୟସାଇ ସେବା ସଂଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମିରଞ୍ଜନ ରାୟ, ଜିଲା ସତ୍ୟସାଇ ସେବା ସଂଗଠନର ସଭାପତି ଡା. ନିଶିକାନ୍ତ କର, ଅବସରପ୍ରାପ୍ତ ଜିଲା ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ନିହାର ରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଶିବିରରେ ଅତିଥି ଭାବେ କଟକ ଜିଲା ସତ୍ୟସାଇ ସେବା ସଂଗଠନ ସଭାପତି ବିଚିତ୍ରାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ସତ୍ୟସାଇସେବା ସଂଗଠନ ଜାରକା ଆବାହକ ସୁଶାନ୍ତ କୁମାର ନାୟକ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ବଟକୃଷ୍ଣ ମଲିକ, ପ୍ରଭାତ କୁମାର ଜେନା, ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତି, ଆଧ୍ୟାତ୍ମିକ ସଂଯୋଜକ ନିରଞ୍ଜନ ଶ୍ୟାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ, ମଦନାନନ୍ଦ ମଲିକ, ସୁବାସ ଚନ୍ଦ୍ର ସାହୁ, ଶୁଭମ ରାଉତ, ଗଗନ ବିହାରୀ ଦତ୍ତ, ଆନନ୍ଦ ଚନ୍ଦ୍ର ନାୟକ, ସୌରଭ କୁମାର ଜେନା, ପ୍ରଫୁଲ ଜେନା, ବାଲବିକାଶ ଗୁରୁମା ପ୍ରମୋଦିନୀ ସାମଲ, ଜିଲା ମହିଳା ସେବା ସଂଯୋଜିକା ପ୍ରଣତି ନାୟକ, ଶୁଭ ପ୍ରିୟଦର୍ଶିନୀ ମଲିକ, ସାଗରିକା ଶ୍ୟାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲଣ ସତ୍ୟସାଇ ସେବା ସମିତି, ନିଶିମଳା ଓ ବରଜୁପୁର ଭଜନ ମଣ୍ଡଳୀର ସଦସ୍ୟ ଭଜନ ପରିବେଷଣ କରିଥିଲେ।


ସତ୍ୟସାଇ ସ୍ୱାସ୍ଥ୍ୟ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

# କାଣୀନଦୀରୁ କୁମ୍ଭୀର ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ,୨୬।୬(ସ୍ୱ.ପ୍ର.)

କାଣୀ ନଦୀରେ ଦୀର୍ଘଦିନ ହେବ ଆତଙ୍କ ଖେଳାଇ ଆସିଥିବା ମଣିଷଖିଆ କୁମ୍ଭୀରର ମୃତଦେହ ରବିବାର ନଦୀରୁ ଉଦ୍ଧାର ହୋଇଛି । ନଦୀରେ ଭାସୁଥିବା ୧୨ ଫୁଟ ଲମ୍ବର ଏହି ବଉଳା କୁମ୍ଭୀର ମୃତଦେହକୁ ପଟ୍ଟାମୁଣ୍ଡାଇ ବ୍ଲକ ବଲୁରିଆ ପଞ୍ଚାୟତ ଅରାଜି ଗ୍ରାମବାସୀ ଉଦ୍ଧାର କରିଛନ୍ତି। କୁମ୍ଭୀରଟି ନଦୀରେ ଚିତ ହୋଇ ମରି ଭାସୁଥିଲା । ଗ୍ରାମବାସୀ ସାହାସ ଜୁଟାଇ ଡିଙ୍ଗି ସାହାଯ୍ୟରେ ତା ନିକଟକୁ ଯାଇଥିଲେ । ଏକ ରଶିରେ ଟାଣି ତାକୁ କୂଳକୁ ଆଣିଥିଲେ । ଏହି କୁମ୍ଭୀରଟି କିଛି ଦିନ ତଳେ କାଣୀ ନଦୀରେ ଉପଦ୍ରପ କରୁଥିଲା । ମେ ୩୦ ରେ ଅରାଜି ଗ୍ରାମର ୯ମ ଶ୍ରେଣୀର ଛାତ୍ର ଓମପ୍ରକାଶ ସାହୁ (୧୪)ଙ୍କୁ ନଦୀ ମଧ୍ୟକୁ ଟାଣି ନେଇଥିଲା । ତେବେ ୨୦ମିନିଟ ସଂଘର୍ଷ ପରେ ଓମପ୍ରକାଶ କୁମ୍ଭୀର ମୁହଁରୁ ଖସି ଆସିବାକୁ ସକ୍ଷମ ହୋଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି ଜୁନ ୧୫ ରେ ସିଂହଗାଁ ପଞ୍ଚାୟତ ରାଉଳିଆଡିଆ ଗ୍ରାମର ସୌଦାମିନୀ ସାମଲ (୫୫)ଙ୍କୁ କାଣୀନଦୀର ଶାଖା କଣ୍ଟିଆନାଳରେ ଗାଧୋଉଥିବା ସମୟରେ ବଉଳା କୁମ୍ଭୀର ଝାମ୍ପମାରି ନଦୀ ମଧ୍ୟକୁ ଟାଣି ନେଇଥଲା । ସୌଦାମିନୀ କୁମ୍ଭୀର ସାଙ୍ଗରେ ସଂଘର୍ଷ କରି ନିଜର ପ୍ରାଣ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

# ୧୫ ବାଇକ୍, ଟଙ୍କା ଜବତ: ୩ ଗିରଫ

ବେଗୁନିଆ,୨୬।୬(ଡି.ଏନ୍.ଏ.): ବେଗୁନିଆ ପୋଲିସ ରବିବାର ଏକ ଜୁଆଆଡ୍ଡାରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହିରାପୁର ଗ୍ରାମର ନିବାସ ଚନ୍ଦ୍ର ସାହୁ, ମାନପୁର ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ ଓ ପଦିଆ ନାୟକ। ୧୫ଟି ବାଇକ୍, ଖେଳ ସାମଗ୍ରୀ ସହ ୧୪ହଜାର ୮ଶହ ଟଙ୍କା ଜବତ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ବିରଜା ସଂସ୍କୃତ ଟୋଲ୍‌ର ଶତବାର୍ଷିକ ସମାରୋହ

ଯାଜପୁର ଟାଉନ,୨୬।୬(ଡି.ଏନ.ଏ.)



ବିରଜା ସଂସ୍କୃତ ଟୋଲ୍‌ର ଶତବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥି।

ଯାଜପୁରର ବହୁ ପ୍ରାଚୀନ ତଥା ସର୍ବ ପୁରାତନ ୧୯୦୮ ମସିହାରେ ସଂସ୍ଥାପିତ ବିରଜା ସଂସ୍କୃତ ଟୋଲ୍‌ର ଶତବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେଶନରେ ବିଦ୍ୟାଳୟ ପ୍ରାକ୍ତନଛାତ୍ର ପଣ୍ଡିତ ଭୂପତିଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳ ସଭାପତି ପଣ୍ଡିତ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଯୋଗଦେଇ ଆଧୁନିକ ଚାକଚକ୍ୟ ମଧ୍ୟରେ ସଂସ୍କୃତ ଭାଷାର ପ୍ରାଚୀନତା ଓ ମହାନତା ଯେ ଆମ ସମାଜରେ ପ୍ରତିପାଦିତ ଏହାର ଜ୍ୱଳନ୍ତ ପ୍ରମାଣ ବିରଜା ସଂସ୍କୃତ ଟୋଲ। ଏହା ସହସ୍ରାଧିକ ଗୁରୁଙ୍କୁ ସୃଷ୍ଟି କରି ୧୧୫ ବର୍ଷରେ ପଦାର୍ପଣ କରିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଲୋକଭାଷା ପ୍ରଚାର ସମିତି ଅଧକ୍ଷ ଡ. ସଦାନନ୍ଦ ଦୀକ୍ଷିତ ଯୋଗଦେଇ ବିରଜା ସଂସ୍କୃତ ଟୋଲ୍ ସମ୍ପର୍କରେ ସାରଗର୍ଭକ ବାର୍ତ୍ତା ଉପସ୍ଥାପନ କରିଥିଲେ। ଯାଜପୁର ପୌରପରିଷଦର ପୂର୍ବତନ ଅଧକ୍ଷ ଭବପ୍ରସାଦ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତାଙ୍କ ଉଦ୍‌ଘାଟନୀ ଅଭିଭାଷଣରେ ଅନୁଷ୍ଠାନ ସ୍ଥାନାନ୍ତର ସୂଚନା ଦେବା ସଙ୍ଗେସଙ୍ଗେ ସମସ୍ତ ପୁରାତନ ଛାତ୍ରଙ୍କ ମତାମତକୁ ଅଗ୍ରାଧିକାର ଦେଇ ନୂତନ ସ୍ଥାନରେ ଅନୁଷ୍ଠାନ ନିର୍ମାଣ କରାଯିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସମ୍ପାଦକ ପଣ୍ଡିତ ଜ୍ଞାନରଞ୍ଜନ ପତି ମା' ବିରଜାଙ୍କ ସ୍ତୋତ୍ରପାଠ କରିଥିଲେ। ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ବେହେରା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ୧୫ଜଣ ପୂର୍ବତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ପଣ୍ଡିତ ଅଜୟ କୁମାର ନନ୍ଦଙ୍କ ସଂଯୋଜନାରେ ପୁରାତନ ଛାତ୍ରୀଛାତ୍ର ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶତବାର୍ଷିକ ସମାରୋହର ମୁଖପତ୍ର 'ସୌମନସ୍ୟମ୍' ଉନ୍ମୋଚନ କରାଯାଇଥିଲା। ସମାରୋହକୁ ପୁରାତନ ଛାତ୍ର ହରେକୃଷ୍ଣ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ମିଶ୍ର, ଅଜିତ କୁମାର ଦାଶ, ଦାମୋଦର ସ୍ୱାଇଁ, ବିଜୟ ନନ୍ଦ, ସୂର୍ଯ୍ୟମଣି ଦ୍ୱିବେଦୀ, ମଦନମୋହନ ପାଣିଗ୍ରାହୀ ଓ ଗୁରୁଚରଣ ସାହାଣୀ ସଞ୍ଚାଳନ କରିଥିଲେ।

# ମାନସିକସ୍ଥିତି ହରାଇ ଶିକୁଳିରେ ବିତୁଛି ଜୀବନ

କୁଜଙ୍ଗ ତା୨୭/୬ (ଡି.ଏନ୍.ଏ.)

**ଚିକିତ୍ସାରେ ଅର୍ଥ ସାଜିଛି ବାଧକ**
- ଆମ୍ବ ତୋଳିବାକୁ ଯାଇଥିବା ଦୁର୍ଘଟଣାର ଶିକାର ହୋଇଥିଲେ
- ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ।
- ବାରମ୍ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି।


ବାସୁଦେବ ରାଉତ

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାନସିକ ସ୍ଥିତି ହରାଇବା ପରେ ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରିବାରୁ ଓ ଘର ଛାଡି ପଳାଇବାକୁ ଉଦ୍ୟମ କରିବାକୁଜଣେ ଯୁବକଙ୍କୁମା' ବାପା ଶିକୁଳିରେ ବାନ୍ଧିବାକୁ ବାଧ ହୋଇଛନ୍ତି। ଅର୍ଥ ଅଭାବକରୁ ତାଙ୍କ ଚିକିତ୍ସା ହୋଇପାରୁ ନଥିବା ବେଳେ ମାସେ ହେବ ସେ ବନ୍ଦୀ ଜୀବନ କାଟୁଛନ୍ତି। ସେ ହେଲେ କୁଜଙ୍ଗ ବ୍ଲକ ଗୋପିଆକୁଦ ପଂଚାୟତର ଗୋଠଡିଆ ଗ୍ରାମର ବାସୁଦେବ ରାଉତ(୨୮)।

ବାପା ବୈଷ୍ଣବଙ୍କ କହିବା ଅନୁଯାୟୀ, ବାସୁଦେବଙ୍କ ପାରାଦୀପସ୍ଥିତ ଜିଜେଏଆଇ କଲୋନିରେ ପରିବାରସହ ରହୁଥିଲେ । ସେ ପୋର୍ଟ ହାଇସ୍କୁଲର ଜଣେ ମେଧାବି ଛାତ୍ର ଥିଲେ । ୧୮ ବର୍ଷତଳେ ମାଟ୍ରିକ ପରୀକ୍ଷାର କିଛିଦିନ ପୂର୍ବରୁ ପଡ଼ିଶାଘର ବାଡ଼ିରେ ପଡ଼ିଥିବା ଆମ୍ବ ଆଣିବାକୁ ଯାଇଥିଲେ। ବାଡ଼ିରୁ ଆମ୍ବ ଚୋରି ନ ହେବ ପାଇଁ ପଡିଶା ଘର ଲୋକେ ବାଡି ଚର୍ତୁପାର୍ଶ୍ୱରେ ତାରବାଡ଼ କରି ବିଦ୍ୟୁତ୍ ଚାର୍ଜ କରି ଦେଇଥିଲେ। ବାସୁଦେବ ଆମ୍ବ ଆଣିବାକୁ ଗଲାବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସେବେଠାରୁ ବାସୁଦେବ ମାନସିକ ସ୍ଥିତି ହାରାଇ ବସିଛନ୍ତି। ତାଙ୍କ ପାଠପଢ଼ାରେ ଡୋରି ବାନ୍ଧି ହୋଇଯାଇଛି। ବହୁଚିକିତ୍ସା ପରେବି ବାସୁଦେବଙ୍କ ମାନସିକ ସ୍ଥିତିରେ ପରିବର୍ତ୍ତନ ହୋଇ ନ ଥିଲା । ପ୍ରାୟ ଏକମାସରୁ ଉର୍ଦ୍ଧ୍ୱହେବ ବାସୁଦେବର ମାନସିକ ବିକୃତି ବୃଦ୍ଧିପାଇବାରେ ଲାଗିଛି। ଫଳରେ ସେ ବାରମ୍ବାର ଘରୁ ପଳାଇଯିବାକୁ ଉଦ୍ୟମ କରିବା ସହ କୂଅକୁ ଡେଇଁପଡିବାକୁ ଉଦ୍ୟମ କରୁଛନ୍ତି ବୋଲି ମା' ଦୁଲଣା କହିଛନ୍ତି। ପୁଅର ଚିକିତ୍ସା ପାଇଁ ସମସ୍ତ ସଞ୍ଚିତ ଅର୍ଥ ଖର୍ଚ୍ଚ ହୋଇସାରିଥିବାବେଳେ ଆଗକୁ କିପରି ଚଳିବେ ସେନେଇ ବୈଷ୍ଣବଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ଅର୍ଥ ବାଧକ ଯୋଗୁ ଚିକିତ୍ସା ହୋଇପାରୁ ନଥିବାରୁ ବାସୁଦେବଙ୍କ ମାନସିକସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। କିଛି ସରକାରୀ ବା ବେସରକାରୀସ୍ତରରେ ସାହାଯ୍ୟ ମିଳିପାରିଲେ ପୁଅର ଚିକିତ୍ସା କରାଯାଇପାରନ୍ତା ବୋଲି ବୈଷ୍ଣବ କହିଛନ୍ତି।

ଏସମ୍ପର୍କରେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ କହିଛନ୍ତି, ବାସୁଦେବଙ୍କ ପରି ଅନେକ ବାସୁଦେବ ଚିକିତ୍ସା ଅଭାବରୁ କଷ୍ଟ ପାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି ଚିକିତ୍ସା କରିବା ନିମନ୍ତେ ସରକାର ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ।

## ସଂକ୍ଷେପରେ

### ଚୋରା ବାଲିଗାଡ଼ି ଜବତ



**କାଶୀନଗର,୨୬।୬:** କାଶୀନଗର ତହସିଲ ଅନ୍ତର୍ଗତ ଖାଣ୍ଡବା ପଞ୍ଚାୟତର ପୁରୁଟିଗୁଡ଼ାଠାରେ ବଂଶଧାରା ନଦୀବାଲି ଚୋରାରେ ଚାଲାଣ ହେଉଥିବା ବେଳେ ୨ ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ଚୋରା ଚାଲାଣ ଖବର ପାଇ ରାଜସ୍ୱ ବିଭାଗ ତହସିଲଦାର ଲରିମାନ ଖର୍ସେଲଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଆଇଆଇସି ଓ ଖାଣ୍ଡବା ରାଜସ୍ୱ ନିରୀକ୍ଷକ ଚୋରାଚାଲାଣଠାରେ ପହଞ୍ଚି ଥିଲେ। ଦୁଇଟି ଟ୍ରାକ୍ଟରରୁ ୪୦,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଖାଲଖମାରେ ଭର୍ତ୍ତି ନାରାୟଣପୁର ରାସ୍ତା

**ଶେରଗଡ,୨୬।୬(ଡି.ଏନ.ଏ.):** ଶେରଗଡ଼ ଗ୍ରାମ ପଞ୍ଚାୟତରେ ଥିବା ନାରାୟଣପୁର ଗ୍ରାମ ପେଟ୍ରୋଲ ଟାଙ୍କିଠାରୁ ପ୍ରାୟ ୨କିମି ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବହୁତ ଦିନ ହେବ ଖାଲ ଖମାରେ ଭର୍ତ୍ତି ହୋଇରହିଛି। ଫଳରେ ଯାତାୟାତରେ ବହୁ ଅସୁବିଧା ହେଉଛି। ବିଶେଷ କରି ସନ୍ଧ୍ୟା ହେଲେ ଉକ୍ତ ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡ଼ିଛି। ଏହି ରାସ୍ତା ନିର୍ମାଣ କରିବାକୁ ବହୁବାର ଦାବି କଲେ ମଧ କୌଣସି ସୁଫଳ ମିଳୁନାହିଁ। ଯଦ୍ୱାରା ଦିନକୁ ଦିନ ୨କିମି ରାସ୍ତା ଖରାପ ହୋଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଏଣୁ ତୁରନ୍ତ ଏହି ରରାସ୍ତାକୁ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

### ରାସ୍ତାକଡ଼ରୁ କ୍ଷତବିକ୍ଷତ, ଅଚେତ ଯୁବତୀ ଉଦ୍ଧାର

**ଦାରିଙ୍ଗବାଡ଼ି,୨୬।୬(ଡି.ଏନ.ଏ):** ଦାରିଙ୍ଗବାଡ଼ି ଥାନା କଫିବଗିଚା ନିକଟର ମୁଖ୍ୟ ରାସ୍ତା କଡ଼ରେ ଜଣେ ଯୁବତୀ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ତାଙ୍କ ଶରୀରର ଅନେକ ସ୍ଥାନରେ ଆଘାତ ଲାଗିଥିବା ବେଳେ ଅଚେତ ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଲିସ ଉଦ୍ଧାର କରିଛି। ଯୁବତୀ ଜଣକ ଭ୍ରମରବାଡ଼ି ପଞ୍ଚାୟତ ବୁଡାଙ୍ଗପିପିଲି ଅଞ୍ଚଳର ଥିବା ବେଳେ କିଭଳି ତାଙ୍କ ଗ୍ରାମରୁ ଉକ୍ତ କଫି ବଗିଚା ଅଞ୍ଚଳକୁ ଆସିଥିଲେ ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ଯୁବତୀଙ୍କ ଚେତା ଫେରିଲେ ସମ୍ପୂର୍ଣ୍ଣ ଘଟଣା ଜଣାପଡ଼ିବ ବୋଲି ପୋଲିସ ଆଶା ରଖିଛି। ଖବର ଲେଖିବା ସୁଦ୍ଧା ତାଙ୍କ ପରିବାର ଲୋକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିବା ଜଣାପଡ଼ିଛି।

### ଦ୍ୱିତୀୟ ପର୍ଯ୍ୟାୟ ସମବାୟ ନିର୍ବାଚନ

**ଆସିକା,୨୬।୬(ଡି.ଏନ.ଏ.):** ସମବାୟ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସଦର ଶାଖା ଅଧିନସ୍ଥ ମୁନିଗାଡି ସେବା ସମବାୟ ସମିତିରେ ନିର୍ବାଚନ ହୋଇଥିଲା। ଏହି ସମିତିର ୫ଟି ଜୋନ ଲାଗି ନିର୍ବାଚନ ଶୃଙ୍ଖଳାର ସହ ସରିଛି। ସଦର ଶାଖା ଅଧିନସ୍ଥ ୧୯ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତି ମଧ୍ୟରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ସମୟରୁ ୧୪ଟି ସେବା ସମବାୟ ସମିତି ଓ ୬ଟି ଅନ୍ୟାନ୍ୟ ସମିତିର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଗତ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ସମିତିର ୧୩ ଜଣ ପ୍ରାର୍ଥୀଙ୍କ ଲାଗି ମତଦାନ ହୋଇଥିଲା।

# ମୃତ, ଅଯୋଗ୍ୟଙ୍କ ନାଁରେ ଉଠାଯାଉଛି ଚାଉଳ

## ଅନ୍ତ୍ୟୋଦୟ ଅନ୍ନ ଯୋଜନା

■ ଘରକୁ ଘର ଯାଇ ହେବ ଯାଞ୍ଚ

**ଛତ୍ରପୁର,୨୬।୬(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ମୃତ ବ୍ୟକ୍ତିଙ୍କ ନାଁରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଚାଉଳ ଉଠାଯାଉଛି। ଜିଲାର ବିଭିନ୍ନ ବ୍ଲକ, ଏନ୍ଏସି, ମ୍ୟୁନିସିପାଲିଟି ଏବଂ ବ୍ରହ୍ମପୁର ମହାନଗର ନିଗମରେ ବହୁ ଅଯୋଗ୍ୟ ଲୋକେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ କାର୍ଡ ହାତେଇ ଚାଉଳ ଓ ଖାଦ୍ୟ ସାମଗ୍ରୀ ନେଉଛନ୍ତି। ଅନ୍ୟପକ୍ଷରେ ଏବେ ବି ଜିଲାର ବିଭିନ୍ନ ସ୍ଥାନରେ ବହୁ ପ୍ରକୃତ ହିତାଧିକାରୀ ଯୋଜନାରେ ସାମିଲ ହେବାରୁ ବଞ୍ଚିତ ରହିଛନ୍ତି। ଏଣିକି ଜିଲାରେ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହିତାଧିକାରୀଙ୍କ ଘରକୁ ଘର ଯାଇ ଯାଞ୍ଚ କରିବା ପରେ ଯେଉଁମାନେ ଅଯୋଗ୍ୟ କିମ୍ବା ମୃତ ହିତାଧିକାରୀ ଜଣାପଡିବେ ତାଙ୍କୁ ବାଦ୍ ଦିଆଯିବ। ଏ ନେଇ ଜିଲାର ସମସ୍ତ ବିଡିଓ, ମ୍ୟୁନିସିପାଲିଟି ଓ ଏନ୍ଏସି ନିର୍ବାହୀ ଅଧିକାରୀ ଏବଂ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚିଠି ପଠାଯାଇଛି। ତାଲିକାରୁ ବାଦ ଦିଆଯାଇଥିବା ବ୍ୟକ୍ତିଙ୍କ ସ୍ଥାନରେ ସରକାରଙ୍କ ଗାଇଡଲାଇନ୍ ଅନୁସାରେ ଅନ୍ତ୍ୟୋଦୟ ଯୋଜନାରୁ ବଞ୍ଚିତ ପ୍ରକୃତ ପରିବାରକୁ ସାମିଲ କରିବାକୁ କୁହାଯାଇଛି।

ମିଳିଥିବା ସୂଚନା ଅନୁସାରେ, ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଏବଂ ଦିବ୍ୟାଙ୍ଗ ସମାଧାନ ଶିବିରକୁ ବହୁ ସଂଖ୍ୟାରେ ଉକ୍ତ ଯୋଜନାରେ ମୃତ ଓ ଅଯୋଗ୍ୟ ପରିବାର ସାମିଲ ଥିବା ଅଭିଯୋଗ ଆସୁଛି। ତେବେ ବିଭିନ୍ନ ସମୟରେ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଞ୍ଚଳର ବିଡିଓ, ମ୍ୟୁନିସିପାଲିଟି ଏନଏସି ନିର୍ବାହୀ ଅଧିକାରୀ ଏବଂ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ଜିଲାପାଳଙ୍କ ଠାରୁ ନିର୍ଦ୍ଦେଶ ଯାଉଛି। ମାତ୍ର ଏସବୁ ଉପରେ ପଦକ୍ଷେପ ନିଆଯାଉନି। କେଉଁଠି ରାଜନୀତି ତ ଆଉ କେଉଁଠି ସ୍ଥାନୀୟ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଫଳରେ ଅଯୋଗ୍ୟ ଓ ମୃତ ବ୍ୟକ୍ତିଙ୍କ ନାଁ ଅନ୍ତ୍ୟୋଦୟ ଯୋଜନାରୁ କଟାଯାଉନି। ଏପଟେ ଯୋଗ୍ୟ ଗରିବ ପରିବାର ନିରାଶ ହେଉଛନ୍ତି। ସୂଚନାଯୋଗ୍ୟ ଏହି ଅନ୍ତ୍ୟୋଦୟ ଯୋଜନା ଗରିବରୁ ଅତି ଗରୀବ ପରିବାର ପାଇଁ ଉଦ୍ଦିଷ୍ଟ। ଏହି ଯୋଜନାରେ ଗରିବ ପରିବାରର ମୁଖ୍ୟ ବିଧବା କିମ୍ବା ଅସୁସ୍ଥ ଥିବେ, ଦିବ୍ୟାଙ୍ଗ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ସହ ସାମାଜିକ ସହାୟତା ନ ଥିବ ସେମାନଙ୍କୁ ସାମିଲ କରିବା ନିୟମ ରହିଛି।

# ପାଣି ପାଇଁ ଚଢ଼ିବାକୁ ପଡୁଛି ପାହାଡ଼



ଚୁଆରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

**ଆର.ଉଦୟଗିରି,୨୬।୬(ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ କଟାମା ଗ୍ରାମପଞ୍ଚାୟତରେ ରହିଛି ବାଲିଗଣ୍ଡା ଗାଁ। ଏଠି ଲୋକେ ପାଣି ଟୋପେ ପାଇଁ ଏମିତି ଉହଳ ବିକଳ ହେଉଛନ୍ତି ତାହା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ଅନେକ ଥର ପ୍ରଶାସନକୁ ଲିଖିତ ଓ ମୌଖିକ ଭାବରେ ଜଣାଇ ଆସୁଥିଲେ ମଧ ତାହାର ଫଳ ଶୂନ। ବର୍ତ୍ତମାନ ସାହା ଭରସା ହେଉଛି ଦୁଇ ଗୋଟି ଚୁଆ। ତାହା ବି ସମୁଦ୍ରକୁ ଶଙ୍ଖେ। ଗ୍ରାମରେ ପାଖାପାଖି ୮୦ ପରିବାର ବସବାସ କରୁଛନ୍ତି। ଗ୍ରାମବାସୀ ଓ ଗୃହପାଳିତ ପ୍ରାଣୀ ସଭିଏଁ ସେହି ଚୁଆ ପାଣି ହିଁ ବ୍ୟବହାର କରୁଛନ୍ତି। ସେହି ଜାଗାରେ ଗାଧୋଇବାଠାରୁ ଆରମ୍ଭ କରି ଲୁଗା ସଫା ଓ ବାସନ ମଜା ବି କରୁଛନ୍ତି। ଗାଁରେ ଅଛି ଗୋଟେ ଅଚଳ ନଳକୂପ ତ ଆଉ ଅଛି ଗୋଟେ ଉଇ ହୁଙ୍କା ଓ ଅଳିଆ ଆବର୍ଜନାରେ ଭରପୂର ଏକ ଶୁଖିଲା କୂଅ। ଉପର ସାହି ଚୁଆକୁ ଯିବାକୁ ହେଲେ ଚଢ଼ିବାକୁ ପଡୁଛି ଅଙ୍କା ବଙ୍କା ପାହାଡ। ଦେଖିବାକୁ ରହିଲା ଗ୍ରାମବାସୀଙ୍କୁ ସରକାରୀ ଯୋଜନାରେ ବିଶୁଦ୍ଧ ପାନୀୟ ଜଳ କେବେ ମିଳିବ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ଏମ୍‌ପି

**ଦିଗପହଣ୍ଡି,୨୬।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବଡ଼ ଉମ୍ମୁଲା ପଞ୍ଚାୟତ ବାଗଡ଼ା ଗ୍ରାମରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ପକ୍ଷରୁ ନବ ନିର୍ମିତ ପାନୀୟ ଜଳ ପ୍ରକଳ୍ପକୁ ରବିବାର ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଛନ୍ତି। ମୋଟ ୫୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ପ୍ରକଳ୍ପର ଉଦ୍‌ଘାଟନ ପରେ ଏମ୍ପି ପାନୀୟଜଳର ସ୍ୱାଦ ପରଖି ଥିବା ଜଣାପଡିଛି। ଦୀର୍ଘ ବର୍ଷ ଧରି ଗ୍ରାମବାସୀଙ୍କ ପିଇବା ପାଣି ପାଇଁ ଯେଉଁ କଷ୍ଟ ଭୋଗିବାକୁ ପଡିଥିଲା ତାହା ଦୂରୀଭୂତ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ଅଧିକାରୀ ପ୍ରତାପ ଚନ୍ଦ୍ର ମହାପାତ୍ର, ବିଭାଗୀୟ ଯନ୍ତ୍ରୀ ଜ୍ୟୋତି ପ୍ରସାଦ ବିଶ୍ୱାସରାୟ, ବ୍ଲକ ଅଧକ୍ଷା ସୁନୀତା କୁମାରୀ ସେଠୀ, ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ, ଯୁବ ବିଜେଡି ଜିଲା ଉପସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ବିଜେଡି ଜିଲା ଉପସଭାପତି ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା କବି, ବ୍ଲକ ଅଧକ୍ଷା ପ୍ରତିନିଧି କୃଷ୍ଣଚନ୍ଦ୍ର ସେଠୀ, ବ୍ଲକ ଉପାଧକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ଜାନୀ, ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପାତ୍ର, କରପଡ଼ା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସମିତି ସଭ୍ୟ ପ୍ରତିନିଧି ବିଶ୍ୱନାଥ ପ୍ରଧାନ, କୃତୀବାସ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ଏମ୍ପି ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଚାରା ରୋପଣ କରିବା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ସେହିପରି ମେଡିକାଲ କଲୋନୀରେ ନବ ନିର୍ମିତ ଦିବ୍ୟ ପବ୍ଲିକ ସ୍କୁଲ କୋଠାର ଶୁଭ ଉଦ୍‌ଘାଟନ କରି ଫେରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ ନଗରପାଳ ଭି . ରବିନାରାୟଣ ରାଜୁ, କାଉନସିଲର ନୀଳମାଧବ ଗୌଡ଼, କରିସ୍ମା ନାୟକଙ୍କ ସ୍କୁଲର ବହୁ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ।



ଏମ୍‌ପି ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## ତାଲାବନ୍ଦ ଘରୁ କଳାକନା ବୁଲାଇଲେ ଲୁଟେରା

**ଗୋପାଳପୁର,୨୬।୬(ଡି.ଏନ୍.ଏ.)**

ଗୋଳନ୍ଥରା ଅଞ୍ଚଳରେ ପୁଣି ଲୁଟେରାମାନେ ରବିବାର କଳାକନା ବୁଲାଇଥିବା ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ହଳଦିଆପଦର ବଡ଼ ସାହିର ମାମୁନି ପାଢ଼ୀ କୌଣସି କାମରେ ଗତ ୨୪ରେ ସପରିବାର ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଲା କାଟି ଘରେ ପଶି ଆଲମିରା ଭାଙ୍ଗି ୩୦ ହଜାର ଟଙ୍କା, ମୂଲ୍ୟବାନ କାଗଜପତ୍ର ଓ ଏକ ସ୍କୁଟି ଲୁଟେରାମାନେ ଲୁଟି ନେଇଛନ୍ତି। ଏଥିସହ ଗଲା ବେଳେ ଏକ ବଡ଼ ତାଲା ଘରର ମୁଖ୍ୟ କବାଟରେ ପକାଇ ଚାଲିଯାଇଥିଲେ। ରବିବାର ମାମୁନି ଘରକୁ ଫେରି ମୁଖ୍ୟ କବାଟରେ ଅନ୍ୟ ଏକ ତାଲା ପଡ଼ିଥିବା ଦେଖିଥିଲେ। ତାଲା ଭାଙ୍ଗି ଘରେ ପଶି ଦେଖିଲା ବେଳକୁ ଘରେ ଚୋରି ହୋଇଥିବା ଜାଣିବା ପରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୧୬/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି କିଛି ନମୁନା ସଂଗ୍ରହ କରିଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ କାବୁ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଥିଲେ।

## ଗୌରାଙ୍ଗପାଟଣା ପ୍ରାଥମିକ ବିଦ୍ୟାଳୟରେ ଶିଶୁଲେଖକ କର୍ମଶାଳା

**ରମ୍ଭା,୨୬।୬:** ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଭାଷା ଓ ସାହିତ୍ୟକୁ ନେଇ ପଠନ, ଆବୃତ୍ତି ଓ ଲିଖନ, ବିଦ୍ୟାଳୟ ସ୍ତରୀୟ ଶିଶୁ ଲେଖକ କର୍ମଶାଳା ଆୟୋଜିତ ହୋଇଯାଇଛି। ସାନରାମଚନ୍ଦ୍ରପୁର କ୍ଲଷ୍ଟର ଅନ୍ତର୍ଗତ ଗୌରାଙ୍ଗ ପାଟଣା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷା ରୁଜିତା ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ମୁଖ୍ୟବକ୍ତା କବି ଶେଷଦେବ ବେହେରା, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟ ଚନ୍ଦ୍ର ବେହେରା ଓ ରୋହିତ ପ୍ରଧାନ, ନିମନ୍ତ୍ରିତ ଅତିଥି ରୂପେ କ୍ଲଷ୍ଟର ସିଆର୍‌ସିସି ଅଭିରାମ ନାୟକ ଯୋଗ ଦେଇଥିଲେ। କବିତା, ଗଳ୍ପ ଓ ପ୍ରବନ୍ଧ ପଠନ କାର୍ଯ୍ୟକ୍ରମରେ ଯମୁନା ବେହେରା, ତାର୍ଜୁନ ଅଧିକାରୀ, ପ୍ରଳୟ ବେହେରା, ପ୍ରୀତିଲଗ୍ନା ବେହେରା, ସ୍ୱାଧୀନ ବେହେରା, ପ୍ରଭାସ ବେହେରା, ଆଶିଷ ବେହେରା, ପ୍ରତ୍ୟୁଷ ରଞ୍ଜନ ବେହେରା, ଅର୍ଚ୍ଚିତା ବେହେରା ପ୍ରମୁଖ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ନିଜ ନିଜ ଶୈକ୍ଷିକ ଦକ୍ଷତାର ପରିଚୟ ଦେଇଥିଲେ। କର୍ମଶାଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ପୁସ୍ତକ ପ୍ରଦାନ କରାଯିବା ସହ କବି ଶେଷଦେବ ବେହେରାଙ୍କୁ ଆଞ୍ଚଳିକ ପ୍ରତିଭା ରୂପେ ସମ୍ମାନିତ କରାଯାଇଥିଲା।

# ୨ ମନ୍ତ୍ରୀଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଦୁଇ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟ ନେତୃବୃନ୍ଦ।

**କବିସୂର୍ଯ୍ୟନଗର,୨୬।୬(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ନେତୃତ୍ୱରେ ସମସ୍ତ ବିଜେଡି ନେତା, କର୍ମୀଙ୍କ ଗହଣରେ ୨ ମନ୍ତ୍ରୀ, ଏମ୍ପିଙ୍କୁ ରବିବାର ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇ ଏକ ବିଶାଳ ବାଇକ୍ ରାଲିରେ ମହାମାୟୀ ମନ୍ଦିରକୁ ପାଛୋଟି ନେଇଥିଲେ। ଅଧିଷ୍ଠାତ୍ରୀ ଦେବୀ ମା'ମହାମାୟୀଙ୍କୁ ଦୀପଦାନ ଓ ପୂଜାର୍ଚ୍ଚନା ପରେ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଧାୟିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା ଓ ଆସିକା ଏମ୍ପି ପ୍ରମିଳା ବିଷୋୟୀଙ୍କୁ ବିଜେଡି ଓ ମହାମାୟୀ ଟ୍ରଷ୍ଟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ, ମହାମାୟୀଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ନବ ନିର୍ବାଚିତ ଏନ୍ଏସି ଅଧକ୍ଷା, ଉପାଧକ୍ଷ, କାଉନସିଲରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନ୍ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ନଗର ସଭାପତି ରସଲ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ, ପ୍ରାକ୍ତନ ଏନ୍ଏସି ଉପନଗରପାଳ କୁମୁଦ ଚନ୍ଦ୍ର ସାହୁ, ବିଜୟ କୁମାର କହଁର ଉପସ୍ଥିତ ଥିଲେ।

## ଏନ୍ଏସି ଅଧକ୍ଷାଙ୍କ ଅଭିଯୋଗ ଶୁଣାଣି

**ଆସିକା,୨୬।୬(ଡି.ଏନ.ଏ.)**

ଆସିକା ଏନଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡର ଜନସାଧାରଣଙ୍କ ସାମଗ୍ରୀକ ସମସ୍ୟାର ସମାଧାନ ନିମନ୍ତେ ଏନଏସି ଅଧକ୍ଷା ବିନେତା ସ୍ୱାଇଁଙ୍କ ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଛି। ପ୍ରତ୍ୟେକ ମାସର ୫ ତାରିଖ ଓ ୨୫ ତାରିଖରେ ଅଧକ୍ଷା ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ୨ଟି ଦିବସରେ ସରକାରୀ ଛୁଟି ହେଲେ ପରବର୍ତ୍ତୀ ତାରିଖରେ କରାଯିବା ଲାଗି ଯୋଜନା ଥିବା ଅଧକ୍ଷା ସ୍ୱାଇଁ ସୂଚନା ଦେଇଛନ୍ତି। ଜନସାଧାରଣ ସେମାନଙ୍କର ବିଭିନ୍ନ ସମସ୍ୟା ନେଇ ସିଧାସଳଖ ନଗରପାଳିକାଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ। ଅତ୍ୟନ୍ତ ଜରୁରୀ ପରିସ୍ଥିତିରେ ଯୋଗାଯୋଗ ନିମନ୍ତେ ଏକ ମୋବାଇଲ ନମ୍ବର ମଧ ଜାରି କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଜନସାଧାରଣଙ୍କ ସାମଗ୍ରୀକ ସମସ୍ୟା ସହ ସେ ପ୍ରତ୍ୟେକ୍ଷ ଭାବେ ଜଡିତ ରହି ଏହାର ସମାଧାନ ସୁଗମ ହେବ ବୋଲି ଅଧକ୍ଷା ସ୍ୱାଇଁ ଆଶା ପ୍ରକାଶ କରିଛନ୍ତି।

# ସୁସ୍ଥ ସମାଜ ଗଠନରେ ନିଶା ପ୍ରତିବନ୍ଧକ



ଜିଲାପାଳ ପତାକା ଦେଖାଇ ରାଲିକୁ ଶୁଭାରମ୍ଭ କରୁଛନ୍ତି।

**ଫୁଲବାଣୀ ଅଫିସ, ୨୬।୬**

ନିଶା ସମାଜକୁ ପଥଭ୍ରଷ୍ଟ କରୁଛି। ମଣିଷ ନିଶାପାନ କରି ନିଜର ସମ୍ମାନ ହାନୀ କରୁଛି। ଖାଲି ନିଜର ନୁହେଁ, ଦେଶ ଓ ଜାତିର ହାନୀ କରୁଛି। ନିଶା ସେବନକାରୀ ନିଜର କିମ୍ବା କାହାର ଉନ୍ନତି କରି ପାରିବନାହିଁ। ତେଣୁ ସୁସ୍ଥ ସମାଜ ଗଠନରେ ନିଶା ପ୍ରତିବନ୍ଧକ ବୋଲି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଆନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ କାରବାର ବିରୋଧ ଦିବସରେ ପ୍ରକାଶ କରିଛନ୍ତି। ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅତିଥି ଭାବେ ଯୋଗଦେଇ କହିଥିଲେ ନିଶାସେବନରୁ ବିଶେଷ କରି ଯୁବ ସମାଜ ନିବୃତ ରହିବା ଦରକାର। ନିଶା ସେବନ ଦ୍ୱାରା ଦେଶ କି ସମାଜର ଅଗ୍ରଗତି ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

ସେହିପରି ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ଯୋଗଦେଇ ଆମ ଜିଲାର ଅଧିକାଂଶ ଅଧିବାସୀ ଆଦିବାସୀ ସମ୍ପ୍ରଦାୟର। ସେମାନେ ଅଧିକାଂଶ ଦିନ ମଦ୍ୟପାନ କରି ନିଶାସକ୍ତ ରହୁଛନ୍ତି। ଏହାଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ତେଣୁ ଆମକୁ ମଦ ମୁକ୍ତ ଜିଲା ଗଢ଼ିବାକୁ ପ୍ରୟାସ କରିବାକୁ ପଡିବ ବୋଲି କହିଛନ୍ତି। ଅବକାରୀ ଅଧିକ୍ଷକ ମଧୁସ୍ମିତା ନାୟକ ନିଶା ସେବନ ଦ୍ୱାରା ଶରୀରରେ କ'ଣ କୁପ୍ରଭାବ ପଡିଥାଏ ଏବଂ ରୋଗୀର କିପରି ମୃତ୍ୟୁ ଘଟେ ତାହା ଉପରେ ଆଲୋକପାତ କରିଥିଲେ। ଶେଷରେ ପ୍ରଜାପିତା ବ୍ରହ୍ମାକୁମାରୀ ଭଉଣୀ ଭାଇଙ୍କ ପକ୍ଷରୁ ନିଶା ସେବନର ଅପକାରିତା ଏବଂ କୁପ୍ରଭାବ ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା।

# ୨ ଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୨୬।୬**

ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଥିବା ଇଣ୍ଡୋର ଷ୍ଟାଡିୟମଠାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରେ ୨ ଦିନିଆ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇ ରବିବାର ସମାପନ ହୋଇଥିଲା। ଏଥିରେ ଜିଲାର ସମସ୍ତ ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ଏଚ୍ ଏବଂ ସିଡିଏମ୍‌ଓ କାର୍ଯ୍ୟାଳୟର କର୍ମଚାରୀମାନେ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏଚ୍‌ଆର୍‌ଏମ୍‌ର ଜିଲା ପ୍ରକଳ୍ପ ପରିଚାଳିକା ସୌମ୍ୟାରାଣୀ ଗୌଡ଼, ଜିଲା କ୍ରୀଡ଼ା ବିଭାଗର ଅଧିକାରୀ ନଟବର ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଆନ୍ଧ୍ରକୁ ଚୋରାଚାଲାଣ ହେଉଛି ବିଦେଶୀ ମଦ

## ଧରିପାରୁନି ଅବକାରୀ ବିଭାଗ

**ରାୟଗଡ଼(ଗଜପତି), ୨୬।୬(ଡି.ଏନ୍.ଏ.)**

ଦିନକୁ ଦିନ ବହୁ ମାତ୍ରାରେ ଆନ୍ଧ୍ରକୁ ବିଦେଶୀ ମଦ ଅବାଧ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଗଜପତି ଜିଲା ରାୟଗଡ଼ ବ୍ଲକ ସଦରରେ ଥିବା ବିଦେଶୀ ମଦ ଦୋକାନରୁ ଚୋରା ଚାଲାଣ ବେଳେ ରାୟଗଡ଼ ଓ ଗାରାବନ୍ଧ ଥାନା ପୋଲିସ ଏକାଧିକ ଥର ଧରପଗଡ଼ କରି ଚୋରା ମଦକୁ ଜବତ କରି କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ଏହାକୁ ପ୍ରଶ୍ରୟ ଦେଲା ଭଳି ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଅବକାରୀ ବିଭାଗର କିଛି କର୍ମଚାରୀ ମଦ ଦୋକାନରୁ ମାସିକ ମୋଟା ଅଙ୍କର ଚାନ୍ଦା ଆଦାୟ କରୁଥିବା ବେଳେ ଆଉ କିଛି ଅଧିକାରୀ ମଦ ବ୍ୟବସାୟୀଙ୍କ ସହିତ ସଲାସୁତୁରା ହୋଇ ପାର୍ଟନର ଭାବେ ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି। ପୋଲିସର ଧରପଗଡ଼କୁ ଦେଖି ଚୋରା ବେପାରୀମାନେ ଚାଲାଣ ପନ୍ଥାକୁ ପରିବର୍ତ୍ତନ କରି ନମ୍ବରବିହୀନ ମୋଟର ସାଇକେଲରେ ଅଳ୍ପ ଅଳ୍ପ କରି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ରାୟଗଡ଼ରେ ଥିବା ବିଦେଶୀ ମଦ ଦୋକାନରେ ଚଢ଼ା ଦରରେ ମଦ ବିକ୍ରି ହେବା ସହ ପ୍ରତିଦିନ ଖୁଲମ୍‌ଖୁଲା ଭାବେ ବିଦେଶୀ ମଦ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବି ଏହା ଉପରେ କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଛି ଅବକାରୀ ବିଭାଗ। ଦର ତାଲିକା ଦୋକାନ ସମ୍ମୁଖରେ ଲଗାଇବା ପାଇଁ ସରକାରୀ ନିୟମ ଥିବା ସତ୍ତ୍ୱେ ତାହା ଆଜିଯାଏ ଲାଗିଲା ନାହିଁ। ଫଳରେ ଚଢ଼ା ଦରରେ ମଦ ବିକ୍ରି ହେଉଛି। ଏହା ସହିତ ପ୍ରତ୍ୟେକ ଦିନ ଆନ୍ଧ୍ରକୁ ମଦ ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ନିଦାବିଷ୍ଟ ସାଜିଛି ଅବକାରୀ ବିଭାଗ। ଚଳିତ ମାସ ୧୨ ତାରିଖ ରାତ୍ରରେ ରାୟଗଡ଼ ବିଦେଶୀ ମଦ ଦୋକାନରୁ ମଦ ଆନ୍ଧ୍ରକୁ ଚୋରାଚାଲାଣ ହେଉଥିବା ଗାରାବନ୍ଧ ଥାନାଧିକାରୀ ସର୍ବେଶ୍ୱର ସାମନ୍ତରାୟ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଗାଡ଼ିକୁ କାବୁ କରିଥିଲେ। ପ୍ରତ୍ୟେକ ଦିନ ପଡ଼ୋଶୀ ବ୍ଲକ ନୂଆଗଡ଼, ଖଜୁରୀପଦା, ରାମଗିରି ସହ ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନ ଏବଂ ଆନ୍ଧ୍ରକୁ ମଦ ଚୋରାଚାଲାଣ ହେଉଥିବା ବେଳେ ଏଥିପ୍ରତି ଅବକାରୀ ବିଭାଗର କୌଣସି ଆକ୍ସନ କିମ୍ବା ରିଆକ୍ସନ୍ ନ ଥିବାରୁ ମଦ ବ୍ୟବସାୟୀ ଓ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ମଦ ଦୋକାନ ଉପରେ ପ୍ରଶାସନ ହସ୍ତକ୍ଷେପ କରି ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗାରାବନ୍ଧ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟଙ୍କ ସହ ଯୋଗାଯୋଗ କରାଯିବାରୁ ଗତ କିଛିଦିନ ତଳେ ବିପୁଳ ପରିମାଣର ବିଦେଶୀ ମଦ ଆନ୍ଧ୍ରକୁ ଚାଲାଣ ହେଉଥିବା ନେଇ ଖବର ପାଇବା ପରେ ତାହାକୁ ଜବତ କରାଯାଇଛି। ଏହି ଘଟଣାରେ ଜବତ ଗାଡ଼ି ଓ ମଦ ସମ୍ପର୍କରେ ସୂଚନା ମଗାଯାଇଛି। ତାହା ଜଣାପଡିବା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେପଟେ ଅବକାରୀ ଅଧିକ୍ଷକଙ୍କ ପ୍ରଭାତ କୁମାର ସେଠୀଙ୍କଅନ୍ୟପଟେ ଅବକାରୀ ଅଧିକ୍ଷକଙ୍କ ପ୍ରଭାତ କୁମାର ସେଠୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଏହି ବିଷୟଟି ମୁଁ କିଛି ଜାଣିନାହିଁ। ତଥାପି ଆମେ ଆମର ବିଭିନ୍ନ ପ୍ରକାର ରଣକୌଶଳ ପ୍ରୟୋଗ କରି ଏହି ଚୋରାଚାଲାଣକୁ ରୋକିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଦିବସ

**ପାରଳାଖେମୁଣ୍ଡି,୨୬।୬(ଡି.ଏନ୍.ଏ.):** ପାପାରଳାଖେମୁଣ୍ଡିଠାରେ ମାଦକ ଦ୍ରବ୍ୟର ଦୁରୂପଯୋଗ ବିରୋଧୀ ଅନ୍ତରାଷ୍ଟ୍ରୀୟ ଦିବସ ଗଜପତି ଜିଲା ଅବକାରୀ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ଆରକ୍ଷୀ ଅଧିକାରୀ ଜୟରାମ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ, ସ୍କାଉଟ ଏବଂ ଜାତୀୟ ସାମର ଶିକ୍ଷାର୍ଥୀ ବାହିନୀ ଏବଂ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ତ୍ରିପାଠୀ ବକ୍ତବ୍ୟ ରଖିଥିଲେ।

### ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ

**ପାତ୍ରପୁର,୨୬।୬(ଡି.ଏନ.ଏ.):** ପାତ୍ରପୁର ବ୍ଲକ ପ୍ରାଥମିକ ଶିକ୍ଷକ ନୂତନ ପେନସନ୍ ଭୁକ୍ତ ସଂଘର ବୈଠକ ରବିବାର ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ସଂଘ ସଭାପତି ରାଜେଶ ମହାନ୍ତି ସଭାପତିତ୍ୱ କରିଥିଲେ। ନୂତନ ପେନସନ୍ ଭୁକ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସଭାପତି ଭାବେ କେ ଧର୍ମାରାଓଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ଶୁଭବ୍ରତ ପାଢ଼ୀ, ସୁରେନ୍ଦ୍ର ବେହେରା ଓ କୁମାରି ଶ୍ରୀଦେବ, ସମ୍ପାଦକ ଚିତରଞ୍ଜନ ସାମଲ, ସହ ସମ୍ପାଦକ ଶିଶିର କୁମାର ମହାପାତ୍ର, ପ୍ରଦୀପ ଶବର ଓ ପି କାଞ୍ଚନମାଳା, କୋଷାଧକ୍ଷ କେ.ସମ୍ପତି ରାଓ ଓ ନୀଳାଚଳ ବେହେରା, ଜୋନାଲ ସମ୍ପାଦକ ପାତ୍ରପୁରରୁ ରୁତୁପର୍ଣ୍ଣ ରେଡ୍ଡୀ ଜରଡ଼ାରୁ ବସନ୍ତ ବାହୁକ ସୁରଙ୍ଗୀରୁ କେ.ସୀମାଞ୍ଚଳ ସଙ୍ଗଠନ ସମ୍ପାଦକ ଭାବେ ଏ.ନୀରଞ୍ଜନ ରେଡ୍ଡୀ ଓ ସତ୍ୟନାରାୟଣ ଶବରଙ୍କୁ ଚୟନ କରାଯାଇଥିଲା। ପ୍ରଫୁଲ୍ଲ ପାଢ଼ୀ, କୌଶଲ୍ୟା ମହାନ୍ତି, ପ୍ରକାଶ ପାତ୍ର, ରାମନାଥ ପାଣିଗ୍ରାହୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ଆବର୍ଜନାରୁ କମ୍ପୋଷ୍ଟ ଉତ୍ପାଦନ ତାଲିମ

**ବୁଗୁଡ଼ା,୨୬।୬(ଡି.ଏନ.ଏ.):** ବୁଗୁଡା ଏନ୍ଏସିରେ ପ୍ରତିଦିନ ସଂଗ୍ରହ ହେଉଥିବା ଅଳିଆ ଆବର୍ଜନାରୁ କିପରି ଉନ୍ନତମାନର ଉତ୍କୃଷ୍ଟ କମ୍ପୋଷ୍ଟ ଉତ୍ପାଦନ ହୋଇପାରିବ ସେଥିପାଇଁ ଦୁଇ ଦିନିଆ ତାଲିମ ଶିବିର ସ୍ଥାନୀୟ ଏନ୍ଏସି କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲିମ ପ୍ରଦାନ କରିବା ପାଇଁ ଷ୍ଟେଟ ଅର୍ବାନ ଡେଭଲପମେଣ୍ଟ ଏଜେନ୍ସି ପକ୍ଷରୁ ସରୋଜିନୀ ମହାନ୍ତି ଓ ଅନୁସାୟା ସେଠୀ ଯୋଗଦେଇଥିଲେ। ଦୁଇ ଦିନିଆ ତାଲିମ ଶିବିରରେ ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ ଓ ସୁପରଭାଇଜରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କେଉଁ ପ୍ରଣାଳୀ ଅବଲମ୍ବନ କଲେ ସଂଗୃହିତ ଅଳିଆ ଆବର୍ଜନାରୁ ଉନ୍ନତମାନର ପ୍ରାକୃତିକ ସାର ତଥା କମ୍ପୋଷ୍ଟ ଉତ୍ପାଦନ ହୋଇପାରିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ବୁଗୁଡା ଏନ୍ଏସିରେ କମ୍ପୋଷ୍ଟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟକାରୀ ହେଉଥିବା ବେଳେ ତାହା କିପରି ଆହୁରି ଉନ୍ନତ ଧରଣର ହୋଇ ଚାଷୀଙ୍କୁ ଆକୃଷ୍ଟ କରିପାରିବ ଓ କର୍ମୀମାନେ କିପରି ଅଧିକ ରୋଜଗାରକ୍ଷମ ହୋଇପାରିବେ ତାଲିମ ଦିଆଯାଇଥିଲା।

# କାର୍ଯ୍ୟ ବନ୍ଦ ପରେ ଜିଲା ପ୍ରଶାସନର ଚାଷୀଙ୍କୁ ପ୍ରତିଶ୍ରୁତି

**ଗଜପତିରେ ଆନ୍ଧ୍ରର ପ୍ରକଳ୍ପ ନିର୍ମାଣ ଘଟଣା**

**ପାରଳାଖେମୁଣ୍ଡି,୨୬।୬ (ଡି.ଏନ୍.ଏ.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଜଙ୍ଗଲପଡ୍ଡୁ ଗ୍ରାମର ଆନ୍ଧ୍ର ସୀମାରେ ଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ଆନ୍ଧ୍ର ପ୍ରଶାସନର ନିର୍ଦ୍ଦେଶରେ ଆନ୍ଧ୍ରର ଠିକାଦାର ଓ ସରପଞ୍ଚ ଉପସ୍ଥିତ ରହି ଇଚ୍ଛା ମୁତାବକ ମରାମତି କରୁଥିଲେ। ସେହି କାର୍ଯ୍ୟକୁ ଗଜପତି ଜିଲା ପ୍ରଶାସନ ଓ ଗ୍ରାମବାସୀ ବିରୋଧ କରି ବନ୍ଦ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ଏହି ଡ୍ୟାମ କାର୍ଯ୍ୟ ଓଡ଼ିଶା କରୁନଥିବା ବେଳେ ଆନ୍ଧ୍ର ଏହାର ମରାମତି କରୁଥିଲା ଯାହାଦ୍ୱାରା ଓଡିଶା ଚାଷୀଙ୍କୁ ମଧ୍ୟ ଏହା ସାହାର୍ଯ୍ୟ ହେଉଥିଲା।

ଏହି ଚେକ ଡ୍ୟାମ ଦ୍ୱାରା ଶହଶହ ଚାଷୀ ଉପକୃତ ହେଉଥିବା ଯୋଗୁ ଚାଷୀ ବହୁବାର କ୍ଷୁଦ୍ର ଜଳ ସେଚନ ବିଭାଗକୁ ଅବଗତ କରି ଆସୁଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳି ନ ଥିଲା। ଏହି ବିଷୟରେ ଧରିତ୍ରୀ ଖବରକାଗଜରେ ପ୍ରକାଶିତ ହେବା ପରେ ଗଜପତି ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରଶାସନିକ ଅଧିକାରୀମାନେ ଏବଂ ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଚାଷୀମାନଙ୍କ ଯେଉଁ କାର୍ଯ୍ୟ ବାକି ଅଛି ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କୁ ବୁଝାଇ ଦିଆଯାଉଛି।

# ଯୌତୁକ ନିର୍ଯାତନା, ଥାନାରେ ଏତଲା

**ଦିଗପହଣ୍ଡି,୨୬।୬ (ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ସ୍ୱାମୀ ଓ ଶ୍ୱଶୁରଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ନଂ.୨୨୭/୨୨ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ମହିଳା ଜଣକ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ଦାବି ପ୍ରକାରେ ନଗଦ ୪୦ ହଜାର ଟଙ୍କା ଏବଂ ସୁନା ମୁଦି ସମେତ ୫୦ ହଜାର ଟଙ୍କା ମୂଲ୍ୟର ବିଭିନ୍ନ ଘରକରଣା ଏବଂ ସୁନାଚେନ୍ ଦିଆଯାଇଥିଲା। ବିବାହର କିଛିଦିନ ପରେ ସ୍ୱାମୀ ଓ ଶାଶୁ ସେସବୁ ବିକ୍ରି କରିଦେଇଥିଲେ। ବିବାହ ପରଠାରୁ ତାଙ୍କୁ ଅଧିକା ୫ ଭରି ସୁନା ଅଳଙ୍କାର ବାପଘରୁ ଆଣିବା ପାଇଁ ସ୍ୱାମୀ, ଶାଶୁ, ଯାଆ, ଦେଢ଼ଶ୍ୱଶୁର କହିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ତାଙ୍କୁ ଖାଇବାକୁ ମୁଠାଏ ଦେଉନଥିଲେ। ତାଙ୍କର ୭ ଏବଂ ୫ ବର୍ଷର ୨ଟି ଝିଅକୁ ନେଇ ବହୁକଷ୍ଟରେ ଚଳୁଥିଲେ। ଯୌତୁକ ପାଇଁ ତାଙ୍କୁ ଦେଢ଼ଶ୍ୱଶୁର ଓ ଯାଆ ନିର୍ଯାତନା ଦେବା ସହ ଘରୁ ତଡ଼ି ଦେଇଥିଲେ। ଏନେଇ ପୀଡ଼ିତାଙ୍କ ବାପଘର ଲୋକେ କୁଳସଭା ଡକାଇ ନ୍ୟାୟ ନିଶାପ କରିଥିଲେ। ବାପଘରୁ ଫେରି କିଛିଦିନ ଶ୍ୱଶୁର ଘରେ ସେ ଭଲରେ ରହିବା ପରେ ସ୍ୱାମୀ ପୁଣି ତାଙ୍କୁ ଘର ଯୌତୁକ ପାଇଁ ନିୟମିତ ମାଡ଼ ମାରୁଥିଲେ। ଗତ ଶନିବାର ସ୍ୱାମୀ ଶାଶୁ ଓ ଦେଢ଼ଶ୍ୱଶୁରଙ୍କ ଉପସ୍ଥିତିରେ ତାଙ୍କୁ ମାଡ଼ ମାରିଥିଲେ ଏବଂ ସେମାନେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଜୀବନ ଭୟରେ ସେ ବାପଘରକୁ ଚାଲି ଆସିଥିବା ଏତଲାରେ ଉଲ୍ଲେଖ ରହିଛି।

# ମାଟ୍ରିକ ବ୍ୟାଚ୍‌ର ପ୍ରଥମ ବନ୍ଧୁ ମିଳନ


ପୁରାତନ ଛାତ୍ର।

**ରମ୍ଭା,୨୬।୬**

ରମ୍ଭା ହାଇସ୍କୁଲର ୨୦୦୨ ମସିହା ମ୍ୟାଟ୍ରିକ ବେଚର ପ୍ରଥମ ବନ୍ଧୁ ମିଳନ ରମ୍ଭା ବାଇପାସ ନିକଟସ୍ଥ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ପ୍ରଧାନ ଓ ମହେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ସାଙ୍ଗସାଥୀମାନଙ୍କୁ ଏକତ୍ରିତ କରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ସାଙ୍ଗ ସାଥୀ ଯୋଗଦେଇଥିଲେ ଏବଂ ଦିବାକର ତରେଇ, ଶିବରାମ ବିଶ୍ୱାଳ, ସୀମାଞ୍ଚଳ ପାଣି, ଅରୁଣ ସେନାପତି, ଶୁଭକାନ୍ତ ମୁଦୁଲି, ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ ବେହେରା ଓ ସୁଦର୍ଶନ ବେହେରା ସହଯୋଗ କରିଥିଲେ। ଆଗାମୀ ଡିସେମ୍ବର ମାସରେ ୧୦୦ରୁ ଊର୍ଦ୍ଧ୍ୱ ସାଙ୍ଗସାଥୀ ଯୋଗଦେଇ ଏକ ଆଡମ୍ବରପୂର୍ଣ୍ଣ ଦ୍ୱିତୀୟ ବନ୍ଧୁମିଳନ ହେବାପାଇଁ ସମସ୍ତେ ଆଶା କରିଛନ୍ତି।

# ଟେଣ୍ଟୁଲିଆପଲ୍ଲୀରେ ରଜ ଉତ୍ସବ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୬।୬ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବେଣାଗାଡିଆ ପଞ୍ଚାୟତ ଅଧୀନ ଟେଣ୍ଟୁଳିଆପଲ୍ଲୀ ଗ୍ରାମରେ ରକ୍ଷକ ପକ୍ଷରୁ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଗତ ୧୪ରୁ ଟେଣ୍ଟୁଳିଆପଲ୍ଲୀ ଗ୍ରାମରେ କୁନି କୁନି ପିଲା ଓ ମହିଳାଙ୍କୁ ନେଇ ଝୋଟି, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଳରାମ ମଲ୍ଲିକ, ପୂର୍ବତନ ସରପଞ୍ଚ ଓ ଖବରଦାତାମାନେ ମଞ୍ଚାସୀନ ଥିଲେ। ରଜନୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ୩୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଶୁଭଜିତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଙ୍କଜିନୀ ରାଉଳ, ସଭାପତି ଅଶୋକ ରାଉଳ ପ୍ରମୁଖ ସହଯୋଗ କରିଥିଲେ ।


ରଜ ଉତ୍ସବରେ ଯୋଗ ଦେଇଥିବା ପ୍ରତିଯୋଗୀଙ୍କ ଗହଣରେ ଅତିଥି।

# ଆଇନଜୀବୀଙ୍କ ସ୍ମୃତିଚାରଣ ସଭା

**ଗଞ୍ଜାମ,୨୬।୬ (ଡି.ଏନ.ଏ.)**

ସୁବଳୟା ନିବାସୀ ଆଇନଜୀବୀ ଲଲାଟେନ୍ଦୁ ନାୟକଙ୍କ ବିୟୋଗରେ ସୁବଳୟାସ୍ଥିତ କଲ୍ୟାଣ ମଣ୍ଡପଠାରେ ସ୍ମୃତିଚାରଣ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଜେଡିର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ଏନ୍.ନାରାୟଣ ରେଡ୍ଡୀ, କୃଷ୍ଣ ପ୍ରସାଦ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁରଥ ପାହାନ ପ୍ରମୁଖ ଯୋଗଦେଇଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ।

# ସିପିଆଇର ବଡ଼ଖେମୁଣ୍ଡି ଜୋନାଲ କମିଟି ସମ୍ମିଳନୀ

**ଦିଗପହଣ୍ଡି,୨୬।୬ (ଡି.ଏନ.ଏ.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ବଡ଼ଖେମୁଣ୍ଡି ଜୋନାଲ କମିଟି ସମ୍ମିଳନୀ ରବିବାର ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତପନ କୁମାର ମିଶ୍ର, ସମୀର ଚନ୍ଦ୍ର ମିଶ୍ର ଏବଂ ମୂଷା ବେହେରା ୩ ଜଣିଆ ସଭାପତି ମଣ୍ଡଳୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସତ୍ୟ ସ୍ୱାଇଁ ସମ୍ମିଳନୀ ସ୍ଥଳରେ ପାର୍ଟି ପତାକା ଉତ୍ତୋଳନ କରିଥିଲେ। ସିପିଆଇ ଗଞ୍ଜାମ ଜିଲା କମିଟି ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ଅଳକ ନାଥ ମିଶ୍ର, ଅଖିଳ ଭାରତ ଯୁବସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, ଗଞ୍ଜାମ ଜିଲା ସଭାପତି କାମଦେବ ସେଠୀ ପ୍ରମୁଖ ଏହି ସମ୍ମିଳନୀରେ ଅତିଥି ଭାବେ ଯୋଗଦେଇ ଶହୀଦ ବେଦୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ସମ୍ମିଳନୀରେ ଅତିଥିମାନେ ରାଜ୍ୟ ତଥା ଜାତୀୟ ଓ ଆନ୍ତର୍ଜାତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ପାର୍ଟିର ସାଙ୍ଗଠନିକ ଅଭିବୃଦ୍ଧି ନେଇ ବକ୍ତବ୍ୟ ରଖିଥିଲେ। ସମସ୍ତ ଗଣ ସଙ୍ଗଠନର ଅଭିବୃଦ୍ଧି ନେଇ ସବିଶେଷ ଆଲୋଚନା କରାଯିବା ସହ ଏ ନେଇ ସମ୍ମିଳନୀରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସିପିଆଇ ବଡ଼ ଖେମୁଣ୍ଡି ଜୋନାଲ ସମ୍ପାଦକ ଭାବେ କିଶୋର କୁମାର ଶତପଥୀ ଏବଂ ଦୈତାରି ରେଡ୍ଡୀ, ଅଶୋକ ସେଠୀଙ୍କୁ ସହ ସମ୍ପାଦକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ପାର୍ଟିର ଗଣ ସଙ୍ଗଠନ ଉତ୍କଳ ରାଜ୍ୟ କୃଷକ ସଭାର ଦାୟିତ୍ୱ ମୂଷା ବେହେରାଙ୍କୁ ଅର୍ପଣ କରାଯାଇଥିବା ବେଳେ ରାଜେନ୍ଦ୍ର ବିଷୋୟୀଙ୍କୁ ଭାରତୀୟ କ୍ଷେତ ମଜଦୂର ୟୁନିୟନ, ଦୈତାରି ରେଡ୍ଡୀଙ୍କୁ ଅଖିଳ ଭାରତ ଯୁବ ସଂଘର ଦାୟିତ୍ୱ ଏବଂ ପ୍ରମୋଦ ସ୍ୱାଇଁଙ୍କୁ ନିର୍ମାଣ ଶ୍ରମିକ ସଂଘର ଦାୟିତ୍ୱ ଅର୍ପଣ କରାଯାଇଥିଲା। ସମ୍ମିଳନୀରେ ପଞ୍ଚାନନ ସ୍ୱାଇଁ, ଦେବରାଜ ଜେନା, ପାଣ ସ୍ୱାଇଁ, ଗୌରାଙ୍ଗ ବେହେରା, ଲୋକନାଥ ବିଷୋୟୀ, ରମେଶ ଭୂୟାଁ, ନମିତା ସ୍ୱାଇଁଙ୍କ ସମେତ ସିପିଆଇର ବିଭିନ୍ନ ଗ୍ରାମର ଶାଖା କମିଟିର ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୮୨ ବର୍ଷରେ ଭତ୍ତା ପାଇଁ ଗୁରୁଣ୍ଡି ଯାଉଛନ୍ତି ଯଶୋଦା

**ଫୁଲବାଣୀ ଅଫିସ, ୨୬।୬**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ନୂଆପଡା ଗାଁର ଯଶୋଦା ରଣା । ବୟସ ୮୨ । ଲାଗି ଗଲାଣି ଅଣ୍ଟା ପିଠି । ଗୁରୁଣ୍ଡି ଗୁରୁଣ୍ଡି ଜୀବନ ବିତାଉଛନ୍ତି । ପାଖରେ ଆଉ କେହି ନାହାନ୍ତି। ଏହି ପରିଣତି ବୟସରେ ଭତ୍ତା ପାଇଁ ପଞ୍ଚାୟତ ସମିତିକୁ ଘରୁ ୪ କିମି ଦୂର ଆସିବାକୁ ପଡୁଛି। ଭତ୍ତା ଆଣିବା ପାଇଁ ଗୁରୁଣ୍ଡି ଗୁରୁଣ୍ଡି ଯିବା ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି । ପଞ୍ଚାୟତ ତରଫରୁ ତାଙ୍କୁ ଏହି ସର୍ବନିମ୍ନ ସୁବିଧା ସରପଞ୍ଚ ହୁଅନ୍ତୁ କି ପଞ୍ଚାୟତ ନିର୍ବାହୀ ଅଧିକାରୀ କେହି ବି ଯୋଗାଇ ଦେଉନାହାନ୍ତି। ସେହିପରି ପ୍ରତିମାସରେ ଏଭଳି ଘଟଣା ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଦେଖୁଥିଲେ ମଧ୍ୟ କେହି ପଦକ୍ଷେପ ନେଇ ନାହାନ୍ତି।

ଯଶୋଦାଙ୍କ ସ୍ୱାମୀଙ୍କର ଦେହାନ୍ତ ୨୫ ବର୍ଷ ପୂର୍ବରୁ ହୋଇଛି । ପରିବାର କହିଲେ ୪ ପୁଅ ଓ ୨ ଝିଅ । ସମସ୍ତେ ବିବାହ କରି ସାରିଛନ୍ତି। ପୁଅମାନେ ମା'ଙ୍କୁ ଛାଡି ଅଲଗା ରହୁଛନ୍ତି। ସ୍ୱାମୀ ଥିବା ବେଳେ ନିଜର କୌଳିକ ବୃତ୍ତି ମାଟି ହାଣ୍ଡି ଓ ମାଟିରେ ତିଆରି ଅନ୍ୟାନ୍ୟ ଜିନିଷ ଗଢି ପରିବାର ପ୍ରତିପୋଷଣ କରି ଆସୁଥିଲେ। ସ୍ୱାମୀଙ୍କ ପରଲୋକ ପରେ ଯଶୋଦା ବଡ଼ କଷ୍ଟରେ ମଜୁରି ଲାଗି ପରିବାର ଚଳାଉଥିଲେ । ବୟସ ଅଧିକ ହେବାରୁ ଆଉ କାମ କରିବା ସମ୍ଭବ ହୋଇ ନ ଥିଲା। ସରକାରଙ୍କ ତରଫରୁ ମିଳୁଥିବା ବିଧବା ଭତ୍ତା ୭୦୦ ଟଙ୍କା ଓ ୫ କେଜି ଚାଉଳ ହିଁ ଜୀବନ ନିର୍ବାହ କରିବାର ସମ୍ବଳ। ଅଧିକ ବୟସ ହେତୁ ଏବଂ ଅଣ୍ଟା ନଇଁ ଯିବା ଯୋଗୁ ବର୍ଷେ ହେବ ଆଉ ଚଳିବା ସମ୍ଭବ ହେଉନାହିଁ। ଭତ୍ତା ପାଇଁ ଅଟୋରେ ଗଲେ ୧୦୦ରୁ ଅଧିକ ଟଙ୍କା ଭଡ଼ା ବାବଦରେ ଖର୍ଚ୍ଚ ହେଉଛି । ଦିନ ତମାମ ହଇରାଣ ହେବାକୁ ପଡୁଛି। ଗତ ୨ମାସ ହେବ ଭତ୍ତା ମିଳି ନାହିଁ ବୋଲି ଯଶୋଦା କହିଛନ୍ତି। ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ କୁହନ୍ତି ଯଶୋଦାଙ୍କୁ କେନ୍ଦ୍ର ସରକାରଙ୍କ ଯୋଜନାରେ ଭତ୍ତା ମିଳୁଥିଲା। ତାହା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସେ। ସେ ଆକାଉଣ୍ଟ ନଂ. ଭୁଲ ଦେବାରୁ ଟଙ୍କା ଯାଇ ପାରୁ ନ ଥିଲା । ଏବେ ତାଙ୍କୁ ରାଜ୍ୟ ସରକାରଙ୍କ ଯୋଜନାରେ ଭତ୍ତା ଦିଆଯିବ। ପଞ୍ଚାୟତରୁ ସେ ଭତ୍ତା ପାଇବେ ବୋଲି କହିଛନ୍ତି।


ଭତ୍ତା ପାଇଁ ଯଶୋଦା ଯାଉଛନ୍ତି।

# ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି କାମରାଜୁ

**ଆର୍ଥିକ ଅନଟନରେ ପରିବାର**

**ଗୋପାଳପୁର,୨୬।୬(ଡି.ଏନ୍.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଢ଼େପ ନୂଆପଡ଼ା ଗ୍ରାମର ଏସ.କାମରାଜୁ ରେଡ୍ଡୀ (୩୫) ପୂର୍ବରୁ ଦୈନିକ ନିଜ ଅଞ୍ଚଳରୁ କିଆ ଫୁଲ ସଂଗ୍ରହ କରି କିଆ ଫୁଲ ଭାଟିରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଗତ ଦେଢ଼ ମାସ ହେବ କାମରାଜୁ ଶାରୀରିକ ଅସୁସ୍ଥତା କାରଣରୁ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ହଠାତ ଦେହ ଅସୁସ୍ଥ ହେବାରୁ ବ୍ରହ୍ମପୁର ସହରର ଏକ ଘରୋଇ କ୍ଲିନିକରେ ପରିବାର ବର୍ଗ ତାଙ୍କୁ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ସେତେବେଳେ ଜଣାପଡ଼ିଥିଲା ସେ ପୂର୍ବରୁ ମଧୁମେହରେ ଆକ୍ରାନ୍ତ ହୋଇଥିଲେ। ପରେ ପରେ କାମରାଜୁଙ୍କ ଦୁଇଟି ଆଖି, ଦୁଇଟି କିଡନୀ ଓ ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଭିନ୍ନ ସ୍ଥାନରେ ତାଙ୍କ ଚିକିତ୍ସା କରାଇବା ପରେ ମଧ କୌଣସି ସୁଫଳ ମିଳିନଥିବାରୁ ନିରୁପାୟ ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଦୀର୍ଘ ଦେଢ଼ ମାସ ଧରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଥିବା କାମରାଜୁ ଗୋଟିଏ ଗୋଡ଼ କିଛି ଦିନ ତଳେ କଟାଯାଇଥିବା ନେଇ ପରିବାର ଲୋକଙ୍କଠାରୁ ଜଣାପଡ଼ିଥିଲା। ଏହା ଜାଣିବାପରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଶନିବାର ପ୍ରଦାନ କରାଯାଇଥିଲା। ଏଥିସହ ଜିଲା ପରିଷଦ ଉପସଭାନେତ୍ରୀ ଏସ୍.ରାଜେଶ୍ୱରୀ ଦୋରା, ସରପଞ୍ଚ ଜି.କାମେଶ୍ୱର ରେଡ୍ଡୀ, ସିଏଚ୍.ଡ଼ିଲେଶ୍ୱର ରେଡ୍ଡୀ, ଜି.ମୋହନ ରେଡ୍ଡୀ, ଗୋବିନ୍ଦ ରେଡ୍ଡୀ ମଧ କାମରାଜୁ ଓ ତାଙ୍କ ପରିବାରକୁ ଡାକ୍ତରଖାନାରେ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ପରିବାରକୁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ କହିଥିଲେ। କାମରାଜୁଙ୍କ ବିଧବା ମା', ସ୍ତ୍ରୀ ଓ ଦେଢ଼ ବର୍ଷର ସନ୍ତାନ ରହିଥିବା ଜଣାପଡ଼ିଛି।


ଅସୁସ୍ଥ କାମରାଜୁଙ୍କୁ ଭେଟୁଛନ୍ତି ଜିଲା ପରିଷଦ ଉପସଭାନେତ୍ରୀ ଓ ଅନ୍ୟମାନେ।

# ଅବ୍ୟବସ୍ଥାରେ ପୁରାତନ ଭାରତୀ ବିଦ୍ୟାପୀଠ

- ୨୦ ବର୍ଷରୁ ଊର୍ଦ୍ଧ୍ୱ ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ
- ମିଳିଛି ସ୍ମାର୍ଟ ସ୍କୁଲ ମାନ୍ୟତା

**ଗଞ୍ଜାମ,୨୬।୬(ଡି.ଏନ.ଏ.)**

ଗଞ୍ଜାମ ସହର ବଡ଼ ବଜାରଠାରେ ବହୁ ପୁରାତନ ଭାରତୀ ବିଦ୍ୟାପୀଠ ଅବସ୍ଥିତ। ଏହି ସ୍କୁଲକୁ ୬୭ ବର୍ଷ ପୂରିଛି। ବର୍ତ୍ତମାନ ଏହି ପୁରାତନ ସ୍କୁଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଦେଖିବାକୁ ମିଳିଛି। ମିଳିଛି ସ୍ମାର୍ଟ ସ୍କୁଲର ମାନ୍ୟତା। ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଉନ୍ନତ ଶ୍ରେଣୀ ଗୃହ ସାଙ୍ଗକୁ ଚକଚକିଆ ଶୌଚାଳୟ ନିର୍ମାଣ କରୁଛନ୍ତି। କିନ୍ତୁ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ମୁରବିବିହୀନ ହୋଇ ପଡ଼ିଛି ଏହି ପୁରାତନ ସ୍କୁଲ। ଜଣେ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ପୂର୍ବରୁ ଏହି ସ୍କୁଲରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ପିଲାମାନେ ଅଧ୍ୟୟନ କରୁଥିଲେ। ବର୍ତ୍ତମାନ ଏଠାରୁ ଅଷ୍ଟମ ଶ୍ରେଣୀ ଉଠାଇ ଦେଇଛି ପ୍ରଶାସନ। କେବଳ ନବମ ଓ ଦଶମ ଶ୍ରେଣୀରେ ମୋଟ ୧୮୦ ଛାତ୍ର ପଢୁଛନ୍ତି। ଏହି ସ୍କୁଲରେ କିରାଣି, ରାତ୍ର ଜଗୁଆଳି ଓ ମହିଳା ପିଅନକୁ ଛାଡି ମୋଟ ୧୪ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ଅଛନ୍ତି।

ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଓ ବିଭିନ୍ନ ସଙ୍ଗଠନ ଜିଲା ପ୍ରଶାସନଠାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ସୁଫଳ ମିଳିନି। ଏଥିସହ ସରକାର ହିନ୍ଦୀ ଭାଷାକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦେଇଥିଲେ ମଧ୍ୟ ଦୀର୍ଘ ୨୫ରୁ ଊର୍ଦ୍ଧ୍ୱ ବର୍ଷ ହେବ ହିନ୍ଦୀ ଶିକ୍ଷକ ନାହାନ୍ତି। ଜଣେ ହିନ୍ଦୀ ଶିକ୍ଷକ ସପ୍ତାହକୁ ଦୁଇଦିନ ଏହି ସ୍କୁଲ ଆସି ପାଠ ପଢାଉଥିବା କିରାଣି ହରିହର ବାରିକ କହିଛନ୍ତି। ହିନ୍ଦୀ ଭାଷା ପାଠ ନିୟମିତ ନ ପଢ଼ାହେବା ଯୋଗୁ ପିଲାମାନେ ଉକ୍ତ ବିଷୟରେ ଦୁର୍ବଳ ଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। କିଛି ବର୍ଷ ହେବ ଏହି ସ୍କୁଲରୁ ଏନ୍‌ସିସି ଉଠାଇ ଦିଆଯାଇଛି। ଫଳରେ ବିଭିନ୍ନ ସମୟରେ ଛାତ୍ର ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଉଛି। ଏଣୁ ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ଭାରତୀ ବିଦ୍ୟାପୀଠ।